# ସମାରୋହ

ମାର୍ଚ୍ଚ ୨୦୨୪ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**





# ସମାରୋହ ପୁରସ୍କାର - ୨୦୨୪

- ଦୁର୍ଗାମାଧବ ସ୍ମୃତି ପୁରସ୍କାର (ଗଳ୍ପ) - ଡ. ବୈଜୟନ୍ତୀ ମିଶ୍ର
- ଦୁର୍ଗାମାଧବ ସ୍ମୃତି ପୁରସ୍କାର (କବିତା) - ଶ୍ରୀ କ୍ଷମାନିଧି ଭୋଇ
- ଫକିର ମୋହନ ସ୍ମୃତି ପୁରସ୍କାର (ପ୍ରବନ୍ଧ) - ଇଂ ପ୍ରଶାନ୍ତ ଆଚାର୍ଯ୍ୟ
- ଫକିର ମୋହନ ସ୍ମୃତି ପୁରସ୍କାର (ରମ୍ୟରଚନା) - ଶ୍ରୀ ମନୋଜ ଜେନା
- ସମାରୋହ ସମ୍ମାନ ୨୦୨୪ - ଶ୍ରୀ ଦାଶ ବେନହୁର
- ରାଧାମାଧବ ସ୍ମୃତି ପୁରସ୍କାର (ଅନୁବାଦ) - ଶ୍ରୀ ଲିଙ୍ଗରାଜ ମହାନ୍ତି
- ସମାରୋହ ସାରସ୍ୱତ ସାଧନା ପୁରସ୍କାର ୨୦୨୪ - ଶ୍ରୀ ବିଷ୍ଣୁଚରଣ ଚଉଧୁରୀ






Begin your
Happily
ever
after
with us
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
Specially Curated Menu
Bespoke Decor
Trained Event Crew
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 6**
**March - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ରଙ୍ଗ ଅବିରର ପର୍ବ ହୋଲି** ଜୟଶ୍ରୀ ପଟ୍ଟନାୟକ............ ୬


### କଥା ଓ କାହାଣୀ


ବେଡ୍ ନମ୍ବର - ୧୦୨ ଆଭା ମିଶ୍ର...................... ୮
**ଯେ ପକ୍ଷୀ ଉଡ଼େ ଯେତେ ଦୂର** ବିଜୟିନୀ ତ୍ରିପାଠୀ........... ୧୬
**ଫର୍ଚ୍ଚା ଆକାଶ** ଇଂ.ଅକ୍ଷୟ କୁମାର ମିଶ୍ର......... ୨୦
**ଅନ୍ତତଃ ଶାନ୍ତି..** ମୂଳ ହିନ୍ଦୀ- ଡଃ. ଅଳକା ଜୈନ 'ଆରାଧନା'
ଅନୁବାଦ- ମନୋଜ କୁମାର ବେହେରା..... ୨୩
**ଆମ୍ର ବଗିଚା** ମୂଳହିନ୍ଦୀ - ସାରିକା ସିଂହ
ଅନୁବାଦ- ନଗେନ୍ଦ୍ର ନାଥ ପଟ୍ଟନାୟକ...... ୨୪
**ଏକ ଅବ୍ୟକ୍ତ ସଂରକ୍ଷଣର କାହାଣୀ** ଶ୍ରୀମତୀ ମନୀଷା ରାୟ... ୨୭
**ବୋଉର ହଜିଥିବା ଠିକଣା** ଚୈାଧୁରୀ ବରଦା ପ୍ରସନ୍ନ ଦାସ...୩୩
**ସାବିତ୍ରୀ ସତ୍ୟବାନଙ୍କର ଅନ୍ୟ ଏକ ଯୋଡ଼ି**
ବୀରେଶ୍ୱର ମହାନ୍ତି............. ୩୭


### କବିତା


**ବରଗଛ** ଅଶ୍ୱିନୀ କୁମାର ମିଶ୍ର............ ୪୧
**ଦାସିଆ** ଦେବାଶିଷ ଚକ୍ରବର୍ତ୍ତୀ........... ୪୧
**କାହାକୁ ବିଶ୍ୱାସ କରିବ କୁହ** କ୍ଷମାନିଧି ଭୋଇ................ ୪୨
**ତୁମ ଗାଁ : ଆମ ଗାଁ** ରମେଶ ଚନ୍ଦ୍ର ସାହୁ.............୪୩
**ସିଏ ପରା ଆମ ବାପା** ରାମ ଚନ୍ଦ୍ର ପ୍ରଧାନ...............୪୩
**ପ୍ରେମ-ବିବାହ** ଦିଲ୍ଲୀପ ଶତପଥୀ................୪୪
**ଆଉ ବା କେତେ ଦିନ !** ଜ୍ୟୋତି ପ୍ରକାଶ କର............୪୪
**ବସୁଧା** ଡକ୍ଟର ରାମଚନ୍ଦ୍ର ପଲାଇ........ ୪୫
**ଫଗୁଣର ଶୋଭା** ଶ୍ରୀମତୀ ସୁଷମା ଲେଙ୍କା......... ୪୬
**ଛବି ଛୋଟରାଏ** ଅଜୟ ପ୍ରଧାନ.................. ୪୬
**ରାସ୍ତା** ଶିବ ଶଙ୍କର ଦାସ...............୪୭
**ନିର୍ଜନତା** ବିଷ୍ଣୁ ଦଳାଇ.................... ୪୮
**କନ୍ୟା** ସୁଜିତ କୁମାର ମିଶ୍ର............. ୪୮
**ଏମିତି ଏ ହସ** ରାହାସ କୁମାର ବେହେରା...... ୪୯
**ଦ୍ୱନ୍ଦ୍ୱ** ଶ୍ରୀ ନଳିନୀକାନ୍ତ ପଣ୍ଡା.......... ୫୦
**ଜୀବନ କରିବା ପାବନ** ଅମରନାଥ ବାରିକ୍.............୫୧
**ରାସ୍ତା, ତମ ଯାଏ** ସୁଶାନ୍ତ ଦାସ.................... ୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ**............................ ୫୨

## ଖେଳ ଓ ଖେଳାଳୀ

**ଆଇ.ସି.ସି. ଚାମ୍ପିୟାନ୍ସ ଟ୍ରଫି**.................................... ୫୩

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com


| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ପୃଥିବୀ ତାର ଚିରାଚରିତ ପନ୍ଥାରେ ଦିନ ପରେ ଦିନ, ରାତି ପରେ ରାତି, ଖରା, ବର୍ଷା, ଶୀତ ଇତ୍ୟାଦିକୁ ବହନ କରି ଆଗେଇ ଚାଲିଛି। ତା ସହିତ ବୃଦ୍ଧି ପାଇବାରେ ଲାଗିଛି ଲୋକସଂଖ୍ୟା, ଯାନବାହାନ ସଂଖ୍ୟା। ସେଥିପାଇଁ ଚତୁର୍ଦ୍ଦିଗକୁ ବୃଦ୍ଧି ପାଇବାରେ ଲାଗିଛି ରାସ୍ତାଘାଟ, ଫ୍ଲାଇଓଭର ଏବଂ ଗଳିକନ୍ଦି ମଧ୍ୟକୁ ଗତିକରିବାକୁ ଭିନ୍ନ ଭିନ୍ନ ଉପାୟ। ସାଂସାରିକ ବୁଦ୍ଧିକୁ ନେଇ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ୟକ୍ତି ନିଜକୁ ସେଇ ଦିଗରେ ଆଗେଇ ନେବାପାଇଁ ଦୃଢ଼ ପରିକର ହୋଇ କିଛି ନା କିଛି ନୂତନତ୍ୱର ଅନୁସନ୍ଧାନରେ ଲାଗି ରହିଛନ୍ତି। ସଫଳ ହେବା ବା ବିଫଳ ହେବା ସେଇଟା ତାଙ୍କ ହାତର କରାମତି ନୁହେଁ। ଅଦୃଶ୍ୟ ମହାନ୍ ବ୍ୟକ୍ତି ଏସବୁ ପରିଚାଳନା କରିଥାଏ। କିନ୍ତୁ! ଯିଏ ଜିତିଯାଏ ସେ ନିଜର ପ୍ରାଧାନ୍ୟ ବିସ୍ତାର କରିଥାଏ। ହାରିଯିବା ଲୋକ ମଧ୍ୟ ନିସହାୟ ହୋଇ ବସିରହନ୍ତି ନାହିଁ। କିଛି କରି ନପାରିଲେ ମଧ୍ୟ ବିରୋଧୀ ଦଳ ପାଲଟି ହୋହାଲ୍ଲା ଚାଲିଥାଏ। ଚାଲିଥାଉ ସବୁ କିଛି। ସଂସାର ଆଗଉଛି ନିଶ୍ଚୟ। କିନ୍ତୁ! ଆଉ ଚତୁର୍ଦ୍ଦିଗ, ବୃକ୍ଷ, ପୁଷ୍ପ, ଫଳର ସମ୍ଭାରକୁ ପ୍ରଦୂଷଣ ପ୍ରବେଶ କରି ଚାଲିଛି। ଯାର ସମାଧାନ କେବେ ଏବଂ କାହାଦ୍ୱାରା ହେବ ପ୍ରଭୁ ଜାଣନ୍ତି। ମନୁଷ୍ୟ ମନକୁ ନେଇ ପରିଚାଳିତ ହୁଏ। ପ୍ରଭୁ ହିତୈଷୀ ହୋଇ କିଛି ନା କିଛି ରୋକ୍ ଲଗାଇବାର ଯୋଜନାରେ ଥିବେ ସଂସାରକୁ ଦୃଷ୍ଟି ଦେଲେ ସର୍ବସାଧାରଣରେ ଏହା ଦୃଷ୍ଟିଗୋଚର ହୁଏ।

ଭାରତୀୟ ଶାସ୍ତ୍ର ବହୁତ କିଛି ଆରମ୍ଭରୁ ଲେଖିଦେଇ ଯାଇଛି। ଶାସ୍ତ୍ରକୁ ବଳୀ ଧର୍ମ ଆଗେଇ ପାରୁଛି କି ନାହିଁ, ତାହା ଗବେଷକଗଣ କହିପାରିବେ। ସମସ୍ତ କାର୍ଯ୍ୟ କରିବା ନିମନ୍ତେ ଶୁଦ୍ଧ ମନୋବୃତ୍ତି, ପ୍ରଶସ୍ତ ହୃଦୟ, ଦୃଢ଼ ସଂକଳ୍ପ ଏବଂ ନିଜର ସାମର୍ଥ୍ୟ ଥିବା ଦରକାର। କେଉଁଠି ଟିକିଏ ଭୁଲ୍ ହୋଇଗଲେ, ସବୁକିଛି ସଫଳ ପରିବର୍ତ୍ତେ ବିଫଳ ହୋଇଯାଏ। ସେ ମଧ୍ୟ ସେଇ ପ୍ରଭୁଙ୍କ ଇଚ୍ଛାରେ, ଯାହା ମୁଁ ଉପଲବ୍ଧି କରିଥାଏ। ମୋର କେତେ ଦୂର, କେଉଁଥିରେ ଆଗେଇବା ଉଚିତ ସେ ସମସ୍ତ ଜାଣନ୍ତି, ମୋତେ କିଛି ବାଟ ନେଇଯାନ୍ତି, ପୁଣି ନିଜର ଅହମିକା ଯୋଗୁଁ ବହୁତ କିଛିରେ ପ୍ରତିବନ୍ଧକ ଆସେ। ସେସବୁ ବିଷୟ ସାରା ଜଗତ ବୁଝିଥିବେ, ଜାଣିଥିବେ, ଅଙ୍ଗେ ନିଭାଇ ଥିବେ, କିନ୍ତୁ ସବୁ କିଛି ଶେଷକୁ ଭଣ୍ଡୁର ହୋଇଯାଏ।

ନଦୀମାନଙ୍କରେ ପ୍ଳାବନ ଆସେ, ସମୁଦ୍ର କୂଳ ଲଂଘିଯାଏ, ଜନବସତି ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୁଅନ୍ତି, ପାହାଡ଼ ପର୍ବତ ମାନଙ୍କରୁ ଅତଡ଼ା ଖସେ, ରାଜ୍ୟରେ ଜନବସତି ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୁଏ। ମୃତାହତ ହୁଏ, ପୁଣି ସୃଷ୍ଟି ହୁଏ ନୂତନ କ୍ଷମତା, ବିରାଟ ସୌଧ ପର୍ବତ ଉପରେ ତୋଳି ନିଜକୁ ଶ୍ରେୟ ଏବଂ ଶ୍ରେଷ୍ଠ ଭାବେ ପ୍ରମାଣିତ କରିବା। ଚାଲିଛି ସଂସାର, ଗତି କରି କେବେ ଅଟକି ଯାଇନାହିଁ।

ଜୀବନରେ ପ୍ରଭୁ ବୋଲି ଆମେ ଯେଉଁଠୁ ଦେବାଦେବୀଙ୍କୁ ପ୍ରତିଷ୍ଠା କରି ମନ୍ଦିର ମାନଙ୍କରେ ବନ୍ଦୀ କରି ରଖିଦେଲୁ, ସେ ସେଇ ବନ୍ଧନରୁ ନିଜକୁ ଆଉ ମୁକୁଳାଇ ପାରିଲେ ନାହିଁ ତାଙ୍କର ଶତଇଚ୍ଛା ଥିଲେ ମଧ୍ୟ। କାରଣ ପ୍ରଭୁ ଏକ ଏବଂ ଜଗତ ଅନେକ ମାନଙ୍କରେ ପରି ପୂର୍ଣ୍ଣ। ସମୟ ସରି ଆସିଲା ପରି ମନେ ହେଉଥିଲେ ମଧ୍ୟ ତାହା ଅସରନ୍ତି ହୋଇଚାଲିଛି। ପ୍ରକୃତ ସୁଖ ବା ଶାନ୍ତି କାହିଁ କେଉଁ ଅନ୍ଧାର କଣରେ ଲୁଚିଲେଣି ବର୍ତ୍ତମାନର ସଂସାର ତାଙ୍କୁ ବାଘ, ଭାଲୁ ଠାରୁ ମଧ୍ୟ ଭୟଙ୍କର ଲାଗିଲାଣି। କଣ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ସେ କଥା ଭୁଲିଗଲେଣି। ଗୋଟେ ହୋସରେ ସମସ୍ତେ ଆଗେଇ ଚାଲିଥାନ୍ତୁ ନିଜେ ନିଜକୁ ଚିହ୍ନିଲା ପର୍ଯ୍ୟନ୍ତ। ଯେଉଁଦିନ ସୁଦିନ ଆସିବ, ସକାଳର ଶୁଦ୍ଧ ସୂର୍ଯ୍ୟ ଉଦୟ ହେବେ, ସାରା ବିଶ୍ୱରେ ଆଉ କେଉଁଠି ଉଇଁଲେ ମଧ୍ୟ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ନିମନ୍ତେ ନିଶ୍ଚୟ ତାଙ୍କର ହୃଦୟ ଆଗେଇଯିବ। ସେଇ ହୃଦୟରୁ ଆନନ୍ଦ, ସୁଖ, ଶାନ୍ତି, ସହୃଦୟତା, ସମାନତା ସବୁକିଛି ଉଦ୍ରେକ ହୋଇ ପୁଣି ଜୀବନଟା ନୂଆ ଜୀବନ୍ୟାସ ନେବ। ତାଙ୍କର ଏଇ ପ୍ରଦର୍ଶନ କ୍ଷେତ୍ର ଦର୍ଶନୀୟ ସ୍ଥାନ ନହୋଇ ପ୍ରତ୍ୟେକ ଗୃହରେ ପବିତ୍ରତାର ଶଂଖଧ୍ୱନି ବାଜିବ। ଯାହା ପ୍ରଦୂଷିତ ବାତାବରଣକୁ ଶୁଦ୍ଧପୂତ କରିଦେବ।

ଏଇ ଆଶା ନେଇ ଆଗେଇଚାଲିଛି ମୋର ଶେଷ ପ୍ରହର ପର୍ଯ୍ୟନ୍ତ। ବିଶ୍ୱାସ ଠି ଦୃଢ଼ ଆସ୍ଥା ମଧ୍ୟ ରହିଛି, ତେଣିକି ତାଙ୍କ ଇଚ୍ଛା। ବିଭୁଙ୍କ ଇଚ୍ଛା ସର୍ବଶ୍ରେଷ୍ଠ ମୁଁ କେବଳ ନିମିତ୍ତ ମାତ୍ର।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ପ୍ରବନ୍ଧ

# ରଙ୍ଗ ଅବିରର ପର୍ବ ହୋଲି

**ଜୟଶ୍ରୀ ପଟ୍ଟନାୟକ**

ବସନ୍ତ ଋତୁରେ ପ୍ରକୃତି ନବପଲ୍ଲବ ଓ ପୁଷ୍ପ ସମ୍ଭାରରେ ମଣ୍ଡିତା ହୋଇଥାଏ। ଋତୁଶ୍ରେଷ୍ଠ ବସନ୍ତର ଆଗମନୀରେ ସମସ୍ତଙ୍କ ମନ ନୂଆ ଉଦ୍ଦୀପନାରେ ଭରିଯାଏ ଫୁଲର ମହକ ମଧୁପର ଗୁଞ୍ଜରଣ, କୋଇଲିର କୂଜନ ପ୍ରକୃତିରେ ଆଣିଥାଏ ନୂଆ ଶିହରଣ । ଏହି ସମୟରେ ଏପରି ଏକ ପର୍ବ ନବବର୍ଷର ଅଗ୍ରଦୂତ ରୂପେ ସଭିଙ୍କର ମନରେ ଅସୁମାରୀ ହର୍ଷ, ଖୁସି, ଉଲ୍ଲାସ, ଆନନ୍ଦ ଭରିଦିଏ ଆଉ ମଣିଷର ମନ ମଧ୍ୟ କିଛି ନୂତନତାର କଳ୍ପନାରେ ଉଦ୍‌ଭାସିତ ହୁଏ । ଉତ୍ସବର ମାହୋଲ ତା ଖୁସିକୁ ଦ୍ୱିଗୁଣିତ କରିଦିଏ । ଭାରତ ହେଉଛି ସଂସ୍କୃତିର ଦେଶ। କେତେକ ପର୍ବ ଭାରତର ସବୁ ଅଞ୍ଚଳରେ ପାଳନ କରାଯାଇଥାଏ । ସେହି ପର୍ବ ମାନଙ୍କ ମଧ୍ୟରୁ ହୋଲି ହେଉଛି ଅନ୍ୟତମ। ଏହା ସର୍ବ ଭାରତୀୟ ପର୍ବ। ରଙ୍ଗର ପର୍ବ । ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କୁ ସମର୍ପିତ। ସବୁ ଧର୍ମର ଲୋକମାନେ ଏହି ଦିନଟିକୁ ବିଭିନ୍ନ ପ୍ରକାରର ରଙ୍ଗ ଖେଳରେ ନିଜକୁ ସାମିଲ କରିଥାନ୍ତି। ଅବିର ତଥା ଫଗୁର ଆଦାନ ପ୍ରଦାନ କରି ଆନନ୍ଦ, ଉଲ୍ଲାସ ଓ ଭାଇଚାରାର ସୂତ୍ରରେ ବାଜା ବଜାଇ ନୃତ୍ୟକରି ଖୁସିର ସହିତ ମନାଇଥାନ୍ତି। ଉତ୍ତର ଭାରତରେ ପୁରାଣର ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ସ୍ମୃତି ବହନ କରେ ଏହି ପର୍ବ। ଉତ୍କଳୀୟ କିମ୍ବଦନ୍ତୀ କହେ ଯେ ବ୍ରହ୍ମାଙ୍କ ଆଦେଶରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦୋଳଯାତ୍ରାର ଆୟୋଜନ କରିଥିଲେ। ସେହି ଦିନଠାରୁ ଓଡ଼ିଶାର ପୁରପଲ୍ଲୀରେ ଦୋଳପର୍ବ ପାଳିତ ହୋଇଆସୁଛି। ପ୍ରାଚୀନ କାଳରୁ ଓଡ଼ିଶାରେ ଦୋଳପର୍ବ ପାଳନ କରାଯିବାର କଥା ଆମ ପୁରାଣ ଓ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳେ। ପରବର୍ତ୍ତୀ କାଳରେ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରସାର ଲାଭ କରିଥିଲା। ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରଚାର କରିଥିବା ଶ୍ରୀ ଚୈତନ୍ୟ ଦେବଙ୍କର ଆବିର୍ଭାବ ହୋଇଥିଲା ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୧୮ ତାରିଖ ସନ୍ଧ୍ୟା ସମୟରେ। ଏହିଦିନ ଥିଲା ଦୋଳପୂର୍ଣ୍ଣିମା। ତେଣୁ ଓଡ଼ିଶାର ଦୋଳ ପୂର୍ଣ୍ଣିମା ପାଳନରେ ଆମେ ଗୌଡ଼ୀୟ ବୈଷ୍ଣବ ପ୍ରଭାବ ଦେଖିବାକୁ ପାଉ। ଭଗବାନ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର କର୍ଣ୍ଣ ଅଳଂକାର ପାଇବା ପରେ ଦୋଳଯାତ୍ରାର ଆୟୋଜନ କରିଥିଲେ ବୋଲି ପୌରାଣିକ ମତ ରହିଛି। ତେଣୁ ସାରା ଭାରତବର୍ଷରେ ଏହି ପର୍ବ ରଙ୍ଗ ଓ ଆନନ୍ଦର ପର୍ବ ଭାବରେ ପାଳନ କରାଯାଇଥାଏ। ଉତ୍ତରପ୍ରଦେଶର ବୃନ୍ଦାବନରେ, କାଶୀ ବିଶ୍ୱନାଥଙ୍କ ଠାରେ ଫୁଲର ହୋଲି ସାତଦିନ ପର୍ଯ୍ୟନ୍ତ ପାଳନ କରାଯାଉଥିବା ବେଳେ ମଧ୍ୟପ୍ରଦେଶର ଭିଲ ସଂପ୍ରଦାୟର ଯୁବକମାନେ ପୁଣି ଦୋଳ ଅବସରରେ ନିଜ ପ୍ରେମିକାକୁ ନେଇ ପଳାଇଯିବାର ପରମ୍ପରା ରହିଛି ।

ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କର ମିଳନ ଉତ୍ସବ ଦୋଳପର୍ବ ଫାଲଗୁନ ପୂର୍ଣ୍ଣମୀରେ ଓଡ଼ିଶାର ପୁରପଲ୍ଲୀରେ ପାଳିତ ହୁଏ। ଭାତୃତ୍ୱର ବାତାବରଣ ସୃଷ୍ଟି ହୁଏ। ଏହି ପର୍ବ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହାକୁ କେହି କେହି ଦୋଳପର୍ବ, ଦୋଳଯାତ୍ରା, ବସନ୍ତ ମହୋତ୍ସବ, ଫଲଗୁ ମହୋତ୍ସବ, ମଦନମୋହନ ମହୋତ୍ସବ ନାମରେ ନାମିତ କରିଥାନ୍ତି। ଏହିମାସର ଅଧିପତି ହେଉଛନ୍ତି ଗୋବିନ୍ଦ। ଏହି ଅବସରରେ ଫଗୁଣ ଶୁକ୍ଳ ଦଶମୀ ଫଗୁଦଶମୀ ଠାରୁ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ ବର୍ଷକୁ ଥରେ ବୁଲି ବାହାରନ୍ତି। ଦୋଳବେଦୀରେ ଅବିର ଅର୍ପଣ କରାଯାଏ ତାଙ୍କ ସମ୍ମୁଖରେ ନୂଆ ପାଞ୍ଜି ରଖାଯାଏ ଏବଂ ପାଠ କରାଯାଏ । ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କର ଚାଚେରୀ ବେଶ ହୁଏ ଏବଂ ଚାଚେରୀ ଭୋଗ ହୋଇଥାଏ । ଗୋବିନ୍ଦ ହେଉଛନ୍ତି ତ୍ରାଣକର୍ତ୍ତା। ଗୋବିନ୍ଦ ହିଁ ପ୍ରହଲ୍ଲାଦକୁ ହୋଲିକାର କବଳରୁ ଉଦ୍ଧାର କରିଥିଲେ। ଅସୁର ରାଜା ହିରଣାକ୍ଷ ଓ ହିରଣ୍ୟକଶ୍ୟପର ଭଉଣୀ ଥିଲା ହୋଲିକା। ପୁତ୍ର ପ୍ରହଲ୍ଲାଦ ଥିଲେ ବିଷ୍ଣୁ ଭକ୍ତ। ବିଷ୍ଣୁ ଭକ୍ତିରୁ ନିବୃତ ରହିବା ପାଇଁ ଚେଷ୍ଟା କରି ଯେତେବେଳେ ହିରଣ୍ୟକଶ୍ୟପ ପାରିଲେନାହିଁ ସେତେବେଳେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିକୁଣ୍ଡରେ ପ୍ରବେଶ କରି ତାକୁ ପୋଡ଼ି ମାରିବା ପାଇଁ ଆଦେଶ ଦେଲେ ଭଉଣୀ ହୋଲିକାକୁ କାରଣ ହୋଲିକା ବରଲାଭ କରିଥିଲା ଅଗ୍ନିରେ ଦଗ୍ଧ ହେବନାହିଁ ବୋଲି। ହେଲେ, ଗୋବିନ୍ଦଙ୍କ ପ୍ରଭାବରୁ ହୋଲିକା ନିଜେ ପୋଡ଼ି ପାଉଁଶ ହୋଇଗଲା। ପ୍ରହଲ୍ଲାଦର କିଛି କ୍ଷତି ହୋଇନଥିଲା। ଏଣୁ ମନ୍ଦ ଉପରେ ଭଲର ବିଜୟର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ହୋଲି ଦିନ ହୋଲିକା ଦହନ ଉତ୍ସବ ପାଳିତ ହୋଇ ଆସୁଅଛି। ଏହି ଦିନକୁ ସ୍ମରଣ କରି ଓଡ଼ିଶାର

ଗ୍ରାମ ଗ୍ରାମରେ ଦୋଳଗୋବିନ୍ଦଙ୍କ ଫଗୁଖେଳ ହୁଏ। ଏହି ସମୟ ବସନ୍ତ ଋତୁର ସମୟ ବସନ୍ତର ଆଗମନରେ ମୃଦୁ ମଳୟ ଦେହ ମନକୁ ଶିହରିତ କରିଥାଏ। କଥିତ ଅଛି ଗୋପରେ ଥିଲାବେଳେ ଶ୍ରୀକୃଷ୍ଣ ଗୋପବାଳାଙ୍କ ସହିତ ମିଶି ରଙ୍ଗ ଖେଳିଥିଲେ ତେଣୁ ଫାଲଗୁନ ପୂର୍ଣ୍ଣମୀରେ ବସନ୍ତୋତ୍ସବ ବା ବସନ୍ତରାସ ଅନୁଷ୍ଠିତ ହୁଏ। ଆମ ରାଜ୍ୟର କେତେକ ସ୍ଥାନରେ ମେଷପୋଡ଼ି ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ମେଷ ନାମକ ଦାନବର ପ୍ରାଣ ଶ୍ରୀକୃଷ୍ଣଙ୍କ ହାତରେ ଯାଇଥିଲା। ମେଷର ମରଶରୀରକୁ ଅଗ୍ନିରେ ଦଗ୍ଧ କରି ଭସ୍ମରେ ପରିଣତ କରିଥିଲେ ।

ଏହି ପର୍ବ ରାଧାକୃଷ୍ଣଙ୍କ ପାଇଁ ସମର୍ପିତ। ଦୋଳ ବା ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ। ଠାକୁର ସମସ୍ତଙ୍କ ଘର ବୁଲି ବୁଲି ଭୋଗ ଖାଆନ୍ତି। ସବୁବେଳେ ଆମେ ଯାଉ ମନ୍ଦିରକୁ କିନ୍ତୁ ଦୋଳ ସମୟରେ ଠାକୁର ଆସନ୍ତି ଆମ ପାଖକୁ। ଘର ଦୂଆର ସଫା କରି ଆମ୍ବପତ୍ର ସହିତ କୁମ୍ଭ ଦୂଆରରେ ରଖି ସମସ୍ତେ ଅପେକ୍ଷା କରିଥାନ୍ତି ଠାକୁର କେତେବେଳେ ଆସି ଭୋଗ ଖାଇବେ ବୋଲି। ଭୋଗରେ ଚଣା, ଆମ୍ବ, ଶାକର ଶାଳ ଉଖୁଡ଼ା, ଖଜା, ଫେଣି, କାକୁଡ଼ି, ଚୁଡ଼ାଘଷା ଇତ୍ୟାଦି ଅର୍ପଣ କରାଯାଏ। ଦିଅଁମାନଙ୍କର ମେଳଣ ହୁଏ ଏହି ସମୟରେ। ଖୋଲା ପଡ଼ିଆରେ ନିକଟବର୍ତ୍ତୀ ଗ୍ରାମ ମାନଙ୍କରୁ ଦୋଳ ବିମାନ ମାନ ନିମନ୍ତ୍ରିତ ହୋଇ ଆସିଥାନ୍ତି ମେଳଣ ପଡ଼ିଆକୁ। ମେଳଣ ହୁଏ। ନାଚଗୀତ, ଦୋକାନ ବଜାର, ମେଲୋଡ଼ି, ଯାତ୍ରା ସହିତ ଫଗୁଖେଳ ହୋଇଥାଏ। ଠାକୁରମାନଙ୍କୁ ଫଗୁ ବିଞ୍ଚାଯାଏ। ଗୋପାଳ ସଂପ୍ରଦାୟର ଯୁବକମାନେ ନୂଆଲୁଗା ପିନ୍ଧି ଅଣ୍ଟାରେ କଛା ମାରି ତା ଉପରେ ଘାଗୁଡ଼ିମାଳ ଲଗାଇ ମୁଣ୍ଡରେ ଠେକା ଭିଡ଼ି ହାତରେ ଦୁଇ ଖଣ୍ଡ ଲଉଡ଼ି ଧରି ନାଚି ନାଚି ଗୋପାଳଙ୍କ ଓଗାଳ ଗାଇଥାନ୍ତି। ଏହି ଦିବସକୁ କାମଦହନ ଦିବସ ରୂପେ ପାଳନ କରାଯାଏ। ଶିବଭକ୍ତ ମାନେ କହନ୍ତି ଶିବଙ୍କ ଦ୍ୱାରା କାମଦେବଙ୍କୁ ଭସ୍ମ କରିବାର ସ୍ମୃତିରେ ଦୋଳ ଏବଂ ହୋଲି ପର୍ବ ପାଳିତ ହୁଏ ବୋଲି କହନ୍ତି। ଏଣୁ ଶିବଙ୍କ ବିବାହ ଉତ୍ସବରେ ଶୋଭାଯାତ୍ରାରେ ଯାଉଥିବା ଭକ୍ତମାନେ ମୁଣ୍ଡରେ ଅବିର ଓ ସିନ୍ଦୂର ବୋଳି ହୋଇଥାନ୍ତି ।

ଦୋଳ ପୂର୍ଣ୍ଣିମାର ଠିକ ପରଦିନ ହୋଲି ଉତ୍ସବ ପାଳିତ ହୁଏ। ହୋଲି ହେଉଛି ରଙ୍ଗର ପର୍ବ। ସେହିଦିନ ଲୋକେ ପରସ୍ପର ହୋଲି ବା ରଙ୍ଗର ଆଦାନପ୍ରଦାନ କରିଥାନ୍ତି। ବୟସ୍କ ବ୍ୟକ୍ତିଙ୍କ ପାଦରେ ଅବିର ରଖି ଆଶିର୍ବାଦ ଭିକ୍ଷା କରନ୍ତି। ସେମାନେ କିଛି ପଇସା ଦେଲେ ସେଥିରେ ରଙ୍ଗ କିଣି ଖେଳନ୍ତି ଓ ମିଠା ଖାଆନ୍ତି। ହୋଲି ପର୍ବ ସାମ୍ୟର ବାର୍ତ୍ତା ବହନ କରେ ଉକ୍ତଦିନ ସବୁ ଶ୍ରେଣୀର ଲୋକେ ଉଚ୍ଚନୀଚ ଭେଦଭାବ ନ ରଖି ରଙ୍ଗ ଖେଳିବାକୁ ଏକତ୍ର ହୁଅନ୍ତି। ପୂର୍ବ ଶତୃତା କିଛି ଥିଲେ ସେଗୁଡ଼ିକ ଭୁଲି ଭାତୃତ୍ୱ ବନ୍ଧୁତ୍ୱ ଓ ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରି ଅବିର ଦେଇ ନୂତନ ବର୍ଷ ଆରମ୍ଭ କରିବାର ସଂକଳ୍ପ ନିଅନ୍ତି। ହୋଲି କୃଷ୍ଣଚେତନା ତଥା ଉପାସନାର ପର୍ବ। ଏହିଦିନ କୃଷ୍ଣଙ୍କର ପୂଜା ଆରାଧନା କରି ସୁସଜ୍ଜିତ ରଥରେ ସହର ପରିକ୍ରମା କରାଯାଏ। ଫଗୁଖେଳି କୁଂଜବିହାରୀ ଓ ଶ୍ରୀରାଧା ଅପ୍ରାକୃତ ପ୍ରେମଲୀଳା କରନ୍ତି ଯାହାକୁ ବସନ୍ତ ରାସ କୁହାଯାଏ ।

ହୋଲି ମହୋତ୍ସବ ଭାରତୀୟ ପର୍ବ। ଏହି ପର୍ବର ଅନ୍ୟନାମ ବସନ୍ତୋତ୍ସବ। ଅତୀତରେ ଶ୍ରୀମନ୍ଦିରରୁ ସ୍ୱୟଂ ଦାରୁବ୍ରହ୍ମ ରୂପୀ ଜଗନ୍ନାଥ ଦୋଳକୁଞ୍ଜରୁ ବିଜେ କରୁଥିଲେ ଦୋଳମଣ୍ଡପ ସାହିକୁ। ସଂପ୍ରତି ଶ୍ରୀ ଜୀଉଙ୍କର ଚଳନ୍ତି ବିଗ୍ରହ ଦୋଳଗୋବିନ୍ଦ ଦୋଳବେଦୀକୁ ବିଜେ କରନ୍ତି। ଏଣୁ ଦୋଳବେଦୀରେ ଅଧିଷ୍ଠିତ ଭଗବାନ ଦୋଳଗୋବିନ୍ଦ, ଶ୍ରୀ ଦେବୀ, ଭୂ ଦେବୀଙ୍କୁ ଚ୍ୟୁତଫଳ ସମର୍ପଣ କରିବାର ପରମ୍ପରା ରହିଛି। ଏହା ଏକ ସାର୍ବଜନୀନ ପର୍ବ। ଶାନ୍ତି, ମୈତ୍ରୀର ପର୍ବ। ସବୁ ବର୍ଗର ଲୋକେ ପରସ୍ପର ପରସ୍ପରକୁ ରଙ୍ଗ ଅବିର ଦେଇ ସଂକୀର୍ଣ୍ଣତା ସାଂପ୍ରଦାୟିକ ମନୋଭାବ ଭୁଲି। ବଡ଼ ଆଡମ୍ବର ସହକାରେ ପାଳନ କରନ୍ତି। ଭାରତର ବିଭିନ୍ନ ପ୍ରାନ୍ତରର ଲୋକେ ଏହି ପର୍ବକୁ ପାଳନ କରନ୍ତି। ଦୋଳପୂର୍ଣ୍ଣମାକୁ ଆମ ରାଜ୍ୟର ନୂତନ ବର୍ଷ ରୂପେ ପ୍ରାଧାନ୍ୟ ଦେଇ ଘରେ ଘରେ ପିଠାପଣା କରାଯାଏ। ମିଷ୍ଟାନ୍ନ ମଧ୍ୟ ଦିଆଯାଏ। ସେଦିନ ଗୋମାତାକୁ ପୂଜାକରି ବିଭିନ୍ନ ପିଠାପଣା କରି ଖାଇବାକୁ ଦିଆଯାଏ। ଦୋଳପୂର୍ଣ୍ଣିମା ଦିନ ଦୋଳମେଳନ ହୋଇଥାଏ। ପାଖ ଗ୍ରାମ ମାନଙ୍କରୁ ଠାକୁର ବର୍ଷକରେ ଥରେ ମେଳନ ପଡ଼ିଆରେ ଏକାଠି ହୁଅନ୍ତି ଏହାକୁ ଠାକୁରଙ୍କର ମହାମିଳନ କୁହାଯାଏ। ଖୋର୍ଦ୍ଧା ଜିଲ୍ଲାର ଜଟଣୀ ନିକଟସ୍ଥ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ହୁଏ ଦୋଳଉତ୍ସବ। ଦୋଳ ପୂର୍ଣ୍ଣିମାର ପାଞ୍ଚଦିନରେ ପଡ଼େ ଏହି ପଞ୍ଚୁଦୋଳ ଯାତ୍ରା। କେଉଁଠି ତିନି ଦୋଳ, ନ' ଦୋଳ, ଦଶ ଦୋଳ ଯାତ୍ରା ମଧ୍ୟ ହୋଇଥାଏ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଖୋଲା ପଡ଼ିଆରେ ଠାକୁର ମାନଙ୍କର ଏକତ୍ର ମେଳଣ ହୁଏ। ଆତସବାଜି, ଯାତ୍ରା, ଦୋକାନ ବଜାର, ମେଲୋଡ଼ି ହୁଏ ଭକ୍ତଙ୍କ ଭିଡ଼ ଜମେ। ଫଗୁ ଖେଳ ହୁଏ। ମେଳଣକୁ ଆସିଥିବା ଠାକୁରମାନଙ୍କୁ ଅବିର ବିଞ୍ଚି ଭୋଗରାଗ ଅର୍ପଣ କରାଯାଏ। ସାରାରାତି କଟିଯାଏ ଠାକୁର ମେଳଣରେ। ଯେତେ ସମ୍ଭବ ରାସାୟନିକ ରଙ୍ଗ ଖେଳ ଚର୍ମ ଉପରେ କୁପ୍ରଭାବ ପକାଏ ତେଣୁ ରାସାୟନିକ ରଙ୍ଗ ଠାରୁ ଦୂରେଇ ରହି ପ୍ରାକୃତିକ ରଙ୍ଗରେ ଖେଳିବାର ମଜା ନେବା ଦ୍ୱାରା ନିଜକୁ ସୁସ୍ଥ ଓ ପରିବେଶକୁ ସତେଜ ରଖିବାରେ ସହାୟକ ହୋଇପାରିବା ।

*ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*




# ବେଡ଼୍ ନମ୍ବର - ୧୦୭

**ଆଭା ମିଶ୍ର**

ଶଶ୍ୱରଙ୍କ ବେଡ଼ ପାଖରେ ପଡ଼ିଥିବା ଗୋଟେ ଟୁଲ୍ ଉପରେ ବସି ଚାରିଆଡ଼କୁ ନିରୀକ୍ଷତା କରୁଥିଲେ ସିପ୍ରା। ଘଣ୍ଟାରେ ସେତେବେଳକୁ ଦିନ ଏଗାରଟା ବାଜିବାକୁ ବସିଥାଏ।

ଏଇ ଚାରିଦିନ ତଳେ ଶ୍ୱଶୁରଙ୍କର ହାର୍ଟ ଅପରେସନ ହୋଇଥିଲା। ଅପରେସନ ଦିନ ଆଉ ତା ପରଦିନ ସ୍ୱାମୀ ତାଙ୍କର ବାପାଙ୍କୁ ଦିନରାତି ଚବିଶ ଘଣ୍ଟା ଜଗି ରହିଥିଲେ। ତା ପରଠାରୁ ସ୍ୱାମୀ ସ୍ତ୍ରୀ ଦୁହେଁ ପାଳିକରି ହସ୍‌ପିଟାଲ୍‌ରେ ରହୁଥିଲେ। ସିପ୍ରା ଦିନଟା ସାରା ରହୁଥିଲା ବେଳେ ସ୍ୱାମୀ ତାଙ୍କର ରାତିରେ ରହୁଥିଲେ। ଏମିତି ଏମିତି ଚାରିଦିନ ବିତି ଯାଇଥିଲା ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କୁ ଛାଡ଼ିଦେଲେ ଡାକ୍ତରଖାନାରେ ଶ୍ୱଶୁରଙ୍କ ପାଖରେ ରହିବାକୁ ତୃତୀୟ ଲୋକ କେହି ନଥିଲେ।

ଅପରେସନ୍ ପ୍ରଥମ ଦୁଇଦିନ ତ ଖୁବ୍ ବ୍ୟସ୍ତ ବିବ୍ରତ ଭାବରେ ସମୟ ସବୁ କଟିଥିଲା। ଶ୍ୱଶୁରଙ୍କର ଅପରେସନ ଯୋଗୁଁ ପ୍ରବଳ ଯନ୍ତ୍ରଣା ହେଉଥିଲା ଯେ ସେ ଖାଲି ଛଟପଟ ହେଉଥିଲେ। ତେଣୁ ତାଙ୍କ ପାଖରେ ବସି ଥରକୁ ଥର ତାଙ୍କ ଦେହ ହାତ ସବୁ ଆଉଁସି ଦେବାକୁ ପଡୁଥିଲା। ଥରକୁ ଥର ସମୟାନୁସାରେ ଔଷଧ ଦେବାକୁ ପଡୁଥିଲା, ଖୁଆଇ ଦେବାକୁ ପଡୁଥିଲା, ଥରକୁ ଥର ତାଙ୍କୁ ଝାଡ଼ା ପରିସ୍ରା ଲାଗୁଥିଲା ଯେ ହ୍ୱିଲ୍ ଚେୟାର୍‌ରେ ବସେଇ ୱାସ୍ ରୁମ୍ ନବାକୁ ପଡୁଥିଲା। ତେଣୁ ସେତେବେଳେ ଆଉ କୁଆଡ଼କୁ ନିଘା କରିବାକୁ ସିପ୍ରାଙ୍କୁ ସମୟ ମିଳୁନଥିଲା।

ହେଲେ ତୃତୀୟ ଦିନଠାରୁ ଶ୍ୱଶୁରଙ୍କ ଯନ୍ତ୍ରଣାର ମାତ୍ରା ଧୀରେ ଧୀରେ କମିବାକୁ ଆରମ୍ଭ କରିଥିଲା, ତେଣୁ ସେ ଧୀରେ ଧୀରେ ସ୍ୱାଭାବିକ୍ ଅବସ୍ଥାକୁ ଫେରୁଥିଲେ। ତେଣୁ ତାଙ୍କର ପ୍ରତିଟି କାମରେ ଆଉ ସାହାଯ୍ୟ ଦରକାର ହେଉନଥିଲା। ଖାଲି ସମୟାନୁସାରେ ଯାହା ଔଷଧ ଖାଇ ଶୋଇ ପଡ଼ିବା ପରେ ସେ ତାଙ୍କ ବେଡ଼୍ ପାଖରେ ବସି ରହି ଚାରିଆଡ଼କୁ ନୀରିକ୍ଷଣ କରୁଥିଲେ।

ସରକାରୀ ଡାକ୍ତରଖାନାର ୱାର୍ଡ। ରାତି କଥା ତ ସେ ଜାଣି ନଥିଲେ, ହେଲେ ଦିନସାରା କିନ୍ତୁ ସେ ୱାର୍ଡ ଭିତରେ ଥିବା ରୋଗୀମାନଙ୍କର ସମ୍ପର୍କୀୟ ମାନଙ୍କର ଯା ଆସ ଲାଗି ରହୁଥିଲା। ସମାଜର ଭିନ୍ନ ଭିନ୍ନ ଶ୍ରେଣୀର ଲୋକସବୁ ସେଠାରେ ଚିକିତ୍ସାଧିନ ଥିଲେ। ଆର୍ଥିକ ସ୍ତରରେ ଅତ୍ୟନ୍ତ ଦୁର୍ବଳ ଶ୍ରେଣୀରୁ ଆରମ୍ଭ କରି ସ୍ୱଚ୍ଛଳ ବର୍ଗର ଲୋକମାନେ ବି ସେଠାରେ ଥିଲେ। କାରଣ ସେଠାରେ ଯେଉଁ ଡାକ୍ତର ଚିକିତ୍ସା କରୁଥିଲେ ତାଙ୍କର ଖୁବ୍ ନାଁ ଥିଲା। ତା ସହିତ ରୋଗୀଙ୍କ ପ୍ରତି ତାଙ୍କ ବ୍ୟବହାର ବି ଖୁବ୍ ଭଲ ଥିଲା। ତାଙ୍କର ଆହୁରି ଗୋଟେ ଭଲ ଗୁଣ ଥିଲା ଯେ ସେ ସେଇ ସରକାରୀ ଡାକ୍ତରଖାନା ଛଡ଼ା ବାହାରେ ବା କୌଣସି ଘରୋଇ ଡାକ୍ତରଖାନାରେ ରୋଗୀ ମାନଙ୍କୁ ଦେଖୁନଥିଲେ। ତେଣୁ କେବଳ ତାଙ୍କୁ ହିଁ ଦେଖେଇବାକୁ ଆର୍ଥିକ ସ୍ତରରେ ଖୁବ୍ ସ୍ୱଚ୍ଛଳ ବର୍ଗରେ ଥିବା ଲୋକମାନେ ବି ସେଇ ସରକାରୀ ଡାକ୍ତରଖାନାକୁ ଆସୁଥିଲେ। ଏମିତି କି ଘରୋଇ ଡାକ୍ତରଖାନାରେ ଅପରେସନ୍ ହୋଇ କୌଣସି ସୁଫଳ ନପାଇ ଲୋକମାନେ ତାଙ୍କ ପାଖକୁ ଆସୁଥିଲେ।

ତେଣୁ ଶ୍ୱଶୁର ଶୋଇ ପଡ଼ିଲା ପରେ ସିପ୍ରା ବସି ସେଠାରେ ଥିବା ରୋଗୀମାନଙ୍କୁ ଆଉ ସେମାନଙ୍କୁ ଭେଟିବାକୁ ଆସୁଥିବା ସେମାନଙ୍କ ସମ୍ପର୍କୀୟ ମାନଙ୍କୁ ନିରୀକ୍ଷଣ କରୁଥିଲେ।

ପ୍ରଥମ ବେଡ୍‌ରେ ପଡ଼ିଥିଲେ ମୁସଲମାନ ବୃଦ୍ଧ ଜଣେ। ବୟସ ବୋଧହୁଏ ପଞ୍ଚଷଠି ରୁ ସତୁରି ଭିତରେ ହେବ। ଗଲା ଚାରିଦିନ ଧରି ସିପ୍ରା ଦେଖିଆସୁଥିଲେ ତାଙ୍କ ପୁଅ କିମ୍ବା ଅନ୍ୟ କେହି ଜଣେ ତାଙ୍କର ସମ୍ପର୍କୀୟ ଏକ ନିର୍ଦ୍ଦିଷ୍ଟ ସମୟରେ ତାଙ୍କୁ ଭେଟିବାକୁ ଆସୁଥିଲେ। ତାଙ୍କ ପାଖରେ କିଛି ସମୟ ବସି କଥାବାର୍ତ୍ତା ହେଉଥିଲେ। ତାପରେ କଥା ହେଉଥିଲେ ନର୍ସ ସହିତ। ଅବଶ୍ୟ ଡାକ୍ତରଙ୍କ ସହିତ ତାଙ୍କର ଭେଟଘାଟ ହୋଇପାରୁନଥିଲା। କାରଣ ଡାକ୍ତର ଆସିବା ସମୟରେ ସେ ରହିପାରୁନଥିଲେ। ସେଇ ନର୍ସ ସାଥିରେ କଥା ହୋଇ ସେ ଚାଲି ଯାଉଥିଲେ ଯେ ପୁଣି ଆସୁଥିଲେ ରାତି ଆଠ କିମ୍ବା ନ ବେଳକୁ। ଆଉ କିଛି ସମୟ ବୃଦ୍ଧଙ୍କ ସାଥିରେ କଥାହୋଇ ସେ ଚାଲିଯାଉଥିଲେ ଯେ ପୁଣି ଆସୁଥିଲେ ତା ପରଦିନ ସେଇ ନିର୍ଦ୍ଦିଷ୍ଟ ସମୟରେ ମାନେ ଦିନ ଦଶଟା ବେଳେ।

ବୃଦ୍ଧଙ୍କ ପାଖରେ ଅନ୍ୟ ସମୟରେ ଆଉ କେହି ରହୁନଥିଲେ। ସେ ତାଙ୍କର ଏକୁଟିଆ ରହୁଥିଲେ। ସେ କାହା ସାଙ୍ଗରେ ମିଶୁନଥିଲେ କି

କଥାବାର୍ତ୍ତା ହେଉନଥିଲେ । ସେ ତାଙ୍କର ସେଇ ଖଟଟା ଉପରେ ଏକୁଟିଆ ବସି ରହୁଥିଲେ ନହେଲେ ଶୋଇ ରହୁଥିଲେ । ସମୟ ହୋଇଗଲେ ସେଇ ଖଟ ଉପରେ ବସି ସମାଜ ପଢୁଥିଲେ ଆଉ ଠିକ୍ ସମୟରେ ଖାଇ ବି ଦେଉଥିଲେ । ବାସ୍ । ଚାରିଦିନ ଧରି ସେଇ ସେତିକି କାମ ସେ କରିଆସୁଥିଲେ । ଆଉ ପଞ୍ଚମ ଦିନ ସକାଳୁ ସକାଳୁ ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରିଦେଇଥିଲେ । କାରଣ ହେଲା ପାଞ୍ଚ ଛ ଦିନ ଧରି ସେ ଡାକ୍ତରଙ୍କ ଅବଜରଭେସନରେ ଥିଲେ । ଆଉ ରିପୋର୍ଟ ସବୁ ଠିକ୍ ଠାକ୍ ଆସିବା ପରେ ଡାକ୍ତର ତାଙ୍କୁ କିଛି ମେଡ଼ିସିନ୍ ଦେଇ ଡିସଚାର୍ଜ କରିଦେଇଥିଲେ ।

ତାଙ୍କ ବେଡ୍ ପାଖକୁ ଲାଗି ପଡ଼ିଥିଲେ ଆଉ ଜଣେ ସ୍ତ୍ରୀ ଲୋକ । ବୟସ ପାଖାପାଖି ଷାଠିଏ ପଞ୍ଚଷଠି ହବ । ତାଙ୍କ ପାଖରେ ଯିଏ ରହିଥିଲେ ସେ ବୋଧେ ତାଙ୍କ ଝିଅ ଜୋଇଁ ଲାଗୁଥିଲେ । ସିପ୍ରା ଦେଖୁଥିଲେ ଝିଅଟି ଦିନସାରା ମା ପାଖରେ ଏପଟ ସେପଟ ହୋଇ ତା ସାଥିରେ ଯେଉଁ ପୁରୁଷ ଲୋକଟି ଥିଲା ସେ ବେଡ୍ ପାଖ ଚଟାଣ ଉପରେ ଖାଲି ଶୋଇ ରହୁଥିଲେ । ଯେତେବେଳେ ନିଦ ଭାଙ୍ଗି ଯାଉଥିଲା ସେତେବେଳେ ସେ ଉଭୟ ମା ଝିଅଙ୍କୁ ବିରକ୍ତି ଭରା ଦୃଷ୍ଟିରେ ଚାହୁଁଥିଲେ । ସିପ୍ରା ଅବଶ୍ୟ ଭଲ ଭାବରେ ଜାଣି ନଥିଲେ କି ସେମାନେ ମା ଝିଅ ଥିଲେ କି ଶାଶୂ ବୋହୂ ଥିଲେ ହେଲେ ଝିଅଟିର ବ୍ୟବହାରରୁ ଲାଗୁଥିଲା କି ସେ ବୋଧେ ତାଙ୍କ ଜୋଇଁ ହୋଇଥିବ । ତାର ଯେମିତି ଏସବୁରେ କିଛି ବି ଧାର୍ ନଥିଲା । ସେ ମହିଳା ଜଣଙ୍କର ପୁଅ ହୋଇଥିଲେ ନିଜ ସ୍ତ୍ରୀ ଉପରେ ସବୁତକ ଦାୟିତ୍ୱ ଲଦିଦେଇ ଏମିତି ନିଶ୍ଚିନ୍ତରେ ମେଡ଼ିକାଲ୍‌ଟା ଭିତରେ ଶୋଇଯାଇ ପାରୁନଥାନ୍ତା । ପୁଣି ଶୋଇବା ତ ଦୂରର କଥା ଟିକିଏ ଯଦି ବସି ଯାଉଥାନ୍ତା ବି ତାହେଲେ ତା ସ୍ତ୍ରୀ ନହେଲେ ତା ମା ତା ଉପରେ ଖୁବ୍ ବିରକ୍ତି ହେଉଥାନ୍ତେ । ହେଲେ ଉଭୟ ତାକୁ କିଛି ବି ଯେହେତୁ କହୁନଥିଲେ ତେଣୁ ସିପ୍ରା ଭାବୁଥିଲେ ଉଭୟ ବୋଧେ ସେ ବୃଦ୍ଧାଙ୍କର ଝିଅ ଆଉ ଜୋଇଁ ।

ଏଇ ସମୟରେ ମେଡ଼ିସିନ୍ ଖାଇବାକୁ ଦେବ ବୋଲି ଝିଅଟି ତା ମା'କୁ ଖୁଆଇ ଦେଲା । ଛତୁଆରେ ପାଣି ଗୋଳେଇ ଦେଇ ସେତକ ତାଙ୍କୁ ପିଆଇ ଦେଲା । ତାପରେ ମେଡ଼ିସିନ୍ ଖୁଆଇ ଦେଇ ତାଙ୍କୁ ଶୁଆଇ ଦେଲା । ସେ ଶୋଇଯିବା ପରେ ତାଙ୍କୁ ଭଲ ଭାବରେ ଘୋଡ଼ା ଘୋଡ଼ି କରି ତାଙ୍କ ଦେହ ହାତକୁ ବସି ଆଉଁସି ଦେଇଥିଲା ।

ସେଇ ସମୟରେ ଭୋକ ହେବାରୁ କିମ୍ବା ଅନ୍ୟ କୌଣସି କାରଣରୁ ସେ ପୁରୁଷ ଲୋକଟିର ନିଦ ଭାଙ୍ଗିଗଲା । ସେ ନିଦରୁ ଉଠି ଝିଅଟିକୁ ଏମିତି ନଜରରେ ଅନେଇଲା ଯେ ଝିଅଟି ତରତର ହୋଇ କିଛି ଛତୁଆ କିମ୍ବା ଚୁଡ଼ାଗୁଣ୍ଡରେ ପାଣି ପକେଇ ତାକୁ ଗୋଳେଇ ଦେଇ ସେ ଲୋକଟି ହାତରେ ଧରେଇଦେଲା । ଲୋକଟା ସେତକ ପିଇଦେଇ ଅଇଁଠା ଗିନାଟିକୁ ଝିଅଟି ହାତକୁ ବଢ଼େଇ ଦେଇ ବୋତଲ୍‌ରୁ କିଛି ପାଣି ପିଇ ପୁଣିଥରେ ଶୋଇପଡ଼ିଲା । ତା ବ୍ୟବହାରରୁ ଲାଗୁଥିଲା ଯେମିତି ଯେ ବୃଦ୍ଧାଙ୍କର କେହି ନାହାନ୍ତି ଆଉ ତାଙ୍କ ଝିଅ ତା ସ୍ୱାମୀର ଅନିଚ୍ଛାରେ ତା ମା'ର ଚିକିତ୍ସା ପାଇଁ ବାଧ୍ୟବାଧକତାରେ ପଡ଼ି ମା'ର କଷ୍ଟ ଯନ୍ତ୍ରଣାକୁ ସହିନପାରି ଡାକ୍ତରଖାନାକୁ ଆଣିଛି । ସେଥିପାଇଁ ସ୍ତ୍ରୀ ଲୋକଟି ଯଥାସାଧ ଚେଷ୍ଟା କରୁଥିଲା ଯେମିତି ଲୋକଟି ରାଗରେ ସେଠାରେ ପାଟିତୁଣ୍ଡ କରି ତାକୁ ଲୋକହସା ନକରୁ । ସେଥିପାଇଁ ସେ ତା ମା'ର ଯେତିକି ଦାୟିତ୍ୱ ନେଉଥିଲା, ସେତିକି ଦାୟିତ୍ୱ ମଧ ତା ସ୍ୱାମୀର ନେଉଥିଲା ।

ହଠାତ୍ ସେଇ ସମୟରେ ବୃଦ୍ଧା ଜଣକ ଚିତ୍କାର କରି ଉଠିଥିଲେ । ତାଙ୍କ ଦେହ ହାତ କଣ ହୋଇଯାଉଛି କହି ଖୁବ୍ ଅସ୍ତବ୍ୟସ୍ତ ହୋଇଥିଲେ । ଝିଅଟି ବ୍ୟସ୍ତ ହୋଇ ତାଙ୍କ ଦେହ ହାତ ଆଉଁସା ଆଉଁସି କରି ତାକୁ ପ୍ରବୋଧନା ଦେଇଥିଲେ ବି କିଛି ଲାଭ ହୋଇନଥିଲା । ବରଂ ସେ ବେଶୀ ବେଶୀ ଅସ୍ତବ୍ୟସ୍ତ ହୋଇଥିଲେ । କିଛି ସମୟ ପରେ ତାଙ୍କୁ କମ୍ପ ଆସିଥିଲା ଯେ ସେ ଖୁବ୍ ଜୋର୍‌ରେ ଥରିବାକୁ ଆରମ୍ଭ କରିଥିଲେ । ତେଣୁ ଝିଅଟି ବିକଳ ହୋଇ ନର୍ସକୁ ଡାକି ଆଣିଥିଲା । ଆଉ ନର୍ସ ଆସି ତାଙ୍କୁ ଦେଖିବାପରେ ସାଙ୍ଗେ ସାଙ୍ଗେ ଡାକ୍ତରଙ୍କୁ ଡାକିଥିଲେ ତ ଡାକ୍ତର ତାଙ୍କୁ ସାଙ୍ଗେ ସାଙ୍ଗେ ଆଇ.ସି.ୟୁ.କୁ ନେଇଯିବାକୁ ପରାମର୍ଶ ଦେଇଥିଲେ ।

ଡାକ୍ତରଙ୍କ ସେଇ ପଦକ କଥାରେ ତତ୍‌କ୍ଷଣାତ୍ ଚଳଚଞ୍ଚଳ ହୋଇ ଉଠିଲା ୱାର୍ଡ ଭିତରଟା । ନିର୍ଦ୍ଦେଶ ପାଇବା କ୍ଷଣି ଡାକ୍ତରଖାନାର କିଛି କର୍ମଚାରୀ ସାଙ୍ଗେ ସାଙ୍ଗେ ଷ୍ଟ୍ରେଚର ଧରି ଆସି ପହଞ୍ଚିଗଲେ । ଆଉ ସେଇ ସାଲାଇନ୍ ଲାଗିଥିବା ଅବସ୍ଥାରେ ବୃଦ୍ଧା ଜଣକୁ ଷ୍ଟ୍ରେଚରରେ ନେଇଗଲେ । ତାଙ୍କ ପଛେ ପଛେ ଝିଅଟି ତର ତର ହୋଇ ଏକ ପ୍ରକାର ଦୌଡ଼ି ଦୌଡ଼ି ଯାଇଥିଲା । ସେ ପୁରୁଷ ଲୋକଟି ଯାହାକୁ ସିପ୍ରା ଝିଅଟିର ସ୍ୱାମୀ ବୋଲି ଭାବୁଥିଲେ ସେ ସେମିତି ଶୋଇରହିଥିଲା । ଝିଅଟି ତାକୁ ନ ଡାକି ତର ତର ହୋଇ ମା' ପଛେ ପଛେ ଏକପ୍ରକାର ଦୌଡ଼ି ଦୌଡ଼ି ଯାଇଥିଲା ।

ମା, ଝିଅ ଆଇ.ସି.ୟୁ କୁ ଯିବାର କିଛି ସମୟ ପରେ ଲୋକଟି ଉଠିଥିଲା ଆଉ ଚାରିଆଡ଼କୁ ଚାହିଁଥିଲା । ଖଟ ଉପରେ ମା ଝିଅଙ୍କୁ ନ ଦେଖି ପ୍ରଶ୍ନିଳ ଦୃଷ୍ଟିରେ ଇଆଡ଼େ ସିଆଡ଼େ ଚାହିଁବାରୁ ପାଖ ବେଡ୍‌ର ଜଣେ ଆଟେନଡାଣ୍ଟ ତାକୁ ଆଇ.ସି.ୟୁ କଥା କହିଥିଲେ ।

ଏହା ଶୁଣି ଲୋକଟି କିଛି ବୁଝିଲା କି ନାହିଁ କେଜାଣି ଧଡ଼ପଡ଼ ହୋଇ ବ୍ୟାଗଟାକୁ ଧରି କାହାକୁ କିଛି ନ କହି ଏକ ପ୍ରକାର ଧାଇଁ ଧାଇଁ ପଳେଇଲା । ମା, ଝିଅଙ୍କ ଜିନିଷ ସବୁ ସେ ଖଟ ଉପରେ ସେମିତି ପଡ଼ି ରହିଥିଲା । ଲୋକଟାର ସେ ଆଡ଼କୁ ଟିକିଏ ବି ନିଘା ନଥିଲା । ସେ ଏମିତି ଧଡ଼ପଡ଼ ହୋଇଗଲା ସତରେ ଯେମିତି ସେ କେଉଁ ମେଳାରେ ହଜିଯାଇଛି ।

ଲୋକଟି ଯିବାର କିଛି ସମୟପରେ ସେ ଝିଅଟି ଆସିଲା । ଅଳ୍ପ ଅଳ୍ପ କରି ସେଠାରେ ଥିବା ଜିନିଷ ସବୁକୁ ନେଇ ଯାଇଥିଲା । କେହି ଜଣେ ପଚାରିବାରୁ କହିଲା କି ତା ମା'ଙ୍କୁ ଆଇ.ସି.ୟୁ ରେ ଆଡ଼ମିସନ୍ କରାଗଲା ।

ସେମାନେ ଚାଲିଯିବା ପରେ ସେ ବେଡ୍‌ଟି ଖାଲି ପଡ଼ିଥିଲା । ତା ପାଖ ବେଡ୍‌ରେ ମାନେ ତୃତୀୟ ବେଡ୍‌ରେ ଜଣେ ବୟସ୍କା ସ୍ତ୍ରୀ ଲୋକ ଆଡ଼ମିସନ୍ ନେଇଥିଲେ । ବହୁତ ମିଶାଣିଆ ଥିଲେ ସେ । ସମସ୍ତଙ୍କ ସାଥିରେ ମିଶୁଥିଲେ । ହସି ହସି କଥା ହେଉଥିଲେ । ତାଙ୍କୁ ଦେଖିଲେ ଲାଗୁନଥିଲା

କି ତାଙ୍କ ହୃଦୟରେ କିଛି ବେମାରୀ ଅଛି । ତାଙ୍କୁ ଜଗି ରହିଥିଲା ତାଙ୍କ ସବା ସାନ ପୁଅ । ମା ପରି ପୁଅ ମଧ୍ୟ ଖୁବ୍ ମିଶାଣିଆ ଥିଲା । ମଝିରେ ମଝିରେ ଅନ୍ୟ ପୁଅ, ବୋହୂ, ଝିଅ, ଜୋଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ ସବୁ ତାଙ୍କୁ ଭେଟିବାକୁ ଆସୁଥିଲେ । ସେ ପୁରା ହଲ୍‌ଟା ଭିତରେ ସେ ଜଣେ ଥିଲେ ଯାହାକୁ ତାଙ୍କର ବହୁତ ବନ୍ଧୁ ବାନ୍ଧବ ଭେଟିବାକୁ ଆସୁଥିଲେ ।

ଏମିତି କଥା ହବା ଭିତରେ ସିପ୍ରା ତାଙ୍କୁ କହିଲେ, "ମାଉସୀ, ଆପଣଙ୍କର ବୋଧେ ସମସ୍ତଙ୍କ ସାଙ୍ଗେ ବହୁତ ଭଲ ପଡ଼େ । ସେଥିପାଇଁ ଆପଣଙ୍କୁ ଏତେ ବନ୍ଧୁ ବାନ୍ଧବ ଭେଟିବାକୁ ଆସୁଛନ୍ତି ।"

ଏକଥା ଶୁଣୁ ଶୁଣୁ ପାଖରେ ବସିଥିବା ସାନ ପୁଅ ଚଟ୍ କରି କହିଲା, ହଁ ଆଣ୍ଟି, ତାର ସମସ୍ତଙ୍କ ସାଙ୍ଗେ ବହୁତ୍ ଭଲ । ତିନି ତିନିଟା ବୋହୂ ତାର । ସେମାନଙ୍କୁ ଏମିତି ଗେହ୍ଲା କରି ରଖିଛି ଯେ ସେ ତିନି ଜଣଯାକ ଯାକୁ ମୁଣ୍ଡରେ ବସେଇଛନ୍ତି । ଏମିତି କି ସେମାନେ ଆମ ଘରକୁ ବୋହୂ ହୋଇ ଆସିବା ଦିନଠାରୁ ସେମାନଙ୍କ ବାପ ଘରକୁ ବି ଯିବାକୁ ରାଜି ହୁଅନ୍ତି ନାହିଁ । କହିଲେ ବି ଯାଆନ୍ତି ନାହିଁ । ନିହାତି ଦରକାର ପଡ଼ିଲେ ଯଦି ଯିବେ ତାହେଲେ ଅତିବେଶୀରେ ଦୁଇଦିନ ରହି ଚାଲିଆସିବେ । ସେମାନେ ସମସ୍ତେ ଯା'ର ଖୁବ୍ ଯତ୍ନ ନିଅନ୍ତି । ଯା ମୁହଁକୁ ଅନେଇ ରହିଥାନ୍ତି । ଯା ପାଟିରୁ କଥା ବାହାରୁ ବାହାରୁ ସେମାନେ ସବୁ ନିର୍ଭୁଲ୍ ଭାବରେ କରିଦିଅନ୍ତି । ସେ ଏବେ ତିନିଦିନ ହେବ ଏଠି ଆସି ଅଛି ଯେ ସେଥିପାଇଁ ଘରେ ସମସ୍ତଙ୍କ ମନ ଖୁବ୍ ଦୁଃଖ । ତିନି ଦିନ ହେଲାଣି ଘରେ ରୋଷେଇ ବନ୍ଦ ।

ଏକଥା ଶୁଣି ମାଉସୀ କହିଲେ, ଆଲୋ ଝିଅ, ସତ କଥା ହେଲା ଆମେ ଯେମିତି ବ୍ୟବହାର ଦେଖେଇବା ସେମିତି ବ୍ୟବହାର ପାଇବା । ଯଦି ଆମେ ଭଲ ବ୍ୟବହାର ଦେଖେଇବା ତାହେଲେ ଭଲ ବ୍ୟବହାର ପାଇବା । ଆଉ ଯଦି ଖରାପ ବ୍ୟବହାର ଦେଖେଇବା ତାହେଲେ ଖରାପ ବ୍ୟବହାର ହିଁ ପାଇବା । ଜଣକୁ ଖରାପ ବ୍ୟବହାର ଦେଖେଇ ଆମେ ଯଦି ତା'ଠାରୁ ଭଲ ବ୍ୟବହାର ଆଶା କରିବା ତାହେଲେ ତାହା ଅମୂଳକ ହବ ନା ! ତାପରେ ଜଣେ ଯଦି ତା ନିରୋଳା ମୁହୂର୍ତ୍ତରେ ନିଜକୁ ତର୍ଜମା କରିବ ତାହେଲେ ସେ ଜାଣି ପାରିବ ଯେ ସେ ଠିକ୍ କରୁଛି କି ଭୁଲ୍ କରୁଛି । ପୁଣି ଯଦି ନିଜକୁ ନିର୍ମଳ ମନ ନେଇ ତର୍ଜମା କଲାପରେ ସେ ଜାଣି ପାରିବ ଯେ ସେ ଠିକ୍ କରୁଛି କି ଭୁଲ୍ କରୁଛି ବା କରିଛି ତାହେଲେ ସେଇ ଅନୁଯାୟୀ ସେ ନିଜକୁ ସୁଧାରିବା ବି ଦରକାର । କିନ୍ତୁ ଯୁକ୍ତିତର୍କ କରି ଭୁଲ୍‌ଟାକୁ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ ।

ପର ଝିଅଟିଏ ଯେତେବେଳେ ନିଜ ଘରଦ୍ୱାର ସବୁକୁ ପର କରିଦେଇ ଗୋଟେ ନୂଆ ଘର ଆଉ ନୂଆ ପରିବେଶକୁ ବୋହୂ ହୋଇ ଆସେ ସେତେବେଳେ ତାକୁ ନୂଆ ଘରର ଲୋକମାନେ ଆପଣେଇ ନନେଲେ ସେ ନୂଆ ଘର ଆଉ ନୂଆ ପରିବେଶ ସହିତ ଖାପ୍ ଖୁଆଇ ଚଳିବ କେମିତି ? ନୂଆ ବୋହୂଟି ଯେତେବେଳେ ତା ପୁରୁଣା ପରିବେଶ ଛାଡ଼ି ନୂଆ ପରିବେଶକୁ ଆସିବ ସେତେବେଳେ ପୁରୁଣା ଅଭ୍ୟାସ ବଶତଃ ସେ ତା ନୂଆ ପରିବେଶରେ ବି ସେମିତି ଚଳିବ ଯେମିତି ଏତେ ବର୍ଷ ଧରି ପୁରୁଣା ପରିବେଶରେ ଚଳିଆସୁଥିଲା । ଯଦି ସେଥିରେ ନୂଆ ଘରେ କାହାର କିଛି ଅସୁବିଧା ନ ହୁଏ ତାହେଲେ ନୂଆ ଘରର ଲୋକମାନେ ସେଇ ଅନୁଯାୟୀ ନିଜକୁ ଖାପ୍ ଖୁଆଇ ନେବା ଦରକାର ଯାହା ଫଳରେ କି ନୂଆ ବୋହୂଟିର ସେ ଘରର ସଦସ୍ୟ ମାନଙ୍କ ପ୍ରତି ସମ୍ମାନବୋଧ ବଢ଼ିଯିବ । ହେଲେ ଯଦି ସେଥିରେ ନୂଆ ଘରେ କାହାର କୌଣସି ପ୍ରକାରର ଅସୁବିଧା ହୁଏ ତାହେଲେ ନୂଆ ପରିବେଶର ନୂଆ ଲୋକମାନେ ତାକୁ ବୁଝେଇ ଶୁଝେଇ ତାର ସେ ଅଭ୍ୟାସକୁ ପରିବର୍ତ୍ତନ କରିବା ଦରକାର । କେତେକ କ୍ଷେତ୍ରରେ ନୂଆ ପରିବେଶର ନୂଆ ଲୋକମାନେ ନୂଆ ବୋହୂ ସହିତ ତାଳ ଦେଇ ଚଳିବା ଦରକାର । ପୁଣି କେତେକ କ୍ଷେତ୍ରରେ ନୂଆ ବୋହୂଟିକୁ ମଧ୍ୟ ନୂଆ ପରିବେଶ ସହିତ ଖାପ୍ ଖୁଆଇ ଚଳିବା ଦରକାର । ପରସ୍ପର ପରସ୍ପରକୁ ବୁଝିବା ଦରକାର ଆଉ ସେଇ ଅନୁଯାୟୀ ପରସ୍ପର ସହିତ ଖାପ୍ ଖୁଆଇ ନେବା ଦରକାର । ସେମିତି ହେଲେ ଘରେ ଆଦୌ ଅଶାନ୍ତି ଲାଗିବ ନାହିଁ ।

ମାଉସୀଙ୍କ କଥା ଶୁଣିବାକୁ ସିପ୍ରାଙ୍କୁ ବହୁତ୍ ଭଲ ଲାଗୁଥିଲା । ତେଣୁ ସେ କହିଲେ, ମାଉସୀ ଦୁନିଆର ସବୁ ଶାଶୂମାନେ ଯଦି ଆପଣଙ୍କ ପରି ବୁଝିଲା ଶୁଝିଲା ହୋଇ ଯାଆନ୍ତେ ତାହେଲେ କୌଣସି ଘରେ କେବେ ହେଲେ ଶାଶୂ ବୋହୂ କଳି ଲାଗନ୍ତା ନାହିଁ ।

ଏଇ ସମୟରେ ନର୍ସ ଆସି ସେମାନଙ୍କୁ ଡାକ୍ତରଙ୍କ ଚାମ୍ବରକୁ ଯିବାକୁ କହିଲା ତ ମା, ପୁଅ ଉଭୟ ଯାଇଥିଲେ । ପ୍ରାୟ ଗୋଟେ ଘଣ୍ଟାଏ ପରେ ସେମାନେ ଫେରିଲେ । ସେମାନେ ଫେରିବା ପରେ ପୁଅ କହିଥିଲା, ଦୁଇ ଦିନ ତଳେ ଖାଇ ସାରି ଶୋଇବାକୁ ଗଲାବେଳକୁ ମା'ର ଛାତିଟା ଜୋର୍‌ରେ କାଟିଲା ବୋଲି ତାକୁ ଏଠାକୁ ଆଣିଥିଲୁ । ଦୁଇଦିନ ହେଲାଣି ଡାକ୍ତର ତାକୁ ଅବ୍‌ଜର୍‌ଭେସନ୍‌ରେ ରଖିଥିଲେ । ଆଉ ଆଜି ପରୀକ୍ଷା କରି କହିଲେ ଯେ ନାଇଁ, କିଛି ଅସୁବିଧା ନାହିଁ । ଯାହା ହେଉ ରକ୍ଷା ହୋଇଗଲା । ନହେଲେ ମଣିଷ ଯେ କେତେ ହଇରାଣ ହୋଇଥାନ୍ତା ! ଯାହାହେଉ ଭଗବାନ ରକ୍ଷା କରିଦେଲେ ।

ଚତୁର୍ଥ ବେଡ୍‌ରେ ପଡ଼ିଥିଲେ ଜଣେ ମୁସଲମାନ ମହିଳା । ତାଙ୍କର ସେବାଯତ୍ନ କରୁଥିଲେ ଜଣେ ମଧ୍ୟ ବୟସ୍କା ମହିଳା । ଉକ୍ତ ମହିଳା ଜଣଙ୍କ ବୟସ୍କା ମହିଳା ଜଣକର ଯେଉଁଭଳି ସେବାଯତ୍ନ କରୁଥିଲେ ତାକୁ ଦେଖି ସିପ୍ରାଙ୍କୁ ଲାଗୁଥିଲା ସେ ବୋଧହୁଏ ବୟସ୍କା ମହିଳାଙ୍କର ଝିଅ । ହେଲେ କିଛି ସମୟ କଥାବାର୍ତ୍ତା ହେଲା ପରେ ସିପ୍ରା ଜାଣିପାରିଥିଲେ ଯେ ସେ ତାଙ୍କର ଝିଅ ନୁହେଁ ବରଂ ବୋହୂ ।

କିଛି ସମୟପରେ ବୟସ୍କା ମହିଳା ଜଣଙ୍କର ପୁଅ ଆସି ପହଞ୍ଚିଥିଲେ । ଉଭୟ ସ୍ୱାମୀ ସ୍ତ୍ରୀ ଦୁଇ ଜଣଯାକ ଖୁବ୍ ମେଳାପି ଥିଲେ । ସମସ୍ତଙ୍କ ସାଥିରେ କଥାବାର୍ତ୍ତା ହୋଇଥିଲେ ।

ଉକ୍ତ ବୟସ୍କା ମହିଳାଙ୍କର ହାର୍ଟ ଅପରେସନ୍ ହେବାର ଥିଲା । ସେ ଖାଲି ଥରକୁ ଥର ଅସ୍ତବ୍ୟସ୍ତ ହୋଇ ପଡୁଥିଲେ । ବେଳେ ବେଳେ ସେ ଖୁବ୍ ଯନ୍ତ୍ରଣାରେ ଚିତ୍କାର କରୁଥିଲେ ତ ବୋହୂ ତାଙ୍କ ଦେହ ମୁଣ୍ଡ ଆଉଁସି

ଦେଉଥିଲା । ତାଙ୍କୁ ଭଲକରି ଘୋଡ଼ା ଘୋଡ଼ି କରି ଦେଉଥିଲା । ସାନ୍ତ୍ୱନା ଦେଉଥିଲା ଆଉ ବଳେଇ ବଳେଇ ତାଙ୍କୁ ଖୁଆଇ ଦବାକୁ ଚେଷ୍ଟା କରୁଥିଲା ।

ସେ ବୋହୂଟି ସ୍ୱାମୀଙ୍କ ବୟସ ପାଖାପାଖି ଥିଲା । ତେଣୁ ବେଳେ ବେଳେ ଉଭୟ ବସି କଥାବାର୍ତ୍ତା ହେଉଥିଲେ । ସେଇ କଥାବାର୍ତ୍ତା ହବା ଛଳରେ ବୋହୂଟି ତା ଶାଶୂଙ୍କ ବିଷୟରେ ସବୁକଥା କହିଥିଲା । ଶାଶୂ ତାର ଦୀର୍ଘ ପଇଁତିରିଶ୍ ଚାଳିଶ୍ ବର୍ଷ ଧରି ଆଥ୍ରାଇଟିସ୍ ରୋଗରେ ପିଡ଼ିତ ଅଛନ୍ତି । ତା ସହିତ ଏଇ ଦୁଇବର୍ଷ ହେବ ତାଙ୍କର ହାର୍ଟ ବେମାରୀ ବି ବାହାରିଥିଲା । ଯାହା ପାଇଁ ଅପରେସନ୍ ନିହାତି ଜରୁରୀ ଥିଲା । ହେଲେ ଆଥ୍ରାଇଟିସ୍ ଥିବାରୁ କେସ୍‌ଟା ଖୁବ୍ ଜଟିଳ ଥିଲା । ତେଣୁ ଅଧିକାଂଶ ଡାକ୍ତର ଅପରେସନ୍ କରିବାକୁ ମନା କରିଦେଇଥିଲେ । ଖାଲି ଔଷଧ ଖାଇବାକୁ ଦେଉଥିଲେ । ହେଲେ ସେଥିରେ ହାର୍ଟର ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ି ବଢ଼ି ଯାଉଥିଲା । ଶୋଇବା ମାତ୍ରେ ଅଣନିଃଶ୍ୱାସୀ ଲାଗୁଥିଲା । ଯେଉଁଥିପାଇଁ ସେ ରାତି ରାତି ଧରି ଶୋଇପାରୁନଥିଲେ । ଶେଷରେ ଏଠାରେ ଦେଖେଇବା ପରେ ଏଠାକାର ଡାକ୍ତର ଅପରେସନ୍ କରିବାକୁ ରାଜି ହୋଇଥିଲେ । ଯଦିଓ ଡାକ୍ତରଙ୍କ ଭାଷାରେ ଅପରେସନ୍‌ଟା ଖୁବ୍ ଜଟିଳ ଥିଲା । ତଥାପି ସେମାନେ ରିସ୍କ ନେଇ ଅପରେସନ୍ କରିବାକୁ ରାଜି ହୋଇଥିଲେ ।

ସେଇଦିନ ହିଁ ତାଙ୍କର ଅପରେସନ୍ ହୋଇଥିଲା । ପ୍ରାୟ ଦୁଇ ଘଣ୍ଟାର ଅପରେସନ୍ ପରେ ସେ ଓ୍ୱାର୍ଡକୁ ଆସିଥିଲେ । ସେ ଓ୍ୱାର୍ଡକୁ ଆସିବା ପରେ ତାଙ୍କୁ ସାଙ୍ଗେ ସାଙ୍ଗେ ସାଲାଇନ୍ ଲାଗଯାଇଥିଲା । ହେଲେ ସାଲାଇନ୍ ଲାଗିବାର ପନ୍ଦର କୋଡ଼ିଏ ମିନିଟ୍ ହୋଇଛି କି ନାହିଁ ସେ ଖୁବ୍ ଜୋର୍‌ରେ ଥରିବାକୁ ଆରମ୍ଭ କଲେ ଆଉ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲେ । ପାଗଳଙ୍କ ପରି ଇଆଡୁ ସିଆଡୁ ଗପିବାକୁ ଲାଗିଲେ ତ ଡାକ୍ତର ତାଙ୍କୁ ସାଙ୍ଗେ ସାଙ୍ଗେ ଆଇ.ସି.ୟୁ. କୁ ନବାକୁ କହିଲେ । ହେଲେ ଆଇ.ସି.ୟୁ. ରେ ଯାଗା ନଥିବାରୁ ସେଠାରୁ ଜଣେ ରୋଗୀଙ୍କୁ କଢ଼ାଯାଇ ତାଙ୍କୁ ଆଇ.ସି.ୟୁ କୁ ନିଆ ଯାଇଥିଲା । ଯେଉଁ ବେଡ୍‌ରୁ ସେ ମହିଳା ଜଣକ ଯାଇଥିଲେ ତା'ର ନମ୍ବର ଥିଲା ୧୦୨ ।

ମହିଳା ଜଣକ ଯିବାର କିଛି ସମୟପରେ ଗୋଟେ ଷ୍ଟ୍ରେଚରରେ ଜଣେ ବୃଦ୍ଧା ସେ ବେଡ୍ ନମ୍ବର ୧୦୨ କୁ ଆସିଥିଲେ । ତାଙ୍କ ପଛେ ପଛେ ଥିଲେ ଜଣେ ବୃଦ୍ଧ । ଦୁଇଜଣଙ୍କ ବୟସ ବୋଧହୁଏ ସତୁରୀ ଉପରେ ଥିଲା । ଉଭୟଙ୍କ ବେଶ ପୋଷାକରୁ ଲାଗୁଥିଲା ଯେ ସେମାନେ ଅତ୍ୟନ୍ତ ଦରିଦ୍ର ଶ୍ରେଣୀର । ଦୁହେଁ ଯାକ ପିନ୍ଧିଥିଲେ ଏକଦମ୍ ମଳି କୋଚଟ ଲୁଗା । ବୃଦ୍ଧା ଜଣକ ଏକଦମ୍ ଫୁଲି ଯାଇଥିଲେ । ତାଙ୍କର କ୍ୟାଥେଡର୍ ବି ଲାଗିଥିଲା । ତାଙ୍କ ସାଙ୍ଗରେ ଆସିଥିବା ବୃଦ୍ଧ ଜଣକ ପିନ୍ଧିଥିଲେ ହାଫ୍ ପ୍ୟାଣ୍ଟ୍ ଆଉ ଫୁଲ୍ ସାର୍ଟ ଯାହାକି ବୋଧହୁଏ କାହିଁ କେଉଁ କାଳରୁ ସଫା ହୋଇ ନଥିଲା । ପାଦରେ ତାଙ୍କର ଥିଲା ହଳେ ଅତି ପୁରୁଣା ସ୍ଲିପର୍ । ମୁଣ୍ଡରେ ଥିଲା ମେଞ୍ଚାଏ ଖଣ୍ଡେ ନୁଖୁରା ପାଚିଲା ବାଳ ଯେଉଁଥିରେ କି କାହିଁ କେଉଁ କାଳରୁ ତେଲ ଟୋପେ ବାଜି ନଥିଲା କିମ୍ବା କୁଣ୍ଡା ବି ହୋଇନଥିଲା । ଏପଟେ ବୃଦ୍ଧା ଜଣକ ବି ପିନ୍ଧିଥିଲେ କାହିଁ କେଉଁ କାଳୁ ସଫା ହୋଇନଥିବା ଅତି ପୁରୁଣା ଲୁଗାଟିଏ । ଆଖିରେ ତାଙ୍କର ପରଳ ମାଡ଼ି ଯାଇଥିଲା । ଆସିବା ପରଠାରୁ ସେ ମନକୁ ମନ ଗୁଣୁ ଗୁଣୁ ହୋଇ କିଛି କହୁଥିଲେ । ହେଲେ ସେ କଥା ସବୁ କିଛି ସ୍ପଷ୍ଟ ଶୁଭୁନଥିଲା । ଅନବରତ ଆଖି ଦୁଇଟିରୁ ତାଙ୍କର ଲୁହ ଝରୁଥିଲା ଯେ ସେ ବାରମ୍ବାର ତାଙ୍କ ଲୁଗା କାନିରେ ଆଖିର ଲୁହ ସବୁକୁ ପୋଛୁଥିଲେ । ହେଲେ ଆଖିରୁ ତାଙ୍କର ଲୁହ ବୋହିବା ବନ୍ଦ ହେଉନଥିଲା ।

ସେ ଦୁହିଁଙ୍କର ବାହାର ଦୁନିଆ ସହିତ କାଣିଚାଏ ବି ସମ୍ପର୍କ ନଥିଲା । ସେମାନଙ୍କ ଦୁନିଆ ସେଇ ଦୁଇଜଣଙ୍କ ଭିତରେ ହିଁ ସୀମିତ ଥିଲା । ତେଣୁ ବୃଦ୍ଧା ଜଣଙ୍କର କଥା ବାହାରକୁ ସ୍ପଷ୍ଟ ଶୁଭୁନଥିଲେ ମଧ୍ୟ ବୃଦ୍ଧଙ୍କର କଥା ବାହାରକୁ ସ୍ପଷ୍ଟ ଭାବରେ ଶୁଭୁଥିଲା । ସେ ଖାଲି ବାରମ୍ବାର ବୃଦ୍ଧାଙ୍କୁ ବିରକ୍ତି ହୋଇ କହୁଥିଲେ । କାଇଁକି ଗୋଟେ ଆସିବା ଦିନ ଠାରୁ କାନ୍ଦି ଚାଲିଛୁ ମ... ? ଯେତେ କହିଲେ ବି ବୁଝୁନୁ । ତୁ ଏମିତି କାନ୍ଦିଲେ କଣ ସେମାନେ ତରଳି ଯାଇ ତେତେ ଦେଖିବାକୁ ଆସିଯିବେ ନା କଣ ? ହେଲେ ବୃଦ୍ଧା ଜଣଙ୍କ କିନ୍ତୁ ତାଙ୍କ କଥା ଶୁଣୁଥିଲେ କି ନାଇଁ କେଜାଣି ସେମିତି କାନ୍ଦୁଥିଲେ ଆଉ ଥରକୁ ଥର ନିଜ ଲୁଗା କାନିରେ ଆଖିର ଲୁହକୁ ପୋଛୁଥିଲେ ।

ବୃଦ୍ଧ ଜଣକ ସେପଟେ ମନକୁ ମନ ଗୁଣୁ ଗୁଣୁ ହୋଇ କିଛି କହୁଥାନ୍ତି ଆଉ ସେ ବେଡ୍ ସାଇଡ୍‌ରେ ନିଜେ ଆଣିଥିବା ବ୍ୟାଗ୍‌ରୁ ଖଣ୍ଡେ ମଶିଣା କାଢ଼ି ସେଠାରେ ଝଡ଼ାଝଡ଼ି କରି ପାରୁଥାନ୍ତି । ତାଙ୍କ କଥା ବାହାରକୁ କିଛି ସ୍ପଷ୍ଟ ଭାବରେ ଶୁଭୁନଥିଲେ ମଧ୍ୟ ଲାଗୁଥାଏ ଯେମିତି ସେ ବୃଦ୍ଧାଙ୍କ ଉପରେ ବିରକ୍ତି ହେଉଛନ୍ତି ।

ମସିଣାଟିକୁ ପାରି ସାରିବା ପରେ ସେ ତା ଉପରେ ଖଣ୍ଡେ ଛିଣ୍ଡା ବେଡ୍‌ସିଟ୍ ବି ବିଛେଇ ଦେଲେ । ତା'ପରେ ବୃଦ୍ଧାଙ୍କ ପାଖକୁ ଆସି କହିଲେ, ତୁ ବସି ଥା, ମୁଁ ଟିକେ ବାହାରୁ ଆସେ । ଏହା କହି ବେଡ୍‌ସିଟ୍‌ଟିଏ ଭଲ ଭାବରେ ଘୋଡ଼େଇ ଦେଲେ । ତା'ପରେ ନିଜ ଗାମୁଛାରେ ତାଙ୍କ ମୁହଁ, ହାତ, ପାଦ ସବୁକୁ ଭଲ ଭାବରେ ପୋଛା ପୋଛି କରି ବାହାରକୁ ଗଲେ ।

ସେ ଚାଲିଯିବା ପରେ ବୃଦ୍ଧା ଜଣକ ସେମିତି ବସି ରହି କାନ୍ଦୁଥିଲେ ଆଉ ଲହରେଇ ଲହରେଇ କାଶୁଥିଲେ । କାଶୁ କାଶୁ ମଝିରେ ମଝିରେ କିଛି ଅସ୍ପଷ୍ଟ ଭାବରେ କହୁଥିଲେ ।

କିଛି ସମୟପରେ ବୃଦ୍ଧ ଜଣକ ଫେରିଲେ ତ ସିପ୍ରା ତାଙ୍କୁ କହିଲେ, ମା' ବୋଧେ ଆପଣଙ୍କୁ ଖୋଜୁଛନ୍ତି ।

ସିପ୍ରାଙ୍କ କଥା ଶୁଣି ସେ କହିଲେ, ନା ମ... ସେ କାହାକୁ କିଛି ଖୋଜୁନି । ଏଠାକୁ ଆସିବା ଦିନଠାରୁ ତାରି ଝିଅମାନଙ୍କୁ ଝୁରିହେଉଛି ।

ଆମର ମା ତିନି ତିନିଟା ଝିଅ । ସେମାନେ ସବୁ ବାହା ସାହା ହୋଇ ଯେଝା ଯେଝା ସଂସାରକୁ ନେଇ ଅଛନ୍ତି । ଆମେ ତିନି ମାସ ହେଲାଣି ଡାକ୍ତରଖାନାକୁ ଆସିଲୁଣି । ହେଲେ ସେମାନଙ୍କ ଭିତରୁ ଜଣେ ବି କେହି ଏଠାକୁ ଆସିବା ତ ଦୂରର କଥା ଫୋନ୍ କରିକି ବି ଆମ କଥା ବୁଝିନାହାନ୍ତି । ଏତେ ବଡ଼ ଡାକ୍ତରଖାନାରେ ଆମେ ଏକୁଟିଆ ବୁଢ଼ା ବୁଢ଼ୀ ଦୁଇଟା କେମିତି ଚଳୁଛୁ । କଣ ଖାଉଛୁ ସେକଥା ଜଣେ ବି କେହି ପଚାରି

ଯାଇ ନାହାନ୍ତି। ଏଇ କଥାକୁ ନେଇ ସେ ଖାଲି ଗୁମୁରି ହଉଛି କଣ ନା ଆମକୁ କେହି ଟିକେ ପଚାରି ଯାଉନାହାନ୍ତି।

କହ ତ ମା ସେଥିପାଇଁ ମୁଁ କ'ଣ କରିବି? ସେମାନଙ୍କୁ ଖବର ଦେଲି। ଏକଥା ବି କହିଲି ଯେ ମା'ର କେତେବେଳେ କଣ ହେଇଯିବ କିଛି କହି ହବନି।। ଡାକ୍ତର ତ ହାତ ଟେକି ଦେଲେଣି। ତାର କୋଉ ବେମାରୀ ନାହିଁ ବୋଲି ନାହିଁ। ଛାତି ବେମାରୀ, କିଡ୍‌ନୀ ବେମାରୀ, ଲିଭର ବେମାରୀ, ହାତ ଗୋଡ଼ ବେମାରୀ ଏମିତି ସବୁ ବେମାରୀ ଅଛି। ଦେଖୁନ କେମିତି ଫୁଲି ଗଲାଣି। ଡାକ୍ତର କହୁଛନ୍ତି ଆଉ କିଛି କରିହବନି। ଏଇ ଔଷଧରେ ଯେତିକି ଦିନ ବଞ୍ଚିବ ସେ। ଆଉ ଭଲ ହବାର ଆଶା ନାହିଁ ଜାଣି ବି ମୁଁ ତାକୁ ଘରକୁ ନେଇ ପାରୁନି କି ମୁଁ ନିଜେ ଯାଇ ପାରୁନି। ଏଇ ଡାରି ପାଖେ ବନ୍ଧା ପଡ଼ିଛି। ମୁଁ ଚାଲିଗଲେ ତା କଥା ଏଠି ବୁଝିବ କିଏ? ତାପରେ ତାକୁ ମୁଁ ଗାଁ'କୁ ବି ନେଇପାରୁନି। କାରଣ ମୋର ମା ଗାଁରେ ଝାଟି ମାଟିର କୁଡ଼ିଆଟେ ଛାଡ଼ିଦେଲେ କିଛି ବୋଲେ କିଛି ନାହିଁ। ମୁଁ ଭିକ ମାଗିକି ଆଣିଲେ ଆମେ ଦୁଇ ପ୍ରାଣୀ ଚଳୁ। ଏବେ ୟାକୁ ନେଇ ଘରକୁ ଗଲେ ମୁଁ ତାକୁ ଘରେ ଏକୁଟିଆ ଛାଡ଼ି କୁଆଡ଼େ ଯିବି। ଏଠି ହେଲେ ଦୁଇ ଓଳି ଖାଇବାକୁ ମିଳିଯାଉଛି। ସେଥିପାଇଁ ଡାକ୍ତର ହାତ ଟେକି ଦେଇଥିଲେ ବି ମୁଁ ତାକୁ ଧରି ଏଠି ପଡ଼ିରହିଛି। ସେ ତ ଶୀଘ୍ର ମରୁନି, ମତେ ଯାହା ପ୍ରତି ମୁହୂର୍ତ୍ତରେ ଦହ ଗଞ୍ଜ କରି ମାରୁଛି। ଏତିକି କହି ବୃଦ୍ଧ ତର ତର ହୋଇ ସେଠାରୁ ଚାଲିଗଲେ। କାରଣ ଆଉ ଟିକିଏ ଅଧିକ ସମୟ ରହିଥିଲେ ସେ ବୋଧେ ସେଇଠି ସିପ୍ରାଙ୍କ ଆଗରେ କାନ୍ଦି ପକେଇଥାନ୍ତେ।

ତାପରେ ବୃଦ୍ଧାଙ୍କ ପାଖକୁ ଯାଇ ସେ ତାଙ୍କୁ ଗାଳି ଦେଇ କହିଲେ ହେଃ... ରହମ। ନ ଶୋଇକି କାହିଁକି ଗୋଟେ ଯାତ୍ରା କରୁଛୁ କହ ତ। ଏତିକି କହି ସେ ତାକୁ କିଛି ଖାଇବା ବଢ଼େଇ ଦେଇ କହିଲେ, ନେ... ଏତକ ଖାଇ ଦେ। ଖାଇଦେଲେ ମେଡ଼ିସିନ୍ ଖାଇକି ଶୋଇବୁ।

ବୁଢ଼ୀ ବୁଢ଼ାର ହାତକୁ ଠେଲିଦେଇ କହିଲେ ନା ଥାଉ, ମତେ ଭୋକ ନାଇଁ। ମୁଁ ଖାଇବିନି। ତାଙ୍କ ପାଟିରୁ ଏତକ କଥା ସରିଛି କି ନାଇଁ ସେ ପୁଣି ଲହରେଇ ଲହରେଇ କାଶିବା ଆରମ୍ଭ କରିଦେଲେ। ଏହା ଦେଖି ବୁଢ଼ା ବିରକ୍ତି ହୋଇ କହିଲେ, ନ ଖା, ମର ନା ତୁ ନିଜେ ଶୀଘ୍ର ମରୁଛୁ, ନା ମତେ ବଞ୍ଚିବାକୁ ଦଉଛୁ। ତୁ ବୋଧେ ଅପେକ୍ଷା କରିଛୁ। ମୁଁ ମଲାପରେ ଯାଇ ତୁ ମରିବୁ। ଏତିକି କହି ବୁଢ଼ା ଯାଇ ମଶିଣା ଉପରେ ଶୋଇ ପଡ଼ିଲେ।

କିଛି ସମୟପରେ ବୁଢ଼ୀ ବୋଧେ ପିଇବାକୁ ପାଣି ମାଗିଲେ କି କଣ ବୁଢ଼ା ଗୋଟେ ଗିନାରେ ଅଳ୍ପ କିଛି ପାଣି ଆଣି ପିଇବାକୁ ଦେଲେ। ପାଣି ତକ ବୁଢ଼ୀ ଠିକ୍‌ରେ ପିଇ ପାରିଲେ ନାହିଁ କି କଣ କିଛି ପାଣି ତାଙ୍କ ପାଟିର ଦୁଇପଟରୁ ବୋହି ଆସି ଲୁଗାପଟା ଓଦା ହୋଇଗଲା।

ଏହା ଦେଖି ଚିହିଙ୍କି ଉଠିଲେ ବୃଦ୍ଧ। ଗିନାଟାକୁ ବୁଢ଼ୀ ମୁହଁରୁ ଟାଣି ଆଣି କହିଲେ, କି ମଣିଷଟା ହୋଇଛୁ ମ, ପାଣି ଟିକେ ବି ଠିକ୍‌ରେ ପିଇ ପାରୁନୁ। ତୁ କଣ ଦିନକୁ ଦିନ ଛୁଆ ହେଇଯାଉଛୁ? ଗଲା ତିନି ମାସ ହେଲାଣି କେତେ ହଇରାଣ କଲୁଣି ତୁ ମତେ? ଯିଏ ଯାହାର ବାଟ କାଟି ତତେ ଛାଡ଼ି ପଳେଇଲେ, ମୁଁ ଯାହା ତତେ ଧରି ଘାଣ୍ଟି ହଉଛି। ନା ତତେ ଟିକେ ବିଷ ଦେଇପାରୁଛି। ନା ନିଜେ ଟିକେ ବିଷ ପିଇ ପାରୁଛି। ତିନି ମାସ ହୋଇଗଲାଣି। ନା ଶାନ୍ତିରେ ତୁ ମତେ ଗଣ୍ଡେ ଖୁଆଇ ଦେଉଛୁ, ନା ଶାନ୍ତିରେ ମୁହୂର୍ତ୍ତେ ଶୁଆଇ ଦେଉଛୁ। ନା ତତେ ଛାଡ଼ି ମୁଁ କୁଆଡ଼େ ଯାଇପାରୁଛି। ଜୀବନଟା ମୋର ନର୍କ କରି ଦେଲୁଣି। କୋଉ ଜନ୍ମରେ କି ପାପ କରିଥିଲୁ କେଜାଣି ଏ ଜନ୍ମରେ ଏତେ ସରି ହେଲା ପରେ ବି ତୋ ଜୀବନଟା ଛାଡୁନି। ମୁଁ ବି କୋଉ ଜନ୍ମରେ କି ପାପ କରିଥିଲି କେଜାଣି ଏ ଜନ୍ମରେ ତୋ ସାଙ୍ଗେ ମୁଁ ବି ଘାଣ୍ଟି ହଉଛି।

ଏତିକି କହି ବୁଢ଼ା ରାଗ ତମ୍ ତମ୍ ହୋଇ ଶୋଇବାକୁ ଚାଲିଗଲେ। ସେ ଏତେ କଥା କହିଗଲେ ବି ବୁଢ଼ୀଙ୍କର ସାମାନ୍ୟ ପ୍ରତିକ୍ରିୟା ନଥିଲା। ସେ ସେମିତି ଖଟଟା ଉପରେ ଦୁଆର ମୁହଁକୁ ଚାହିଁ ବସି ରହିଥିଲେ। ବୋଧେ ଅପେକ୍ଷା କରି ରହିଥିଲେ ତାଙ୍କର ତିନି ଝିଅ ଭିତରୁ କେହି ଜଣେ ବୋଧହୁଏ ସେଇ ସାଙ୍ଗେ ସାଙ୍ଗେ ତାଙ୍କୁ ଦେଖିବାକୁ ଆସିବ, ଆଉ ତାଙ୍କୁ ଆଉଁସି ଦେଇ ତାଙ୍କ ଦେହ ପା କଥା ପଚାରିଦେବ। ସେଥିପାଇଁ ବୋଧହୁଏ ଏତେ କଷ୍ଟ ସତ୍ତ୍ୱେ ଜୀବନଟା ତାଙ୍କର ଛାଡୁନଥିଲା।

ସେମାନେ ଆସିବା ବେଳଠାରୁ ସିପ୍ରା ଯେ ସେମାନଙ୍କର ପ୍ରତିଟି କାର୍ଯ୍ୟକଳାପକୁ ଲକ୍ଷ କରୁଥିଲା ଏକଥା ବୁଢ଼ା ବୁଢ଼ୀ ଦୁଇଜଣଙ୍କୁ ଜଣାନଥିଲା।

ପାଖାପାଖି ଅଧଘଣ୍ଟା ଯାଇଛି କି ନାଇଁ ସିପ୍ରା ଲକ୍ଷ କଲେ ବୁଢ଼ା ତାଙ୍କ ଶୋଇବା ଯାଗାରୁ ପୁଣି ଉଠି ଆସିଲେ। ବୁଢ଼ୀଙ୍କ ମଥାକୁ ଆଉଁସି ଦେଇ କଅଁଳେଇ କହିଲେ, କାଇଁ ଏତେ ହଇରାଣ କରୁଛୁ କହ... ? ତୁ ତ ଜାଣିଛୁ ତୁ ନ ଖାଇଲେ ମୁଁ ଖାଏନି। ତୁ ଖାଇଲୁନି ବୋଲି ମୁଁ ବି ଖାଇଲିନି। ମତେ ଏବେ ଜୋର୍‌ରେ ଭୋକ ଲାଗୁଛି ଯେ ମତେ ନିଦ ଆସୁନି। ତୁ ଟିକେ ଖାଇଦେଲେ ମୁଁ ତତେ ଔଷଧ ଦେଇ କି ମୁଁ ନିଜେ ଖାଇବି। ସେମାନେ ତ ସବୁ ଶୁଣିଲେ, ଜାଣିଲେ। ହେଲେ ବି ଆସୁନାହାନ୍ତି। କାହିଁକି ସେମାନଙ୍କୁ ଏମିତି ଝୁରି ହୋଇ ତୁ ନିଜକୁ ଏତେ କଷ୍ଟ ଦଉଛୁ? ଖାଲି ନିଜକୁ କଷ୍ଟ ଦଉନୁ ତ ମତେ ବି କଷ୍ଟ ଦଉଛୁ। ତୁ କଣ ଭାବୁଛୁ ମତେ କଷ୍ଟ ହଉନି? ବହୁତ କଷ୍ଟ ହେଉଛି ଲୋ। ହେଲେ ମୁଁ ଖାଲି ତୋ ମୁହଁକୁ ଚାହିଁକି ଏ କଷ୍ଟ ସବୁକୁ ସହି ଯାଉଛି। ବେଳେ ବେଳେ ତ ଆତ୍ମହତ୍ୟା କରିଦେବାକୁ ମନ ଡାକୁଛି। ହେଲେ ମୁଁ ମରିଗଲେ ତୁ ଏକୁଟିଆ କେମିତି ବଞ୍ଚିବୁ। କ'ଣ କରିବୁ ଏଇ କଥା ଭାବି ମୁଁ ମରି ବି ପାରୁନି ଲୋ।

ବୁଢ଼ୀଙ୍କ କଥା ସବୁ ଯଦିଓ ବାହାରକୁ ଶୁଭୁଥିଲା ହେଲେ କିଛି ବୁଝାପଡୁନଥିଲା କାରଣ ସେ ଯାହା କହୁଥିଲେ ଗୁଣୁ ଗୁଣୁ ହୋଇ କହୁଥିଲେ। ସେଥିରେ ପୁଣି ତାଙ୍କ ପାଟି ଲାଗୁଥିଲା। ହେଲେ ବୁଢ଼ାଙ୍କର ସବୁକଥା କିନ୍ତୁ ବାହାରକୁ ସ୍ପଷ୍ଟ ଭାବରେ ଶୁଭୁଥିଲା।

ବୁଢ଼ୀଙ୍କ ପାଖରେ ବସି ବୁଢ଼ା ତାଙ୍କୁ ବୁଝେଇଥିଲେ। କହିଥିଲେ, ଦେଖ୍, ତୁ ପାଣି ଟିକିଏ ବି ଠିକ୍‌ରେ ପିଉନୁ। ଏମିତି ପିଉଛୁ ଯେ ତୋ ଲୁଗାପଟା ଶେଯ ସବୁଥିରେ ପାଣି ପଡ଼ି ଓଦା ହୋଇଯାଉଛି। ସେଥିରେ

ଥଣ୍ଡା ହବନି ? ଦେଖୁଛୁ ଏତେ ଔଷଧ ଖାଇଲା ପରେ ବି ତୋ କାଶଟା ଛାଡୁନି। ଥଣ୍ଡା ଗଲା ଲାଗି ରହିଛି। ମୋର ବି ତ ବୟସ ହେଲାଣି। କେତେ ଆଉ କରିବି କହ। ଔଷଧ ପତ୍ର ଖାଇ ଟିକେ ଶୀଘ୍ର ଭଲ ହେଇଯା। ତୁ ଯେତେ ଶୀଘ୍ର ଭଲ ହେବୁ, ଆମେ ସେତେ ଶୀଘ୍ର ଗାଁକୁ ଯିବା। କେତେ ଦିନ ଆମେ ଆଉ ଏଠି ପଡ଼ି ରହିବା ?

ବୁଢ଼ୀ କିଛି ବି କହୁନଥିଲେ। ସେ ବୁଢ଼ାଙ୍କ କଥା ସବୁକୁ ଶୁଣୁଥିଲେ କି ନାହିଁ କେଜାଣି ତାଙ୍କ ନଜର କିନ୍ତୁ ସେଇ ମୁଖ୍ୟ ଦୁଆର ପାଖରେ ହିଁ ଥିଲା।

ଏମିତି ବୁଝେଇ ସାରିବା ପରେ ବୃଦ୍ଧ ପୁଣି କିଛି ଖାଇବା ଆଣି ବୁଢ଼ୀଙ୍କୁ ଦେଲେ ତ ସେ ଆଉ କିଛି ଅଝଟ ନ କରି ଚୁପଚାପ୍ ସେତକ ଖାଇଦେଲେ। ତାପରେ ବୁଢ଼ା ତାଙ୍କ ମୁହଁ ପୋଛି ଦେଇ ତାଙ୍କୁ ଖୁଆଇ ଦେଇ ପାଣି ପିଆଇଦେଲେ। ତାପରେ ତାଙ୍କୁ ଶୁଆଇଦେଇ ଭଲ ଭାବରେ ଘୋଡ଼େଇ ଦେଇ ନିଜେ ବସି ଖାଇଲେ। ତାପରେ ଶୋଇବାକୁ ଗଲେ।

ସିପ୍ରାଙ୍କର ଆଉ କୁଆଡ଼କୁ ନିଘା ନଥିଲା। ସେ ଖାଲି ଦେଖୁଥିଲେ ବୁଢ଼ା ବୁଢ଼ୀଙ୍କର ଅନାବିଳ ପ୍ରେମକୁ। ଭାବୁଥିଲେ ଦୁଇଜଣଙ୍କ ଭିତରୁ କେବେ ଯଦି କାହାର ହଠାତ୍ କିଛି ହୋଇଯାଏ ତାହେଲେ ଆର ଜଣକ ସତରେ ବଞ୍ଚିବ କେମିତି ? ଏବେ ତ ଦୁଇଜଣ ଦୁଇ ଜଣଙ୍କ ପାଇଁ ବଞ୍ଚିଥିଲେ।

ଏଇ ସମୟରେ ନର୍ସର ପାଟିରେ ହଠାତ୍ ସମ୍ବିତ୍ ଫେରି ପାଇଲେ ସିପ୍ରା।

ଅନ୍ୟ ଏକ ବେଡ୍‌ରେ ପଡ଼ିଥିବା ଜଣେ ବୃଦ୍ଧାଙ୍କୁ ନର୍ସ ପଚାରୁଥିଲେ ମାଉସୀ ତମ ଆଟେନ୍‌ଡାଟ୍ କିଏ ?

ମୋ ପୁଅ।

ସେ କୁଆଡ଼େ ଗଲେ ? ତାଙ୍କୁ ଡାକ। କିଛି ମେଡ଼ିସିନ୍ ଆଣିବାର ଅଛି।

ସେ ଏବେ ଥିଲା। ଏଇ ସାଙ୍ଗେ ସାଙ୍ଗେ ଗଲା। ରାତି ଦଶଟା ବାଜିଲାଣି ନା..., ଗାଁ ବସ୍ ପଳେଇବ। ସେଥିପାଇଁ ପଳେଇଲା। କହିଲେ ବୃଦ୍ଧା ଜଣକ।

- ସେ କାଲି ଆସିବେ ତ ? ପଚାରିଲେ ନର୍ସ।

- ହଁ, ହଁ କାଲି ଆଠଟା ସୁଦ୍ଧା ଆସି ପହଞ୍ଚିଯିବ।

- ତମର କଣ ସେଇ ଗୋଟିଏ ପୁଅ ?

- ନାଇଁ ମା... ମୋର ତିନି ପୁଅ, ତିନି ବୋହୂ। ହେଲେ ସାନ ପୁଅଟି ଯାହା ମା ବୋଲି ପଚାରିଯାଏ। ହେଲେ ସେ ବିଚରା କରିବ କ'ଣ ? ଗୋଟେ ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରିଛି। କାମରେ କିମ୍ବା ଯିବା ଆସିବାରେ ଟିକିଏ ଏପଟ ସେପଟ ହେଇଗଲେ ଚାକିରୀ ପଳେଇବ। ସେଥିପାଇଁ ସକାଳେ କାମକୁ ଯିବା ପୂର୍ବରୁ ଆଉ ରାତିରେ କାମରୁ ଫେରିବା ପରେ ମୋ କଥା ବୁଝିଦେଇ ଯାଏ।

- ଆଉ ଅନ୍ୟମାନେ ?

- ଆର ଦୁଇ ପୁଅ କହିଲେ, ତୋ ଅପରେସନ୍ କେମିତି ହବ ତୁ ବୁଝ। ଏକା ଥରେ ଏତେଦିନ ଛୁଟିନେଲେ ଆମ ଚାକିରୀ ପଳେଇବ। ଆଉ ଆମ ଚାକିରୀ ପଳେଇଲେ ଆମ କଥା ଆଉ ଆମ ପରିବାର କଥା କିଏ ବୁଝିବ ? ସେମାନେ ଯେତେବେଳେ ପୁଅ ହୋଇ ଏକଥା କହୁଛନ୍ତି ମୁଁ ସେମାନଙ୍କୁ ଆଉ କ'ଣ କହିବି କହୁନ ଝିଅ।

- ଆଉ ବୋହୂମାନେ ?

- ସେମାନେ ତ ସିଧା ସିଧା କହିଦେଲେ ଆମେ ଛୁଟି ନେଇ ଘରେ ବସିକି ତୁମ ସେବା କରିପାରିବୁନି। ବୁଢ଼ୀ ପୁଅ ବୋହୂଙ୍କର କୌଣସି କଥାକୁ ଲୁଚେଇବାକୁ ଚେଷ୍ଟା ନ କରି ସଫା ସଫା କହି ଦେଉଥିଲା।

- କଣ ତିନି ଚାରି ଦିନ ବି ଛୁଟି ନେଇ ପାରିବେନି ? ତାହେଲେ ଆଉ କେତେବେଳେ ଛୁଟି ନେବେ ? ଆଉ ସେମାନଙ୍କ ଅବସ୍ଥା ଯେତେବେଳେ ଏମିତି ହବ ସେତେବେଳେ ? ସେତେବେଳେ ସେମାନଙ୍କର କିଏ କରିବ ? ସେମାନେ ବୋଧେ ଭାବୁଛନ୍ତି ସେମାନଙ୍କର ବଳ ବୟସ ସବୁବେଳେ ଏମିତି ଥିବ। ପଚାରିଲେ ନର୍ସ।

- କେଜାଣି ଝିଅ, ସେକଥା ସେମାନଙ୍କୁ ଜଣା। ମୋର ତ ଫଟା କପାଳ। ମୁଁ ଦୋଷ ଦେବି କାହାକୁ ? କାହିଁକି ବା ଦେବି ? ଯାହା ମୋ କପାଳରେ ଲେଖାଅଛି ସେଇଆ ଭୋଗୁଛି। ଦୋଷ ଦେଇ ଲାଭ କ'ଣ ?

- ହଉ ମାଉସୀ, ଶୋଇପଡ଼। ତୁମର କାଲିକୁ ଅପରେସନ ହବ। ତେଣୁ ଇଆଡୁ ସିଆଡୁ କିଛି ଚିନ୍ତା ନ କରି ଶୋଇପଡ଼। କାଲି ପୁଅ ଆସିଲେ ମତେ କହିବ। ଅପରେସନ୍ ପୂର୍ବରୁ ତାଙ୍କୁ କେତେ ଗୁଡ଼ାଏ କାଗଜପତ୍ରରେ ଦସ୍ତଖତ କରିବାକୁ ପଡ଼ିବ ଆଉ କିଛି ଔଷଧ ବି ଆଣିବାକୁ ପଡ଼ିବ।

ଏତିକି କହି ନର୍ସ ତାଙ୍କ ପାଖ ବେଡ଼୍‌ରେ ପଡ଼ିଥିବା ଅଳ୍ପ ବୟସର ଲୋକଟି ପାଖକୁ ଯାଇଥିଲେ ଯାହାର ବୟସ ଚାଳିଶରୁ ପଇଁଚାଳିଶ ଭିତରେ ଥିଲା ଏବଂ ତା'ର ଅପରେସନ ବି ସରିଯାଇଥିଲା। ତା ପାଖରେ ବସିଥିଲେ ତା ସ୍ତ୍ରୀ ଆଉ ତା'ର ଚଉଦ ପନ୍ଦର ବର୍ଷ ବୟସର ପୁଅ। ସେମାନେ ବ୍ରହ୍ମପୁରରୁ ଆସିଥିଲେ। ତିନି ଦିନ ତଳୁ ଲୋକଟିର ଅପରେସନ୍ ସରିଯାଇଥିଲା। ଆଉ ସବୁ ଠିକ୍ ଠାକ୍ ଥିଲା। ତେଣୁ ରାତି ପାହିଲେ ତା'ର ଡାକ୍ତରଖାନାରୁ ଡିସ୍‌ଚାର୍ଜ ହବାର ଥିଲା।

ନର୍ସ ତା ପାଖକୁ ଯାଇ ପଚାରିଲେ, କ'ଣ ଏବେ ଭଲ ଲାଗୁଛି ତ ?

ମୁଣ୍ଡ ହଲେଇ ହଁ କହିଲା ଲୋକଟି।

ନର୍ସ କହିଲେ ଏସବୁ ଯାହା ବି ହୋଇଛି କେବଳ ସେଇ ମଦପିଆ ଆଉ ବିଡ଼ି ଟଣାରୁ ହୋଇଛି। ଏବେ ଯେମିତି ମଦକୁ ନ ଛୁଅଁ ଆଉ ବିଡ଼ିକୁ ନ ଚାହିଁ। ସେସବୁକୁ ଖାଇବା ବେଳେ ଏଇ ପୁଅ ଆଉ ସ୍ତ୍ରୀ କଥା ଭାବିବ। ହଁ, ଆହୁରି ଗୋଟେ ଝିଅ ବି ପରା ତମର ଅଛି ?

ଆଛା, ତୁମେ ତ ଅଟୋ ଚଲଉଛ। ସେଥିରୁ ଯେତିକି ରୋଜଗାର ହେଉଥିବ ସେଥିରେ ନିଜ ପରିବାର ଚଳେଇବା କଷ୍ଟ ହେଉଥିବ। ଏ ନିଶା ପାଣି, ବିଡ଼ି ସିଗ୍ରେଟ୍ ଗଞ୍ଜେଇ ପାଇଁ ପଇସା ପାଉଛ କେଉଁଠୁ ? ଏ ନିଶା ପାଣି ପଛରେ ଯେତିକି ପଇସା ଉଡ଼ଉଛ ସେତିକି ପଇସାରେ ହେଲେ ଭଲରେ ଗଣ୍ଡେ ଖିଆ ପିଆ କରନ୍ତ କିମ୍ବା ତୁମ ପୁଅର ପଢ଼ାପଢ଼ି ପଛରେ ଖର୍ଚ୍ଚ କରନ୍ତ। କେବେ କେବେ ତୁମ ସ୍ତ୍ରୀ ପାଇଁ ବି ଛୋଟ ଛୋଟ କିଛି ଉପହାର ଆଣିଦିଅ। ତୁମର ଆଉ ପରିବାରର ମଙ୍ଗଳ ପାଇଁ ସେ କେତେ ଦିଅଁ ଦେବତା ଓଷା ବ୍ରତ କରୁଛନ୍ତି। ତାଙ୍କ ଶଙ୍ଖା ସିନ୍ଦୁରକୁ

ବଞ୍ଚେଇ ରଖିବା ପାଇଁ ସେ ନିତି ନିତି କେତେ ଦିଅଁ ଦେବତାଙ୍କୁ ଡାକୁଛନ୍ତି। ତାଙ୍କରି ସେଇ ପୂଜା ବ୍ରତ ପାଇଁ ଠାକୁର ଆଜି ତୁମକୁ ବଞ୍ଚେଇ ଦେଲେନି ତ ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଠାକୁର ତାଙ୍କୁ ତାଙ୍କ ଶଙ୍ଖା ସିନ୍ଦୁରକୁ ଫେରେଇ ଦେଇଛନ୍ତି। ହେଲେ ଯା ପରେ ବି ଯଦି ତୁମେ ନିଜକୁ ଏ ନିଶା ପାଣି ଠାରୁ ଦୂରେଇ ନ ରଖିବ ତାହେଲେ ଠାକୁର ବି ଧୀରେ ଧୀରେ ପଥର ପାଲଟିଯିବେ। ସେ ବି ବଧିର ହୋଇଯିବେ। ତୁମର କି ତୁମ ସ୍ତ୍ରୀଙ୍କର ଆକୁଳ ପ୍ରାର୍ଥନା ତାଙ୍କୁ ଆଉ ଶୁଭିବନି।

– ହଁ ଶୁଣ, ନିୟମିତ ଔଷଧ ଖାଇବ। ଔଷଧ ଖାଇବା ଦିନଟିଏ ପାଇଁ ବି ବନ୍ଦ୍ କରିବନି। ଔଷଧ ବନ୍ଦ ତ ତମ ହାର୍ଟ ବନ୍ଦ। ତେଣୁ ଏବେ ଠାରୁ ସତର୍କ ହେଇଯାଅ। ଫେରି ଯାଉ ଯାଉ କହିଲେ ନର୍ସ।

ସେଇ ସମୟରେ ତାଙ୍କ ନଜର ପଡ଼ିଲା ପାଖରେ ଠିଆ ହୋଇଥିବା ସେ ଲୋକଟିର ପୁଅ ଉପରେ। ତାକୁ ଦେଖି ହସିଦେଇ ପଚାରିଲେ, କ'ଣ ବାବୁ, ଏବେ ଖୁସି ତ? ସେଦିନ କେତେ କାନ୍ଦୁଥିଲୁ? ଏଠୁ ଗଲାପରେ ମନ ଦେଇ ପାଠ ପଢ଼ିବୁ। ଏଥର ଦଶମ ଶ୍ରେଣୀ ପରୀକ୍ଷା ସବୁ ପରା? ହଉ, ପରୀକ୍ଷା ଫଳ ବାହାରିବା ପରେ କ'ଣ ହେଲା ମତେ କହିବୁ। ବାପାଙ୍କୁ ପୁରା ଗୋଡ଼େ ଗୋଡ଼େ ଜଗିଥିବୁ।

ସକାଳ ଦଶଟାରୁ ରାତି ଦଶଟା। ହସ୍‌ପିଟାଲ୍‌ରେ ଏତିକି ସମୟ ସେ ରୁହନ୍ତି। ସେତିକି ସମୟ ଭିତରେ ସିପ୍ରା କେବଳ ସେଇ ଲୋକଟିର ସ୍ତ୍ରୀ ସହିତ ଯାହା କଥା ବାର୍ତ୍ତା ହୋଇପାରନ୍ତି। ତାରି ସହିତ ମିଳାମିଶା କରିପାରନ୍ତି। କାରଣ ସେ ସ୍ତ୍ରୀ ଲୋକଟି ଖୁବ୍ ମିଶାଣିଆ ଆଉ ଖୋଲା ସ୍ୱଭାବର ଥିଲା। ଆଉ ସିପ୍ରାଙ୍କର ଗୋଟେ ପ୍ରକୃତି ଥିଲା ଯେ ଜଣକ ସାଙ୍ଗରେ ମାତ୍ର ଚାରି ପାଞ୍ଚ ପଦ କଥା ହେଲା ପରେ ସେ ଜାଣିପାରନ୍ତି ଯେ ସେ ତା ସହିତ ମିଶି ପାରିବେ କି ନାହିଁ। ସେଇ ଅନୁଯାୟୀ ସେ ସମ୍ପର୍କରେ ଆଗକୁ ବଢ଼ନ୍ତି ନହେଲେ ପଛକୁ ଫେରନ୍ତି ଅଥବା ସେଇଠି ଅଟକି ଯାଆନ୍ତି।

ନର୍ସ ଚାଲିଯିବା ପରେ ସ୍ତ୍ରୀ ଲୋକଟି ସିପ୍ରାଙ୍କୁ ପଚାରିଲା। ଦିଦି ଆପଣ କ'ଣ ଆଜି ଏଇଠି ରହିବେ?

ସିପ୍ରା କହିଲେ ନା... ଏବେ ଯିବି ପୁଣି କାଲିକି ଆସିବି।

– ହଉ ଦିଦି, ହେଲେ କାଲି ଆପଣ ଆସିବା ବେଳକୁ ଆମେ ବୋଧେ ଆଉ ଏଠାରେ ନଥିବୁ। ଚାଲି ଯାଇଥିବୁ। ହଉ ଦିଦି, ଆମକୁ ମନେ ରଖିଥିବେ। ଜାଣିନି, କାହିଁକି କେଜାଣି ଏଇ ଚାରିଦିନ ଭିତରେ ଆପଣ ମତେ ଭାରି ନିଜର ନିଜର ଲାଗିଲେ।

ତାପରେ ସେ ବଖାଣି ବସିଲା ତା ନିଜ କଥା। ତା ସ୍ୱାମୀଙ୍କ କଥା ଆଉ ତା ପୁଅ ଝିଅଙ୍କ କଥା। ସ୍ୱାମୀ ତାର ଆଗରୁ ଜମା ମଦ ପିଉ ନଥିଲେ। ଏଇ ଦୁଇ ତିନି ବର୍ଷ ହବ ସାଙ୍ଗ ମାନଙ୍କ ମେଳରେ ପଡ଼ି ବଦଭ୍ୟାସ ଆରମ୍ଭ କରିଥିଲେ। ସେଇ ବଦଭ୍ୟାସରୁ ଆଜିର ଏ ଅବସ୍ଥା। ପୁଅର ତାର ଏଥର ଦଶମ ପରୀକ୍ଷା ଦବ। ଝିଅକୁ ମାଉସୀ ଘରେ ଛାଡ଼ି ସେମାନେ ଏଠାକୁ ଆସିଛନ୍ତି।

ନିଜ କଥା ସବୁ କହିସାରିବା ପରେ ସ୍ତ୍ରୀ ଲୋକଟି ସିପ୍ରାଙ୍କ ବେଡ୍‌ର ଆରପଟେ ବସିଥିବା ଗୋଟେ ଅଳ୍ପ ବୟସର ସ୍ତ୍ରୀ ଲୋକଟିକୁ ଠାରରେ ଦେଖେଇ ପଚାରିଲା, କହିଲ ଦିଦି, ସେ ରୋଗୀ ପାଖରେ ବସିଥିବା ସେ ଝିଅଟି ତାର କିଏ?

ବୋଧେ ସେ ପେସେଣ୍ଟ୍‌ର ଝିଅ ନହେଲେ ବୋହୂ ହୋଇଥିବ। କହିଲେ ସିପ୍ରା।

ନାହିଁ ହେ ଦିଦି। ଚାରିଦିନ ହେଲାଣି ଆସିଲାଣି। ଦିନ ରାତି ଚବିଶ୍ ଘଣ୍ଟା ଏଇଠି ବସିକି ରହିଛି। କୁଆଡ଼କୁ ଯାଉନି। ହେଲେ ଏ ଯାଏଁ ଜାଣିନ ସେ ସ୍ତ୍ରୀ ଲୋକଟି ସେ ରୋଗୀର କିଏ? ସେ ପରା ତାଙ୍କ ସ୍ତ୍ରୀ ହେ। ବ୍ରହ୍ମପୁରୀ ଭାଷାରେ କହିଲା ସ୍ତ୍ରୀ ଲୋକଟି।

ଏଁ... ସ୍ତ୍ରୀ? ମୁଁ ତ ଭାବିଥିଲି ସେ ତାର ଝିଅ ନହେଲେ ବୋହୂ ହୋଇଥିବ। କହିଲେ ସିପ୍ରା।

– ନାଇଁ ହେ, ସେ ତାର ଦ୍ୱିତୀୟ ପକ୍ଷ ସ୍ତ୍ରୀ।

ସିପ୍ରା ଆସିବା ଦିନଠାରୁ ଯଦିଓ ସେ ଝିଅଟିକୁ ଦେଖୁଥିଲେ ହେଲେ ତା ସାଥିରେ କେବେ କଥା ହେବାର ସୁଯୋଗ ପାଇନଥିଲେ। କାରଣ ଝିଅଟି ଏତେ ମିଶାଣିଆ ସ୍ୱଭାବର ନଥିଲା। ତା ପେସେଣ୍ଟ୍‌ର କାମ ସରିଗଲେ ସେ ଚୁପଚାପ୍ ଶୋଇପଡୁଥିଲା।

ସିପ୍ରା ବୁଝିପାରୁନଥିଲେ ଏ ସ୍ତ୍ରୀ ଲୋକଟି ତା ବିଷୟରେ ଏତେ କଥା ଜାଣିଲା କେମିତି? ବୋଧହୁଏ ସେ ରାତିରେ ଘରକୁ ଆସିବା ପରେ ସେମାନେ ପରସ୍ପର ସହିତ କଥା ହୁଅନ୍ତି ଯେଉଁଥିପାଇଁ ଏ ସ୍ତ୍ରୀ ଲୋକଟି ତା ବିଷୟରେ ଏତେ କଥା ଜାଣିଛି।

x x x

ଏମିତି ସିପ୍ରାଙ୍କ ଶ୍ୱଶୁରଙ୍କୁ ମିଶେଇ ସେ ହଲ୍‌ରେ ସମୁଦାୟ ଆଠ ଜଣ ରୋଗୀ ଥିଲେ। ସମସ୍ତେ ଭିନ୍ନ ଭିନ୍ନ ପରିବେଶ ଆଉ ପରିସ୍ଥିତିରୁ ଆସିଥିଲେ। ହେଲେ ସମସ୍ତଙ୍କ ଠାରେ ଗୋଟିଏ ସାମଞ୍ଜସ୍ୟ ଥିଲା ଯେ ସେମାନେ ସମସ୍ତେ ହୃଦ୍‌ରୋଗୀ ଥିଲେ। ସମସ୍ତେ ସେଠାରେ ଏକତ୍ରିତ ହୋଇଥିଲେ ସେମାନଙ୍କ ହୃଦୟରେ ଥିବା ସମସ୍ୟାର ସମାଧାନ କରିବା ପାଇଁ। ରାତି ପାହିଲେ ଆଟେନ୍‌ଡାଣ୍ଟମାନେ ପରସ୍ପର ସହିତ ଅଧିକାଂଶ ସମୟରେ ସେଇ ବିଷୟରେ କଥା ହେଉଥିଲେ ଯେ ସେମାନଙ୍କ ରୋଗୀଠାରେ କଣ ସବୁ ଲକ୍ଷଣ ଦେଖାଯାଇଥିଲା ଯେଉଁଥିରୁ ସେମାନେ ତାହା ହୃଦ୍‌ରୋଗ ବୋଲି ସନ୍ଦେହ କରି ଡାକ୍ତରଖାନାକୁ ଯେମିତି ଗୋଟିଏ ପରିବାରର ସଦସ୍ୟ ହୋଇ ଯାଇଥିଲେ। ଯିଏ ଯେତେବେଳେ କୌଣସି କାମ ପାଇଁ ବାହାରକୁ ଯାଉଥିଲା ସିଏ ସେତେବେଳେ ନିଜ ରୋଗୀଟିର ଦାୟିତ୍ୱକୁ ପାଖ ରୋଗୀର ଆଟେନ୍‌ଡାଣ୍ଟକୁ ଦେଇ ଯାଉଥିଲା। କିଏ କେତେବେଳେ ବାହାରକୁ ଗଲେ ଅନ୍ୟମାନଙ୍କ ପାଇଁ ଚା ଜଳଖିଆ ବି ଆଣିକି ଆସୁଥିଲା ଯେ ସମସ୍ତେ ମିଶିକରି ଖାଉଥିଲେ।

ଏମିତି ଏମିତିରେ ଚାରି ପାଞ୍ଚ ଦିନ ଯେ କେମିତି ବିତିଥିଲା ଜଣା ପଡ଼ିନଥିଲା।

x x x

ସେଦିନ ଶ୍ୱଶୁରଙ୍କର ଡାକ୍ତରଖାନାରୁ ଡିସ୍‌ଚାର୍ଜ ହବାର ଥିଲା। ସେଥିପାଇଁ ସିପ୍ରାଙ୍କର ଆଉ ଡାକ୍ତରଖାନାକୁ ଯିବା ନଥିଲା। ତେଣୁ ତାଙ୍କର

ସକାଳୁ ଉଠି ଏତେ ତର ତର ହୋଇ କାମ ସାରିବାର ଆବଶ୍ୟକତା ନଥିଲା । ତେଣୁ ସେଦିନ ସକାଳୁ ଉଠୁ ଉଠୁ ଆଠଟା ବାଜିଗଲା ।

ସକାଳୁ ଉଠି ମୁହଁଟାକୁ ଧୋଉଛନ୍ତି ତ ସ୍ୱାମୀଙ୍କ ଠାରୁ ଫୋନ୍ ଆସିଲା । ହଠାତ୍ ସକାଳୁ ସକାଳୁ ସ୍ୱାମୀଙ୍କ ଠାରୁ ଫୋନ୍ ଆସିବାରୁ ସେ ଡରିଗଲେ । ଶ୍ୱଶୁରଙ୍କର କ'ଣ କିଛି ଅସୁବିଧା ହେଲା କି ? ନହେଲେ ଏତେ ସକାଳୁ ସକାଳୁ ସ୍ୱାମୀ ତାଙ୍କର ଫୋନ୍ କାହିଁକି କଲେ । ଫୋନ୍ ଅନ୍ କଲା ବେଳକୁ ଛାତି ତଳଟା ତାଙ୍କର ଧଡ଼ପଡ଼ ହେଉଥିଲା ।

ଫୋନ୍ ଅନ୍ କରି ସିପ୍ରା ଭୟଭୀତ ହୋଇ ପଚାରିଲେ । ଆରେ ତମେ କ'ଣ ଏତେ ସକାଳୁ ସକାଳୁ ଫୋନ୍ କଲ । ବାପାଙ୍କର କଣ କିଛି ଅସୁବିଧା ହେଲା କି ? ତାଙ୍କର ତ ଆଜି ଡାକ୍ତରଖାନାରୁ ଫେରିବାର ଥିଲା । ଆଜି ଆସିବେ ତ ?

ଆରେ ହଁ ହଁ । ତମେ ଏତେ ଡରିଯାଉଛ କାହିଁକି ? ବାପା ଆଜି ହିଁ ଡିସ୍‌ଚାର୍ଜ ହେବେ । ଯେ ସକାଳୁ ସକାଳୁ କଣ ଫୋନ୍ କଲି କହୁଛ ? ଏବେ ପରା ଆଠଟା ବାଜିଲାଣି ? ତମକୁ ଏଇଟା ସକାଳ ଲାଗୁଛି ? ତମେ ବୋଧେ ଏବେ ଉଠିଲ ?

ଏତକ କହୁ କହୁ ହଠାତ୍ ମନେ ପଡ଼ିଲା ପରି କହିଲେ । ଆରେ ଜାଣିଛ ନା... ବେଡ୍ ନମ୍ବର ୧୦୨ ର ସେ ବୁଢ଼ୀଟା ମରିଗଲା ।

– ମାନେ... ? କୋଉ ବୁଢ଼ୀଟା ? ସେ ମୁସଲମାନ ସ୍ତ୍ରୀ ଲୋକଟା ନା ତା ଯାଗାରେ ଆଇ.ସି.ୟୁ. ରୁ ଯୋଉ ବୁଢ଼ୀ ଜଣକ ଆସିଥିଲେ ସିଏ ? ପଚାରିଲେ ସିପ୍ରା ।

– ନା ମାଁ, ସେ ଆର ବୁଢ଼ୀଟା । ସେ ମୁସଲମାନ ସ୍ତ୍ରୀ ଲୋକ ଜଣକ ଏବେ ବି ଆଇ.ସି.ୟୁ. ରେ ଅଛନ୍ତି । ଆଜି ସକାଳେ ତାଙ୍କ ବୋହୂ ସହିତ ଦେଖା ହୋଇଥିଲା ।

– ଓହୋ... ତାହେଲେ ସେ ଆର ବୁଢ଼ୀ ଜଣକ ଚାଲିଗଲେ । ବିଚାରୀ ବୁଢ଼ା ବୁଢ଼ୀ ଦୁଇଜଣଯାକ ବହୁତ କଷ୍ଟ ପାଉଥିଲେ । ଜଣେ ରୋଗୀ ବୋଲି ଯେତିକି କଷ୍ଟ ପାଉଥିଲା । ଆର ଜଣକ ରୋଗୀ ନ ହୋଇ ବି ସେତିକି କଷ୍ଟ ପାଉଥିଲା । ବିଚାରୀ ତା ଝିଅମାନଙ୍କୁ ବହୁତ ଖୋଜୁଥିଲା । କହିଲେ ସିପ୍ରା ।

ଏମିତି କିଛି ସମୟର କଥାବାର୍ତ୍ତା ପରେ ଉଭୟ ଫୋନ୍ ରଖିଥିଲେ ।

ଫୋନ୍ ରଖିବା ପରେ ସିପ୍ରାଙ୍କ ଆଖି ଆଗରେ ବାରମ୍ବାର ଭାସି ଉଠୁଥିଲା ବୁଢ଼ା ବୁଢ଼ୀ ଦୁଇଜଣଙ୍କର କରୁଣ ମୁହଁଟି ମାନ । କାନରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି କରୁଥିଲା ସେମାନଙ୍କର କଥୋପକଥନ । ଯଦିଓ ବୁଢ଼ୀଙ୍କର କଥା ସବୁକୁ ସେ ସ୍ପଷ୍ଟ ଭାବରେ କିଛି ବୁଝିପାରୁନଥିଲେ । ଏବେ ବି ବୁଢ଼ୀଙ୍କର ସେ ହଳଦିଆ ପଡ଼ିଯାଇଥିବା ଲୁହ ଢଳ ଢଳ ବଡ଼ ବଡ଼ ଆଖି ଦୁଇଟି ତାଙ୍କ ଆଖି ଆଗରେ ଭାସି ଯାଉଥିଲା ।

ସତରେ ! ବୁଢ଼ୀ ଚାଲିଯିବା ପରେ କେତେ ଏକୁଟିଆ ହୋଇଯିବେ ବୁଢ଼ା ଜଣକ । ଏବେ ଏକୁଟିଆ କେମିତି ବଞ୍ଚିବେ । କେତେଦିନ ବା ବଞ୍ଚିବେ ? ମନେ ମନେ ଭାବୁଥିଲେ ସିପ୍ରା ।

***ଶକ୍ତି ବିଭାଗ, ଖାରବେଳ ଭବନ, ଭୁବନେଶ୍ୱର***


**କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ**

ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସାଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ଯେ ପକ୍ଷୀ ଉଡ଼େ ଯେତେ ଦୂର

ବିଜୟିନୀ ତ୍ରିପାଠୀ

ଆଜି ସକାଳୁ ଅଳ୍ପ ଦୂରରେ ହଠାତ୍ ସାରିକାକୁ ଦେଖିଲି। ଏତେଦିନ ପରେ ଗୋଟିଏ ଚିହ୍ନା ମୁହଁ ଦେଖି ଦୋ ଦୋ ଚିହ୍ନା ହେବା ସ୍ୱାଭାବିକ। ମନେ ପକେଇ ଚାହିଁବା ବେଳକୁ ଛୋଟ ଛୋଟ କଣ୍ଢେଇ ପରି ଦୁଇଟି ଝିଅଙ୍କୁ ଗାଡ଼ିର ପଛସିଟରେ ବସାଇ ନିଜେ ଡ୍ରାଇଭ୍ କରି ବାହାରିଗଲା ସେ।

ମର୍ଣିଙ୍ଗ୍ ଓ୍ୱାକ୍ କରୁଥିଲି କିନ୍ତୁ ମନ ଭିତରେ ଅନେକ ପଛରେ ଛାଡ଼ି ଆସିଥିବା ଅତୀତର ଭାବନା, କିଛି ସ୍ପଷ୍ଟ କିଛି ଝାପସା ସ୍ମୃତି ସବୁ ଲହଡ଼ି ଭାଙ୍ଗୁଥିଲେ। କେମିତି ଜାଣିବି ସାରିକା ଏଠାରେ କଣକରୁଛି। ମୁଁ ତ ଏଠାରେ ରହେନା, କିଛି ଦିନ ପାଇଁ ଝିଅ ପାଖକୁ ଆସିଛି। ସାରିକା ବିଷୟରେ ଖୋଜ ଖବର ନେବି କେମିତି, କାହାକୁ ପଚାରିବି ? ଚାଲିବା ଶେଷ କରି ଲନ୍‌ରେ ପଡ଼ିଥିବା ଗୋଟିଏ ବେଞ୍ଚ୍‌ରେ ମୁଁ ବସିପଡ଼ିଲି। ସିଏ ଯେ ସାରିକା ସେଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ। ଛୁଆଙ୍କୁ ନେଇ ସ୍କୁଲରେ ଛାଡ଼ିବାର ବ୍ୟସ୍ତତା ଭିତରେ ସିଏ ହୁଏତ ମୋତେ ଦେଖିପାରିନି। କାଲି ନିଶ୍ଚୟ ତା ସହିତ କଥା କହିବା ପାଇଁ ଚେଷ୍ଟା କରିବି।

ସାରିକାକୁ ପ୍ରଥମ ଦେଖିଥିଲି ରାଉରକେଲା ମାଉସୀ ଶାଶୁଙ୍କ ପୁଅ ବାହାଘରରେ। ସିଏ ବି ସାନମାଉସୀଙ୍କର ବୋହୂ। କିଛି ମାସ ତଳେ ତାର ବାହାଘର ହୋଇଛି। କୌଣସି କାରଣବଶତଃ ତା ବାହାଘରରେ ଆମେ ଯାଇ ପାରିନଥିଲୁ। ତାକୁ ଯେତେବେଳେ ପ୍ରଥମେ ଦେଖିଲି, ମନେହେଲା ନିଜେ ନିହାତି ସାଧାରଣ ରୂପରଙ୍ଗ ସହିତ ଗୋଟିଏ ନିପଟ ମଫସଲର ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ଝିଅଟି ଯାହା ବିଷୟରେ ଶାଶୁଙ୍କ ଠାରୁ ବିସ୍ତୃତ ବର୍ଣ୍ଣନା ଶୁଣିଥିଲି, ଇଏ ସେଇ ପ୍ଲସ୍‌ଟୁ ପାସ କରିଥିବା ଝିଅ ହୋଇପାରେ। ଆଖି, ନାକ ବାଛିବାର ନାହିଁ। ରଙ୍ଗ ଖୁବ୍ ସଫା ନହେଲେ ବି ଉଜ୍ଜ୍ୱଳତା ରହିଛି। ଉଚ୍ଚତା ବି ଠିକ୍ ଠାକ୍। ମୋଟାମୋଟି କହିବାକୁ ଗଲେ ସୁନ୍ଦରୀ ତନୁପାତଳି ଝିଅଟିଏ ସାରିକା। ବିଭିନ୍ନ ପ୍ରକାରର ପୋଷାକ ପିନ୍ଧେ, ସଜେଇ ହେବାକୁ ଭଲପାଏ, ବହୁତ କଥାକୁହେ, କଥା କଥାରେ ହସୁଥାଏ, ହସାଉଥାଏ ବି। ଉପସ୍ଥିତ ଥିବା ସ୍ତ୍ରୀଲୋକମାନେ କୁହନ୍ତି, ତାର ପିଲାଳିଆମି ଯାଇନି। ଆଉ କେହି କେହି କହନ୍ତି ଶାଶୁ ଶ୍ୱଶୁରଙ୍କର ସ୍ନେହ ଆଦର ହିଁ ତାର ଏତେ ଖୁସି ରହିବାର କାରଣ। ମୁଁ ମନେ ମନେ ଭାବେ – ସତରେ ସାରିକାର ଭାଗ୍ୟ ବହୁତ ଭଲ। ସେଇଥିପାଇଁ ତ ଏତେ ସ୍ନେହୀ ଶାଶୁ ଶଶୁର ପାଇଛି। ସାରିକା ବି କହେ–ନାନୀ ଜାଣିଛନ୍ତି, ମୋ ଶାଶୁ ପ୍ରତ୍ୟେକ ପନ୍ଦର ଦିନରେ ମୋ ପାଇଁ ଶାଢ଼ୀ ବା ଡ୍ରେସ୍ କିଣୁଥାନ୍ତି। ଯେତେ କିଣିଲେ ବି ତାଙ୍କ ମନଶାନ୍ତି ହୁଏନି – ସାରିକା ହସେ। ମୁଁ କହେ – କେଉଁ ଜନ୍ମରେ କଣ ପୁଣ୍ୟ କରିଥିଲୁ, ବାପାବୋଉଙ୍କ ଠାରୁ ଅଧିକ ଭଲପାଉଥିବା ଶାଶୁ ଶ୍ୱଶୁର ପାଇଛୁ, କେତେଜଣଙ୍କୁ ଏମିତି ସୌଭାଗ୍ୟ ମିଳେ। ହସିଲା ସାରିକା, ତାପରେ ସମ୍ମତି ସୂଚକ ମୁଣ୍ଡ ହଲେଇ କହିଲା– ଯାହା କହିଲେ ସତ କଥା। ହେଲେ ଯିଏ ଯେତେ ଭଲପାଇଲେ ବି ଶାଶୁ କଣ କେବେ ମା ହୋଇପାରିବେ ?

ଅବୁଝା ଆଖିରେ ଚାହିଁଲି ସାରିକାକୁ। ଫିକ୍ କରି ହସିଦେଲା ସେ। କହିଲା– ନାନୀ ଡରିଗଲେ କି ? ମୁଁ ସେମିତି ମଜାରେ କହିଦେଲି ନା।

ଭାବିଲି ହୁଏତ ହୋଇଥିବ। ତା'ର ତ ସବୁକଥାରେ ହସିବା, ହସେଇବା, ମଜାକରିବା ପ୍ରକୃତି।

ସାରିକାର ଆଉ ଗୋଟେ ବିଶେଷ ପ୍ରତିଭା ଥିଲା। ସେ ଖୁବ୍ ସୁନ୍ଦର ଗୀତ ବୋଲୁଥିଲା। ସେ ଯେତେବେଳେ ଗୀତ ଗାଏ ଉପସ୍ଥିତ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଯାଆନ୍ତି, ସତେ ଅବା ଦେବୀ ସରସ୍ୱତୀ ତା କଣ୍ଠରେ ବିଜେ କରିଛନ୍ତି। ସେ ଯାହାହେଉ ଝିଅଟିର ବ୍ୟବହାର, ତାର ଚଞ୍ଚଳତା ମୋତେ ପ୍ରଭାବିତ କରିଥିଲା। କେବେ କେମିତି ଫୋନ୍ କରେ, ଅଳ୍ପ ସମୟ ଭିତରେ ହସି ହସି ଅନେକ କଥା କହିଯାଏ। ଫୋନ୍ ରଖିଦେବା ପରେ ମନଟା ସତେଜ ହୋଇଉଠେ, ତା ହସ ମନେପଡ଼େ, ସେ ଗାଇଥିବା ଗୀତ ଗୁଣୁଗୁଣୁ ଗାଇବାକୁ ଇଚ୍ଛାହୁଏ। କହୁଥିଲା ବିସିଏ ଶେଷକରି ଏମସିଏରେ ଆଡ଼ମିସନ ନେଇଛି। ଗୀତ କ୍ଲାସ ବି କରୁଛି। ଇଚ୍ଛାଥିଲେ ଉପାୟ ମିଳିଯାଏ। ସେତିକି ଆନ୍ତରିକତାର ସହିତ ଚେଷ୍ଟାକଲେ ଭଗବାନ ବି ସାହାଯ୍ୟ କରନ୍ତି। ନହେଲେ ଶାଶୁମାଙ୍କ ବର୍ଣ୍ଣିତ ସେଇ ନିପଟ ମଫସଲର ନିମ୍ନମଧ୍ୟବିତ୍ତ ପରିବାରର ସାଧାରଣ ଝିଅ ଯିଏ ସ୍ୱପ୍ନ କଣ ଜାଣିନଥିଲା, ଆଜି ପ୍ରତିଦିନ ନୂଆ ନୂଆ ସ୍ୱପ୍ନ କେବଳ ଦେଖୁନି, ସଫଳ ହେଉଛି ମଧ୍ୟ। କେବେ କେମିତି ଗୀତ ପ୍ରୋଗ୍ରାମରେ ବି ଭାଗନିଏ। ବେଳେବେଳେ ମୁଁ ଭାବେ, ସାରିକା ଭିତରେ ଏତେ ପ୍ରତିଭା ଲୁଚିରହିଥିଲା ସେକଥା ତ ସେ ଜାଣିନଥିଲା, ତା ବାପାବୋଉ ବି ଜାଣିଥିବେ କିନା

ସନ୍ଦେହ। ଆଜି ଯଦି ସେ ନିଜକୁ ପ୍ରତିଷ୍ଠିତ କରିପାରିଛି, ମୁଁ କହିବି ତାର ସଫଳତାର ସମସ୍ତ ଶ୍ରେୟ ମଉସା ମାଉସୀଙ୍କର।

ପଢ଼ାପଢ଼ିରେ ହୁଏତ ବ୍ୟସ୍ତ ରହି ଗୁଡ଼ାଏ ଦିନ ହେଲା ସାରିକା ଫୋନ୍ କରିନଥିଲା। ମୁଁ ବି ବ୍ୟସ୍ତତା ଭିତରେ ତା କଥା ଭାବିବାକୁ ଆଉ ସମୟ ପାଇନି। ତା ଛଡ଼ା ସିଏତ ଭଲରେ ଅଛି, ଏମସିଏ ସରିଗଲେ କିଛି ଚାକିରୀ ତ ନିଶ୍ଚୟ କରିବ, ଆଉ କିଛି ଖୁସି ଖବର ହେଲେ ସେ ବଳେ ଜଣେଇବନିକି। ସେଦିନ ହଠାତ୍ ସାରିକା ଠାରୁ ଫୋନ୍ ପଇ ଖୁସି ହୋଇଗଲି ଏଇଆ ଭାବି ଯେ ନିଶ୍ଚୟ ସାରିକା ତା ସ୍ୱପ୍ନର ଚଲାପଥରେ ଆଉକିଛି ପାଦ ଆଗେଇ ଯାଇଥିବ ଆଉ ସେଇ କାହାଣୀ ଆଗ୍ରହର ସହିତ ବର୍ଣ୍ଣନା କରିବ।

ମୋ ହିସାବରେ ସାରିକା ଠାରୁ ମୁଁ ଗୁଡ଼ାଏ ଖୁସି ଖବର ଶୁଣିଲି। ତାର ଏମସିଏ ସରିଯାଇଛି, ଗୀତଗାଇବା ପାଇଁ ସେ ଟିଭିର ଗୋଟେ ଦୁଇଟା ଚାନେଲ୍‌ରେ ମନୋନୀତ ହୋଇଛି। ଆଉ ସବୁଠାରୁ ଚମକାଇଦେବା ପରି ଖବର ହେଲା– ସେ ଭୁବନେଶ୍ୱର ଆଇଆଇଟିରେ ଚାକିରୀ ପାଇଛି, ଅବଶ୍ୟ ସର୍ତ୍ତମୂଳକ ପ୍ରୋଜେକ୍ଟ ସରିବା ପର୍ଯ୍ୟନ୍ତ। ଏତେଗୁଡ଼ାଏ ଖୁସି ଖବର ଶୁଣି ସାରିକାକୁ କେମିତି ଅଭିନନ୍ଦନ ଜଣାଇବି ମୁଁ ଭାଷା ଖୋଜିପାଉନଥିଲି। ତଥାପି କହିଲି– ଏମିତି ଫୋନ୍‌ରେ ଅଭିନନ୍ଦନ ଜଣାଇବାଟା ଠିକ୍ ଲାଗୁନି, ତୁ ବରଂ ଗୋଟେ ଦିନ ମୋ ଘରକୁ ଆସିଯା। ବସି ବସି ଅନେକ ଗପକରିବା, ତାପରେ ମୁଁ ନିଜେ ଯାଇ ତୋତେ ଛାଡ଼ିଆସିବି।

ହସିଲା ସାରିକା। ମୋର ମନେହେଲା ହସରେ ତାର ଉଚ୍ଛଳତା ରଙ୍ଗଭରା ଜୁଆର ଅପେକ୍ଷା କ୍ଳାନ୍ତିଭରା ଭଟ୍ଟାର ସ୍ପର୍ଶ ବେଶୀଥିଲା। ହୁଏତ ମୋର ଭୁଲ୍ ହୋଇପାରେ। ପ୍ରକୃତରେ ବି କଟକରୁ ଭୁବନେଶ୍ୱର ସବୁଦିନ ଯାଇଆସି ଚାକିରୀ କରିବା କଣ ସହଜ ହୋଇଛି, ପୁଣି ଘରର ଦାୟିତ୍ୱ ବି ଅଛି। ଝିଅଟା ସତରେ କ୍ଳାନ୍ତ ହୋଇପଡୁଥିବ। ସମୟ ଦେଖି ମୋ ପାଖକୁ ଆସିବାର ପ୍ରତିଶୃତି ଦେଇଥିଲା ସାରିକା। ସେଇଟା ଥିଲା ତାର ଶେଷ ଫୋନ୍। ତାପରେ ମୋ ପାଖକୁ ତ ସେ ଆସିନଥିଲା, ଫୋନ୍ ବି କରିନି। ମୋ ଫୋନ୍‌ର ବି ଉତ୍ତର ଦିଏନି।

ଥରେ ମାଉସୀଙ୍କ ସହ ଗୋଟେ ବାହାଘର ଭୋଜିରେ ଦେଖାହୋଇଗଲା। ତାଙ୍କରି ଠାରୁ ଶୁଣିଲି ସାରିକା ଆଇଆଇଟି ଭୁବନେଶ୍ୱରରେ ଚାକିରୀ ପାଇବାପରେ ଆରମ୍ଭରେ କଟକରୁ ଯିବାଆସିବା କିଛିଦିନ କଲା, ତା'ପରେ ଅସୁବିଧା ହେଉଛି କହି ତାର ଜଣେ ସଂପର୍କୀୟଙ୍କ ଘରେ ରହି କେବଳ ଛୁଟିଦିନରେ ଆସୁଥିଲା। ସିଏବି ଅଳ୍ପଦିନ। ତାପରେ ଆଉ ତାର କିଛି ଖବର ନାହିଁ।

କାହାକୁ ଦୋଷ ଦେବିରେ ମା। ସବୁ ମୋର ଭାଗ୍ୟ। ନହେଲେ ଆମ ସ୍ନେହ, ଭଲପାଇବାକୁ ଆଡ଼େଇଦେଇ ସେ ଆମକୁ ଏମିତି ପର କରିଦେଇଥାନ୍ତା। ମୋର ଭୁଲ୍, ତାକୁ ପାଠ ପଢ଼ାଇଲି, ଗୀତ ଶିଖେଇଲି, ଯେତେବେଳେ ମୋ ଘରକୁ ବୋହୂହୋଇ ଆସିଥିଲା କିଛି ତ ଜାଣିନଥିଲା। ମୁଁ ତାକୁ ଉଡ଼ିବା ଶିଖେଇଲି। ବାହାର ଦୁନିଆର ମୁକ୍ତ ଆକାଶର ସ୍ୱତନ୍ତ୍ରତା ଦେଖିବାପରେ ଆମର ଆଦର ଯତ୍ନର ସୁନାପଞ୍ଜୁରୀ ତାକୁ ବନ୍ଧନ ମନେହେଲା। ତେଣୁ ପରଲାଗିବାରୁ ଉଡ଼ିଗଲା। ଏତିକି କହି ମାଉସୀ ଆଖି ପୋଛିଲେ।

ମୁଁ ବୁଝିପାରୁନଥିଲି ଜଣକ ଭିତରେ ଏତେ ଜଲଦି ଏମିତି ପରିବର୍ତ୍ତନ ସତରେ କଣ ସମ୍ଭବ ହୋଇପାରେ! ମାଉସୀଙ୍କ ଘରେ କଣ ତାର ଅଭାବ ଥିଲା? ମାଉସୀ ମଉସା ଉଭୟ ରିଟାୟାର୍ଡ଼ ପ୍ରଫେସର। କଟକରେ ବିରାଟ ଦୁଇ ମହଲା କୋଠା। ଖାଇବାରେ ପିନ୍ଧିବାରେ ବୁଲିବାରେ, କୌଣସିଥିରେ ପାବନ୍ଧ ନାହିଁ। ମାଉସୀଙ୍କର ଗୋଟିଏ ମାତ୍ର ଗେହ୍ଲାପୁଅ ଶ୍ଳୋକ। ତା ସଂସ୍ପର୍ଶରେ ଯଦିଓ ମୁଁ ବେଶି ଆସିନି, ତଥାପି ଦେଖିଲେ ମନେହୁଏ ଶାନ୍ତଶିଷ୍ଟ ପିଲାଟିଏ। ଦେଖିବାକୁ ସାଧାରଣ, କିନ୍ତୁ ମାଉସୀ କହନ୍ତି ପଢ଼ାପଢ଼ି ସେ ଭଲକରୁଥିଲା। କିନ୍ତୁ ତାର ଗୋଟିଏ ପ୍ରୋବ୍ଲେମ୍ ହେଲା ବାବାମାଆଙ୍କୁ ଛାଡ଼ି ସେ ଦୂରରେ ରହିପାରିବନି। ଇଞ୍ଜିନିୟରିଂ ପଢ଼ିବା ପାଇଁ ବାଙ୍ଗାଲୋର୍ ଯାଇ କିଛିଦିନ ପରେ ଫେରିଆସିଲା। କଣନା ବାବାମାଆ ମନେପଡ଼ିଲେ। ତାପରେ ବାଧହୋଇ କଟକରେ ଏମସିଏ କଲା। ପରେ ଶୁଣିଥିଲି ମଲଟିମିଡିୟାରେ କିଛି କୋର୍ସ କରି କିଛି ଗୋଟେ ଚାକିରୀ କରୁଛି। କିନ୍ତୁ ମାଉସୀଙ୍କ କହିବା ଅନୁସାରେ ସାରିକାକୁ ସେ ଖୁବ୍ ବେଶି ଭଲପାଏ। ତାକୁ କଲେଜ୍‌ରେ ଛାଡ଼ିବା ଆଣିବା ଠାରୁ ଆରମ୍ଭ କରି ତାର ସୁବିଧା ଅସୁବିଧା ଭଲମନ୍ଦ ସବୁ ଦାୟିତ୍ୱ ତାର। ତାହେଲେ ହଠାତ୍ ସାରିକାର ଏତେବଡ଼ ପରିବର୍ତ୍ତନ ହେଲା କାହିଁକି? ଶ୍ଳୋକର ଭଲପାଇବା ବିଷୟରେ ସାରିକାଠାରୁ କେବେ କିଛି ଶୁଣିନି। ମୋର ମନେହେଉଛି ଥରେ ବୋଧହୁଏ ପଚାରିଥିଲି – ମାଉସୀ ମଉସାଙ୍କର ଏତେ ପ୍ରଶଂସା କରୁଛୁ, ଆଉ ତାଙ୍କ ପୁଅ? ହସିଲା ସିଏ। କହିଲା –ଯେଉଁଠି ବାପା ମା'ଙ୍କ ସ୍ନେହରେ ମୁଁ ଅଣନିଶ୍ୱାସୀ, ପୁଅକୁ ପଚାରେ କିଏ। ସେତେବେଳେ ମୁଁ ତା କଥାର ତାତ୍ପର୍ଯ୍ୟ ବୁଝିପାରିନଥିଲି। ଭାବିଲି ପ୍ରତ୍ୟେକ ଥର ପରି ମଜାରେ ମଜାରେ କହିଥିଲା ବା ଏଡ଼ାଇଯିବା ପାଇଁ ବାହାନାକରିଥିଲା। ସେ ଯାହାବି ହେଉ, ମାଉସୀ ମଉସାଙ୍କ କଥା ଭାବି ମନଟା ମୋର ଉଦାସ ହୋଇଗଲା। କେତେ ନିରୀହ ନିର୍ବିକାର ଲୋକ ସେମାନେ। ତାଙ୍କୁ ଆଘାତ ଦେବାପାଇଁ ସାରିକାର ବିବେକ ବାଧାଦେଲାନି କେମିତି। ସ୍ନେହ, ପ୍ରେମ, ସଂପର୍କ, ଏସବୁର କଣ କିଛି ମୂଲ୍ୟ ନାହିଁ। ଆଜି ମାଉସୀଙ୍କ ଆଖିରୁ ଯେଉଁ ଟୋପାଏ ଲୁହ ଝରିଲା ସେଇଟା ସାରିକା ପାଇଁ ଆଗାମୀ ଦିନରେ ଅଶୁଭ ହେବନି ତ। ଯାହାବି ହେଉ ସାରିକା ଏମିତି ଭାବରେ ମାଉସୀଙ୍କ ପରିବାରରୁ ଦୂରେଇଯିବା ଠିକ୍ ହେଲାନି। ମନଟା ମୋର ଖରାପ ହୋଇଗଲା। ମୋତେବି ତ ସାରିକାର କଥାବାର୍ତ୍ତା ବ୍ୟବହାର ଭଲ ଲାଗିଥିଲା। ସତରେ ଆଜିକାଲି ଯୁଗରେ କାହାକୁ ଚିହ୍ନିବା ସହଜ ନୁହେଁ। କିଏ ଜାଣେ କାହା ମନରେ କଣ ଅଛି। ମନରୁ ଏ ଘଟଣା ପୋଛି ଦେବାପାଇଁ ମୋତେ ବେଶ୍ କିଛି ସମୟ ଲାଗିଲା। ସାରିକାର ଚରିତ୍ରର ଏଇ ନକାରାତ୍ମକ ଦିଗଟାକୁ ହୁଏତ ମୁଁ ସହଜରେ ମାନିନେଇ ପାରୁନଥିଲି। ଅନେକ ଗୁଡ଼ାଏ ଅସମାଧିତ ପ୍ରଶ୍ନ ଯେତେବେଳେ ସେତେବେଳେ ମୋତେ ଅସ୍ତବ୍ୟସ୍ତ କରୁଥିଲେ। କିଛିଦିନପରେ ସାରିକାର କାହାଣୀ ମୋ ପାଇଁ ଧିରେ ଧିରେ ଝାପସା ହୋଇଆସିଲା। ହୁଏତ ତାର ପରିବର୍ତ୍ତିତ ଚରିତ୍ର ମୋର ପସନ୍ଦ ନଥିଲା, ସେଥିପାଇଁ ତା ବିଷୟରେ ଜାଣିବା ଆଗ୍ରହ ବିଶେଷ ହୋଇଯାଇଥିଲା।

ଆଜି ହଠାତ୍ ପାଞ୍ଚବର୍ଷ ପରେ ତାକୁ ଗୁରଗାଓଁର ଗୋଟେ ଆପାର୍ଟମେଣ୍ଟରେ ଦେଖିବି, ସେକଥା ମୋର କଳ୍ପନାର ବାହାରେ ଥିଲା। ଭାରାକ୍ରାନ୍ତ ହୃଦୟରେ ଘରକୁ ଫେରିଲି। ଝିଅଜୋଇଁ ଲଞ୍ଚପ୍ୟାକ୍ ନେଇ ଅଫିସ୍ ଚାଲିଗଲେ। ମୁଁ ଅନ୍ୟମନସ୍କ ଭାବରେ ଆମ ଦୁଇଜଣଙ୍କର ବ୍ରେକଫାଷ୍ଟ ପ୍ରସ୍ତୁତ କଲି। ଇଏ ବୁଝିପାରିଥିଲେ ମୋତେ କୌଣସି ଏକ ଭାବନା ବିବ୍ରତ କରୁଛି। ମୋ ମୁହଁକୁ ଚାହିଁ ଇଏ ମୋ ମନକୁ ପଢ଼ିନିଅନ୍ତି। ଅପେକ୍ଷା କରିଥିଲେ ମୁଁ ମୋ ଆନ୍ଦୋଳିତ ଚିନ୍ତାଧାରାର ପେଡ଼ି କେତେବେଳେ ଖୋଲିବି। କିନ୍ତୁ ତା ପୂର୍ବରୁ ଡୋର୍ ବେଲ୍‌ଟା ବାଜିଉଠିଲା। ମୁଁ ଡୋର୍ ଖୋଲି କିଛି ମୁହୂର୍ତ୍ତ ସ୍ଥାଣୁ ପାଲଟିଗଲି। ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲି। ଆଶ୍ଚର୍ଯ୍ୟ ଓ ଖୁସିର ମିଶ୍ରିତ ଅନୁଭୁତିରେ ମୁଁ କିଛିକହିବାକୁ ଭୁଲିଗଲି। ମୋ ସାମନାରେ ସାରିକା ଠିଆହୋଇଥିଲା। ଓଠରେ ତାର ସେଇ ପୁରୁଣା ମନକିଣା ହସ।

ନାନୀ ମୋତେ ଚିହ୍ନିପାରିଲେନି କି ? ମୁଁ ସାରିକା। ସକାଳେ ଆପଣଙ୍କୁ ଦେଖିଲି ତ, ନିଜକୁ ରୋକି ପାରିଲିନି, ଛୁଆଙ୍କୁ ସ୍କୁଲରେ ଛାଡ଼ି ସିଧା ଆପଣଙ୍କ ପାଖକୁ ଆସିଲି। ଏଇପାଖ ଆପାର୍ଟମେଣ୍ଟରେ ମୁଁ ରହୁଛି।

ମୁଁ ପ୍ରକୃତିସ୍ଥ ହୋଇ ତାକୁ କୁଣ୍ଢେଇ ପକେଇଲି। ମୋର ମନେହେଲା ଅନେକଦିନରୁ ହଜିଯାଇଥିବା କିଛି ଏକ ମୂଲ୍ୟବାନ ବସ୍ତୁ ମୁଁ ହଠାତ୍ ପାଇଗଲି। ସେତେବେଳେ ମୁଁ ଭୁଲିଗଲି ମାଉସୀଙ୍କ ପରିବାରରୁ ବାହାରିଯିବା ପରେ ସାରିକା ସହିତ ମୋର ସଂପର୍କ କିଛି ନାହିଁ।

ମୋ ପାଖରେ ଗୁଡ଼ାଏ ସମୟ ବସିଲା ସାରିକା। ଆଜିବି କଥାକଥାରେ ସେ ହସୁଥିଲା, କିନ୍ତୁ ସେ ହସରେ ସେଦିନର ପିଲାଳିଆମି ନଥିଲା। ବରଂ ଚେହେରାରେ ତାର ସ୍ନିଗ୍ଧତାର ଏକ ସୂକ୍ଷ୍ମ ଆସ୍ତରଣ ମୋତେ ପ୍ରଭାବିତ କଲା। ମୁଁ ତାକୁ କେମିତି ପଚାରିବି, କଣ ପଚାରିବି, ମୋର ଅନଧିକାର ପ୍ରଶ୍ନ ସେ କେମିତି ଭାବରେ ନେବ, ଏଇ ଅର୍ନ୍ତଦ୍ୱନ୍ଦରେ ଥିବାବେଳେ ସେ ନିଜଆଡ଼ୁ ଆରମ୍ଭ କଲା–

ମୁଁ ବୁଝିପାରୁଛି ନାନୀ, ଆପଣଙ୍କ ମନଭିତରେ ମୋତେନେଇ ଅନେକ ପ୍ରଶ୍ନ। ମୁଁ ସଫେଇଦେବାକୁ ଚାହୁଁନି, କେବଳ ଏତିକି ଚାହୁଁଛି ମୁଁ ଯାହାକୁ ମୋ କାହାଣୀ ଶୁଣେଇବି, ସେ ଅନ୍ତତଃ ମୋତେ ବୁଝିବ। ଆପଣଙ୍କ ସହିତ ଯେଉଁ ଅଳ୍ପସମୟ ମିଶିଛି, ସେତିକିରୁ ମୋର ମନେହେଲା, ଆପଣ ସେଇ ବ୍ୟକ୍ତି, ଯିଏ ନିରପେକ୍ଷ ଭାବେ ମୋର ଠିକ୍ ଭୁଲ୍‌ର ବିଚାର କରିପାରିବେ। ଏକଥା ସତ ଯେ ଆପଣଙ୍କ ବିଚାରରେ ଦୋଷୀ ସାବ୍ୟସ୍ତ ହେବା ନହେବାରେ ପରିସ୍ଥିତି ସେମିତି କିଛି ଗୋଟେ ବଦଳିଯିବନି, କିନ୍ତୁ ଆଜି ପର୍ଯ୍ୟନ୍ତ ଛାତି ଭିତରେ ଯେଉଁ ଅପରାଧବୋଧର ବୋଝ ବୋହିଚାଲିଛି, ସେଥିରୁ ଅନ୍ତତଃ ମୁକ୍ତିପାଇଯିବି।

ସେଇ ପାଞ୍ଚବର୍ଷ ତଳକୁ ଫେରିଯାଉଛି ନାନୀ, ଯେଉଁଦିନ ଆପଣଙ୍କ ସହିତ ଶେଷଥର ଫୋନ୍‌ରେ କଥାବାର୍ତ୍ତା ହୋଇଥିଲା ତାପରଦିନ ମୁଁ ସେ ଘର ଛାଡ଼ିଲି। ଆପଣ ଭାବୁଥିବେ ଏତେ ବଡ଼ଘର, ଏତେ ସ୍ନେହୀ ଶାଶୁଶ୍ୱଶୁର, ଏତେ ସୁଖସୁବିଧାକୁ ଆଡ଼େଇଦେଲି କେମିତି। ଆପଣତ ଜାଣିଛନ୍ତି, ମୁଁ ଯେଉଁ ପରିବେଶରୁ ଆସିଥିଲି, ଘରର ଚାରିକାନ୍ଥ ଭିତରଟା ହିଁ ମୋ ଦୁନିଆଁ ଥିଲା। ବାପା ମୋର ଗାଁ ସ୍କୁଲରେ ହେଡ୍ ମାଷ୍ଟର ଥିଲେ। ତା'ଛଡ଼ା ପୁରୋହିତ କାମ ମଧ୍ୟ କରୁଥିଲେ। ତା ନହେଲେ ସାତପ୍ରାଣୀକୁଟୁମ୍ବ ଚଳିବ କେମିତି। ତଥାପି ମାସ ନସରୁଣୁ ବାପାଙ୍କ ହାତ ଖାଲି ହୋଇଯାଏ। ମୁଁ ଘରର ବଡ଼ଝିଅ ଥିଲି। ମୋ ପରେ ପୁଅ ଆଶାରେ ଆଉ ତିନିଝିଅ ହେବାପରେ ଭାଇ ଆସିଲା ବୋଉକୋଳକୁ। ଏତେ ଅଭାବରେ ବି ବାପା ଖୁସିରେ ସାରା ଗାଁରେ ମିଠା ବାଣ୍ଟିଥିଲେ, କାହିଁକିନା ତାଙ୍କ ବଂଶଧର ଆସିଗଲା। ଆଉ ତାଙ୍କ ବଂଶବୁଡ଼ିବନି। ସତେ ଯେମିତି ତାଙ୍କ ଆଭିଯାତ୍ୟ ପୂର୍ଣ୍ଣ ବଂଶବୁଡ଼ିଯାଇଥିଲେ ସାରାସଂସାର ଓଲଟି ଯାଇଥାନ୍ତା – ତାଛଳ୍ୟଭରା ହସଧାରେ ତା ଓଠରେ ଆସି ଉଭେଇଗଲା। କିଛି ମୁହୂର୍ତ୍ତ ପରେ ସେ ପୁଣି ଆରମ୍ଭକଲା – ବାହାହୋଇ କଟକ ଆସିବାପରେ ଏତେବଡ଼ କୋଠାଘର, ଶାଶୁଶଶୁରଙ୍କର ଏତେ ବେଶି ଭଲପାଇବା ପାଇ ମୋର ମନେହେଲା ମୁଁ ବୋଧହୁଏ କେଉଁ ସ୍ୱପ୍ନରାଜ୍ୟରେ ପହଁଚିଯାଇଛି। ସ୍ନେହ, ପ୍ରେମ ସହିତ ସମୟାନୁବର୍ତ୍ତିତା, ଗୀତ ଶିଖା, ବୁଟିକ୍‌କୁ ଯାଇ ବିଭିନ୍ନ ପ୍ରକାରର ଡ୍ରେଶ୍ ବନେଇବା, ପାର୍ଲରକୁ ଯିବା, ଷ୍ଟାଇଲ୍ କରିବା, କଲେଜ ଯାଇ କ୍ଲାସ କରିବା – କିଛିଦିନପରେ ମୋର ମନେହେଲା ମୁଁ ଅଣନିଶ୍ୱାସୀ ହୋଇଯିବିନିତ। ସତରେ ନାନୀ ମୁଁ ଧିରେ ଧିରେ ଅଣନିଃଶ୍ୱାସୀ ହୋଇପଡ଼ିଲି– ପ୍ରତିଦିନର ଦିନଚର୍ଯ୍ୟାରେ ନୁହେଁ – ଶାଶୁଙ୍କର ପସନ୍ଦକୁ ଆପଣେଇ, ଶ୍ୱଶୁରଙ୍କର ଇଛାକୁ ସମ୍ମାନଦେଇ, ଆଉ ସବୁଠାରୁ କଷ୍ଟଦାୟକ ଥିଲା ଶ୍ଲୋକଙ୍କର ଅଧିକାର ସାବ୍ୟସ୍ତ କରିବା। ଶାଶୁଘରେ ପାଦଦେଇ ନୂଆ ନୂଆ ଯେଉଁସବୁ ସ୍ୱପ୍ନ ଦେଖି ପୁଲକିତହେଉଥିଲି, ଶ୍ଲୋକଙ୍କର ସ୍ୱାମୀତ୍ୱ ଜାହିର୍‌ରେ ଶିହରଣ ଅନୁଭବ କରୁଥିଲି, ଧୀରେ ଧୀରେ ମୋର ମନେହେଲା ମୁଁ ସୁନାପଞ୍ଜୁରୀରେ ନିରୀହ ପକ୍ଷୀଟିଏ ଯାହାର ଉଡ଼ିବାପାଇଁ ବିସ୍ତୃତ ଆକାଶ ତ ଅଛି, ଅଥଚ ଡେଣା କଟିଯାଇଛି।

ପାଣି ଗ୍ଲାସଟା ହାତରେ ନେଇ ଗୋଟେ ଢ଼ୋକ ପିଇବାପରେ ମୋତେ ଚାହିଁ ହସିଲା ସିଏ। କିନ୍ତୁ ମୁଁ ବୁଝିପାରିଲି ଆଖିର ଲୁହକୁ ରୋକିବାପାଇଁ ତାର ସେଇଟା ଅପଚେଷ୍ଟା ମାତ୍ର। ଦୀର୍ଘ ନିଶ୍ୱାସଟିଏ ନେଇ ସେ କହିଲା– ଜାଣିଛନ୍ତି ନାନୀ, ସେଇଟା ମୋର ଭୁଲ୍ ଧାରଣା ଥିଲା। ଡେଣା ମୋର କଟିନଥିଲା। ଅସଲରେ ମୁଁ ଉଡ଼ିବା କାହାକୁ କୁହନ୍ତି ଜାଣିନଥିଲି। ଆଇଆଇଟିରେ ଜଏନ୍ କରିବାପରେ ମୁଁ ବୁଝିପାରିଲି ମୋର ଡେଣା ଅଛି, ଉଡ଼ିବାର କ୍ଷମତା ବି ଅଛି। ମୋ ସାମନାରେ ବିସ୍ତୀର୍ଣ୍ଣ ଆକାଶ ମଧ୍ୟ ଅଛି । ମୁଁ କେବଳ ସେମାନଙ୍କ ଠାରୁ ଅନୁମତି ଚାହିଁଥିଲି। ଅନୁମତି ପାଇନଥିଲି, ସେକଥା ନୁହେଁ । କିନ୍ତୁ ଅନୁମତିର ସୂଚୀପତ୍ରରେ ସ୍ୱାଧୀନତାର ପୃଷ୍ଠାଟିକୁ ଖୋଜିପାଇନଥିଲି। ଗୋଟେ ଦିନ ସମୟକରି ଆପଣଙ୍କ ପାଖକୁ ଆସିବାପାଇଁ କଥା ଦେଇଥିଲି, କିନ୍ତୁ ଯାଇଥାଆନ୍ତି କେମିତି ? ମୋ ପାଦରେ ତ ଶିକୁଳି ପଡ଼ିଥିଲା। ଶ୍ଲୋକ ସ୍ୱାମୀ ଅପେକ୍ଷା ବଡିଗାର୍ଡର ଦାୟିତ୍ୱ ଉପରେ ବେଶି ଗୁରୁତ୍ୱଦେବାପରି ମୋର ମନେହେଲା, ସତେ ଯେମିତି ମୁଁ ତାଙ୍କର ଧର୍ମପତ୍ନୀ ନୁହେଁ, କେବଳ ନିଜସ୍ୱ ସଂପତ୍ତି। ପ୍ରତ୍ୟେକଦିନ ବଡିଗାର୍ଡ ହୋଇ ମୋ ସହିତ ଆସୁଥିଲେ, ମୋ କାମ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ, ତାପରେ ମୋତେ ନେଇ ଘରକୁ ଫେରୁଥିଲେ। ହୁଏତ ସମସ୍ତଙ୍କର ଧାରଣା ହୋଇଥିବ–

ଶ୍ଳୋକଙ୍କର ନିବିଡ଼ ପ୍ରେମ ହିଁ ଏହାର ଏକମାତ୍ର କାରଣ, ଦାମୀଗାଡ଼ିରେ ସବୁଦିନ ନବାଆଣିବା କରିବା ଶ୍ଳୋକଙ୍କର ସଉକ କେବେଥିବାପରି ମୋର ମନେ ହେଉନଥିଲା, ତେବେ ପାଖପଡ଼ିଶା, ବନ୍ଧୁବାନ୍ଧବଙ୍କ ପାଖରେ ଶାଶୁମା କହିବାର ଶୁଣିଛି, ପ୍ରଥମତଃ ମୋ ବିନା ଶ୍ଳୋକଙ୍କର ଘରେ ମନ ଲାଗେନା ତା ଛଡ଼ା ତାଙ୍କୁ ଲଙ୍ଗ ଡ୍ରାଇଭ୍ ପସନ୍ଦ। ସେ ଯାହାବି ହେଉ ମୋତେ ଲାଗୁଥିଲା ମୁଁ ସେଇ ପୁରୁଣା ସୁନାପଞ୍ଜୁରୀରେ ବନ୍ଦୀ ହୋଇ ରହିଛି। ଆଇଆଇଟି ଆସିବାପରେ ମୁଁ ଆଉ ଚାରିକାନ୍ଥ ଭିତରର ସାରିକା ନଥିଲି। ମୁଁ ବୁଝିପାରିଥିଲି ମୋ ଚାରିକାନ୍ଥ ବାହାରେ ବିରାଟ ଖୋଲା ଆକାଶ, ସୁନ୍ଦର ବାତାବରଣ ମୋତେ ସତେଯେମିତି ଅପେକ୍ଷା କରିଛି। ସମ୍ମୁଖରେ ଦେଖିବାପାଇଁ, ଶିଖିବାପାଇଁ, ଜାଣିବାପାଇଁ ଅନେକ କିଛି ଅଛି। କିନ୍ତୁ ସେଥିପାଇଁ ତ ମୋତେ ସମୟ ଦେବାକୁ ପଡ଼ିବ। ସାଧାରଣ ଭାଷାରେ କହିବାକୁ ଗଲେ କଟକରୁ ଯିବାଆସିବା କରି ସମୟର ସୀମାରେ ନିଜକୁ ବାନ୍ଧିରଖିବା ମୋ ପକ୍ଷରେ ସମ୍ଭବପର ହେଲାନି। ସହଜେ ସବୁଦିନ ଯାଇଆସି କ୍ଳାନ୍ତହୋଇ ପଡୁଥିଲି, ଘରେ ପହଞ୍ଚି ସମସ୍ତଙ୍କ ମନନେଇ କାମକରିବାରେ ଆଉ ସ୍ପୃହା ରହୁନଥିଲା। ସେଇ ପ୍ରଫେସରଙ୍କ ପାଖରେ ମୁଁ ଚିରକୃତଜ୍ଞ ଯାହାଙ୍କ ପ୍ରେରଣା ତଥା ସାହାଯ୍ୟରେ ଏତେବଡ଼ ଅନୁଷ୍ଠାନରେ ପ୍ରବେଶ କରିପାରିଲି। ତାଙ୍କରି ଚେଷ୍ଟାରେ ଲେଡିଜ୍ ହଷ୍ଟେଲ୍‌ରେ ରୁମ୍‌ଟିଏ ମିଳିଗଲା, ପ୍ରୋଜେକ୍ଟ କାମରେ ଅଧିକ ସମୟ ଦେଇପାରିଲି। କିନ୍ତୁ ଘରେ କେହି ଖୁସିନଥିଲେ। ସପ୍ତାହ ଶେଷରେ ଶନିବାର ରବିବାର ଘରକୁ ଯାଉଥିଲି। କିନ୍ତୁ ମୋ ଉପସ୍ଥିତିରେ କାହାକୁ କିଛି ଫରକ ପଡୁନଥିଲା। ଶ୍ଳୋକ ନେବାକୁ ବା ଛାଡ଼ିବାକୁ ଆସନ୍ତିନି, ଶାଶୁମା ଓ ଶଶୁରଙ୍କର ସେ ପୂର୍ବ ଆଗ୍ରହ, ଆନ୍ତରିକତାରେ ଯେମିତି ଭଟ୍ଟାପଡ଼ିଯାଇଥିଲା। ଯେଉଁମାନଙ୍କ ପ୍ରଚେଷ୍ଟାରେ ମୁଁ ନିଜପାଇଁ ଗୋଟେ ପରିଚୟ ସୃଷ୍ଟିକରିପାରିଲି, ମୁଁ ବୁଝିପାରିଲିନି, ସେମାନଙ୍କର ମୋ ପ୍ରତି ଦୃଷ୍ଟିକୋଣ ବଦଳିଗଲା କାହିଁକି ? ମୋର କଣ ଅପରାଧ ହେଲା ? ସେତେବେଳେ ପ୍ରୋଜେକ୍ଟର ଶେଷ ପର୍ଯ୍ୟାୟ। କାମର ଚାପ ଖୁବ ବେଶି। କତେଣୁ ସେମାନଙ୍କ ଚିନ୍ତାଧାରାକୁ ଉପେକ୍ଷା କରି ମୁଁ କାମରେ ବ୍ୟସ୍ତରହିଲି ଏୟା ଭାବି ଯେ ସମୟକ୍ରମେ ସବୁଠିକ୍ ହୋଇଯିବ। କିନ୍ତୁ ମୋର ପ୍ରୋଜେକ୍ଟ କରିବା ପରେ ପରେ ମୁମ୍ବାଇ ଆଇଆଇଟିରେ ଆଉ ଗୋଟେ ପ୍ରୋଜେକ୍ଟରେ ମିଳିଗଲା କାମକରିବା ପାଇଁ। ମୁଁ ଜାଣିଥିଲି ମୋର ମୁମ୍ବାଇ ଯିବାରେ ଘରେ କାହାରି ଠାରୁ ସହଯୋଗ ପାଇବିନି, ତଥାପି ଯିବାପୂର୍ବରୁ ସେମାନଙ୍କ ଠାରୁ ଅନୁମତି ନେବାକୁ ତନୁହେଁ ଜଣେଇବାକୁ ଯାଇଥିଲି, ପ୍ରତିବଦଳରେ ସେମାନେ ମୋଠାରୁ ଡିଭୋର୍ସ ପେପର୍‌ରେ ଦସ୍ତଖତ ଚାହିଁଲେ। ମୋର ବି ମନେହେଲା, ସେ ସଂପର୍କର କଣ ମୂଲ୍ୟ ଯେଉଁଥିରେ କୌଣସି ସମ୍ବେଦନଶୀଳତାର ସ୍ପର୍ଶନାହିଁ, ଭଲପାଇବା ହଜିଯାଇଛି, ଆନ୍ତରିକତାର ଚିହ୍ନବର୍ଣ୍ଣ ନାହିଁ, ସେଭଳି ଅମୃତ ସଂପର୍କକୁ ଜାବୁଡ଼ିଧରି ଘରେ ବସି ରହିବା ଅପେକ୍ଷା, ମୁମ୍ବାଇ ଚାଲିଯିବାଟା ମୋର ଉଚିତ୍ ମନେହେଲା। ନୀରବରେ ଡିଭୋର୍ସ ପେପର୍‌ରେ ଦସ୍ତଖତ କରି ସମସ୍ତ ସଂର୍ପକ ତୁଟେଇ ଚାଲିଯାଇଥିଲି। ତାପରର ଗଳ୍ପ ନିହାତି ସଂକ୍ଷିପ୍ତ। ମୁମ୍ବାଇ ପ୍ରୋଜେକ୍ଟରେ ପରିଚୟ ହେଲା ସ୍ମରଜିତ୍‌ଙ୍କ ସହିତ। ଏକାଠି କାମକରୁଥିବା ହେତୁ ବନ୍ଧୁତା ହେବା ସ୍ୱାଭାବିକ। ଧିରେ ଧିରେ ବନ୍ଧୁତା ନିବିଡ଼ ହେବା ମୁଁ ବୁଝିପାରିଥିଲି। ତାଙ୍କ ବନ୍ଧୁତାରେ ବାଧବାଧକତା, ସନ୍ଦେହର ସ୍ଥାନ ନଥିଲା। ନିଜଲୋକ ନିଜସହରକୁ ଭୁଲିବା ମୋପାଇଁ ଏତେ ସହଜ ନଥିଲା। କିନ୍ତୁ କିଛିପାଇବାକୁ ହେଲେ କିଛି ଛାଡ଼ିବାକୁ ପଡ଼େ। ଏଇକଥା ସ୍ମରଜିତ୍ ମୋତେ ବାରମ୍ବାର ବୁଝାଇଥିଲେ। ସ୍ମରଜିତ୍‌ଙ୍କ ସାନିଧ୍ୟରେ ଆସି ମୁଁ ଜୀବନର ଆଉ ଏକ ନୂତନ ପୃଷ୍ଠାର ସନ୍ଧାନ ପାଇଲି। ସ୍ୱାଧୀନ ଭାବରେ ବଞ୍ଚିବାର ରୋମାଞ୍ଚ ଅନୁଭବ କଲି। ପ୍ରୋଜେକ୍ଟ କରିବା ପରେ ସ୍ମରଜିତ୍ ନିଜ ତରଫରୁ ବିବାହ ପାଇଁ ପ୍ରସ୍ତାବ ଦେଲେ। ମନାକରିବାର କିଛି କାରଣ ଖୋଜିପାଇଲିନି। ବାହାଘର ପରେ କିଛି ବର୍ଷ ସିଙ୍ଗାପୁର୍‌ରେ ଥିଲୁ। ଏବେ ଗୋଟେ ବର୍ଷହେଲା ସ୍ମରଜିତ୍ ଦିଲ୍ଲୀ ଆଇଆଇଟିରେ ପ୍ରଫେସର ଅଛନ୍ତି। ଆପଣ ତ ଦେଖିଲେ ମୋର ଛୋଟ ଛୋଟ ଝିଅ ଦୁଇଜଣଙ୍କୁ। ଶ୍ଳୋକଙ୍କୁ ବାହାହୋଇ ସହରି ଚାକଚକ୍ୟ, ଧନସଂପତ୍ତି, ବିଳାସବ୍ୟସନ ଭରା ଜୀବନ ସହିତ ମୋର ପ୍ରଥମ ପରିଚୟ ହୋଇଥିଲା। ଅଭାବି ସଂସାରରୁ ଆସିଥିଲି। ସେତେବେଳେ ଭାବିଲି, ଏଇଟା ବୋଧହୁଏ ସ୍ୱର୍ଗସୁଖ। କିଛିଦିନପରେ ସେଇ ସୁଖ ମୋତେ ଅଣନିଶ୍ୱାସୀ କରିଦେଲା। ଅବଶ୍ୟ ଶ୍ଳୋକ ଏବଂ ତାଙ୍କର ପରିବାର ପ୍ରତି ମୁଁ ଚିରକୃତଜ୍ଞ, ସେମାନଙ୍କର ବିନା ସାହାଯ୍ୟରେ ଆଜିର ଏ ସୁଦିନ ମୋ ଜୀବନରେ ଆସିନଥାନ୍ତା। ସ୍ମରଜିତ୍ ଓ ଛୁଆଦୁଇଟିଙ୍କୁ ନେଇ ମୋର ଛୋଟ ସଂସାର, ଯେଉଁଠି ସୁଖ, ସ୍ୱଛନ୍ଦ, ଆନ୍ତରିକତା, ସ୍ୱାଧୀନତା ସବୁକିଛି ମୁଁ ପାଇଛି। ଆଜିର ଏଇ ଜୀବନରେ ମୁଁ ଖୁବ୍ ଖୁସି।

ଆପଣ କୁହନ୍ତୁ ନାନୀ, ମୁଁ କଣ ଖୁବ୍ ଗୋଟେ ବଡ଼ ଅପରାଧ କରିଛି ? ବଞ୍ଚିବାପାଇଁ ନିଜର ଗୋଟେ ପରିଚୟ ଆବଶ୍ୟକ। ଏବେ ମୁଁ ଗୀତଗାଏ, କିନ୍ତୁ ଅନ୍ୟକୁ ଖୁସିକରିବା ପାଇଁ ନୁହେଁ, ନିଜ ପାଇଁ, ସ୍ମରଜିତ୍‌ଙ୍କ ପାଇଁ ନିଜ ଖୁସିରେ ଗୀତଗାଏ, ପିଲାଙ୍କ ପାଇଁ କିଛିଦିନ ଜବ୍ ନକରିବାର ନିଷ୍ପତ୍ତି ନେଇଛି। ପରେ ସୁବିଧା ଦେଖି ହୁଏତ ଜଏନ୍ କରିପାରେ। ମୋ ନିଷ୍ପତ୍ତି ମୋର। କୌଣସି ବାଧବାଧକତା ନାହିଁ। ମୋ ଘର, ମୋ ଜୀବନ, ମୋ ନିଷ୍ପତ୍ତି, ମୋ ସ୍ୱାଧୀନତା ହି ମୋର ସବୁଠାରୁ ବଡ଼ ପରିତୃପ୍ତି। ନିଜର ବକ୍ତବ୍ୟ ଶେଷକରି ନୀରବ ହୋଇଗଲା ସାରିକା। ପାଣିଗ୍ଲାସ୍‌ଟା ଗୋଟେ ନିଶ୍ୱାସରେ ଶେଷ କରି ସୋଫାରେ ଆଉଜି ଆଖିବୁଜି ଆରାମ୍‌ରେ ବସିଲା। ହୁଏତ ଏତେଦିନର ଅପରାଧ ବୋଧରୁ ମୁକ୍ତିପାଇବାର ଆଶ୍ୱସ୍ତିରେ ସେ ନିଜ ଭିତରେ ହଜିଯାଇଥିଲା। କିଛିସମୟ ପରେ ପଚାରିଲା – ନାନୀ – କିଛି କହିଲେନିତ ? ମୋତେ ଭୁଲ୍ ବୁଝିଲେନିତ ? ମୁଁ ତାକୁ ପୁଣିଥରେ କୋଳେଇ ନେଇ କହିଲି– ନା ତୁ କିଛି ଭୁଲ୍ କରିନୁ। ସମୟ ଓ ପରିସ୍ଥିତିକୁ ନେଇ ତୁ ଉଚିତ୍ ପଦକ୍ଷେପ ନେଇଛୁ ଯାହାପାଇଁ ତୁ ଜୀବନର ପ୍ରକୃତ ସୁଖ ଖୋଜିପାଇଛୁ।

ପୁଣିଥରେ ଆସିବାର ପ୍ରତିଶୃତି ଦେଇ ସାରିକା ଫେରିଯାଇଥିଲା, ମୋ ପାଇଁ କିନ୍ତୁ ଛାଡ଼ିଦେଇଗଲା ଅନେକ ଗୁଡ଼ାଏ ଅଡୁଆ ଚିନ୍ତାଧାରା ଯାହାକୁ ସଜାଡ଼ି ମୁଁ ଗଳ୍ପଟିଏ ଲେଖିପାରିବି।

ଦୂରଭାଷ: ୯୦୪୦୮୫୨୬୪୪

# ଫର୍ଚ୍ଚା ଆକାଶ

ଇଂ.ଅକ୍ଷୟ କୁମାର ମିଶ୍ର

ମୁନ୍ନୀ ଘରେ ପହଞ୍ଚିଲା ବେଳକୁ, ସଂଜ ଗଡ଼ିଗଲାଣି । ଅଗଣାରେ ଥିବା ମାଟି ହାଣ୍ଡିରୁ, ପାଣି ଢାଳେ ଆଣି ଗୋଡ଼ ହାତ ଧୋଇଲା । ତୁଳସୀ ଚଉରା ପାଖରେ ଠିଆ ହୋଇ ବୋଉ ପଚାରିଲା, ମୁନୀ, ତୋ କାନ୍ଧରେ ଏଇ ଗାମୁଛାଟା କାହାର ? ମୁନୀ, ବୋଉ ନିକଟକୁ ଘୁଞ୍ଚି ଯାଇ କହିଲା, ହଁ ଲୋ ବୋଉ, ଏଇ ଗାମୁଛାଟା ପରା ଧୁସାଭାଇର । ଆଜି କ'ଣ ହେଲା ଜାଣିଛୁ ? ଇଟା ଜୋଡେଇ କାମ ଶେଷ ହେଲା ବେଳକୁ, କାଲି ଯେଉଁ ସେଣ୍ଟରିଂ ପଟା ବାହାରିଥିଲା, ତାକୁ ସବୁ ମୁଁ ସଜାଡ଼ି ରଖୁଥିଲି । ହଠାତ୍ ଗୋଟେ ପଟା ଛିଟିକି ଆସି ମୋ କାନ୍ଧରେ ପଡ଼ିଲା ଯେ, ମୋ ବ୍ଲାଉଜ୍‌ଟା ଫାଟିଗଲା । ସାଙ୍ଗେ ସାଙ୍ଗେ, ଧୁସାଭାଇ ଏଇ ଗାମୁଛାଟି ତା' ମୁଣ୍ଡରୁ ଫିଟେଇ, ମୋ ଦେହରେ ଢାଙ୍କିଦେଲା ପରା । ମୋତେ ଆକଟକରି କହିଲା, ଟିକିଏ ଦେଖି ଚାହିଁ କାମ କରୁନୁ । ଯଦି ଏଇ ପଟାଟା ତୋ ଆଖିରେ କି ମୁଣ୍ଡରେ ବାଜିଥାନ୍ତା ତେବେ କ'ଣ ହୋଇଥାନ୍ତା କହିଲୁ ? ବୋଉ, ଝିଅର ଫଟା ବ୍ଲାଉଜ ଉପରେ ହାତ ବୁଲେଇ ଆଣି କହିଲା, ସତରେ ଲୋ ଝିଅ । ମିସ୍ତ୍ରୀ ସାଙ୍ଗରେ କାମ କଲାବେଳେ, ଟିକିଏ ହୁସିଆରରେ କାମ କରୁଥିବୁ । ବୋଉ, ମୁନୀପାଇଁ ପଖାଳ ସାଙ୍ଗରେ ଚିଙ୍ଗୁଡ଼ି ଶୁଖୁଆ ପୋଡ଼ା ବାଢିଦେଲା । ମୁନ୍ନୀ ବସି ଖାଉଥାଏ । କିଛି ସମୟ ପରେ ବୋଉ କହିଲା, ଆଲୋ ମୁନ୍ନୀ, ତୋ ସାଙ୍ଗ ମାଳତୀ କହୁଥିଲା, ଧୁସାମିସ୍ତ୍ରୀ କାଳେ ତୋତେ ବାହା ହେବାକୁମନ କରିଛି ? ପଖାଳ ବେଲାରେ ମୁନ୍ନୀର ହାତ ଅଟକି ଗଲା । ସେ ଖାଲି ବୋଉ ମୁହଁକୁ ଚାହିଁ ନିରୁତ୍ତର ରହିଲା ।

ଏହି ସମୟରେ, ପାଖ ଘରୁ, ହାତରେ ଗୋଟେ ଧାରୁଆ ଭୁଜାଲି ଧରି, ମଙ୍ଗୁଳି ଭାଇ ରଡି ଛାଡ଼ି ଅଗଣାକୁ ଡେଇଁପଡ଼ି କହିଲା, ଦେଖ୍ ମୁନ୍ନୀ, ଆଉ ଥରେ ଯଦି ଏଇ କଥା ମୋ କାନରେ ପଡ଼େ, ମୁଁ ଏଇ ଭୁଜାଲୀରେ ଧୁସାମିସ୍ତ୍ରୀର ମୁଣ୍ଡଟାକୁ ତା ବେକରୁ ଅଲଗା କରିଦେବି ।

ଆରେ, ତୁ ମତେ ଚିହ୍ନିନାହୁଁ । ବୋଉ ଧିରେ ଧିରେ କହିଲେ, ସଂଜବେଳଟାରେ, କାହିଁକି ଏମିତି ରଡ଼ି ଛାଡୁଛୁ କହିଲୁ ? ମୁନ୍ନୀର ଖାଇବା ଶେଷ ହୋଇ ଯାଇଥିଲା । ସେ ମୁହଁ ଧୋଇ ବୋଉ ଶାଢ଼ି କାନିରେ ହାତ ପୋଛି କହିଲା, ଭାଇ, ମୁଁ ଯଦି ଧୁସା ମିସ୍ତ୍ରୀକୁ ବାହା ହୁଏ, ତେବେ ତୁ ତାକୁ ମାରି ଦେବାକୁ କହୁଛୁ ?

କିନ୍ତୁ କ'ଣ ପାଇଁ ? ମୁଁ ମୋନିଜ ଇଚ୍ଛାରେ, କାହାକୁ ବାହା ହେଲେ, ଏଘରେ କାହାର କ'ଣ ଯାଏ, ଆସେ କହିଲୁ ? ତୁ ମୋର ବଡ଼ଭାଇ, ଭେଣ୍ଡିଆଟେ ! ପ୍ଲସ୍ ଟୁ ପାଶ୍ କରି ଘରେ ବେକାର ବସିଛୁ । ଆମ ବା' ମଧ୍ୟ ରିକ୍‌ସା ବିକିଦେଲା ପରେ ଘରେ ବସିଛି । ମୁଁ ସବୁଦିନ ମଜୁରୀ ଖଟି ଟଙ୍କା ଫାଶ ଆଣିଲେ ଘରେ ଚୁଲି ଜଳୁଛି । ଏଇ ଘର ମୋତେ କ'ଣ ଦେଇଛି ? ଉତ୍କଟ ଦାରିଦ୍ର୍ୟ ଭିତରେ ଜନ୍ମ ନେଇଛି, ପୁଣି ଏହି ଦାରିଦ୍ର୍ୟ ଭିତରେ ପଚି ଶମି ମରିବି ! ଆଜି ଟିକିଏ ଫର୍ଚ୍ଚା ଆଲୁଅର ସଂଧାନ ପାଇଛି ଯେ, ତୁ କହୁଛୁ ସେହି ଆଲୁଅକୁ ଲିଭେଇ ଦେବୁ ? ଆରେ ତୁ ମୋର ଭାଇ, ସବୁ ରାକ୍ଷୀପୁନେଇଁ ଦିନ ତୋର ହାତରେ ରାକ୍ଷୀ ବାନ୍ଧୁଛି, ତୁ ମୋତେ ରକ୍ଷା କରିବୁ କ'ଣ, ଓଲଟା କହୁଛୁ, ମୋ ମୁଣ୍ଡରୁ ସିନ୍ଦୁର ଟିକକ ପୋଛିଦେବୁ ? କଇଁ କଇଁ ହୋଇ ମୁନ୍ନୀ କାନ୍ଦି ଉଠିଲା । ବୋଉ ଆସି ମୁନ୍ନୀକୁ କୋଳେଇ ନେଇ, ତା ଆଖିରୁ ଲୁହ ପୋଛିଦେଲା ।

ମଙ୍ଗୁଳୀ ହାତରୁ ଭୁଜାଲୀଟା ଖସି ପଡ଼ିଲା । ସେ ପିଣ୍ଡା ଉପରେ ଲଥିକରି ବସି ପଡ଼ି ଭାଉ ଭାଉ ହୋଇ କାନ୍ଦିକାନ୍ଦି କହିଲା, ହଁ ମୁଁ ବେକାର ଲୋକଟେ । ମୁଁ ଏତେ କଷ୍ଟ କରି ପ୍ଲସ୍ ଟୁ ପାଶ୍ କଲି । ଆଗରୁ ବି.ଏ. ଖଣ୍ଡେ ପଢ଼ିଥିଲେ, କେଜାଣି କ'ଣ ଗୋଟେ ଚାକିରୀ ମିଳିଥାନ୍ତା । କେହି ମୋତେ ସେତିକି କରେଇ ଦେଲେନି ! ଘରେ ବସି ସାନଭଉଣୀର ରୋଜଗାରରୁ ଖାଉଛି । ଆଉ କିଛି କହି ପାରିଲା ନାହିଁ । ପ୍ରବଳ କୋହ ଉଠି ତାର କଣ୍ଠରୁଦ୍ଧ ହୋଇଗଲା । ଅସହାୟ ଭାବରେ କାନ୍ଦୁଥାଏ । ମୁନ୍ନୀ ଭାଇପାଖକୁ ଆସି, ତା'ର କାନ୍ଧ ଉପରେ ହାତ ରଖି କହିଲା ଭାଇ କାନ୍ଦନା, ଆମ ଭଳି ସବୁ ଗରିବ ଘରର ପିଲା ମାନଙ୍କ ଭାଗ୍ୟରେ ଏଇମିତି ସବୁବେଳେ ଘଟେ । ମୁଁ କ'ଣ କେବେ ବି ଆଶା କରିବି ଯେ, ମୋ ଭାଇ, ମୋ ବା', କେଉଁଠୁ ଗୋଟେ ଡାକ୍ତର ଇଞ୍ଜିନିୟର ବର ଧରି ଆଣି, ମୋ ହାତରେ ତାଙ୍କର ହାତକୁ ଛନ୍ଦିଦେବେ ? ଏମିତି ମିଛ ସ୍ୱପ୍ନ ଦେଖି, ଆମେ କାହିଁକି ଦୁଃଖକୁ ନିମନ୍ତ୍ରଣ କରିବା ? ଛୁଆ ଦିନରୁ, ମୋ ବୋଉ ମୋତେ ଶିଖେଇଛି ଯେ ନଥିଲା ଘରର ଝିଅ ମାନଙ୍କର ସ୍ୱପ୍ନ କେବେ ସଫଳ ହୁଏନା ।

ତୋ ଭଳି ମୁଁ ବି ଫାଷ୍ଟ ଡିଭିଜନରେ ମେଟ୍ରିକ୍ ପାଶ୍ କଲି ।

ସେତେବେଳେ, ଆମ ବା'ର ଭଲ ରୋଜଗାର ହେଉଥିଲା । ମୁଁ ଯଦି ଆଗକୁ ପଢ଼ିଥାନ୍ତି, ତେବେ, ଆଜି କ'ଣ ଦିନ ମୁଲିଆଣୀ ହୋଇ, ବାଲି ସିମେଣ୍ଟ ଭିତରେ ଘାଣ୍ଟି ହେଉଥାନ୍ତି ? ଆରେ ଭାଇ, ତୁ କ'ଣ ଚାହୁଁ, ତୋର ସାନ ଭଉଣୀଟି, ସାରାଜୀବନ ଅଭିଆଡ଼ି ରହି, ଏମିତି ବାର ପ୍ରକାର ମିସ୍ତ୍ରୀଙ୍କ ସାଙ୍ଗରେ ମୁଲିଆଣୀ କାମ କରୁଥାଉ ? ଧୁସାଭାଇ, ମେଟ୍ରିକ୍ ପାଶ୍ କରି, ରାଜମିସ୍ତ୍ରୀ କାମ କରୁଛି । କେହି କେବେ ବି ମୁନ୍ନୀକୁ ଖରାପ ନଜରରେ ଦେଖିବା ପାଇଁ ସାହସ କରି ନାହାଁନ୍ତି । ଧୁସାଭାଇ ସବୁବେଳେ ତା ପାଖେପାଖେ ବଡ଼ିଗାର୍ଡ଼ ଭଳି ଥାଏ । ମୁନ୍ନୀ ବୋଉ ପାଖକୁ ଯାଇ ତା'ର ଲୁଗା କାନିଟିକୁ ମୋଡ଼ି ମୋଡ଼ି ଗଣ୍ଠି ପକେଇ କହୁଥାଏ ବୁଝିଲୁ ବୋଉ, ଧୁସା ଭାଇଟି ଭାରି ଭଲ ମଣିଷଟିଏ । ତା ସାଙ୍ଗରେ କାମ କଲା ଦିନରୁ, ମୁଁ ବର୍ଷସାରା ସବୁଦିନ କାମ ପାଉଛି । ଧୁସା ଭାଇର ବା' ଆଗରୁ ରାଜମିସ୍ତ୍ରୀ କାମ କରୁଥିଲା । ଏବେ ମୁଲିଆ ସର୍ଦ୍ଦାର ହୋଇ, ବିଲ୍‌ଡରମାନଙ୍କୁ ଲେବର ସପ୍ଲାଇ କରି, ଭଲ ପଇସା ରୋଜଗାର କରୁଛି । ଧୁସା ଭାଇର ବି ଭଲ ରୋଜଗାର ହୁଏ । ବାପ ପୁଅ ଦୁହେଁ ଦିନ ରାତି ଖଟି, ସାନପୁଅଟିକୁ ଆଇ.ଟି.ଆର୍. କଲେଜରେ ଇଞ୍ଜିନିୟରିଂ ପଢ଼ୋଉଛନ୍ତି । ଆଉ ଦୁଇବର୍ଷ ପରେ ସେ ପିଲାଟି ଇଞ୍ଜିନିୟର ହୋଇ ବାହାରିବ । ସେମାନେ ମଧ୍ୟ ଆମ ଜାତିର, ଧୁସାଭାଇ ବି କହୁଥିଲା, ଆମ ଦୁଇପକ୍ଷର ବାହାଘର ଖର୍ଚ୍ଚ ସେ ତୁଲେଇ ଦେବ । ବୋଉ ଲୋ, ଏମିତି ନିରୋଳା ପ୍ରସ୍ତାବଟିଏ ଆମେ କାହିଁକି ହାତଛଡ଼ା କରିବା ?

ଝିଅର କଥା ଶୁଣି, ମୁନ୍ନୀ ବୋଉଙ୍କ ଆଖିରୁ ଦୁଇ ଟୋପା ଲୁହ ଝରି ପଡ଼ିଲା । ସେ କହିଲା ଝିଅଲୋ, ତୁ ଯଦି କହୁଛୁ ସବୁ ଦିଗରୁ ପ୍ରସ୍ତାବଟି ଭଲ, ମୁଁ ମୁରୁଖ ମାଇପିଟିଏ ମୁଁ କାହିଁକି ମନା କରିବି । ଏଇ ବାପ ପୁଅଙ୍କ ଦ୍ୱାରା ତ ଶାଗ ଶିଝିବ ନାହିଁ । ତୋ ବୟସ ବି ଗଡ଼ି ଯାଉଛି । ମଙ୍ଗୁଳୀ ସେ ଯାଗା ଛାଡ଼ି ଉଠିଗଲା । ମୁନ୍ନୀ ରୋଷେଇ ଘରେ ପଶିଲା ।

ରାତିର ଗଭୀରତା ବଢ଼ୁଛି । ଘରେ ସମସ୍ତେ ଶୋଇ ପଡ଼ିଲେଣି । ମୁନ୍ନୀ ଆଖିକୁ ନିଦ ଆସୁନାହିଁ । ଅନ୍ଧାର ଭିତରେ, ଆଖି ବୁଜିଲେ, ଦିଶି ଯାଉଛି, ଧୁସା ଭାଇର ଝାଳ ସର ସର ସୁନ୍ଦର ମୁହଁଟି, ତା'ର ଚଉଡ଼ା ଛାତି ବଳିଲା ବଳିଲା ବାହୁ, କୁଞ୍ଚୁକୁଞ୍ଚିଆ ଗହଳିଆ କେଶ । ରୂପ ଅପେକ୍ଷା ତା'ର ଗମ୍ଭୀର ସ୍ୱଭାବ, ମୁନ୍ନୀକୁ ବେଶୀ ଭଲ ଲାଗେ । ଧିର କଥା, କେବେ ବି ଧୁସାଭାଇ ରାଗିବର, ମୁନ୍ନୀ ଦେଖିନି, ବିଡ଼ି, ସିଗ୍ରେଟ ମଦ, କୌଣସି ଖରାପ ଅଭ୍ୟାସ ନାହିଁ । ଧୁସାଭାଇର ଭାବନା ରାଜ୍ୟରେ ଲୀନ ହୋଇ ସେ ଗଭୀର ନିଦରେ ଶୋଇଗଲା ।

ମୁନୀର ଗରୀବ ଘରେ ଜନ୍ମ । ସେମିତି କିଛି ଅସାଧାରଣ ସୁନ୍ଦରୀ ନୁହେଁ । ସଫା ସାବନା ରଙ୍ଗ, ହେଲେ ବି, ମୁହଁର ଗଢ଼ଣଟି ଖୁବ୍, ସୁନ୍ଦର, ମୋହମୟ । ଦେଖିଲା ଲୋକର ଆଖି ଟିକିଏ ଲାଖିଯାଏ । ମୁନୀର ମନେ ଅଛି, ଗଲାବର୍ଷ ପଣ୍ଡାବାବୁ ଡାକ୍ତର ଘର କାମ ଚାଲିଥାଏ । ଦ୍ୱିପ୍ରହର ସମୟ । ମୁନ୍ନୀ, ଟିକିଏ ଦୂରରେ ଇଟାଗଦା ପାଖରେ ବସି, ଘରୁ ଆଣିଥିବା ପଖାଳ, ଆଳୁ ଭରତା ଖାଉଥାଏ । ଏହି ସମୟରେ ଡାକ୍ତରବାବୁ, ସେହିବାଟ ଦେଇ ଅଗଣାକୁ ଯାଉଥିବା ସମୟରେ ମୁନ୍ନୀ ପାଖରେ ଟିକିଏ ଅଟକି ଗଲେ । ମୁନ୍ନୀ ଟିକିଏ ବିଚଳିତ ହୋଇ ତାଙ୍କୁ ଚାହିଁଲା ବେଳକୁ ସେ ମୁନ୍ନୀକୁ ଅଶ୍ଳୀଳ ଇଙ୍ଗିତ ଦେଲେ ଆଖିର ଇଶାରାରେ । ମୁନ୍ନୀ ତରତରରେ ଭାତତକ ନାଳରେ ଢାଳି ଦେଇ, ନଳପାଇପ୍ ନିକଟରେ ବାସନ ଧୋଇ ଦେଲା । ଧୁସାଭାଇ ପାଖକୁ ଆସି ସବୁକଥା କହିଲା । ସଂଜ ବେଳକୁ, ଡାକ୍ତରବାବୁ ସେମାନଙ୍କ ମଜୁରୀ ଦେଲାବେଳେ ଧୁସା କହିଲା, 'ଆଜ୍ଞା, ଆମେ ଦୁହେଁ ଆଉ କାଲିଠାରୁ କାମ କରିବା ପାଇଁ ଆସିବୁନି ।'

ପଣ୍ଡାବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କିରେ ଧୁସା କାହିଁକି ? ଧୁସା ମିସ୍ତ୍ରୀ ସେ ଅଞ୍ଚଳର ନାମକରା ମିସ୍ତ୍ରୀ । ତା'ର କାମ ଦେଖି ପଣ୍ଡବାବୁ ଧୁସାକୁ କୌଣସି ପରିସ୍ଥିତିରେ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ଧୁସା ତଳକୁ ମୁହଁ କରି ଠିଆ ହୋଇଥାଏ । ଡାକ୍ତରବାବୁ ଆଉଥରେ ପଚାରିବା ପରେ, ଧୁସା ସାହସ ସଞ୍ଚୟ କରି ଦୃଢ଼ ସ୍ୱରରେ କହିଲା, ଆଜ୍ଞା, ଆମେ ଗରୀବ ଲୋକ । ବାବୁମାନଙ୍କ ଘରେ କଠିନ ପରିଶ୍ରମ କରି ଯେଉଁ ମଜୁରୀ ପାଉ ସେଇଥିରେ ଆମର ପେଟପୁରେ । ଆମ ପାଖରେ ଧନ ନ ଥିଲେ ମଧ୍ୟ, ଆମପାଖରେ ଅଛି, ଆମର ଇଜ୍ଜତ, ଚରିତ୍ର; ସେହି ଇଜ୍ଜତକୁ ପୁଞ୍ଜି କରି ଆମେ ସୁଖରେ ଜୀଉଁ । ଟଙ୍କା ଫୋପାଡ଼ିଲେ, ଧୁସାମିସ୍ତ୍ରୀ ପରି ଅନେକ ମିସ୍ତ୍ରୀ ଆପଣଙ୍କୁ ମିଳିବେ । ଏହାକହି, ବୀର ଦର୍ପରେ ମୁନ୍ନୀକୁ ସାଇକେଲରେ ବସେଇ ଧୁସା, ସେଠାରୁ ଚାଲି ଆସିଲା । ସେଦିନ ଦୁସାଭାଇ ପ୍ରତି ମୁନ୍ନୀର ମୁଣ୍ଡ ଗର୍ବରେ ଉଚ୍ଚା ହୋଇ ଯାଇଥିଲା । ତା ଭଳି ଚରିତ୍ରବାନ ପୁରୁଷଟିଏ ସେ କେଉଁଠି ଦେଖିନି । ତା ଉପରେ ଯେ କୌଣସି ଝିଅ ଭରସା କରି ପାରିବ । ମୁନୀ ଭାବୁଥାଏ, ଧୁସାଭାଇର ବଳିଷ୍ଠ ପୌରୁଷ ଉପରେ ଭରସା କରି ସେ ସାରାଜୀବନ ନିର୍ଭୟରେ ଜୀଇଁ ପାରିବ ।

ଦିନେ ଦ୍ୱିପ୍ରହରେ, ଧୁସା ମିସ୍ତ୍ରୀର ବାପା, କାଳିଆ ସାମଲ ଆସି ମୁନ୍ନୀ ଘରେ ପହଞ୍ଚିଲେ । ତାଙ୍କୁ ଦେଖି ମୁନ୍ନୀ ବୋଉ, ପ୍ରଣାମ ଜଣେଇ, ଗୋଡ଼ ଧୋଇବା ପାଇଁ ପାଣି ଢାଳେ ବଢ଼େଇ ଦେଲେ । ବାରଣ୍ଡାରେ ଆସନ ବିଛେଇ ଦେଲେ । କାଳିଆ ସାମଲ ପଚାରିଲେ ମୁନ୍ନୀବାପା ଘରେ ନାହାଁନ୍ତି କି ? ମୁନ୍ନୀବୋଉ କହିଲେ ହଁ, ଅଛନ୍ତି । ତୁମେ ବସ, ମୁଁ ତାଙ୍କୁ ଡାକି ଦେଉଛି । ବାହାରେ ଅପରିଚିତଙ୍କ ସ୍ୱର ଶୁଣି, ଘରଭିତରୁ ମୁନ୍ନୀର ବା, ପରଶୁ, ବାହାରକୁ ଆସି ଦେଖିଲେ, କାଳିଆ ଭାଇ ବସିଛି । ସେ ହସି ହସି କହିଲେ, କ'ଣ କାଳିଆଭାଇ, ଆଜି କେମିତି ବାଟହୁଡ଼ି, ଆମଘର ଆଡ଼େ ଚାଲି ଆସିଲ ? ଏହାକହି, ପାଖରେ ପଡ଼ିଥିବା ଆସନ ଉପରେ ପରଶୁ ବସିଲେ ।

କାଳିଆ ସାମଲ କହିଲେ, ଶୁଣ ପରଶୁ ଭାଇ, ଆମ ଧୁସା କହୁଛି, ତୁମ ଝିଅ ମୁନ୍ନୀକୁ ବୋହୂକରି ଆମଘରକୁ ନେବ । ମୁଁ ଏହି ବାହାଘରରେ ଦୁଇ ପକ୍ଷର ସମସ୍ତ ଖର୍ଚ୍ଚ ବହନ କରିବି । ତୁମର ମତ କ'ଣ ?

ପରଶୁ ମୁନ୍ନୀ ବୋଉକୁ ଅନେଇଲେ ମୁନ୍ନୀବୋଉ କହିଲା, ତୁମେ ଯଦି ଏହି ପ୍ରସ୍ତାବରେ ରାଜି ତେବେ, ଆମର କ'ଣ କହିବାର ଅଛି ? ଆମେ ମଧ୍ୟ ରାଜି ! ମୁନ୍ନୀ ବୋଉ ଭାବୁଥିଲେ, ଝିଅଟା ଦି'ବେଳା ଦି ମୁଠା ଭଲରେ ଖାଇବ, ଭଲ ପିନ୍ଧିବ, ଶାନ୍ତୀରେ ଚଳିବ । ଝିଅ ଜନମ ପାଇଁ ଅଧିକ କ'ଣ ଦରକାର ?

ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଧୁସା ଓ ମୁନୀଙ୍କ ବାହାଘର, କାଳିଆ ସାମଲ ମହା ଆଡ଼ମ୍ବରରେ ସମାପନ କଲା ମୁନ୍ନୀ ବୋହୂ ବେଶରେ ଶାଶୁଘରକୁ ପ୍ରବେଶ କଲାବେଳେ ଅନୁଭବ କରୁଥାଏ, ଯେମିତି, ଅନେକ ଦିନରୁ ଏଇ ଘର ତାକୁ ଅପେକ୍ଷା କରି ରହିଥିଲା । ଏକ ଅକଳ୍ପନୀୟ ଉଲ୍ଲାସ, ଉଚ୍ଛାସଭରା ସ୍ୱାଗତୀକା.... ! ବନ୍ଦାପନା ଥାଳି ଧରି ସାହି ଯାକର ସମସ୍ତ ଅହ୍ୟ ସୁଲକ୍ଷଣୀ ନାରୀମାନେ, ଶଙ୍ଖ ହୁଳହୁଳୀ ଶବ୍ଦରେ ଚତୁର୍ଦ୍ଦିଗ

ପ୍ରକମ୍ପିତ କରିଦେଲେ । ଏତେ ସଂଖ୍ୟକ ନାରୀଙ୍କୁ ଦେଖି ମୁନ୍ନୀ ଦେହରେ ଚମକ୍ ଖେଳିଗଲା । ସମସ୍ତଙ୍କ ମୁହଁରେ ମୁନୀର ପ୍ରଶଂସା । ଶାଶୁ ମୁନୀକୁ କୋଟୀ ଆଦର କରି କୋଳେଇ ନେଲେ । ଶାଶୁଙ୍କର ମା' ସମ୍ବୋଧନ ଶୁଣିବାକ୍ଷଣି ମୁନ୍ନୀଦେହ ମନରେ ଅମୃତ ରସ ଭରିଗଲା । ସର୍ବାଙ୍ଗରେ କୋମଳ ସ୍ପର୍ଶଟିଏ ଛୁଇଁଗଲା । ନିବିଡ଼ ସ୍ନେହଁରେ ମୁନୀର ମୁଣ୍ଡକୁ, ଛାତିକୁ ଆଉଜାଇ ଆଣିଲେ । ସବୁ ମମତାକୁ ଏକାଠି କରି, କହିଲେ, ମା' ମୋର, ଆଜିଠାରୁ ତୁ ମୋର ଘରର ଲକ୍ଷ୍ମୀ ।

ନୂଆ ଘର, ନୂଆ ପରିବେଶ, ତଥାପି ମୁନୀକୁ କିଛି ଅସୁବିଧା ଲାଗୁ ନ ଥିଲା । ଶାଶୁ, ଶ୍ୱଶୁର ଦୁହିଁଙ୍କର ସ୍ନେହଁ ବୋଳା ଆଦର, ଧୁସାର ପ୍ରଗାଢ଼ ପ୍ରେମରେ ମୁନ୍ନୀ ଅଭିଭୂତ ହୋଇ ଯାଉଥାଏ । ସେ ଭାବୁଥାଏ ଏତେ ଶୁଖ ଶାନ୍ତି ଭରା ଜୀବନଟିଏ, ତା ପାଇଁ କେବେଠାରୁ ଅପେକ୍ଷା କରିଥିଲା ? ସେ ତ ଏମିତି ଖୁସିଭରା ଜୀବନଟିଏ ପାଇବା ପାଇଁ ସବୁଦିନ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲା ।

ଛୁଆ ଦିନରୁ ସେ ଦେଖିଥିଲା, କେବଳ ଦାରିଦ୍ର୍ୟ, କଳି, ତକରାଳ ଅଶାନ୍ତୀ । ବା' ବୋଉଙ୍କ ଭିତରେ ମାଡ଼, ଗାଳି ଭରା ଝଗଡ଼ା । ନାରୀଟିକୁ ଯେ ସ୍ୱାଧୀନ ଭାବରେ, ସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି, ଏକଥା ମୁନ୍ନୀବୋଉ ଭୁଲି ଯାଇଥିଲା । ଆତ୍ମସମ୍ମାନକୁ ଜଳାଞ୍ଜଳି ଦେଇ, ଦୁର୍ବ୍ୟବହାର, ଅପମାନକୁ ସହି ଜୀଇଁବା, ସେ ଶିଖି ଯାଇଥିଲା । ନିଜ ଘରେ ପିଲାବେଳୁ ଏସବୁ ମୁନ୍ନୀ ଦେଖୁଥିଲା, ଶୁଣୁଥିଲା । ବୋଉ ପରି ନାରୀମାନେ ସ୍ୱେଚ୍ଛାଚାରୀ ସ୍ୱାମୀର ମାଡ଼ ଗାଳି, ଅପମାନ ସହି ଜୀଇଁବା ଶିଖିଯାନ୍ତି । କ୍ରୀତଦାସୀଟିଏ ପରି ଜୀବନ ସାରା କାମ କରି ଚାଲନ୍ତି । ବୋଉର କୌଣସି ଅସ୍ତିତ୍ୱ ନଥିଲା ନିଜଘରେ କୌଣସି ଭଲ, ମନ୍ଦରେ, କହିବାର କିମ୍ବା ପ୍ରତିବାଦ କରିବାର ସାହସ ନଥିଲା ।

ସେ ସବୁ ଦୃଷ୍ଟିରୁ, ମୁନ୍ନୀ ଏକ ସୁଖ ଶାନ୍ତି ଭରା ସରଳ ଜୀବନ ବିତାଉ ଥିଲା । ମୁନ୍ନୀ ଗୋଟିଏ ସୁଖି ଜୀବନ ଜୀଇଁବାର ସରଳ ସୂତ୍ରଟିଏ ପାଇ ଯାଇଛି । ଏଇ ଘରଟି ମୁନ୍ନୀପାଇଁ ଯେମିତି ତା'ର ଏକ ନୂତନ ସାମ୍ରାଜ୍ୟ । ଏ ଘରର ପ୍ରତ୍ୟେକ ମଣିଷ ଉଦାର, ସ୍ନେହୀଁ । କେତେ ପରିଚ୍ଛନ୍ନ ଏମାନଙ୍କ ଚାଲି ଚଳଣ । କଥାବାର୍ତ୍ତା କେତେ ମାର୍ଜିତ, ରୁଚୀପୂର୍ଣ୍ଣ ଚିନ୍ତାଧାରା । ଏ ଘରେ ତା' ପ୍ରତି ସମସ୍ତଙ୍କ ସ୍ନେହଁ ଶ୍ରଦ୍ଧା, ଯତ୍ନ ଉଚ୍ଛୁଳି ପଡୁଛି । କି ଅପୂର୍ବ ଶାନ୍ତି, ଏମିତି ଶାନ୍ତୀମୟ ଜୀବନଟିଏ ସେ କାମନା କରୁଥିଲା । ଖୁସିର ଦିନ ସବୁ ନଈର ସୁଅ ଭଳି ବିତି ଯାଉଥିଲା । ମୁନ୍ନୀ ସେହି ସୁଖ ସାଗରଭିତରେ ନିଜର ବା' ବୋଉଙ୍କୁ ଭୁଲି ଯାଉଥାଏ । ଏହା ଭିତରେ ତିନିମାସ ବିତି ଗଲାଣି । ସେଦିନ ସଂଜବେଳେ, ଧୁସା କାମରୁ ଫେରିଲା ବେଳକୁ ଭାରି ହାଲିଆ ଦିଶୁଥାଏ । ମୁନ୍ନୀ ସ୍ୱାମଙ୍କୁ ପଖାଳ, ଆଳୁ ପୋଟଳ ଭଜା ବାଢ଼ି ଦେଇ, ଗୋଟିଏ ଗିନାରେ ପିଆଜ କଟା, କଞ୍ଚା ଲଙ୍କା ଦେଲା । ଧୁସା ଖାଇ ସାରି ଦଉଡ଼ିଆ ଖଟ ଉପରେ ଗଡ଼ି ପଡ଼ିଲା । ମୁନ୍ନୀ ରସୁଣ ସୋରିଷ ତେଲ ଗରମ କରି ଧୁସାର ପାଦରେ ମାଲିସ୍ କରୁ କରୁ କହିଲା, ତୁମେ ଏତେ ପରିଶ୍ରମ ଏକା ଏକା କରୁଛ, ମୁଁ ଘରେ ବେକାର ବସିଛି, ତୁମ ସାଙ୍ଗରେ କାମକୁ ଗଲେ ଭଲ ହୁଅନ୍ତା ନି ? ଘରକୁ ଦୁଇ ଜଣଙ୍କ ମଜୁରୀ ଆସିଲେ.... କଥା ଅଧାରୁ ଧୁସା ମୁନ୍ନୀର ହାତଟିକୁ ସ୍ନେହଁରେ ଆଉଁସି ଦେଇ କହିଲା ମୁଁ କାଲି ବାପାଙ୍କ ସାଙ୍ଗରେ ଏ ବିଷୟରେ କଥା ହେବି ।

ତା ପର ଦିନ ସକାଳେ ବାପ ପୁଅ ଦୁହେଁ ପିଣ୍ଡାରେ ବସି ଚା' ପିଉଥାନ୍ତି । ଧୁସା କହିଲା, ବାପା, ମୁନ୍ନୀ କହୁଥିଲା, ସେ ମୋ ସାଙ୍ଗରେ କାମ କରିବା ପାଇଁ ଯିବ କି ? ଶ୍ୱଶୁର କିଛି ସମୟ ମଉନ ରହିେ । ଦେଖିଲେ ନୂଆ ବୋହୂଟି କବାଟ କଣରେ, ସେମାନଙ୍କ କଥାବାର୍ତ୍ତା ଶୁଣୁଛି । ସେ ବୋହୂକୁ ଡାକିଲେ । ମୁନ୍ନୀ ମୁଣ୍ଡରେ ଓଢ଼ଣୀ ଦେଇ, ଶ୍ୱଶୁରଙ୍କ ପାଖରେ ଠିଆ ହେଲା ।

ଶ୍ୱଶୁର କହିଲେ, ଆରେ ଧୁସା, ତୁ କ'ଣ ଭାବୁଛୁ ? ଆମ ବାପ, ପୁଅଙ୍କ ରୋଜଗାର ଆମ ନୂଆ ବୋହୂଙ୍କୁ ଖୁସିରେ ରଖିବା ପାଇଁ ଯଥେଷ୍ଟ ହେଉନାହିଁ ? ଏମିତି ପଦେ ସ୍ନେହଁ ବୋଳା କଥା ଶୁଣି, ମୁନ୍ନୀର ଦେହରେ ରୋମାଞ୍ଚଭରା ଖୁସିର ଲହର ଖେଳିଗଲା । ସେ ବିସ୍ମୟଭରା ଦୃଷ୍ଟିରେ, ସ୍ୱାମୀ ଓ ଶ୍ୱଶୁରଙ୍କୁ ଚାହିଁ ରହିଲା ।

ଶ୍ୱଶର କହୁଥାନ୍ତି.... ଆରେ ମା, ତୁ ଆମ ଘରର ଲକ୍ଷ୍ମୀ, ଯେଉଁଦିନ ଠାରୁ ମୁଁ ମୋ ପୁଅ ପାଇଁ ତୋର ହାତ ମାଗିବା ପାଇଁ ତୁମ ଘରକୁ ଯାଇଥିଲି, ସେହିଦିନ ଠାରୁ ମୋର ରୋଜଗାର ଚାରିଗୁଣ ବଢ଼ିଗଲାଣି । ଧୁସାର ବି ଆମ ଅଞ୍ଚଳରେ ଭଲ ନାଁ ହୋଇଗଲାଣି । ମୁଁ ଭାବୁଛି, ଆଉ ଅଳ୍ପଦିନ ପରେ ଆମେ ଦୁହେଁ ମିଶି, ଗୋଟେ ବିଲଡର ସଂସ୍ଥା କରିବୁ । ତୁ ଆମ ଘରେ, ସବୁ ବେଳେ, ଲକ୍ଷ୍ମୀ ଠାକୁରାଣୀ ଭଳି ସଜେଇ ହୋଇ, ତୋ ଶାଶୁଙ୍କ ପାଖରେ ବସ୍ । ଆମେ ବୁଢ଼ା ବୁଢ଼ୀ ଦୁହେଁ, ତୋର ହସହସ ମୁହଁଟିକୁ ଦେଖି ଆନନ୍ଦ ଅନୁଭବ କରିବୁ । ମୋ ଘରର କୂଳ ଲକ୍ଷ୍ମୀ ବାହାରକୁ ଯାଇ କାମ କରିବା କଥା, ଆଉ ଦିନେ ଏ ଘରେ ଉଠିବ ନାହିଁ । ବୁଝିଲୁ ମା.... ?

ମୁନ୍ନୀ ଖୁସିରେ ଗଦ୍‌ଗଦ୍ ହୋଇ ଶ୍ୱଶୁରଙ୍କ ପାଦ ଛୁଇଁ, ଆଶୀର୍ବାଦ ନେଲା । ଭିତର ଘରକୁ ଯାଇ ଶାଶୁଙ୍କ ପାଦଛୁଇଁ ପ୍ରଣାମ କଲା । ଶାଶୁ ବି ବୋହୂକୁ ସ୍ନେହଁରେ କୋଳେଇ ନେଲେ । ଶାଶୁଙ୍କ ଉଷୁମ କୋଳ ଭିତରେ ମୁହଁ ବିଗଡ଼ି, ମୁନ୍ନୀ, ତୁଳନା କରୁଥାଏ, ଅତୀତର ଅନ୍ଧକାର ପୂର୍ଣ୍ଣ ଜୀବନ ସହିତ, ବର୍ତ୍ତମାନର ଉଜ୍ଜ୍ୱଳ ଆଲୋକ ଭରା ଜୀବନକୁ ।

ସେ ମୁଗ୍ଧ ନୟନରେ ଦେଖିପାରୁଥିଲା, ତାର ଅତୀତ ଜୀବନ ଆକାଶରେ ଘୋଟିଥିବା କଳା ବାଦଲ ସବୁ କେମିତି ଅପସରି ଯାଇ, ଫର୍ଚ୍ଚା ନୀଳ ଆକାଶଟି କେତେ ସୁନ୍ଦର ଦିଶୁଛି । ସେହି ନୀଳ ଆକାଶ ବକ୍ଷରେ ଉଡ଼ି ଚାଲିଛନ୍ତି ଦଳ ଦଳ ଧୋବ ଫର ଫର ବଗ । ଏବେ ମୁନ୍ନୀ ଭଲ ଭାବେ ବୁଝି ଯାଇଛି କେମିତି ଅତୀତକୁ ଭୁଲି, ଭବିଷ୍ୟତକୁ ଭୟ ନ କରି ଖୁସିରେ ବଂଚିହୁଏ । ଆଉ ମୁନ୍ନୀ ଅନୁଭବ କରୁଥିଲା, ତା ହାତ ମୁଠାରେ ଏକ ଭରପୁର ସୁଖପୂର୍ଣ୍ଣ ଶାନ୍ତିର ଜୀବନ । ସେ ଖୁସି ଖୁସି ଦିଶୁଥିଲା, ଯେମିତି ରାତିର ପଦ୍ମକଢ଼ଟି ସକାଳକୁ ଖୋଲି ଯାଇଛି । ମୁନ୍ନୀର ବିଭୋର ଆଖିରେ ଥିଲା ଆଖି ଭର୍ତ୍ତି ସ୍ୱପ୍ନ ।

*ଲିଙ୍ଗରାଜ ନଗର, ଲେନ୍ ନଂ.-୯*
*ଓଲଡ୍ ଟାଉନ୍, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୪୩୭୨୩୦୬୩*

# ଅନ୍ତତଃ ଶାନ୍ତି..

ମୂଳ ହିନ୍ଦୀ–ଡଃ. ଅଲକା ଜୈନ 'ଆରାଧନା'
ଅନୁବାଦ– ମନୋଜ କୁମାର ବେହେରା

ଲାଭକୁ ଛାଡିଦେଇ ଶାନ୍ତି ପାଇବାଟା ଆଦୌ କ୍ଷତିର ସଉଦା ନୁହେଁ.. ରିମ୍ ଝିମ୍ ବର୍ଷାରେ କେହି ଜଣେ କଲିଂବେଲ୍ ବଜେଇଲା । ବର୍ଷାରେ ମଧ୍ୟ ଶାନ୍ତି ନାହିଁ.. ବିଡ୍ ବିଡ୍ ହେଇ ମୀତା ବାହାରକୁ ଆସି ଦେଖିଲା ବେଳକୁ ମାଳୀ ଆସିଥିଲା । ମାଳୀ କହିଲା, 'ମ୍ୟାଡାମ୍ ଜୀ ! ଗଛ ଲତାଙ୍କର କଟା ବଛା କରେଇ ନିଅନ୍ତୁ' ।

ମୀତା କହିଲା, 'ହଁ ସବୁ ଗଛ ଟିକିଏ କଟାକଟି ତ ହେବ । ହେଲେ ତୁମେ ସନ୍ଧ୍ୟାରେ ଆସ' ।

ମାଳୀ ହାତ ଯୋଡି କହିଲା, 'ମ୍ୟାଡାମ୍ ଜୀ ! ଏବେ କରେଇନିଅନ୍ତୁ। ସନ୍ଧ୍ୟାବେଳେ ତ ମୁଁ ଗାଁକୁ ଯିବା ପାଇଁ ବାହାରି ଯିବି' ।

ମୀତା ପଚାରିଲା, କେତେ ନବ ?

ବଗିଚାରେ ଥିବା ଗଛମାନଙ୍କ ଆଡେ ନଜର ବୁଲେଇ ଆଣି ମାଳୀ କହିଲା, 'ଗଛ ସବୁ ବହୁତ ବଡହେଇ ଯାଇଛନ୍ତି.. ଅନାବନା ଗଛ ସବୁଉଠି ପୁରା ଜଙ୍ଗଲ ହେଇଯାଇଛି ବଗିଚାଟା' । ଘଣ୍ଟେ ଲାଗିବ ଆଉ ପୁଣି ବଗିଚାକୁ ସଫାକରିବାକୁ ପଡିବ । ଆପଣ ଦୁଇଶହ ଦେଇ ଦେବେ ।

ମୀତା ଉତ୍ତରରେ କହିଲା, 'ଦୁଇଶହ ତ ବହୁତ ବେଶୀ ହେଇଯାଉଛି, ମୁଁ ଶହେଟଙ୍କା ଦେବି' । ତୁମେ ଦେଖ ତୁମ ମନକୁ ଯାଉଛି ନା' ନାହିଁ ।

ମାଳୀ କିଛି ସମୟ ଭାବି କହିଲା, ଠିକ୍ ଅଛି ଦେଢ ଶହଟଙ୍କା ଦେବେ..।

ମୀତା କହିଲା, 'ନା'.. ଆଉ କବାଟ ବନ୍ଦ କରିଦେଲା' ।

ରୁମ୍‌କୁ ଆସି ଏସି ଚଲେଇବା ପାଇଁ ହାତ ବଢେଇଥିଲା ବେଳେ ପୁଣି ଥରେ ବାଜିଉଠିଲା କଲିଂବେଲ୍ । ଏଥର କିନ୍ତୁ ରାଗମାଡିଲାନି ମୀତାକୁ କାହିଁକିନା ସେ ଜାଣିସାରିଥିଲା କି ମାଳୀ ରାଜିହେଇଯାଇଛି । କବାଟ ଖୋଲିଲା ପରେ ମାଳୀ କହିଲା, 'ଠିକ୍ ଅଛି ଶହେ ଟଙ୍କାରେ କାମକରି ଦେଉଛି' ।

ମୀତା ଖୁସି ହୋଇଗଲା ବହୁତ କାହିଁକି ନା ଏତେ ଗଛକୁ କାଟିବା ତାଙ୍କୁ ସାଇଜ୍‌କରିବା, କଣ୍ଟା ଝଣ୍ଟା ସଫାକରିବି ପାଇଁ ଅନେକ ଥର ସେତିନି ଶହ ଟଙ୍କା ମଧ୍ୟ ଦେଇଥିଲା । କିଛିସମୟ ପରେ ଏସିର ଥଣ୍ଡା ପବନରେ ଆଖି ଲାଗିଗଲା ତା'ର । କଲିଂବେଲ୍ ବାଜିବା ଶବ୍ଦରେ ତା'ର ଆଖି ଖୋଲିଲା । ଦୁଇ ଘଣ୍ଟା ବିତିସାରିଥିଲା ଯା'ଭିତରେ ମାଳୀକୁ କାମକରିବାରେ । ସେ ବାହାରେ ଛିଡାହୋଇ ଟଙ୍କା ମାଗୁଥିଲା ।

ମୀତା ବାହାରକୁ ଆସି କହିଲା, 'ଡେରିହେଇଗଲା ଯେ.. ଆରାମ କରୁଥିଲ ନା' କ'ଣ' ?

ମାଳୀ କହିଲା, ନା'..ନା'.. ମ୍ୟାଡାମ୍.. ଗୋଟିଏ ମିନିଟ୍ ପାଇଁ କାମ ଅଟକିନି । କାମ ବହୁତ ବେଶି ଥିଲା । ପୁଣି ଅଳିଆ ପକେଇବାରେ ବହୁତ ସମୟ ଲାଗିଗଲା ।

ଶହେ ଟଙ୍କାର ନୋଟ୍‌ଟିଏ ତାକୁ ବଢେଇ ଦେଇ ସେ କବାଟ ଆଡେ ବୁଲିପଡିଲା ବେଳକୁ ମାଳୀକୁ ଫୋନ୍‌ରେ କାହା ସହିତ କଥାବାର୍ତ୍ତା ହେବାର ଶୁଣିଲାକି, 'ଚିନ୍ତା କରନି, ମୁଁ ଜଲ୍‌ଦି ଯାଉଛି ଗାଁକୁ' । ତା'ପରେ ଆମେ ମୁନ୍ନୀକୁ କୌଣସି ଭଲ ଡାକ୍ତରଙ୍କୁ ଦେଖେଇବା । ସେ ନିଶ୍ଚୟ ଠିକ୍ ହୋଇଯିବ । ଟଙ୍କା ପାଇଁ ଚିନ୍ତା କରନାହିଁ । ମୁଁ କାହାଠୁ ଧାର୍‌ନେବା ପାଇଁ ଚେଷ୍ଟାକରୁଛି । ଟଙ୍କା ନିଶ୍ଚୟ ମିଳିଯିବ ।

ମୀତା ରୁମ୍‌କୁ ପଳେଇ ଆସିଲା । ସେ କିଛି ଟଙ୍କା କାଢିଲା । ବାହାରକୁ ଆସି ନିଜ ହତିଆର ଗୋଟାଉଥିବା ମାଳୀକୁ ସେ କହିଲା, ତୁମର ପରିଶ୍ରମ ବହୁତ ବେଶୀ ହେଇଗଲା । ଏଇ ଦୁଇଶହଟଙ୍କାକୁ ନିଅ.. ତୁମ ପରିଶ୍ରମର ମୂଲ୍ୟ । ମାଳୀ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ମୀତାକୁ । ତା'ପରେ ମୀତା ତାକୁ ଦୁଇହଜାର ଟଙ୍କାର ନୋଟ୍‌ଟିଏ ଦେଇ କହିଲା, "ଆଉ ଇଏ ହେଲା ଆଡଭାନ୍ସ.. ପ୍ରତିମାସରେ ଆସି ଟିକିଏ ଗଛମାନଙ୍କୁ କାଟି ସାଇଜ୍ କରିଦେବ ଆଉ ବଗିଚାକୁ ସଫାକରିଦେବ ।"

ମାଳୀ କୃତଜ୍ଞତାର ସହିତ ହାତକୁ ଯୋଡିଦେଲା, ମୀତାକୁ ଏହି କଥାର ଶାନ୍ତି ଥିଲା କି ସେ ଗୋଟିଏ ବହୁତ ବଡ ଭୁଲ୍ କରିବାରୁ ବଞ୍ଚି ଯାଇଥିଲା । ହେଲେ ସେ ଏଥିପାଇଁ ମନେ ମନେ ଖୁସି ଥିଲା କି' ଲାଭକୁ ଛାଡି ଦେଇ ଶାନ୍ତି ପାଇବାଟା ଆଦୌ କ୍ଷତିର ସଉଦା ନୁହେଁ..।'

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯ (ଫ୍ଲାଟ୍), ଭୁବନେଶ୍ୱର-୨୨*
*ଦୂରଭାଷ: ୭୯୭୮୮୩୦୬୧୧*

# ଆମ୍ବ ବଗିଚା

ମୂଳହିନ୍ଦୀ -ସାରିକା ସିଂହ
ଅନୁବାଦ- ନଗେନ୍ଦ୍ର ନାଥ ପଟ୍ଟନାୟକ

'ଗୁରୁଜୀ ! ଆଜିକାଲି ଆପଣ ପୁଣି ଏଠି ?' ଖୁବ୍ ଜୋରରେ ଛୁଟୁଥିବା ସାଇକେଲଟିର ବ୍ରେକ୍ କଷି, ଜାଣିଶୁଣି ଟନ୍ ଟନ୍ ଘଂଟି ବଜାଇ ଚନ୍ଦନ ମାଷ୍ଟ୍ରଜୀଙ୍କୁ ଜଗାଇ ପଚାରିଲା। ଜୁନମାସ,ଟାଇଁ ଟାଇଁ ଖରା । ତପତ ନିଦାଘ ଦି ପ୍ରହରେ ଝଙ୍କା ଆମ୍ବଗଛ ଶୀତଳ ଛାଇତଳେ ନିଶ୍ଚିନ୍ତରେ ଶୋଇ ଯାଇଥିଲେ ଗୁରୁଜୀ। ଅଚାନକ ସାଇକେଲ ଘଂଟି ବାଜିବା ମାତ୍ରେ ତାଙ୍କ ପତଳା ନିଦ ଚାଉଁକିନା ଭାଙ୍ଗିଗଲା । ହଡବଡେଇ ଯାଇ ଉଠି ବସିଲେ । ଚନ୍ଦନର ଦୁଷ୍ଟାମିକୁ ଠଉରେଇ ଚିହିଁକି ଉଠିଲେ-ଦୂର ଦୂର... ଦୂରେଇ ଯାଆ । ଚନ୍ଦନ ମୁରୁକି ମୁଚିକି ହସ ଫୁଟାଇ କହିଲା -ଇଆଡେ ଯାଉଥିଲି, ଭାବିଲି ଆପଣଙ୍କ ହାଲଚାଲ କ'ଣ ପଚାରି...। ତା ପାଟିରୁ କଥା ନ ସରୁଣୁ ମଝିରେ ଗୁରୁଜୀ ତାକୁ ଦି ପଦ ମୃଦୁ ଗାଳିଦେଇ କହିଲେ- ଆଚ୍ଛା...ଆଚ୍ଛା ମତେ ସବୁକଥା ଜଣା, ଯାଆ, ବାହାରି ଯା ଏଠୁ । ମନୋବାଞ୍ଛା ପୂରଣ ନ ହୋଇ ପାରିବାର ନୈରାଶ୍ୟ ଗ୍ଲାନି ଚନ୍ଦନ ମୁହଁରୁ ସ୍ପଷ୍ଟଭାବେ ବାରି ହୋଇ ପଡୁଥିଲା । ଝଙ୍କାଳିଆ ଆମ୍ବଗଛରୁ ଲେନ୍ଥା ଲେନ୍ଥା ହୋଇ ହଳଦୀ ଗୁରୁଗୁରୁ ପାଚିଲା ଆମ୍ବଗୁଡିକ ଆଡେ ଦୃଷ୍ଟି ଫିଙ୍ଗୁଥିବା କେହି ଆମ୍ବପ୍ରିୟ ମଣିଷ କାହିଁ ଟକଳା ନ ହେବ ଯେ ! ଚନ୍ଦନ ମନରେ ବିଜୁଳି ବେଗରେ ବିଚାର ଦୌଡୁଥିଲା । କିଛିକ୍ଷଣ ଭିତରେ ଚନ୍ଦନର ଆଖି ହଳକ ତଳେ ଲଟକିଥିବା ଆମ୍ବଗୁଡିକର ଫଟୋକପି ନେଇ ସାରିଥିଲା । ହେଲେ ଗୁରୁଜୀଙ୍କ ଆମ୍ବବଗିଚାରେ ଆମ୍ବ ଚୋରି କରିବା ଦୂରକଥା, ଆମ୍ବ ପତ୍ରଗୁଡିକୁ ଛୁଇଁବାର କାହାର ଔକାତ ନ ଥିଲା । ନିଜର ଗୁମର ଖୋଲିବା ଦେଖି ଚନ୍ଦନ ନିରାଶ ହେଇ ସେଠୁ ଚାଲିଗଲା । ଏଣେ ନିଦରେ ବ୍ୟାଘାତ ସୃଷ୍ଟି ହେବାରୁ ଗୁରୁଜୀ ଚିଡିଚିଡି ହୋଇ ଉଠିଲେ । ଅଂଟା ସଳଖି ଉଠିପଡି ଫୁଙ୍ଗୁଳା ପାଦରେ ନିକଟବର୍ତ୍ତୀ ମାଠିଆ ଆଡକୁ ବଢିଲେ । ଢକ୍‌ଢକ୍ କରି ପେଟେ ପାଣି ପଇବ ପକାଇଲେ । ଗୁରୁଜୀଙ୍କ ଆମ୍ବ ପାଇଁ ଗାଆଁଟି ବେଶ୍ ପ୍ରସିଦ୍ଧ । ଗୁରୁଜୀଙ୍କ ବଗିଚାରେ ଆମ୍ବର ସ୍ୱତନ୍ତ୍ରତା ପୂରା ନିଆରା । ଦେଖିବାକୁ ମୋଟା, ହଳଦୀ ଗୁରୁଗୁରୁ ।

ମହମହ ବାସ୍ନା ଚହଟିଯାଇ ମାଇଲ ମାଇଲ ପର୍ଯ୍ୟନ୍ତ ଲୋକଙ୍କୁ ବଗିଚା ଆଡକୁ ଆକର୍ଷିତ କରୁଥିଲା । ଗୁରୁଜୀଙ୍କ ଆମ୍ବ ଉପରେ ଗାଁର ପ୍ରତ୍ୟେକ ଲୋକ ଲୋଭିଲା ଆଖି ଲାଖି ଯାଉଥିଲା । ଚନ୍ଦନ କିନ୍ତୁ ଗାଳି ଖାଇ ଫେରି ଯାଇଥିଲା । ଗୁରୁଜୀଙ୍କ କଡା ନଜର ଯୋଗୁଁ ଆମ୍ବଟେ ପାଇବା କାଠିକର ଥିଲା । ଗାଆଁ ଆଡକୁ ଲମ୍ବିଯାଇଥାଏ ଗୋଟେ ପାଦଚଲା ସଡକ । ସଡକର ଠିକ୍ ସାମନାରେ ବିଦ୍ୟାଳୟ । ବିଦ୍ୟାଳୟର ଅନତିଦୂରରେ ଗୁରୁଜୀଙ୍କ ଆମ୍ବବଗିଚା । ଜୀବନଯାପନ ପାଇଁ ଲୋକେ ଯେମିତି ଦାନାକୁ ସମ୍ଭାଳି ଥାନ୍ତି ଠିକ୍ ସେମିତି ବର୍ଷବର୍ଷ ଧରି ଗୁରୁଜୀ ଗଛବୃଚ୍ଛଙ୍କର ଦେଖାରେଖା କରି ଆସୁଛନ୍ତି । ଲୋକବାକ ତ ଛାଡ, କାଉଟିଏ ବି ଟଂଚୁରେ ଆମ୍ବଟିକୁ ଖୁମ୍ପିବା ସମ୍ଭବ ହେଉ ନଥାଏ ।

ଗୁରୁଜୀଙ୍କ ପୁଅ ଯେ ଜଣେ ବଡ ବ୍ୟବସାୟୀ ଏକଥା ଗାଁସାରା ଲୋକେ ବେଶ୍ ଜାଣନ୍ତି । ଗୁରୁଜୀଙ୍କ ମନରେ ଦୃଢ ଆଶା ଯେ ଦିନେ ନା ଦିନେ ପୁଅ ତାଙ୍କର ମେହନତ୍ ଦେଖି ଖୁସୀ ହେବ ଓ ତାଙ୍କୁ ଗାଢ ଆଶ୍ଳେଷରେ କୁଣ୍ଢାଇ ପକାଇ କହିବ -ଆଜିଠୁ ତମର ଆମ୍ବ ଖାସ୍ ନୁହେଁ । ଗୁରୁଜୀ ଦିନକୁ ଦିନ କଠୋର ହେଉ ଯାଇଥିଲେ । ବର୍ଷବର୍ଷ ଧରି କେହି ଗୁରୁଜୀଙ୍କ ପୁଅକୁ ଗାଁରେ ଦେଖି ନାହିଁ କି ସହରଯାତ୍ରା କରିବା କାହାର ନଜର ପଡିନି । କିନ୍ତୁ ବାପା ହେବାର ସାରାଂଶ ହୁଏତ ଏହି କି ଆମର ଚାରା ଗଛ ରୂପେ ମୁଣ୍ଡଟେକି ଫଳ ଦେଉ କି ନ ଦେଉ, ଛାୟା ଦେଉ ଅବା ନଦେଉ ଦିବ୍ୟ ଭାବନା ସହିତ ଆମକୁ ତାର ଦେଖାରେଖା କରିବାକୁ ପଡିଥାଏ ।

ଗୁରୁଜୀ ସବିଦିନ ଭଳି ସେଦିନ ଆମ୍ବକୁ ନିରେଖି ଦେଖୁଥିବା ବେଳେ ପାଉଁଜିର ରୁଣୁଝୁଣୁ ମଧୁର ସ୍ୱର ଭାସିଆସି ଶୁଣାଗଲା । ଗୁରୁଜୀ ଦେଖିଲେ ରାଣୀ ତାଙ୍କ ଆଡକୁ ଝପଟି ଆସୁଛି ।

-ହେ ଝିଅ ! ଏତେ ଜୋରରେ ଝପଟି ଆସୁଛୁ କାଇଁକି ?ମୁହଁମାଡି ତଳେ ପଡିଯିବୁ ।

-ମୋ ନାଆଁ ରାଣୀ, ମୁଁ କାଇଁକି ଖସି ପଡିବି ? ଭଗବାନ କରନ୍ତୁ ଏଠି ଆମ୍ବଟିଏ ଗଛରୁ ଝଡିପଡୁ ,ମତେ ମିଳିଯିବ -ରାଣୀ ଚାହା ଥର୍ମାଫ୍ଲାସଟି ତଳେ ଥୋଇଦେଇ କହିଲା ।

-ଆରେ ବାଃ ବାଃ ! ଆମ୍ବ ଝଡିଯିବ ଆଉ ତତେ ମିଳିଯିବ । ଭାଗ୍ ଏଠୁ ।

-ଆଚ୍ଛା ଠିକ୍ଅଛି, ଚାହା ନେଇକି ଯାଉଛି ।

-ଏକୁ କେମିତି ନେଇଯିବୁ ?

-ମୁଁ ନେଇଯିବି । ମାମାକୁ କହିଦେବି ଗୁରୁଜୀ ପିଇଲେନି ।

-ମିଛ କହିବୁ ?

-ମିଛ ବୋଲିବିନି, ଆପଣଙ୍କୁ ବଡେଇଥିଲି, ପୁଣି ଭୁଲ କେମିତି ?

-ଚାଲ ଚାଲ ,ମତେ ଚାହା ପିଇବାକୁ ଦେ ଓ ତୁ ଆମ୍ବଗୁଡିକ ଉପରେ ନଜର ରଖ ।

-ନା, ମୁଁ ନଜର ରଖିବିନି, ମୋ ମନ ଲୋଭେଇ ଯାଉଛି । ମାମା କହିଲେ-ଲୋଭ କରିବା ମହାପାପ ।

-ଠିକ୍ଅଛି, ଦୃଷ୍ଟି ନରଖ । ମୁଁ ନିଜେ ନଜର ରଖିନେବି । ଘରକୁ ଯାଆ, ମୁହଁସଂଜ ମାଡିଆସୁଛି ।

-ଆଚ୍ଛା ! //ଚାହା ଆଣିଚି ରାଣୀ – ଗୁରୁଜୀ ପିଇବେ ପାଣି // ଗୋଟେ ପୁରୁଣା କନା ତିଆରି ଝୁଲାରୁ ଦରଚିରା ଖାତା ଆଉ ପେନ୍ସିଲ ବାହାର କରି ରାଣୀ କହିଲା ।

କ'ଣ ଘଟିବାକୁ ଯାଉଛି ଗୁରୁଜୀଙ୍କୁ ଆଗରୁ ଜଣାଥିଲା । ସେ ବାମ୍ଫଉଠା ଚା' ସୁଡୁକାଏ ସୁଡୁକାଏ ନେଇ ମୁହଁଟେକି ଉପରକୁ ଅନେଇଲେ ।

-ଛାଇରେ ବସିଥା', ଏବେ ଆସୁଛି ।

ରାଣୀ ଚିଲେଇ ଚିଲେଇ ଯାଇ ଖଟିଆ ଉପରେ ଲଥ୍କିନା ବସିପଡିଲା । ପରେ ପରେ ଗୁରୁଜୀଙ୍କ ପାଖରେ ପଡିଥିବା ଗଦିପକା ଚଉକି ଉପରେ ଆରାମରେ ବସିପଡିଲା ।

-କାଲି ପଢେଇଥିଲି ନା ! ଅ ରୁ ଅନାର ଓ ଆ ରୁ ଆମ୍ବ । ଲେଖିଲୁ ।

-ଏଇଠି ବି ଆମ୍ବ ...ଏ ଆମ୍ବ, ଆମ୍ବଟେ ହୋଇ ସୁଦ୍ଧା ଏତେ ଖାସ୍ କେମିତି -ଏ ବିଚାର ହୁଏତ ରାଣୀ ମୁଣ୍ଡରେ ଖେଳୁଥିଲା । ସେ ଆମ୍ବ ନ ଲେଖିଲେ ବି ବେକ ଟେକି ଉପରେ ଝୁଲୁଥିବା ଆମ୍ବକୁ ନିଶ୍ଚିତ ରୂପେ ଅପଲକ ଆଖିରେ ଦେଖୁଥିଲା ।

-ଯା, ଏବେ ଲେଖ । ନଇଲେ ଡାକିଲେ ମାମା ଆସିଯିବେ । ପୁଣି ମନଦେଇ ପଢିବୁ ।

ରାଣୀ ଓ ଗୁରୁଜୀ କିଛି ସମୟ ପଢାପଢି କଲେ । ରାଣୀ ଉ ରୁ ଉଡିବା ଏବଂ ଉ ରୁ ଉଚ୍ଚା କହିଲା ବେଳେ ଗୁରୁଜୀ ଫେଁ କିନା ହସି ପକାନ୍ତି । ଓ ରୁ ଓଲୁ ଏବଂ ଆଉ ଓ ରୁ ଓଟ । ତୁଟା ଦୁଇଟିଯାକ । ଗୁରୁଜୀ ଆମ୍ବଗଛ ଉପରେ ନଜର ବୁଲାଇ ଆଣି କହିଲେ ।

ଏତିକି ଶୁଣିବାମାତ୍ରେ ରାଣୀର ଗୋଲଗୋଲ ଆଖିହଳକ ବଡ ବଡ ହୋଇଗଲା । ରାଣୀ ରାଗିଯାଇ କହିଲା- ଗାଁବାଲାଏ କହନ୍ତି ଗୁରୁଜୀ ଖରାପ ଲୋକ । ଗୁରୁଜୀଙ୍କୁ ଗାଁବାଲାଙ୍କ କଥା ଫରକ୍ ପଡେନି ସିନା; ରାଣୀ ପାଇଁ ଗାଁଲୋକଙ୍କ କଥା ବେଶ୍ ଗୁରୁତ୍ୱ ବହନ କରୁଥିଲା । ଗୁରୁଜୀ ଥରେ ରାଣୀର ବାପାଙ୍କୁ ସରକାରୀ କାମରେ ସାହାଯ୍ୟ କରିଥିଲେ । ସେବେଠୁ ରାଣୀର ପରିବାର ଗୁରୁଜୀଙ୍କର ଖିଆଲ ରଖିଛନ୍ତି । ଠିକଣା ସମୟରେ ଚାହା ଆଉ ଜଳଖିଆ ଗୁରୁଜୀଙ୍କ ପାଖରେ ପରଷି ଦିଅନ୍ତି । ପାଠ ପଢିବା ଆଗ୍ରହରେ ରାଣୀ ତାଙ୍କ ଚାରିପଟେ ଘୂରିବୁଲେ । ଗୁରୁଜୀ ସ୍ୱୀକାର କରନ୍ତୁ କି ନାହିଁ, ରାଣୀ କିନ୍ତୁ ଥିଲା ତାଙ୍କପାଇଁ ଶୂନ୍ୟର ବିପରୀତ ଅନନ୍ତ ।

- ଉହୁଁ... ଏମିତି । ତୁ କଣ କହୁଛୁ ?

-ମୁଁ କହୁଛି ଓ ରୁ ଓଲୁ ଆଉ ଓ ରୁ ଓଟ ।

ଏତିକି କହିଦେଇ ରାଣୀ ଖୁବ୍ ଜୋରରେ ଖିଲ୍ଖିଲ୍ ହସୁଥିଲା

-ଏ ରାଣୀ ! ଉଷୁମ ଚାହା ନେଇ ଆସିଥିଲୁ,ଏଇଠି ଅଟକିଗଲୁ । ଅଚାନକ ଭାସି ଆସୁଥିବା ଶବ୍ଦରେ ରାଣୀ ତାଜୁବ ହୋଇଗଲା ।

-ପାପା... ! ସେ ଝଟକିନା ନିଜ ଖାତାକୁ ପିଠି ପଛେ ଲୁଚାଇଦେଲା ।

-ଆସିଥିଲି ଯାଙ୍କୁ ଖୋଜିବାକୁ । ଗୁରୁଜୀଙ୍କ ପାଟିଶବ୍ଦ ଆଡେ ଇସାରା କରି କହିଲା ।

-ହଁ ଯାକୁ ମାମା ଡାକୁଥିଲେ । ମାମା କୁଆଡ଼େ କହିଛନ୍ତି ଆଜି ହାଲୁଆ ପୁରି ଖାଇବା ବନା ହେବ । ଖାଦ୍ୟ ରନ୍ଧାରନ୍ଧି କରିବା ପାଇଁ ସମୟ ଲାଗିବ – ରମେଶ୍ୱର କହିଲା ।

-ହାଲୁଆ... ! ରାଣୀ ପାଟି ଅଧା ଫିଟି ରହିଗଲା । ହାଲୁଆ ବୋଲି ଦୋହରାଇବା କ୍ଷଣି ରାମେଶ୍ୱର ପୁଣି ତା ପାଟି ବନ୍ଦ କରିଦେଲେ । ତୁ ଏଠି କଣ କରୁଛୁ ଆମକୁ ଜଣାଅଛି, ବୁଝିଲୁ ।

-ସେମିତି କଣ କିଛି ବିଶେଷ କଥା ..! ଆଜି ହାଲୁଆ-ପୁରି । ଗୁରୁଜୀ ଜିଜ୍ଞାସା କଲେ ।

-ବାହା ବାହା ଗୁରୁଜୀ ! ଆଜିର ସବୁଠାରୁ ବିଶେଷ କଥା କଣ ଆପଣ ମତେ ପଚାରୁଛନ୍ତି ? ଆଜି ଆପଣଙ୍କ ଜନ୍ମଦିନ । ରାମେଶ୍ୱର ଗୁରୁଜୀଙ୍କ ଆଡେ ଦୃଷ୍ଟିପାତ କରି କହିଲା ।

-ଜନ୍ମଦିନ, ୧୦ ଜୁନ...। ମୁଁ ତ ଭୁଲି ଯାଇଥିଲି ।

ରାଣୀ ଖୁସି ଆନନ୍ଦରେ କୁରୁଳି ଉଠି ତାଳି ବଜାଇଲା । ଆଜି ପରା ଆପଣଙ୍କ ଜନ୍ମଦିନ, ଆଜି ଆମ୍ବ ତ ଅଲବତ୍ ଗଛରୁ ଝଡିବ ।

ଗୁରୁଜୀ ଗଭୀର ଭାବନାରେ ବୁଡି ରହିଥିଲେ । ସବୁକିଛି ଠିକ୍ଠାକ୍, ବ୍ୟବସ୍ଥିତ । ହେଲେ ବର୍ଷବର୍ଷ ଧରି ଯାହା ପାଖକୁ ଆମ୍ବ ପଠାଉଛନ୍ତି ସେ ପୁଅ ତାଙ୍କୁ ମନେ ପକେଇବାର ନାଁ ବି ନେଉନି । ଆପଣା ନୟନ ପିତୁଳାର ଜୀବନକୁ ସକାରାତ୍ମକ ଭାବେ ଗଢି ତୋଳିବା ନିମନ୍ତେ ସେ ନିଜେ ସାଧାରଣ ଜୀବନ ବଂଚିଲେ, ଯଦିଓ ତାର କିଛି ମୂଲ୍ୟ ନଥିଲା । କେତେ ବିଚିତ୍ର କଥା । ଯେଉଁ ମାଆ-ବାପାଙ୍କ ଅଭୟ ଛତ୍ରଛାୟା ତଳେ ପିଲାଏ ଲାଳିତ ପାଳିତ ହୋଇ ବକେଟରୁ ବଡ ହୁଅନ୍ତି ସେଇ ପିଲାଏ ମୁଣ୍ଡକୁ ହାତ ପାଇଗଲା ପରେ ଓ କୂଳ କିନାରାରେ ଲାଗିଗଲା ପରେ ସେମାନଙ୍କୁ ଆଶ୍ରୟ ଦିଅନ୍ତି ନାହିଁ ।

ଅଜଣା ଅଚିହ୍ନା ଲୋକେ ସେମାନଙ୍କୁ ମୁଣ୍ଡ ଉପରେ ବସାନ୍ତି । ନିଜ ପିଲାକଥା ...ଧେତ୍ ... ଗୁରୁଜୀଙ୍କ ଆଖି କୋଣରେ ଲୁହ ଜକେଇ

ଆସିଲା । ସେବାନିବୃତ ହେବା ପରେ ସେ ଭାବିଥିଲେ ନାତି-ନାତୁଣୀଙ୍କ ମେଳରେ ଆରାମରେ ରହିବେ। ମୁଣ୍ଡ ଉପରେ ସବୁଜିମା ପତ୍ରଗୁଡିକରେ ଲଦି ହୋଇ ଯାଇଥିଲା ଯେଉଁ ମିଠା ଆମ୍ବ ଅଛି ତାର ଭାଗଟିଏ ମାତ୍ର ତାଙ୍କ ଜୀବନରେ ରହିଲା ନାହିଁ। ତାଙ୍କପାଇଁ ଭଲ ପାଇବା ଏବେ ଭାବଶୂନ୍ୟ ହୋଇଯାଇଛି ।

ଆଖିରେ ଅଟକି ଯାଇଥିବା ଲୁହକୁ ଗାମୁଛାରେ ପୋଛି ରମେଶର ଆଡକୁ ଦୃଷ୍ଟିପାତ କଲେ ଗୁରୁଜୀ । ଏତିକିବେଳେ ହଠାତ୍ ତାଙ୍କ ନଜର ନିକଟବର୍ତ୍ତୀ ଆମ୍ବଗଛରେ ବନା ହୋଇଥିବା ପକ୍ଷୀନୀଡ ଉପରେ ଲାଖିଗଲା। 'ଆରେ ଏ କଣ ? ଚଢେଇବସା ! ରାଣୀ ଇଆଡେ ଆସ ।'

ରାଣୀ ବିଜୁଳି ବେଗରେ ଧାଇଁଆସିଲା। ପକ୍ଷୀବସା ଭିତରେ ଉଙ୍କିମାରି ଦେଖି କହିଲା -ତହିଁ ଭିତରେ ପକ୍ଷୀଡିମ୍ବ ଅଛି ।

ଠିକ୍ ସେ ସମୟରେ ବସାରୁ ପକ୍ଷୀଟିଏ ଫୁର୍‌କିନା ଉଡିଯାଇ ରାଣୀ ମୁଣ୍ଡ ଉପର ଦେଇ ବାହାରି ଗଲା । ରାଣୀ ଡରିମରି ଛାନିଆ ହୋଇ ଗୁରୁଜୀଙ୍କୁ କୁର୍ତ୍ତା ଜାବୁଡି ଧରିଲା ।

ଗୁରୁଜୀ ହସିହସି କହିଲେ- ବାଃ-ବାଃ ! ଏବେ ଏବେ କହୁଥିଲୁ ପରା ଉ ରୁ ଉଡିବା ,ଏବେ କଣ ହେଲା, ଦେଖିଲୁ ତ !

ରାଣୀ ମୁହଁ ବୁଲାଇ ବାପାଙ୍କ ଆଡକୁ ବଲବଲ ଆଖିରେ ଅନେଇଲା। ଗୁରୁଜୀ ବି ରମେଶର ଆଡକୁ ମୁହଁ ଫେରାଇ ନେଲେ । ତାଙ୍କ ଆଖିଯୋଡିକ ରାଣୀର ଶିକ୍ଷାପାଇଁ ନୀରବରେ ଅନୁରୋଧ କରୁଥିଲା । ନିର୍ବାକ ରମେଶର ନୀତବ ସ୍ୱୀକୃତି ଦେଲେ । ଗୁରୁଜୀ ରାଣୀ ମୁଣ୍ଡକୁ ଆଉଁଶି ଦେଲେ । ଦୁହେଁଯାକ ଠୋ ଠୋ ହସି ଉଠିଲେ ।

ଠପ୍ ...

-କ'ଣ ପଡିଲା ?

ରାଣୀ ଦେଖିଲା ତା ପାଦ ପାଖରେ ଆମ୍ବଟିଏ ଝଡି ପଡିଛି । ସେ ଆଖି ଘୂରାଇ ଆଣି କହୁଛି -ଉଠେଇ ନେଏ ।

ରାଣୀ ଭାବୁଥିଲା ଗୁରୁଜୀ ଆମ୍ବଟି ଉଠେଇନେଇ ତା କୁନି ହାତରେ ଧରାଇ ଦେଇ କହିବେ ନେଏ, ଆମ୍ବଟି ଝଡି ପଡିଥିଲା ।

-ଘରକୁ ଚାଲ, ସେଇଠି ଖାଇବୁ ହାଲୁଆ-ପୁରି...

ରାଣୀ ଖୁସିରେ କୁରୁଳି ଉଠି ଗୁରୁଜୀଙ୍କ ସାଥିରେ ଚାଲିଲା। ତାର ଅବୋଧ ମନ ଏତିକି ଜାଣିଥିଲା ଯେ, ଯାହାଙ୍କର ସ୍ନେହଭିଜା ହାତକୁ ସେ ଜାବୁଡି ଧରି ଆଗକୁ ମାଡି ଚାଲୁଛି ସିଏ ହିଁ ଆଜି ତାକୁ ଶିକ୍ଷିତ କରିବାର ଭବିଷ୍ୟ ମୂଳୁଦୁଆ ପକାଇଛି ।

-ଆଉ ଆମ୍ବ ! କିଏ ଚୋରି କରି ନେଲେ କଥା ସରିଲା ।

-କିଏ ଚୋରି କରିବ...କାହାର ଔକାତ ଅଛି ?

-ପୁଣି ଟିକେ ରହିଯାଇ କହିଲା -ଚୋରି କରିନେଲେ ବି କିଛି ଫରକ ପଡିବନି, ଆମ୍ବ ହିଁ ଆମ୍ବ ।

-ଦୁହେଁ ଆଗକୁ ବଢିଲେ । ଏ ଭିତରେ ରମେଶର ଘଂଟି ବଜେଇ ଆଗକୁ ବାହାରି ଗଲା ।

-ତୁମେ କୁଆଡେ ? ଗୁରୁଜୀ ଉଚ୍ଚଗଳାରେ ପଚାରିଲେ ।

-ଇଆଡେ ଆସୁଛି, ଆଜି ଅନିଲ୍ ବାବୁଙ୍କର ଏଠି ଦରିଚା ମାପ ନେବାର ଅଛି । ଖାସ୍‌କରି ତାଙ୍କର ଆମ୍ବକାଠରେ ଝରକା ବନେଇବାକୁ ପଡିବ ।

- ଗୁରୁଜୀଙ୍କ କୁର୍ତ୍ତା ପକେଟକୁ ହଲେଇ ଦେଇ ରାଣୀ ପଚାରିଲା- ଦରିଚା ମାନେ ।

- ମାନେ ଝରକା

-ଆରେ ବାଃ ! ନାଲିଆ ସୂରୁଜଙ୍କ କଅଁଳ କିରଣ ଯେଉଁ ଝରକା ଦେଇ ଘର ଭିତରେ ବୁଣି ହୋଇଯାଏ। ରାଣୀ ବଡ ପାଟିକରି କହିଲା ।

-ହଁ ଝିଅ,ଉଇଁ ଆସୁଥିବା ସୂରୁଜଙ୍କ କଅଁଳ ଖରା ପଡୁଥିବା ଝରକା। ମନର ଝର୍କା । ଭଲ ପାଇବାର ଝର୍କା ଆଉ ଜୀବନର ଝର୍କା ।

-ଆମ ଘର ବି ବଗିଚା ପାଖରେ ଥିଲେ ଆଉ ତହିଁରେ ବିରାଟ ଝର୍କା ଥିଲେ କେତେ ଭଲ ଲାଗନ୍ତା ନା, ଗୁରୁଜୀ । ଆମେ ତ ଦିନସାରା ସେଇଠି ବସି ରହନ୍ତେ । ଆମ୍ବଗଛରେ ପେନ୍ଥା ପେନ୍ଥା ହୋଇ ଝୁଲୁଥିବା ଶାଗୁଆ କଂଚା ଆଉ ହଳଦୀ ଗୁରୁଗୁରୁ ଆମ୍ବକୁ ଆଖି ପୂରେଇ ନିରେଖନ୍ତେ। ଆମ୍ବଟିଏ ଝଡିପଡିବା ମାତ୍ରେ ସାଏଁକିନା ଧାଇଁଯାଇ ଗାବୁକିନା ଧରି ନେଇ ଆସନ୍ତେ ।

ଗୁରୁଜୀ ଧୀରେ ଧୀରେ ତା କଥାକୁ ସମର୍ଥନ କରି କହିଲେ - ତୋ ପାଇଁ ଆମ୍ବ ବଗିଚାର ଝର୍କାଟିଏ ବନେଇ ଦେବି ।

ଦୁହେଁଯାକ ସାଥିହୋଇ ଆଗକୁ ବଢୁଥିଲେ । ଗାଁର ଡହକ ତାତି ଏବେ କମ୍ ଅନୁଭବ ହେଉଥିଲା । ସେତିକିବେଳେ ଆମ୍ବଗଛ ଛାଇରେ ନୂଆ ଝରକାଟିଏ ଖୋଲି ଯାଇଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# ଏକ ଅବ୍ୟକ୍ତ ସଂରକ୍ଷଣର କାହାଣୀ

ଶ୍ରୀମତୀ ମନୀଷା ରାୟ

ଆଜି ଦେଶର ୭୬ତମ ସ୍ୱାଧିନତା ଦିବସ। ଏହି ଅବସରରେ ସାରା ଭାରତବର୍ଷରେ ପାଳିତ ହେଉଛି "ଆଜାଦିକା ଅମୃତ ମହୋତ୍ସବ" ବା ୭୫ତମ ସ୍ୱାଧିନତାର ଅମୃତ ମହୋତ୍ସବ। ୭୫ତମ ସ୍ୱାଧିନତା ଦିବସକୁ ଯାଦ୍‌ଗାର କରିବା ପାଇଁ ଭାରତର ମହାମହିମ ପ୍ରଧାନମନ୍ତ୍ରୀ ଏହା ହେଉଛି କୋଟି କୋଟି ଭାରତୀୟଙ୍କୁ ସ୍ୱତନ୍ତ୍ର ଓ ନିଆରା ସନ୍ଦେଶ୍ ଓ ଉପହାର। ନେପଥ୍ୟ......

ସନ୍ଧ୍ୟା ରତରତ। ଚା' କପ୍‌ଟି ଧରି ବାଲ୍‌କୋନୀକୁ ଚାଲି ଆସିଲେ ସୀତା ଦେବୀ। ଆରାମରେ ବସିପଡ଼ିଲେ ବାଲ୍‌କୋନୀରେ ପଡ଼ିଥିବା ଆରାମଚୌକୀରେ। ଚା' ଢ଼ୋକେ ଢୋକେ ନେବା ଅବସ୍ଥାରେ ଚାହିଁ ରହିଥିଲେ ସୁଦୂର ପ୍ରସାରୀ ପୂର୍ବରୁ ପଶ୍ଚିମ ଦିଗ୍‌ବରେଣୀକୁ। ଧୀରେ ଧୀରେ ସଞ୍ଜ ନଇଁ ଆସୁଥିଲା। ତା' ସହିତ ତାଳ ଦେଇ ବଢ଼ି ଚାଲିଥିଲା ଅନ୍ଧକାର ରାତ୍ରୀ। ବ୍ୟସ୍ତବହୁଳ ସହରଟା କେତେବେଳୁ ବିଦ୍ୟୁତ ଆଲୋକରେ ଉଜ୍ଜ୍ୱଳ ହୋଇଉଠିଲା ସେଥିପ୍ରତି ତାଙ୍କର ଆଦୌ ନିଘା ନାହିଁ। ଶୂନ୍ୟ ଚା କପ୍‌ଟା ଧରି ସେ କେବଳ ନିରୀକ୍ଷଣ କରୁଥିଲେ ସ୍ୱଚ୍ଛ, ସୁନ୍ଦର ତଥା ନିର୍ମଳ ସହରଟାକୁ। ପ୍ରାୟତଃ ଆଜି ଶେଷ ରବିବାର। ସେଇଥିପାଇଁ ଦୋକାନ, ବଜାର ବନ୍ଦ ରହିଛି। ରାସ୍ତାଘାଟ ଜନଶୂନ୍ୟ କହିଲେ ଚଳେ। କାଁ, ଭାଁ କେତେବେଳେ କେମିତି ମୁଖ୍ୟ ରାସ୍ତା ଦେଇ ଅତିକ୍ରମ କରୁଥିଲା କେବଳ କିଛି ଦୁଇଚକିଆ, ଚାରି ଚକିଆ ଯାନ। ଶୁନ୍‌ଶାନ୍ ସଡ଼କ ଉପରେ ବତୀଖୁଣ୍ଟର ଉଜ୍ଜ୍ୱଳ ଆଲୋକରେ ଉଦ୍‌ଭାସିତ ହୋଇଉଠୁଥିଲା କେତେଗୁଡ଼ିଏ ବିରାଟ ବିରାଟ ନଭଶ୍ଚୁମ୍ବି ଅଟ୍ଟାଳିକା, ରେଷ୍ଟୁରାଣ୍ଟ, ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ସାଧାରଣ କେତେଗୁଡ଼ିଏ ବାସଗୃହ। ବିଦ୍ୟୁତ୍ ଆଲୋକ ସହ ପୂର୍ଣ୍ଣଚନ୍ଦ୍ରମାର ଶୁଭ୍ର ଜ୍ୟୋତ୍ସ୍ନା ଖେଳି ଯାଉଥିଲା ନିର୍ଜନ ସହରଟା ସାରା। ବେଶ୍ ହାଲ୍‌କା ଓ ଶାନ୍ତ ଥିବା ରଜନୀରେ ମୃଦୁ ମୃଦୁ ବହିଯାଉଥିଲା ସୁଶୀତଳ ବାଆ। ଏଭଳି ଏକ ମନମୁଗ୍ଧକର ରଜନୀକୁ ଉପଭୋଗ କରୁ କରୁ ଶୀତଳ ପବନରେ ସୀତାଦେବୀଙ୍କ ଦେହଟା ଶିତେଇ ଉଠିଲା। ଆଉ କାଳ ବିଳମ୍ବ ନକରି ନିଜ ପଣତକାନିରେ ଶୀତଳ ଶରୀରଟାକୁ ଘୋଡ଼େଇ ଦେଲେ ସେ। ଶରତର ସତେଜତାରେ ଏଥର ସେ ଏକଲୟରେ ଚାହିଁ ରହିଥିଲେ ତିନି ରଙ୍ଗର ସମଷ୍ଟିରେ। ସହର ଗଳିକନ୍ଦିରେ ଥିବା ଛୋଟ ଛୋଟ ଘର, ବିରାଟ ବିରାଟ ଅଟ୍ଟାଳିକାରେ ଫର ଫର ହୋଇ ଉଡୁଥିବା ତ୍ରିରଙ୍ଗା ପତାକାକୁ।

ରାତି ଆସି ୭ଟା ହେଲାଣି। କିନ୍ତୁ ଲାଗୁଥିଲା ରାତି ଆଠଟା ନଅଟା। ଏହା ଲାଗିବାଟା ସ୍ୱାଭାବିକ। କାରଣ ବର୍ତ୍ତମାନ ରାତି ବଡ଼ ଓ ଦିନ ଛୋଟେ ହେବାକୁ ବସିଲାଣି। ତଥାପି ବାଲ୍‌କୋନୀ ଛାଡ଼ିଯିବାକୁ ଇଚ୍ଛା ନଥିଲା ସୀତା ଦେବୀଙ୍କର। ସେମିତି ନୀରବରେ ଫର ଫର ହୋଇ ଉଡୁଥିବା ଜାତୀୟ ପତାକାକୁ ସେ ଚାହିଁ ରହିଥିଲେ।

ସତରେ ଖୁବ୍ ସୁନ୍ଦର ଥିଲା ତାର ଦୃଶ୍ୟ। ବତୀଖୁଣ୍ଟର ଆଲୋକରେ ସତେ ଯେମିତି ଖିଲି ଖିଲି ହସୁଥିଲା ପରି ଲାଗୁଥିଲା। ଶୀତଳ ପବନର ମୃଦୁ ପରଶରେ ସବୁତକ ଜାତୀୟ ପତାକା ଏକମୁହାଁ ହୋଇ ପଶ୍ଚିମ ଦିଗ୍‌ବରେଣୀ ଆଡ଼େ ଉଡୁଥିଲେ। ବିଜୁଳି ଆଲୋକରେ ଚମତ୍କାର ଦିଶୁଥିଲା। ଜାତୀୟ ପତାକା ଭରା ସହରଟା ଅମା ଅନ୍ଧକାରରେ। ଏତିକିବେଳେ ସୀତାଦେବୀଙ୍କର ମନେ ପଡ଼ିଗଲା ବିଗତ କେଇଦିନ ହେଲା ପାଳିତ ହୋଇଯାଇଥିବା ସ୍ୱାଧୀନ ଭାରତର ୭୫ତମ ସ୍ୱାଧିନତା ଦିବସ। ସ୍ୱାଧିନତ୍ତୋର ଭାରତର ମହାମହିମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶେଷ ସନ୍ଦେଶ। ଯାହା କେବଳ ୧୫୦ କୋଟି ଭାରତୀୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ବର୍ଷସାରା ସମଗ୍ର ଭାରତବର୍ଷରେ ପାଳନ କରାଯିବ "ଆଜାଦୀ କୀ ଅମୃତ ମହୋତ୍ସବ।" ତତ୍ ସହିତ ଘରେ ଘରେ ଉଡ଼ିବ ଭାରତର ତ୍ରିରଙ୍ଗା। ତାଙ୍କରି ସନ୍ଦେଶକୁ ସମ୍ମାନ ଜଣାଇ ସନ୍ଧ୍ୟା ପୂର୍ବରୁ ଅବନତ କରାଯାଉଥିବା ଜାତୀୟ ପତାକା ବର୍ତ୍ତମାନ ବିନା ବାଧାରେ ଘରେ ଘରେ ଉଡୁଛି। ତାହା ପୁଣି ଦିନରାତି।

ସତରେ ଖୁବ୍ ଚମତ୍କାର ପ୍ରସ୍ତାବଟିଏ ଥିଲା ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର। ତାଙ୍କ ସନ୍ଦେଶକୁ ସାକାର ରୂପ ଦେବାକୁ ସମସ୍ତେ ଲାଗିପଡ଼ିଛନ୍ତି। କି ଗରୀବ, କି ଧନୀ, କି ସବର୍ଣ୍ଣ କି ଅସବର୍ଣ୍ଣ ଜାତି, କି ଦଳିତ ଜାତି, କି ଅନୁସୂଚିତ ଜନଜାତି ସମସ୍ତେ ଘରେ ଘରେ ତ୍ରିରଙ୍ଗା ଉଡ଼େଇବାକୁ ଏକାକାର ହୋଇଯାଇଛନ୍ତି। ବର୍ତ୍ତମାନ ଅନବରତ ସଧିରେ ଉଡୁଛି ଜାତୀୟ ପତାକା। ଭାରତର ଗର୍ବ ଓ ଗୌରବ।

ନିଶ୍ଚିତ ରୂପେ ଏହା ଥିଲା ସ୍ୱାଗତଯୋଗ୍ୟ ପଦକ୍ଷେପଟିଏ। ବିଗତ ୭୩ ବର୍ଷର ଇତିହାସରେ ଆମ ଦେଶର ସମ୍ବିଧାନ ପହଞ୍ଚିଛି। କିନ୍ତୁ ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ପୂର୍ଣ୍ଣ ସଂହତି, ମଜବୁତ୍

ଶାନ୍ତି ତଥା ସ୍ଥିରତା ପ୍ରଦାନକାରୀ ପଦକ୍ଷେପଟିଏ ଦେଖିବାକୁ ମିଳିନଥିଲା। ଏହାର ପ୍ରମାଣ ସ୍ୱରୂପ ଆଜି ଦେଶର କୋଣ ଅନୁକୋଣରେ ଜାତୀୟ ପତାକା ଏକ ଲୟରେ ଫର ଫର ହୋଇ ଉଡୁଛି। ଏହି ପ୍ରକ୍ରିୟାରୁ କେଉଁ ଅଞ୍ଚଳ କି କେଉଁ ଜାତି ବାଦ୍ ପଡ଼ିନି। ଭାରତର କୋଣ ଅନୁକୋଣର ଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଦଳିତ ଅନଗ୍ରସର ଜାତି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ସମସ୍ତେ ହର୍ଷୋଲ୍ଲାସରେ "ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରୁଛନ୍ତି। କି କୋଠା, ଟିଣଘର, କି ଚାଳଘର, କି କୁଡ଼ିଆ ଘର ବର୍ତ୍ତମାନ ଚାରିଆଡ଼େ ପାଳନ କରାଯାଉଛି "ଆଜାଦୀ କୀ ଅମୃତ ମହୋତ୍ସବ।"

ହଠାତ୍ ସୀତାଦେବୀଙ୍କର ମନେ ପଡ଼ିଗଲା ନିଜ ସରକାରୀ ବାସଭବନ କଥା। ଅଫିସ୍ ଯିବା ପୂର୍ବରୁ ଶ୍ୟାମକୁ କହିଥିଲେ ଛାତ ଉପରେ ଗୋଟିଏ ଜାତୀୟ ପତାକା ଲଗାଇ ଦେବାକୁ। ଅଫିସରୁ ଫେରିବା ପରେ ତାଙ୍କର ଏଥିପ୍ରତି ଆଦୌ ଧ୍ୟାନ ନଥିଲା ନିଜ ବାସଭବନରେ ଜାତୀୟ ପତାକା ଉଡୁଛି ନା ନାହିଁ ଜାଣିବା ପାଇଁ। ଦ୍ୱିମହଲା ଉପରକୁ ତରବର ହୋଇ ଚାଲିଗଲେ ସୀତାଦେବୀ। ଏଇ ସମୟରେ ତାଙ୍କ ପଛେ ପଛେ ଶ୍ୟାମ ମଧ୍ୟ ଆସୁଥିଲା। ଜ୍ୟୋତ୍ସ୍ନାବିଧୌତ ରଜନୀରେ ଇନ୍ଦ୍ରଧନୁ ପରି ସାତୋଟି ରଙ୍ଗରେ ରଙ୍ଗାୟିତ ହୋଇ ଉଡୁଥିଲା ତ୍ରିରଙ୍ଗା। ନିଜ ବାସଭବନ ଉପରେ ଉଡୁଥିବା ତ୍ରିରଙ୍ଗାକୁ ଦେଖି ଆତ୍ମହରା ହୋଇପଡ଼ିଲେ ସେ। ଭାବ ବିହ୍ୱଳ ହୋଇ ଦୁଇହାତ ଯୋଡ଼ି ଏକ ଆବେଗଭରା ସାଲ୍ୟୁଟ୍ ଦେଲେ ସୀତାଦେବୀ।

ଏତିକିବେଳେ ଶ୍ୟାମ କହିଲା, "ମାଆ, ରାତି ଦଶଟା ହେବ। କେତେବେଳେ ରାତ୍ରୀ ଭୋଜନ କରିବେ? ଅଚାନକ ଶ୍ୟାମର କଣ୍ଠସ୍ୱର ଶୁଣି ସୀତା ଦେବୀ କହିଲେ, "ନାଇଁରେ ଶ୍ୟାମ, ମୋତେ ଆଜି ଆଦୌ ଭୋକ ନାହିଁ। ତୁ ଯାଆ ଖାଇଦେବୁ। କିଛି ସମୟ ପରେ ମୁଁ ଯିବି। ଏତକ କହି ଜାତୀୟ ପତାକା ତଳେ ନଥ କରି ବସି ପଡ଼ିଲେ ସେ। ସୀତାଦେବୀଙ୍କ ଏପରି କଥା ଶୁଣି ଶ୍ୟାମ କହିଲା, "ଆଜି ତୁମର କ'ଣ ହୋଇଛି ମାଆ?" ମୁଖମଣ୍ଡଳ ପୁରା ବିଷର୍ଣ୍ଣ ଦେଖାଯାଉଛି। ଆପଣଙ୍କୁ ମୁଁ କେବେବି ଏପରି ଦୁଃଖି ହେବାର ଦେଖିନାହିଁ ମାଆ। ତାହା ପୁଣି ଆଜିପରି ଏକ ବିଶେଷ ଦିନରେ। ଅନ୍ଧାର ରାତିରେ ଝାପ୍‌ସା ଦିଶୁଥିବା ଶ୍ୟାମର ମୁହଁକୁ ଚାହିଁ ସୀତା ଦେବୀ କହିଲେ, "ତୁ କିଛି ବୁଝି ପାରିବୁ ନାହିଁ ମୋ ମନର ବେଦନା। ସର୍ବଦା ହାସ୍ୟଯୁକ୍ତ ଏଇ ମୁଖମଣ୍ଡଳର ବାହ୍ୟ ଅଂଶ ସବୁ ଦେଖିଛନ୍ତି, କିନ୍ତୁ ମୋ ଅନ୍ତରାତ୍ମାକୁ କେହି ଦେଖିପାରି ନାହାଁନ୍ତି। କେତେ ଯେ ଦୁଃଖ, ଯନ୍ତ୍ରଣା ବେଦନାରେ ଜର୍ଜରିତ, ଯାହାକୁ ଦୀର୍ଘ ବର୍ଷ ହେଲା ଏକାକୀ ନିରବଚ୍ଛିନ୍ନ ଭାବେ ବହନ କରିଆସିଛି। ଏ ସହରରେ କାହାକୁ ଟିକିଏ ଆଭାସ ମଧ୍ୟ ଦେଇନି। ଆଜି ପର୍ଯ୍ୟନ୍ତ ସଦା ନିଜ ଭାବମୂର୍ତ୍ତିକୁ ଅକ୍ଷୁର୍ଣ୍ଣ ରଖିଆସିଛି। କିନ୍ତୁ ଆଜି, ଅକ୍ଷୁର୍ଣ୍ଣ ଭାବମୂର୍ତ୍ତିରେ କଳା ବାଦଲ୍‌ର ଲେସ ମାତ୍ର ଚିହ୍ନ ନଥିବା ଦୁଃଖର କାଳିମା ତୋ ସାମ୍ନାରେ ଉକୁଟି ଉଠୁଛି। ଏତକ କଥା କହିଲାବେଳେ ସୀତାଦେବୀଙ୍କ ଆଖିରୁ ବୋହିଯାଉଥିଲା ଅମାନିଆ ଲୁହଧାର। ତାଙ୍କର ଏପରି ଭାବପ୍ରବଣତା ଅବସ୍ଥା ଦେଖି କିଂକର୍ତ୍ତବ୍ୟବିମୁଢ଼ ଚାକର ଶ୍ୟାମ। କେବଳ କଲବଲ୍ କରି ଚାହିଁ ରହିଥିଲା ସୀତାଦେବୀଙ୍କର ମୁହଁକୁ। ତା' ପାଟିରୁ ପଦଟିଏ ଶବ୍ଦ ମଧ୍ୟ ବାହାରୁ ନଥିଲା।

ଅସୀମ ଧୈର୍ଯ୍ୟବତୀ ମାଆ ସୀତାଦେବୀଙ୍କ ପାଖରେ ସେ ବହୁ ବର୍ଷ ହେଲା କାମ କରି ଆସୁଛି। କେବେ ବି ତାଙ୍କୁ ଏପରି ହତୋତ୍ସାହ ଓ ଅଧୈର୍ଯ୍ୟ ହେବାର ଦେଖିନି ସେ। କିନ୍ତୁ ବର୍ତ୍ତମାନ ମାଆଙ୍କର ଏପରି ବିଷାଦଗ୍ରସ୍ତ ଅବସ୍ଥା ଦେଖି ନିଜକୁ ସମ୍ଭାଳି ପାରିନଥିଲା ଶ୍ୟାମ। ସ୍ୱତଃପ୍ରବୃତ୍ତ ଭାବେ ସୀତାଦେବୀଙ୍କ ଦୁଇ ବାହୁକୁ ଧରି ତଳୁ ଠିଆ କରାଇଲା ସେ। ଏପର୍ଯ୍ୟନ୍ତ ବି ଦୁଇ ଚକ୍ଷୁରୁ ଅନବରତ ଗଡ଼ି ଚାଲିଛି ଲୁହଧାର। ଭାରାକ୍ରାନ୍ତ ମନ ନେଇ ଧୀରେ ଧୀରେ ସୀତା ଦେବୀ ତଳ ମହଲାକୁ ଓହ୍ଲାଇ ଆସିଲେ। ନିଜ ପୁଅ ପରି ପାଳିଥିବା ଶ୍ୟାମର ହାତଧରି।

ନିଜ ଶୟନ କକ୍ଷରେ ପ୍ରବେଶ କଲା ମାତ୍ରେ କାନ୍ଥରେ ଟଙ୍ଗା ହୋଇଥିବା ଘଡ଼ିକୁ ଚାହିଁଲେ ସେ। ରାତି ଦଶଟା ବାଜିବାକୁ ଯାଉଛି। ଅବିରତ ଝରି ଆସୁଥିବା କୋହ ମିଶା ଲୁହକୁ ପୋଛୁ ପୋଛୁ ସୀତା ଦେବୀ କହିଲେ, ଏଥର ତୁମେ ଯାଅ ଶ୍ୟାମ। ଖାଇକରି ଶୋଇପଡ଼ିବ। ମୋତେ ବି ଟିକେ ଶାନ୍ତି ଦରକାର ଆଜି ରାତିକ ପାଇଁ। କାରଣ ଅତୀତର ଅଭୁଲା ସ୍ମୃତିକୁ ବିସ୍ମୃତି ହେବାକୁ ନଦେଇ ନିର୍ଜନ ରାତିରେ ଶାନ୍ତିରେ ରୋମନ୍ଥନ କରିବାକୁ ଚାହେଁ। ମୋତେ ଟିକେ ଭାବିବାକୁ ଦିଅ ଶ୍ୟାମ। ଏ କ'ଣ କହୁଛ ମାଆ? ଏପରି ଅବସ୍ଥାରେ ତୁମକୁ ଛାଡ଼ି ମୁଁ ଆଦୌ ଯାଇପାରିବି ନାହିଁ। ମୋତେ ବର୍ତ୍ତମାନ ଭୋକ ନାହିଁ। ତୁମେ ଶୋଇ ପଡ଼ିଲେ ମୁଁ ଏଠାରୁ ଚାଲିଯିବି। ମୋ ଆଖିକୁ ଆଜି ନିଦ ଆସିବନିରେ ଶ୍ୟାମ। ବହୁଦିନର ଅଚିନ୍ତା ନିଦ୍ରାର ଭଙ୍ଗ ଘଟିଛି। ଏବେ ଏ ଚିରସ୍ଥାୟୀ ରହିବ ବଞ୍ଚିଥିବା ଯାଏଁ। ଆଉ ପୂର୍ବର ଚିନ୍ତାଶୂନ୍ୟ ନିଦ ଏ ଆଖିକୁ ଆସିବନି।

ସୀତାଦେବୀଙ୍କର ଚିନ୍ତାଗ୍ରସ୍ତ ମୁଖମଣ୍ଡଳକୁ ଚାହିଁ ଦୁଃଖରେ ମ୍ରିୟମାଣ ହୋଇଗଲା ଶ୍ୟାମ। ନଥକିନା ବସିପଡ଼ିଲା ସୀତା ଦେବୀଙ୍କ ନିକଟରେ। ଅତି ବିକଳରେ ପଚାରିଲା ତୁମର କ'ଣ ହୋଇଛି ମାଆ ମୋତେ କୁହ। ଅନ୍ତର ଭିତରେ ଘାଣ୍ଟି ଚକଟି ହେଉଥିବା ଅକୁହା ବେଦନାକୁ କିଛି କହିଦେଲେ ମାଆ ମନଟା ହାଲ୍‌କା ହୋଇଯିବ। ତୁମକୁ ମୋ ରାଣ। ମୁଖ ଖୋଲି କିଛି କୁହ।

ପୁତ୍ର ସମାନ ଶ୍ୟାମର କାକୁତି ମିନତି ପାଖରେ ହାର୍ ମାନିଥିଲେ ସୀତାଦେବୀ। କାରଣ ଦଳିତ ଜାତିର ପିଲାଟିଏ ଜାଣି ମଧ୍ୟ ସେ ତାକୁ ଛୋଟବେଳୁ ପାଖରେ ରଖି ଆସିଛନ୍ତି। ସତ କଥାତ ହେଉଛି ମୁଁ ତାକୁ ପାଖରେ ରଖିନି, ବରଂ ସେ ମୋତେ କିଶୋରୀ ଅବସ୍ଥାରୁ ପ୍ରୌଢ଼ା ଯାଏଁ ସାହାରା ଦେଇ ଆସିଛି। ପିତା, ମାତା, ପୁତ୍ର, ପୁତ୍ରୀ, ଭାଇ ଭଉଣୀ, ବାନ୍ଧବୀ ଭଳି ମୋ ଭଲମନ୍ଦରେ ମୋ ପାଖରେ ଠିଆ ହୋଇ ଆସିଛି। ସାହାରାର ବଙ୍ଗୁଲୀ ବାଡ଼ି ପରି। କେବେ ଅସହାୟ, ନିଃରାଶ୍ରୟ ଓ ବିଚରା ଅଭାବବୋଧର ଆଭାସ ଦେଇନି ମୋତେ ସେ। ନିଜର ମାଆ ସମ ମୋ ସେବା ଯତ୍ନ କରି ଆସିଛି। ଅବସର ନେବାର ସମୟ ଯେତେ ପାଖେଇ ଆସୁଛି ବାର ବରଷର କିଶୋର ଶ୍ୟାମ ଆଜି ତାଙ୍କର ପଇଁଚାଳିଶ ବର୍ଷର ଭେଣ୍ଡିଆ ପୁଅଟେ ହୋଇ ଉଭା ହୋଇଛି।

ସ୍ୱାମୀଙ୍କ ଅକାଳ ମୃତ୍ୟୁପରେ ଏକ ଦଳିତ ପଛୁଆବର୍ଗ ବସ୍ତିରେ ଜୀବନ ଜୀଇଁବା ପାଇଁ ଅହରହ ସଂଗ୍ରାମ କରୁଥିବା ସୀତାଦେବୀ ଏଇ ବାପା ମାଆ ଛେଉଣ୍ଡ ଶ୍ୟାମକୁ ଆଶ୍ରୟ ଦେବାପାଇଁ ନିଜ ପାଖରେ ରଖିଥିଲେ। ସେବେଠୁ ଆଜି ପର୍ଯ୍ୟନ୍ତ ସେ ଛାୟା ପରି ସୀତାଦେବୀଙ୍କ ପାଖେ ପାଖେ ରହି ଆସିଛି। ଶ୍ୟାମକୁ ସେ ନିଜ ଜୀବନର ଏକ ଅଂଶ ବୋଲି ଭାବି ନେଇଛନ୍ତି। ଛୋଟ ବେଳୁ ଅତି ଗେଲବସର ଓ ସ୍ନେହ ଆଦରରେ ଶ୍ୟାମକୁ ଲାଳନ ପାଳନ କରିଛନ୍ତି ସେ। ହେଲେ ନିଜର ସୁଖ ସୁବିଧା ପାଇଁ ବଡ଼ ସ୍ୱାର୍ଥପର

ହୋଇପଡ଼ିଥିଲେ । ସରକାରୀ ଚାକିରୀ ଆଳରେ ସେ ଶ୍ୟାମକୁ ହାତକୁ ଦିହାତ କରିନଥିଲେ । ତା'ର ବିବାହ ବୟସ ହେବାବେଳେ ସମସ୍ତଙ୍କଠାରୁ ଶ୍ୟାମର ବିବାହ ନେଇ ଅନେକ ଚାପ ପଡ଼ିଥିଲା । କିନ୍ତୁ ତାକୁ ଭଲ ଦଳିତ ଜାତିର କନ୍ୟା ମିଳୁନି ଏବଂ ବାରମ୍ବାର ବଦଳି ହେବାର ବାହାନା କରି ସମସ୍ତଙ୍କ ମୁହଁକୁ ବନ୍ଦ କରିଥିଲେ ସେ କେବଳ ନିଜ ସ୍ୱାର୍ଥ ପାଇଁ ।

ଦୀର୍ଘ ସମୟ ଧରି ଚୁପ୍‌ଚାପ୍ ବସିଥିବା ସୀତାଦେବୀ ଶ୍ୟାମର ଇତିହାସ ପୃଷ୍ଠା ଖୋଲି ପଢୁଥିଲେ କେତେବେଳୁ । ଠିକ୍ ଏତିକିବେଳେ ଶ୍ୟାମ କହିଲା, ମାଆ ରହିଗଲ ଯେ, କିଛି କହିଦିଅ । ଦୁଃଖ ଲାଘବ ହୋଇଯିବ କିଛିଟା ।

ଶ୍ୟାମର କଥାଶୁଣି ଗୋଟେ ବଡ଼ ଦୀର୍ଘଶ୍ୱାସ ପକାଇଲେ ସେ । ନିଝୁ ରାତିର ତୃତୀୟ ପ୍ରହର ହେଲାଣି । ହେଲେ ନଛୋଡ଼ବନ୍ଧା ଶ୍ୟାମ ପାଖରେ ସେ ପାଟି ଖୋଲିବାକୁ ବାଧ ହେଲେ । ନିଜ ଭିତରେ ସାଇତି ରଖିଥିବା ପୁଳେ ପୁଳେ ହତାଶବୋଧ ଓଗାଳେଇ ଦେଇ ସେ କହିବା ଆରମ୍ଭ କଲେ ।

ଶ୍ୟାମ ଜାଣିଛ ଏହା ହେଉଛି ଦୀର୍ଘ ପଇଁଚାଳିଶ ବର୍ଷ ତଳର ଅତୀତ । ତୁମର ଅମାନିଆ କାକୁତି ମିନତି ପାଖରେ ଅସହାୟ ଭାବେ ହୃଦୟ କନ୍ଦରରେ ପଡ଼ିରହିଥିବା ଏଇ ଲୋମହର୍ଷଣକାରୀ ଅତୀତ ବର୍ତ୍ତମାନ ହାତଠାରି ଡାକୁଛି । ତୋତେ ଚେତାଇ ଦେବାକୁ ସ୍ୱାଧିନତାର ପଞ୍ଚସ୍ତୋରୀ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ବି ଏ ଦେଶର ଅବସ୍ଥା ଆଗପରି କାୟମ ରହିଛି । ଜାତିପ୍ରଥା, ସବର୍ଣ୍ଣ ଅସବର୍ଣ୍ଣ, ଛୁଆଁ ଅଛୁଆଁ, ଉଚ୍ଚନୀଚ, ଦଳିତ, ପଛୁଆବର୍ଗ, ଅନୁସୂଚିତ ବର୍ଗ, ଅନୁସୂଚିତ ଜନଜାତିବର୍ଗ, କୁସଂସ୍କାର, ଅନ୍ଧବିଶ୍ୱାସ ସବୁକିଛି ପୂର୍ବପରି ଆମ ଦେଶରେ ବଳବତ୍ତର ରହିଛି । ସ୍ୱାଧିନତ୍ତୋର ଭାରତର ୭୫ ବର୍ଷ ଦୀର୍ଘ ଯାତ୍ରା ଏସବୁ ହିନମନ୍ୟତାର କୁ ପ୍ରଭାବରୁ କାଣିଚାଏ ମାତ୍ର ଉଣା ହୋଇନାହିଁ ଏଯାଏଁ । ଯୋଗ୍ୟତା ଭିତ୍ତିରେ ଚାକିରୀ ନଦେଇ ଭୋଟ ବାକ୍ସକୁ ହାତେଇବା ପାଇଁ ଜାତିଭିତ୍ତିକ ଚାକିରୀ ଦେବାର ବାହାନାକୁ ସମ୍ବିଧାନରେ ଲିଖିତ ଆକାରରେ ଲିପିବଦ୍ଧ କରିଦେଲେ । ସବୁ କ୍ଷେତ୍ରରେ ଜାତିଆଣ ଭାବର ପ୍ରଭାବ ଖେଳିଗଲା । ଉପୁଜିଲା ପ୍ରତି ଜାତିରେ ଘୃଣାଭାବ । ଜାତିପ୍ରଥା ବିଭେଦକୁ ହ୍ରାସ କରିବା ପରିବର୍ତ୍ତେ ଜାତିଆଣ କୁସଂସ୍କାରକୁ ଦ୍ୱିଗୁଣିତ କଲା । ସମସ୍ତଙ୍କୁ ସମାନ ଅଧିକାର ଦେବା ନାମରେ ସଂରକ୍ଷଣ ବ୍ୟବସ୍ଥା ରଖି । ସମଗ୍ର ଭାରତବର୍ଷରେ ଦଙ୍ଗା, କଳିତକରାଳ, ଉଗ୍ରରୂପ ଧାରଣ କଲା । ପ୍ରତିଶୋଧ ପରାୟଣ ହୋଇକି ଦେଶସାରା କେବଳ ଉଠୁଥିଲା ଅଗ୍ନିଶିଖା । ଭୂମିଗୁଭୂମା ଯାଏଁ ଚାହୁଁ ଚାହୁଁ ଏହି ସଂରକ୍ଷଣ ବ୍ୟବସ୍ଥାର ଅଗ୍ନି ବ୍ୟାପିଯାଇଥିଲା ସହରରୁ ପଲ୍ଲୀ ଆଡ଼କୁ । କେଉଁ ଅଞ୍ଚଳ ଏଇ ସର୍ବଗ୍ରାସୀ ନିଆଁରୁ ରକ୍ଷା ପାଇନଥିଲା । ହିନ୍ଦୁ ମୁସଲମାନ, ଶିଖ, ସାଇ କାହାର ଗୃହ ବି ଏଥିରୁ ପାଇନଥିଲା ନିସ୍ତାର । ଜଳିପୋଡ଼ି ଧ୍ୱଂସ ସ୍ତୁପରେ ପରିଣତ ହୋଇଯାଇଥିଲା ବ୍ୟସ୍ତ ବହୁଳ ସହରାଞ୍ଚଳ ଏବଂ ଆଦିମ ଅଧିବାସୀ ଅଧ୍ୟୁଷିତ ଅଞ୍ଚଳ । ଜାତିପ୍ରଥା ଭଳି ଘୃଣ୍ୟ ହୀନମନ୍ୟତାର ଶିକାର ହୋଇ କୋଟି କୋଟି ନବ ଯୁବକଙ୍କ ହୃଦୟରେ ଜାତିଆଣ ଭେଦଭାବର ବହ୍ନି ଶିଖା ଗଭୀର ରେଖାପାତ ସୃଷ୍ଟି କରିଥିଲା । ଯେଉଁଥିରୁ ମୁକ୍ତ ହେବା ପାଇଁ ଅହରହ ସଂଗ୍ରାମରତ ଥିଲେ ଅଧିକାଂଶ ଶିକ୍ଷିତ ନୌଯବାନ ସମାଜ । କିନ୍ତୁ ମୁକ୍ତ ହେବାତ ଦୂରର କଥା । କେବଳ ଉଷ୍ମ ରକ୍ତପାତରେ ହିଁ ଏହି ସମସ୍ୟାର ପରିସମାପ୍ତି ଘଟିଥିଲା । କେତେବେଳେ କେମିତି ଏ ନିଆଁର ଉଦ୍‌ଭଟ ସମଗ୍ର ଭାରତବର୍ଷରେ ଘଟୁଛି ହିଁ ଘଟୁଛି ବର୍ତ୍ତମାନ ପରିପ୍ରେକ୍ଷୀରେ ।

ଏତେକ କହିସାରି ଥକ୍କା ମାରି ବସିପଡ଼ିଲେ ସୀତାଦେବୀ । ସମ୍ପୂର୍ଣ୍ଣ ନିରୁତ୍ତର । କଣ୍ଠରୁ ତାଙ୍କର ବାକ୍ୟ ସ୍ଫୁରୁନଥିଲା । ସତାବନ ବର୍ଷରେ ଉପନୀତା ସୀତାଦେବୀ । ଅଚଳ ମହାମେରୁ ପରି ନିଶ୍ଚଳ ହୋଇଯାଇଥିଲେ । ଯେପରି ସେ କିଛିକ୍ଷଣ ପାଇଁ ପଙ୍ଗୁ ହୋଇଯାଇଛନ୍ତି । ନିମିଷକ ପାଇଁ ନୀରବି ଯାଇଥିବା ଧୈର୍ଯ୍ୟମୟୀ ସୀତା ଦେବୀଙ୍କୁ ପୁନରାୟ ହଲାଇ ଦେଇ ଶ୍ୟାମ କହିଲା, "ତା'ପରେ କ'ଣ ହେଲା ମାଆ ? ବହୁବେଳୁ କାକୁସ୍ଥ ହୋଇ ବସିଥିବା ସୀତାଦେବୀଙ୍କର ଶ୍ୟାମର ଡାକରେ ସମ୍ବିତ ଫେରିଆସିଲା । ଆଖି ତରାଟି କିଛି ସମୟ କରୁଣ ଚାହାଣୀରେ ସେ ଚାହିଁ ରହିଲେ ତାକୁ । ଅଧାରୁ ବାକି ରହିଯାଇଥିବା ଅଭୁଲା ଅତୀତକୁ । ଦୋହରାଇବାକୁ ଯାଇ ସୀତା ଦେବୀ କହିଲେ– ଶ୍ୟାମ ତୁମର ଅଶୀ ଦଶକର କଥା ମନେ ଅଛି । ବୋଧହୁଏ ମନେ ନଥିବ ? ସେତେବେଳେ ତୁମେ ଖୁବ୍ ଛୋଟ ଥିଲ । ବୟସ ତୁମର ବାର କି ଚଉଦ ହେବ । ଠିକ୍ ଆଜିର ଏହି ଦିନରେ ଏକ ବଡ଼ ଧରଣର ଅଘଟଣ ଘଟି ଯାଇଥିଲା ଆମ ଇଲାକାରେ ଥିବା ଏକ ସରକାରୀ କଲେଜ ଫାଟକ ସାମ୍‌ନାରେ । ବଡ଼ ଭୟାନକ ଥିଲା ସେଇ ଲୋମଟାଙ୍କୁରା ହୃଦୟବିଦାରକ ଅଘଟଣ । କିଛି ସମୟ ଗ୍ୟାଙ୍ଗୱାର୍‌ରେ ରକ୍ତରଞ୍ଜିତ ହୋଇଥିଲା ଫାଟକ ସାମ୍‌ନା ରାଜରାସ୍ତା । ଦଳିତ ତଥା ପଛୁଆ ବର୍ଗ ଛାତ୍ର ଛାତ୍ରୀ ଏବଂ ଉଚ୍ଚବର୍ଗର ସବର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆରମ୍ଭ ହୋଇ ହାତାପାଇକୁ ଦମନ କରିବା ପାଇଁ ପୋଲିସ ନେଇଥିଲା ଏକ ବଡ଼ କଦମ । ଫଳସ୍ୱରୂପ ପୋଲିସ୍ ଗୁଳିରେ ଅକାଳରେ ଝଡ଼ିପଡ଼ିଥିଲା ପାଞ୍ଚ ପାଞ୍ଚୋଟି ଅମୂଲ୍ୟ ଜୀବନଦୀପ । କି ଭୟଙ୍କର ଥିଲା ସେଇ ଦୃଶ୍ୟ । ସେଦିନର ଦଙ୍ଗା କଥା ଭାବିଲା ବେଳକୁ ବର୍ତ୍ତମାନ ବି ମୋ ରୋମମୂଳ ଟାଙ୍କୁରି ଉଠୁଛି ।

ତା'ପରେ କ'ଣ ହେଲା ମାଆ ? ଏପରି ଚୁପ୍ ହୋଇଗଲ ଯେ ? ନାଇଁରେ ଶ୍ୟାମ ମୁଁ ଆଦୌ ନିରବ ରହୁନି । କହୁଛି ଶୁଣୁ । ସେ ଦିନ ଥିଲା ସ୍ୱାଧୀନ ଭାରତ ବର୍ଷର ୩୨ତମ ସ୍ୱାଧିନତା ଦିବସ । ମାନେ ଏ ମୋର ଜୀବନକାହାଣୀ । ଆଜିଠୁ ଠିକ୍ ବତିଶ ବର୍ଷ ତଳର ଏଇ ଅଶୀ ଦଶକରେ ସମଗ୍ର ଭାରତବର୍ଷରେ ମୁଣ୍ଡଟେକି ଥିଲା ଏକ ସାମ୍ବିଧାନିକ ସ୍ଥାନ ସଂରକ୍ଷଣକୁ କେନ୍ଦ୍ର କରି ଏକ କମିଶନ । କାରଣ ସରକାରୀ ସ୍ଥାନ ସଂରକ୍ଷଣକୁ ନେଇ ଉପୁଜିଥିବା ଏଇ ଜାତିଆଣ ଭେଦଭାବର କିଛି । ସେତେବେଳେ ତୀବ୍ର ରୂପ ଧାରଣ କରିଥିଲା । ଯାହାର ପ୍ରକୋପ ସହରଠୁ ଆରମ୍ଭ ହୋଇ ଆଖି ପିଛୁଳାକେ ବ୍ୟାପିଯାଇଥିଲା ସୁଦୂର ପ୍ରସାରୀ ଗ୍ରାମାଞ୍ଚଳକୁ । ଏଥିରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବି ବାଦ୍ ପଡ଼ିନଥିଲା । ଚାରିଆଡ଼େ କେବଳ ଶୁଭୁଥିଲା କିଳିକିଳା ରାବ । ଜାତିଭିତ୍ତିକ ସ୍ଥାନ ସଂରକ୍ଷଣ ଅଗ୍ନିର ଲେଲିହାନ ଶିଖାରେ ଭାରତର ଅଧିକାଂଶ ଅଂଶ ଜଳିପୋଡ଼ି ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥିଲା । ପ୍ରତ୍ୟେକ କଲେଜ ଭିତରେ ଓ ବାହାରେ ହେଉଥିଲା ଢେଲା ପଥର ମାଡ଼ ପ୍ରାୟତଃ କିଛି କିଛି ଦିନ ଅନ୍ତରାଳରେ । ଏତକ କହି ନୀରବି ଗଲେ ସୀତାଦେବୀ ।

ଆଉ କାଳ ବିଳମ୍ବ ନକରି ଶ୍ୟାମ କହିଲା, ଅଟକି ଗଲେ ଯେ ମାଆ, ତା'ପରେ କ'ଣ ହେଲା ? ତଥାପି ଗୁମ୍‌ସୁମ୍ ହୋଇ ବସିରହିଥିଲେ ସେ ନିର୍ବିକାର ଓ ଅବିଚଳିତ ଭାବରେ । ଶ୍ୟାମ କିନ୍ତୁ ଅପେକ୍ଷା କରିଥିଲା ଅନ୍ତିମ ପରିଣତିକୁ ଅବଗତ ହେବାପାଇଁ । ସୀତାଦେବୀଙ୍କ କଥାଶୁଣି ସେ ଯେତିକି ମର୍ମାହତ ଥିଲା, ତା'ଠାରୁ ଅଧିକ କୌତୂହଳ ମଧ୍ୟ ଥିଲା ।

ଆଉ କ୍ଷଣିକ ବି ଅପେକ୍ଷା କରିପାରିନଥିଲା ଶ୍ୟାମ। କିଂକର୍ତ୍ତବ୍ୟ ବିମୂଢ଼ ଅବସାରେ ବସିଥିବା ସୀତା ଦେବୀଙ୍କୁ ବିନା ଉପକ୍ରମଣିକାରେ ପଚାରିଲା, କୁହ ମାଆ ତା' ପରର କଥା।

ଦୀର୍ଘ ସମୟ ଧରି ନିଜ ଭାବନାତ୍ମକ କୋହକୁ ଜାବୁଡ଼ି ଧରିଥିବା ସୀତା ଦେବୀ ନିଷ୍ପୃହ ଗଳାରେ ଉତ୍ତର ଦେଲେ।

ହଁ ସେଦିନ ଥିଲା ଭାରତର ୩୨ତମ ସ୍ୱାଧିନତା ଦିବସ। ଏଇ ସମୟରେ ଦେଶରେ ମୁଣ୍ଡଟେକିଥିବା ଜାତିଭିତ୍ତିକ ସମସ୍ୟା କିଛି ଦିନ ପାଇଁ ଶାନ୍ତ ପଡ଼ିଯାଇଥିଲା। ଧୀରେ ଧୀରେ କେତେ ମାସପରେ ସର୍ବତ୍ର ସ୍ୱାଭାବିକ ଅବସ୍ଥା ଫେରି ଆସିଥିଲା। ୩୨ତମ ସ୍ୱାଧିନତା ଦିବସକୁ ଉତ୍ସବ ମୁଖର କରିବାକୁ ସମସ୍ତେ ସମ୍ମିଳିତ ଭାବେ ଆଗେଇ ଆସିଥିଲେ। ବ୍ୟସ୍ତବହୁଳ ସହରଠୁ ଆରମ୍ଭ କରି ଅପହଞ୍ଚ ଇଲାକା ବି ସ୍ୱାଧିନତା ଦିବସ ପାଇଁ ଚଳଚଞ୍ଚଳ ହୋଇଉଠୁଥିଲା। ରାତି ପାହିଲେ ସ୍ୱାଧିନତା ଦିବସ। ଭାରତରେ ଥିବା ପ୍ରତ୍ୟେକ ସ୍କୁଲ୍, କଲେଜ, ସରକାରୀ ଦପ୍ତରରେ ଗହଳଚହଳ ଲାଗି ରହିଥିଲା। ଗୋଟିଏ ରାତ୍ରୀ ପୂର୍ବରୁ ଚାଲିଛି ପ୍ରସ୍ତୁତି ପର୍ବ। ଆମ ଇଲାକାରେ ଥିବା ସେଇ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରାୟତଃ ତୁମ ଘରଠୁ ଦଶ କିଲୋମିଟର ଦୂର ଯେଉଁଠି ତୁ ପାଠ ପଢୁଥିଲୁ। କେବଳ ତୁ ନୁହେଁ ସ୍ଥାନୀୟ ଅଞ୍ଚଳରେ ଥିବା ସେଇ ଗୋଟିଏ ବିଦ୍ୟାଳୟରେ ଆମ ଅଞ୍ଚଳର ସମସ୍ତ ପିଲା ପାଠ ପଢୁଥିଲେ। ତୋ ବାପା, ଜେଜେବାପା, ପରଜେଜେବାପା, ଭାଇ ଭଉଣୀ ସମସ୍ତେ ଥିଲେ ସେଇ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ।

ସେବର୍ଷ ସେଇ ବିଦ୍ୟାଳୟରେ ସ୍ୱାଧିନତା ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସମ୍ମାନୀତ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲେ। ସେହି ବିଦ୍ୟାଳୟର ପୂର୍ବତନ ଛାତ୍ର ଯିଏ ଏଇ ବିଦ୍ୟାଳୟରେ ପାଠ ପଢ଼ି କଲେକ୍ଟର ହୋଇଥିଲେ। ପୁଣି ଏକ ଅସ୍ପୃଶ୍ୟ ଦଳିତ ଜାତିର ତରୁଣ ଯୁବକ। ନାମ ଥିଲା ଅରକେଶ ମୁଣ୍ଡା। ସେତେବେଳେ ସେ ନୂଆ ନୂଆ କଲେକ୍ଟର ଭାବେ ନିଯୁକ୍ତି ପାଇଥା'ନ୍ତି। ଏକ ଅପହଞ୍ଚ ଆଦିବାସୀ ଅଧ୍ୟୁଷିତ ଇଲାକାରେ। ଜିଲ୍ଲାର ନାମ ମାଲ୍‌କାନ୍‌ଗିରି। ନିଜ ବିଦ୍ୟାଳୟର ଆମନ୍ତ୍ରଣକୁ ଅସ୍ୱୀକାର କରିପାରିନଥିଲେ ଅର୍‌କେଶ ବାବୁ। ତେଣୁ ସଦ୍ୟ ବିବାହିତ ଅରକେଶ ବାବୁ ସସ୍ତ୍ରୀକ ଆସିଥିଲେ ନିଜ ଜନ୍ମମାଟିକୁ। ପାଳନ କରିବାକୁ  ସ୍ୱାଧିନ ଭାରତମାତାର ୩୨ତମ ସ୍ୱାଧିନତା ଦିବସ।

ନିଜ ଜୀବନ ଯାତ୍ରାର ପ୍ରାରମ୍ଭିକ ସୂଚନା ଦେଇ ଏଇଠି ମଉନ  ହୋଇ ରହିଲେ ସୀତାଦେବୀ। ବୋଧହୁଏ ଅତୀତ ଜୀବନର ଅସହାୟତାର ପ୍ରତିଛବିକୁ ଅନ୍ତଃକୋଣରେ ନିରେଖି ଦେଖୁଥିଲେ ସେ। ସେତେବେଳେ ଜୀବନର ପ୍ରତିଟି ମୁହୂର୍ତ୍ତ କିପରି ଅନିଶ୍ଚିତତାରେ କାଟୁଥିଲେ ଅରକେଶଙ୍କ ବିନା। ତାହାକୁ ସେ ମୌନ ରହି ଆଜି ହୃଦୟଙ୍ଗମ କରୁଥିଲେ। ମୁହୂର୍ତ୍ତପରେ ମୁହୂର୍ତ୍ତ ବିତିଗଲାଣି। ତଥାପି ସୀତା ଦେବୀ ନିରୁତ୍ତର। ପୁଣି ଦୁଇ ନୟନରେ ଭାସି ଆସୁଛି ଉଜାଣୀ ଅଶ୍ରୁ। ଏଇ ଅମାନିଆ ଲୋତକ ବିନ୍ଦୁକୁ ଅଟକାଇ ରଖିବାକୁ ତାଙ୍କ ପାଖରେ ନଥିଲା ଶକ୍ତି। ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ଅବଚେତନ। ଠିକ୍ ଏଇ ସମୟରେ ସୀତାଦେବୀଙ୍କର ଅବଚେତନ ମନର ଅର୍ନ୍ତନାଦକୁ ହୃଦୟଙ୍ଗମ କରିପାରୁନଥିବା ଅର୍ଦ୍ଧଶିକ୍ଷିତ ଅସ୍ପୃଶ୍ୟ ଦଳିତ ଯୁବକ ଶ୍ୟାମ। ସୀତାଦେବୀଙ୍କୁ ହଲେଇ ଦେଇ କହିଲା, "ଯା' ପରେ କ'ଣ ହେଲା ମାଆ କୁହନା। ଚୁପ୍ ହୋଇଗଲେ କାହିଁକି ? ମାଆ ଏଇ ଅରକେଶ କୁଅଁର କିଏ ? ତାଙ୍କ ସହିତ ତୁମର କି ପରିଚୟ ? ଶ୍ୟାମର ପ୍ରଶ୍ନବାଣରେ ଅବଚେତନ ମନ ତାଙ୍କର ସଚେତନ ହୋଇଗଲା। ବାସ୍ତବତାକୁ ଫେରିଆସିଲେ ସେ। ଘନ ଅନ୍ଧକାର ଭିତରେ ବୋହିଯାଉଥିବା ଅବିଶ୍ରାନ୍ତ ଲୁହଧାରକୁ ନିଜ ପଣତ କାନିରେ ପୋଛି ଦେଲେ ସୀତାଦେବୀ।

ଆରମ୍ଭ କଲେ ବିଗତ ଦିନର ଅଭୁଲା ସ୍ମୃତି। ନିଜ ଜୀବନର ଦ୍ୱିତୀୟାର୍ଦ୍ଧର କାହାଣୀ। କଲେକ୍ଟର ଅରକେଶ କୁଅଁର ହେଉଛନ୍ତି ମୋର ଦିବଂଗତ ସ୍ୱାମୀ। ତାଙ୍କ ସହ ମୋର ପରିଚୟ ଏକ ସୁନାମଧନ୍ୟ କଲେଜରେ ହୋଇଥିଲା। ଆମେ ଦୁହେଁ କଲେଜରେ ପଢ଼ିଲାବେଳେ ଏକା କ୍ଲାସ୍‌ମେଟ୍ ଥିଲୁ। ସେ କଲେଜ ହଷ୍ଟେଲ୍‌ରେ ରହୁଥିଲେ। ଆଉ ମୁଁ ଘରୁ କଲେଜକୁ ଯାଆ ଆସ କରୁଥିଲି। କାରଣ କଲେଜଟା ମୋ ନିଜ ସହରରେ ଥିଲା। କ୍ଲାସ୍‌ରେ ପାଠ ପଢ଼ିଲା ବେଳେ ଅରକେଶଙ୍କର ସୌମ୍ୟ ସୁନ୍ଦର ରୂପ ଓ ମାର୍ଜିତ ବ୍ୟବହାର ମୋତେ ଖୁବ୍ ଆକର୍ଷିତ କରିଥିଲା। ଧୀରେ ଧୀରେ ଆମେ ଦୁହେଁ ଦୁହିଁଙ୍କର ନିକଟବର୍ତ୍ତୀ ହୋଇଗଲୁ ଏବଂ ସମ୍ପର୍କରେ ଆସିଯାଇଥିଲା ପ୍ରଗାଢ଼ ନିବିଡ଼ତା। ପାଠପଢ଼ା, ଭାବ ଦିଆନିଆ, ରାଗରୁଷା ଓ ମାନ ଅଭିମାନରେ। କଲେଜରେ କଟିଗଲା ଦୀର୍ଘ ଚାରିବର୍ଷ।

ସ୍ନାତକ ପରେ ଅରକେଶଙ୍କୁ ଏସ୍‌ସି, ଏସ୍‌ଟି କାଟେଗୋରୀରେ ବୃତ୍ତି ମିଳୁଥିବାରୁ ଉଚ୍ଚ ଶିକ୍ଷା ପାଇଁ ସେ ଚାଲିଗଲେ ଦିଲ୍ଲୀ। ସେଠାରେ ସେ ଉଚ୍ଚଶିକ୍ଷା ସହ ଆଇଏଏସ୍, ଆପିଏସ୍ କୋଚିଂ ମଧ୍ୟ ନେଉଥିଲେ। କିନ୍ତୁ ମୁଁ ରହିଯାଇଥିଲି ନିଜ ସହରରେ। ସେଇ କଲେଜରେ ମୁଁ ସ୍ନାତକୋତ୍ତର ରାଜନୀତି ବିଜ୍ଞାନରେ କଲି। ଏଇ ସମୟରେ ଘରେ ମୋ ବିଭାଘର ନେଇ ସମସ୍ତେ ବ୍ୟସ୍ତ ଥିଲେ। ମୁଁ କିନ୍ତୁ ବିବାହ କଥାକୁ ଟାଳିବାରେ ଲାଗିଥିଲି। କେତେ ଦିନ ଯେ ମୁଁ ପିତାମାତାଙ୍କ କଥାକୁ ଟାଳିପାରିବି। ପରିଶେଷରେ ସମସ୍ତ ଆଗରେ ଅରକେଶଙ୍କୁ ଭଲପାଏ ବୋଲି ସ୍ୱୀକାର କଲି। ଜଣେ ଦଳିତ ଆଦିବାସୀ ଯୁବକୁ ଭଲ ପାଉଥିବା ଶୁଣି ସମସ୍ତେ ଚିହିଁଙ୍କି ଉଠିଥିଲେ। ନାକ ଟେକିଥିଲେ ଏହି ବିବାହ ପ୍ରସ୍ତାବକୁ ନେଇ। ଘୋର ବିରୋଧ କରିଥିଲେ ମୋର ନନା ବା ପିତା। କାରଣ ମୁଁ ଥିଲି ସବର୍ଣ୍ଣ ଜାତିର କନ୍ୟା। ପୁଣି ଜଣେ କୁଳୀନ ବ୍ରାହ୍ମଣ ପରିବାରର ଝିଅ। ପରିବାରରେ ମୁଁ ଘୋର ବିରୋଧର ସମ୍ମୁଖୀନ ହେଲି। ନନା, ବୋଉ, ସାଇ ପଡ଼ିଶା ସମସ୍ତଙ୍କ ଚକ୍ଷୁରେ ମୁଁ ଏକ ଘୃଣ୍ୟପାତ୍ର ହୋଇଗଲି। କେହି ବି ମୋ ସହ ମନଖୋଲି କଥାବାର୍ତ୍ତା କରୁନଥିଲେ କି ମିଳାମିଶା କରୁନଥିଲେ। ସେଇ ସମୟରେ ମୁଁ ଆଉ ବ୍ରାହ୍ମଣ ଝିଅ ହୋଇ ରହିନଥିଲି। ସମାଜର କଟାକ୍ଷ ଚକ୍ଷୁରେ ମୁଁ ଦିଶୁଥିଲି ଏକ ଦଳିତ ଆଦିବାସୀ ମାରଣ ନୀତିର ଅସ୍ପୃଶ୍ୟ କନ୍ୟା।

ଏମିତି ଏମିତିରେ ବିତିଗଲା ଦୁଇଟି ଦୁର୍ଲଭ ବର୍ଷ। ଯୋଗକୁ ପ୍ରଥମ ପ୍ରୟାସରେ ଅରକେଶ୍‌ଙ୍କୁ ମିଳିଗଲା ଚାକିରୀ। ସର୍ବଭାରତୀୟ ସ୍ତରରେ ଆଇଏଏସ୍‌ରେ ସେ ହୋଇଥିଲେ ଟପ୍ପର। ପରେ ସରକାରଙ୍କ ତରଫରୁ ନିଯୁକ୍ତି ପତ୍ର ଆସିଥିଲା ସୁଦୂର ମାଲ୍‌କାନ୍‌ଗିରିରେ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ। ଅରକେଶ୍‌ଙ୍କର ଟପ୍ପର ହେବା ଶୁଣି ଖୁସିରେ ଆତ୍ମହରା ହୋଇଯାଇଥିଲି ମୁଁ। ମୋ ପାଦ ଭୂମିରେ ଲାଗୁନଥିଲା। ଏକଥା ଚାରିଆଡ଼େ ପ୍ରଚାର ହୋଇଗଲଣ। ସମସ୍ତେ ଅରକେଶଙ୍କୁ ପ୍ରଶଂସାରେ ଶତମୁଖ ଥିବାବେଳେ କେବଳ ଆମ ପରିବାରରେ ଚାଲିଥିଲା ଅନ୍ତକନ୍ଦଳ। ସମସ୍ତଙ୍କ ମୁହଁ ଉଷୁନା ହାଣ୍ଡି ପରି ଥିଲା। ନନାଙ୍କ କଥା ନକହିଲେ ଭଲ।

କିନ୍ତୁ ଏସବୁ ମୁଁ ଭ୍ରୂକ୍ଷେପ କରୁନଥିଲି। ଅରକେଶଙ୍କ କହିବା ଅନୁଯାୟୀ ମାଲ୍‌କାନ୍‌ଗିରିରେ କାର୍ଯ୍ୟଭାର ନେବା ପୂର୍ବରୁ ମୁଁ ତାଙ୍କ ସହ ମାଲ୍‌କାନ୍‌ଗିରି ଚାଲିଆସିଲି। ଏଠାରେ ମୁଁ ଅରକେଶଙ୍କ ପିତା ମାତାଙ୍କ ଆଶୀର୍ବାଦରେ ଅରକେଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଗଲି। ନିଜ ପିତା ମାତା, ଘରଦ୍ୱାର ସବୁକୁ ପଛ କରି ଚାଲି ଆସିଲି ଯେ ଆଉ ପଛକୁ ଫେରି ଚାହିଁନାହିଁ। ଏଇଠାରୁ ସୀତାଦେବୀ ଏକଦମ୍ ମୂର୍ଚ୍ଛା ହୋଇଗଲେ। ତିମି ଅନ୍ଧାରରେ ଚାହିଁ ରହିଥିଲେ ଖୋଲା ଆକାଶକୁ। ଆଖି ମିଟିକା ମାରୁଥିଲେ ଅସଂଖ୍ୟ ତାରାପନ୍ତି। ନିର୍ଜନ ଘନ ଅନ୍ଧକାର ଗଗନରେ। ବୋଧହୁଏ ଦୀର୍ଘବର୍ଷ ପରେ ସମୟ ପାଇଛନ୍ତି ସେ ନିଜ ପ୍ରାଣର ପ୍ରାଣ ପରମ ଆଦରଣୀୟ ପୁରୁଷ ଅରକେଶଙ୍କୁ ଆଖି ପୁରେଇ ଦେଖିବାକୁ। ପୁନର୍ବାର ସୀତାଦେବୀଙ୍କର ଭାବ ପ୍ରବଣତାକୁ ଲକ୍ଷ୍ୟ କରି କହିଉଠିଥିଲା ଶ୍ୟାମ ବହୁ ବର୍ଷ ତଳେ ବିତିଯାଇଥିବା ଅତୀତକୁ ନେଇ ଆଜି ଏତେ ଭାବପ୍ରବଣ କାହିଁକି ମାଆ? ତୁମେତ ଏଇ ସମାଜ ଓ ଅରକେଶଙ୍କ ପାଇଁ ବଞ୍ଚିବାକୁ ଚାହଁ। ପୁଣି କାହିଁକି ଦୀର୍ଘଶ୍ୱାସ, ବିରହ, ବେଦନା ଭାବ ପ୍ରବଣତା? ଜୀବନର ପ୍ରତ୍ୟେକଟି ପ୍ରତିକୂଳ ମୁହୂର୍ତ୍ତକୁ ଅନୁକୂଳ ମୁହୂର୍ତ୍ତରେ ସମର୍ପଣ କରିଦିଅ ମାଆ। କାରଣ ତା'ରି ଭିତରେ ହିଁ ତୁମର ସମସ୍ତ ଭାବନା, ଉଦ୍ଦିପନା, ଚିନ୍ତନ, ସ୍ପନ୍ଦନ ସମାହିତ ହୋଇଯିବ।

ଶ୍ୟାମର ଏପରି ଭାବୁକତାପୂର୍ଣ୍ଣ ଦାର୍ଶନିକ କଥାଶୁଣି ନିମିଷକ ପାଇଁ ଆଶ୍ଚର୍ଯ୍ୟଚକିତ ହୋଇଗଲେ ସୀତାଦେବୀ। କେତେବେଳୁ ହୃଦୟକୁ ଆନ୍ଦୋଳିତ କରୁଥିବା ଅବ୍ୟକ୍ତ ଅତୀତଗୁଡ଼ାକ। ସାମାନ୍ୟ ଜଣେ ଦଳିତ ଯୁବକର ମର୍ମସ୍ପର୍ଶୀ ବାଣୀରେ ଜମାଟ ବାନ୍ଧିବା ପୂର୍ବରୁ ପିଘିଳିବାକୁ ଲାଗିଲା। ପୁଣି ଥରେ ସେ ବେଦନାସିକ୍ତ ଅତୀତର ପୃଷ୍ଠା ସବୁ ଓଲଟାଇବାକୁ ଚେଷ୍ଟା କଲେ।

ଏଇଠୁ ଆରମ୍ଭ କଲେ ସେ। ଅରକେଶ୍ ବିନା ବିତାଇଥିବା ଅବଶିଷ୍ଟ ଜୀବନ। ନିଜ ବିଦ୍ୟାଳୟ ତରଫରୁ ଆମନ୍ତ୍ରିତ ହୋଇଥିବାରୁ ବେଶ୍ ଖୁସି ଥିଲେ ଅର୍‌କେଶ। ତେଣୁ ସ୍ୱାଧିନତା ଦିବସ ଦୁଇ ଦିନ ପୂର୍ବରୁ ସେ ନିଜ ଗାଆଁକୁ ଆସିଲେ। ସାଙ୍ଗରେ ମୁଁ ମଧ୍ୟ ଆସିଥିଲି। ଏଇଟା ଥିଲା ମୋର ଦ୍ୱିତୀୟ ଥର ଶାଶୁଘରକୁ ଆସିବା। ମୋର ଶାଶୁଘର ରହଣୀ ଭିତରେ ସମସ୍ତେ ମୋତେ ଦେଖିବା ପାଇଁ ଆସୁଥିଲେ। ସତେ ଯେମିତି ମୁଁ ଗୋଟିଏ ଜୀବନ୍ତ କଣ୍ଢେଇଟିଏ। ସମସ୍ତେ ପ୍ରଶଂସା କରୁଥିଲେ ମୋର ସୁନ୍ଦରତାକୁ ନେଇ। ମୁଁ କିନ୍ତୁ ବୁଝିପାରୁନଥିଲି କିଛି। ପରେ ମୋତେ ଅରକେଶ ଓଡ଼ିଆ ଭାଷାରେ ବୁଝାଇ ଦେଉଥିଲେ। ସାଇ ପଡ଼ିଶାରେ ଯେତେସବୁ ଛୋଟ ଛୋଟ ପୁଅ ଝିଅ ଥିଲେ ସେମାନେ ସମସ୍ତେ ଦିନରାତି ମୋତେ ଘେରି ରହିଥିଲେ। କ୍ଷଣଟିଏ ବି ମୋ ଠାରୁ ଦୂରେଇ ଯାଉନଥିଲେ। ନିଜକୁ ଅସହଜ ଲାଗୁଥିଲେ ମଧ୍ୟ ମୁହଁ ଖୋଲି ମୁଁ କାହାକୁ କିଛି କହିପାରୁନଥିଲି। ସେଇ ପିଲାମାନଙ୍କ ମଧ୍ୟରେ ତୁମେ ଥିଲ ଶ୍ୟାମ।

ତୁମକୁ ଦେଖିବା ପରେ ତୁମ ପ୍ରତି ମୋ ହୃଦୟରେ ଏକ ଆନ୍ତରିକ ଭାବ ଉଦ୍ରେକ ହୋଇଥିଲା। ତୁମେ ବି ମାଆ ମାଆ କହି ମୋ ପାଖ ଛାଡୁନଥିଲ। ଘରେ ତୁମ ବିଷୟରେ ଜାଣିବାକୁ ପାଇଲି। ଅନାଥ ପିଲାଟିଏ ତୁମେ। ବାପା ମାଆ ଛେଉଣ୍ଡ। ଏସବୁ ଜାଣିଲା ପରେ ଅରକେଶଙ୍କୁ ମୁଁ କହିଥିଲି ମାଲ୍‌କାନ୍‌ଗିରି ଫେରିଲାବେଳେ ଶ୍ୟାମକୁ ସାଥିରେ ନେଇଯିବା। ପାଠ ଶାଠ ପଢ଼ାଇ ମଣିଷ ପରି ମଣିଷଟିଏ କରିବା। କିନ୍ତୁ ସବୁ କଳ୍ପନା କଳ୍ପନାର ଅନ୍ତ ଘଟିଲା। ନା ଅରକେଶଙ୍କୁ ମୁଁ ଚିରଦିନ ଜୀବନ ସାଥି ରୂପେ ପାଇପାରିଲି, ନା ତୁମକୁ ମଣିଷ ଭଳି ମଣିଷଟିଏ କରିପାରିଲି। କାଳ ଓ ପରିସ୍ଥିତି ମୋର ସମସ୍ତ ଦାମ୍ଭିକତା ଓ ଗାମ୍ଭୀର୍ଯ୍ୟକୁ ଭାଙ୍ଗି ରୁଜି ଚୁର୍‌ମାର୍ କରିଦେଲା। ସମୟ ଓ ପରିସ୍ଥିତି ପାଖରେ ହାର ମାନି ମୁଁ କେବଳ ବଞ୍ଚିବାର ଅଭିପ୍ରାୟ ନେଇ। ଜୀବନର ଇତିବୃତ୍ତିକୁ ଲେଖିଚାଲିଛି।

ହଁ ମାଆ! ତୁମେ ଯାହା କହିଲ ସତ କଥା। "ବିଧିର ବିଧାନ କେ କରିବ ଆନ"। ଯାହା ଭାଗ୍ୟରେ ଘଟିବାର ଥିବ ଅବଶ୍ୟ ଘଟିବ। ଭାଗ୍ୟ ହାତରେ ସମସ୍ତେ ଜଣେ ଜଣେ କ୍ରୀଡ଼ାନକ। କାହା ଜୀବନରେ ମୃତ୍ୟୁ କିପରି କେଉଁ ଅବସ୍ଥାରେ ଆସିବ କେହି କେବେ କହିପାରିବେ ନାହିଁ। ଠିକ୍ ଯେପରି ଅରକେଶଙ୍କ ମୃତ୍ୟୁ ତାଙ୍କ ପାଖରେ ପହଞ୍ଚି ଯାଇଥିଲା।

ଇହକାଳ ଓ ପରକାଳର ଦେବତା। ସ୍ୱାମୀ ଅରକେଶଙ୍କ ବିଷୟରେ ଏଇ ଦିପଦ କଥା କହିଲା ବେଳେ ବେଦନାସିକ୍ତ ଆତ୍ମା ତାଙ୍କର ବାହୁନି ଉଠିଥିଲା। ଭୋ, ଭୋ ହୋଇ କାନ୍ଦି ଉଠିଥିଲେ ସେ। ନିସ୍ତବ୍ଧ ଅନ୍ଧକାର ରାତି। ତାଙ୍କ କରୁଣ ବିଳାପରେ ପ୍ରକମ୍ପିତ ହୋଇଉଠିଲା। ତଥାପି ନିଜକୁ ସମ୍ଭାଳି ନେବାକୁ ଚେଷ୍ଟିତ। ସୀତାଦେବୀଙ୍କର ଏପରି ମ୍ରିୟମାଣ ଅବସ୍ଥାକୁ ଦେଖି ଶ୍ୟାମ ଚକ୍ଷୁରେ ମଧ୍ୟ ଆସିଯାଇଥିଲା ଅବ୍ୟକ୍ତ ଅଶ୍ରୁ।

ରାତ୍ରୀର ଅନ୍ତିମ ପ୍ରହର। ଏପର୍ଯ୍ୟନ୍ତ ଦୁହେଁ ଶୋକ ସାଗରରେ ବୁଡ଼ି ରହିଥିଲେ। କ୍ଷଣକ ଅନ୍ତେ ଦୁହେଁ ନିଜ ନିଜ ଶୋକାଗ୍ରସ୍ତ ଭାବକକ୍ଷରୁ ବାସ୍ତବତାକୁ ଫେରି ଆସିଲେ। ସ୍ଥାଣୁ ଓ ସ୍ଥବିର ପରି ବସିରହିଥିବା ସୀତା ଦେବୀ ଆଡ଼େ ଚାହିଁ। ଶ୍ୟାମ କହିଲା, ବ୍ୟସ୍ତ ହୁଅନା ମାଆ ମୁଁ ପରା ଅଛି। ଯାହା ବିତିଯାଇଛି ସେ କଥା ଭାବି ନିଜକୁ ଅସୁସ୍ଥ କରନି। ତୁମର ସବୁ ଦାୟିତ୍ୱ ଆଜିଠାରୁ ମୋର। ଶ୍ୟାମର ମୁଖମଣ୍ଡଳକୁ ଚାହିଁ ବାଷ୍ପରୁଦ୍ଧ କଣ୍ଠରେ କହିଲେ ସୀତାଦେବୀ। ଜାଣେ ଶ୍ୟାମ। ତଥାପି ଏପରି ଏକ ସମୟ ଆସେ, ଯେତେବେଳେ ଅଭୁଲା ସ୍ମୃତି ଗୁଡ଼ିକ ଅଲିଭା ଦାଗ ଭଳି ଆପେ ଆପେ ମାନସ ପଟଳରେ ଉଙ୍କିମାରୁଛି। ଶତ ଚେଷ୍ଟା କଲେବି ଏଭଳି ମୁହୂର୍ତ୍ତରୁ ନିଜକୁ ଦୂରେଇ ରଖିପାରେନି। ଠିକ୍ ଯେମିତି ଆଜି ପକ୍ଷରେ ଘଟିଛି।

ରାତି ପାହି ଆସିଲାଣି ମାଆ। କିଛି ସମୟ ପରେ ଅନ୍ଧକାର ଶୂନ୍ୟ ହୋଇଯିବ ଧରଣୀ। ଫରଚା ଦିଶିବ ସବୁ। ତୁମେ ମଧ୍ୟ ଅନ୍ତଃକୋଣରେ ଚାପି ରଖିଥିବା ଅବ୍ୟକ୍ତ ଯନ୍ତ୍ରଣା ରୂପୀ ଅଭିବ୍ୟକ୍ତିକୁ ଅନ୍ତରରୁ କାଢ଼ି ବାହାରକୁ ଫିଙ୍ଗି ଦିଅ ମାଆ। ପରମ ଶାନ୍ତି ଲାଭ କରିବ। ମନ କିଛିଟା ହାଲକା ହୋଇଯିବ।

ହଁ, ହଁ ଶ୍ୟାମ। ମୋତେ ଆଜି ସବୁକିଛି କହିବାକୁ ହେବ। ଶାଶୁଘରେ ଭଲରେ ଭଲରେ ଦୁଇଦିନ କଟିଗଲାଣି। ସ୍ୱାଧିନତା ଦିବସ ଦିନ ସକାଳୁ ସକାଳୁ ଅର୍‌କେଶ ଶଯ୍ୟାତ୍ୟାଗକଲେ। ନିଜ ପ୍ରିୟ ବିଦ୍ୟାଳୟକୁ ଯିବା ପାଇଁ ତରବର ହୋଇ ନିତ୍ୟକର୍ମ ସବୁ ସାରିଦେଲେ। କାରଣ ସକାଳ ନଅଟାରେ ପତାକା ଉତ୍ତୋଳନର ସମୟ ଧାର୍ଯ୍ୟ ହୋଇଥିଲା। ଅରକେଶଙ୍କ ସହିତ ମୋର ମଧ୍ୟ ଯିବାର ଥିଲା। ତେଣୁ ମୁଁ ମଧ୍ୟ ଯିବା ପାଇଁ ପ୍ରସ୍ତୁତ ହୋଇସାରିଥିଲି। ଦୁହେଁ ନଅଟା ପୂର୍ବରୁ ଘରୁ ବାହାରିପଡ଼ିଲୁ। ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିଗଲୁ ଆମେ। ବିଧିବଦ୍ଧ ଭାବେ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟ ସରିଗଲା। ଏହି ପରିପ୍ରେକ୍ଷୀରେ ଖୁବ୍ ସୁନ୍ଦର ତଥା ମର୍ମସ୍ପର୍ଶୀ ଭାଷଣ ଦେଇଥିଲେ ଅରକେଶ୍। ତାଙ୍କ ଅଭିଭାଷଣବାଜୀକୁ ସମସ୍ତେ ତାରିଫ୍ କରୁଥିଲେ।

ଯା' ଭିତରେ ଏକ ବଡ଼ ଧରଣର ଅନର୍ଥ ଘଟିଗଲା । ଦୀର୍ଘ ଦିନ ଧରି ସୁପ୍ତ ଥିବା ଜାତିଭିତ୍ତିକ ଆନ୍ଦୋଳନ ଉପରେ ଅରକେଶ କିଛିଟା ଆଲୋକପାତ କ ରିଥିଲେ । ଦଳିତ ତଥା ପଛୁଆବର୍ଗଙ୍କ ପାଇଁ ଗଠନ ହୋଇଥିବା ଆୟୋଗ ଉପରେ ସେ କିଛି ପ୍ରତିକୂଳ ଟିପ୍ପଣୀ ମଧ୍ୟ ଦେଇଥିଲେ । ଯାହା ତାଙ୍କୁ ମରଣ ମୁଖକୁ ଠେଲିଦେଇଥିଲା । ଜାତୀୟ ପତାକା ଉତ୍ତୋଳନ ପରେ ସେ ବିଦ୍ୟାଳୟର ବିକାଶକରଣ ଉପରେ ଶିକ୍ଷକମାନଙ୍କ ସହ ଆଲୋଚନା କଲେ । ଏହି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ । ପରେ ସର୍ବସମ୍ମୁଖରେ ଏହି ବିଦ୍ୟାଳୟକୁ ନିଜ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲେ । ତାଙ୍କର ଏପରି ସହଯୋଗର ହାତ ପାଇଁ ବିଦ୍ୟାଳୟ ତରଫରୁ ତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦିଆଗଲା । ତାପରେ ଚାଲିଲା କଥାବାର୍ତ୍ତା ଓ ଆଲୋଚନା ପର୍ବ । ଏଥିରେ ବହୁ ସମୟ ଅତିକ୍ରାନ୍ତ ହୋଇଯାଇଥିଲା । ଅରକେଶଙ୍କୁ କେହି ଛାଡ଼ିବାକୁ ନାରାଜ । ବହୁ ସମୟ ପରେ ମୁଁ ମୁହଁ ଖୋଲି କହିଥିଲି ପ୍ରତ୍ୟାବର୍ତ୍ତନ କରିବା ପାଇଁ ।

ଠିକ୍ ଏଇ ସମୟରେ ବାହାରେ କୋଳାହଳର ଶବ୍ଦ ଶୁଣାଗଲା । କ'ଣ ଘଟିଲା ବୋଲି ଜାଣିବା ପାଇଁ ସମସ୍ତେ ଅଫିସ୍ ରୁମ୍‌ରୁ ବାହାରି ଆସିଲେ । କୋଳାହଳର ଶବ୍ଦ ଏତେ ଭୟଙ୍କର ଶୁଭୁଥିଲା । ଅନ୍ୟମାନଙ୍କ ସହ ଅରକେଶ ମଧ୍ୟ ଧାଇଁଯାଇଥିଲେ ବିଦ୍ୟାଳୟ ଗେଟ୍ ସାମ୍ନାକୁ । କ'ଣ ଘଟିଛି ଜାଣିବା ପାଇଁ । ଗେଟ ବାହାରେ ଧୂଆଁ ଛାଇ ହୋଇଯାଇଥିଲା । ଆଖି ସାମ୍ନାରେ ଧୂଆଁ ଛଡ଼ା ଅନ୍ୟ କିଛି ଦିଶୁନଥିଲା । ତଥାପି ଅଧୁମାଧୁମା ସମସ୍ତେ ମାଡ଼ିଗଲେ ଗେଟ୍ ବାହାରକୁ । ଦେଖିଲେ ହୁତୁ ହୁତୁ ହୋଇ ଜଳୁଥିଲା କେତେଗୁଡ଼ିଏ ମୋଟରସାଇକେଲ୍ । ସ୍କୁଟର ସହ ଅରକେଶଙ୍କ ସରକାରୀ ଗାଡ଼ିଟା । ଏସବୁ ଦେଖି ତଟସ୍ଥ ହୋଇଗଲେ ସେ । କ'ଣ କରିବେ, କ'ଣ ନକରିବେ ଭାବିବା ପୂର୍ବରୁ ଏହି ଜାତିଆଣ ଭିତ୍ତିକ ଦଙ୍ଗା ଫସାଦରେ ବଳି ପଡ଼ିଯାଇଥିଲେ ନୀରୀହ ଦଳିତ ଯୁବକ କେତେଜଣ । ରକ୍ତ ରଞ୍ଜିତ ହୋଇ ଯାଇଥିଲା ବିଦ୍ୟାଳୟ ପରିସର । ଏତେ ସରି ହେଲା ପରେ ମଧ୍ୟ ଆନ୍ଦୋଳନ କ୍ଷାନ୍ତ ହେବାର ନାଁ ଗନ୍ଧ ଧରୁନଥିଲା । ଚାହୁଁ ଚାହୁଁ ମାଡ଼ି ଆସିଲେ ସାତଖଣ୍ଡ ମୌଜାର ସବର୍ଣ୍ଣ ଅସବର୍ଣ୍ଣ ଆନ୍ଦୋଳନକାରୀମାନେ । ରଣକ୍ଷେତ୍ରରେ ପରିଣତ ହୋଇଗଲା ବିଦ୍ୟାଳୟ ପରିସରରୁ ରାଜରାସ୍ତା । ଚାରିଆଡ଼େ ଖାଲି ଶୁଭୁଥିଲା ଆର୍ତ୍ତଚିତ୍କାର ଓ ବିକଟାଳ ଶବ୍ଦ ।

ଏସବୁ ଦେଖି ନିଜକୁ ଥୟ ରଖି ପାରିନଥିଲେ ଅରକେଶ । ଜିଲ୍ଲାପାଳ ହୋଇଥିବାରୁ ସଙ୍ଗେ ସଙ୍ଗେ ଫୋନ୍ ଲଗାଇଲେ ପୋଲିସ୍ ହେଡ୍ ଅଫିସ୍‌କୁ । ଭାବିଥିଲେ ପୋଲିସ ଭୟରେ କାଳେ ଏଇ ଆନ୍ଦୋଳନର ପରିସମାପ୍ତି ଘଟିବ । ସୀତାଦେବୀ ଅରକେଶ୍ ବାବୁଙ୍କୁ ବହୁତ ବୁଝାଇଥିଲେ । ତୁମେ ସେ ଆନ୍ଦୋଳନକାରୀମାନଙ୍କଠାରୁ ଦୂରରେ ରୁହ । କିନ୍ତୁ ତାଙ୍କ କଥାକୁ ଆଦୌ କର୍ଣ୍ଣପାତ କରିନଥିଲେ କଲେକ୍ଟର ଅରକେଶ୍ କୁଅଁର ।

ହଠାତ୍ ଧୂଆଁମୟ ବିଦ୍ୟାଳୟ ଗେଟ୍ ସାମନାରେ ଗର୍ଜି ଉଠିଥିଲା ବନ୍ଧୁକର କ୍ରୁର ଢ଼ୋ, ଢ଼ୋ ଶବ୍ଦ । ବନ୍ଧୁକର ଶବ୍ଦ ଶୁଣି ପ୍ରାଣ ବିକଳରେ କିଏ କୁଆଡ଼େ ଦୌଡ଼ି ପଳାଇଗଲେ । ଆଉ ଶୁଭୁନଥିଲା ଗର୍ଜନ ତର୍ଜନ କର୍କଶ ଶବ୍ଦ ଏବଂ କରୁଣ ଆର୍ତ୍ତ ଚିତ୍କାର । କ୍ଷଣିକ ପାଇଁ ସ୍ତବ୍ଧ ହୋଇଗଲା କୋଳାହଳମୟ ପରିବେଶ । ସେଇ ଅନ୍ଧାଧୂନ ବନ୍ଧୁକ ଚାଳନାରେ ଛତ୍ରଭଙ୍ଗ ଦେଇଥିଲେ ଆନ୍ଦୋଳନକାରୀମାନେ । ଆଉ ନିମିଷକ ମଧ୍ୟରେ ଓଲଟପାଲଟ ହୋଇଯାଇଥିଲା ମୋ ଜୀବନର ଗତିପଥ । ସେଇ ଧୂମାୟିତ ବାତାବରଣରେ କିନ୍ତୁ ମୋ ପାଖରେ ନଥିଲେ ଅରକେଶ । ପାଗଳୀଙ୍କ ପ୍ରାୟ ତାଙ୍କୁ ଉଣ୍ଡାଳି ପକାଇଲି ମୁଁ । ସେଇ ଧୂଆଁ ଭିତରେ ପାଇଲି ତାଙ୍କୁ । କିନ୍ତୁ ଜୀବିତ ଅବସ୍ଥାରେ ନୁହେଁ । କିଛି ଦୂରରେ ଲହୁ ଲୁହାଣ ହୋଇ ଶୋଇଯାଇଥିଲେ ସେ । ତାଙ୍କୁ ଏପରି ଭୂମିରେ ଲୋଟିଯାଇଥିବା ଦେଖି ମୁଁ ପାଲଟିଗଲି ସତେ ଅବା ଏକ ପକ୍ଷାଘାତ ଅଥର୍ବ ରୋଗୀ । ଏତିକି କହି ଚୁପ୍ ରହିଗଲେ ସୀତାଦେବୀ ।

ଚାହୁଁ ଚାହୁଁ ରାତି ପାହି ସକାଳ ହେଲା । ସୀତାଦେବୀଙ୍କ ଦୁଃଖଭରା କାହାଣୀ ଶୁଣୁ ଶୁଣୁ । ଶ୍ୟାମ ଆଖିରେ ଆସିଯାଇଥିଲା ଛାଇନିଦ । ନିଦରେ ଢ଼ୋଳଉଥିବା ଶ୍ୟାମକୁ ସୀତା ଦେବୀ କହିଲେ, ଶୋଇ ପଡ଼ିଲୁଣି କିରେ ? ଉଠ୍ ଯାଆ ସକାଳ ହେଲାଣି । ନାଇଁ, ମାଆ ମୁଁ ଶୋଇନି । ଏମିତି ଆଖି ଟିକେ ମାଡ଼ିଗଲାନା ?

ଶ୍ୟାମର ମୁଣ୍ଡକୁ ସ୍ନେହଭରା ହାତରେ ଆଉଁସିଦେଇ ସୀତା ଦେବୀ କହିଲେ, ଜାଣିଲୁ ଶ୍ୟାମ, ସେଦିନ ମୋ ମନ ଭିତରେ ବଡ଼ ଅଭିମାନ ଆସିଥିଲା । କେବଳ ଅଭିମାନ ନୁହେଁ, ପ୍ରବଳ ରାଗ ମଧ୍ୟ ମୋ ହୃଦୟକୁ ଆନ୍ଦୋଳିତ କରିଥିଲା । ସମସ୍ତଙ୍କ ଉପରେ ରାଗ ଓ ଅଭିମାନରେ ମୁଁ ଜଳିଯାଇଥିଲି । କାହିଁକି ମାଆ ? କ'ଣ ପାଇଁ ବ୍ୟାକୁଳ ହୋଇ ପଚାରିଲା ଶ୍ୟାମ ।

ସେସବୁ ତୁ ବୁଝିପାରିବୁ ନାହିଁ ଶ୍ୟାମ । ଖାଲି ଏତିକି ଜାଣିଥା ମୋ ସ୍ୱାମୀ ଥିଲେ କେନ୍ଦ୍ର ସରକାରଙ୍କର ଜଣେ ଉଚ୍ଚପଦସ୍ଥ ଅଫିସର । ତାଙ୍କ ମୃତ୍ୟୁ ସମୟରେ ଯଦି ଏହି ୭୫ତମ ସ୍ୱାଧିନତାର ଅମୃତ ମହୋତ୍ସବ ପାଳିତ ହୋଇଥାନ୍ତା ତାହାହେଲେ କ'ଣ ଅକାଳରେ ମୃତ୍ୟୁବରଣ କରି ଶହିଦ ହୋଇଥିବା ମୋ ସ୍ୱାମୀ ଜିଲ୍ଲାପାଳ ଅରକେଶ କୁଅଁରଙ୍କ ଧୂଳିଧୂସରିତ ମୃତ ଦେହ ତଳେ ପଡ଼ିଥିବା ବେଳେ ଭାରତମାତା ଚାହିଁନଥାନ୍ତା କେବେହେଲେ । ଶାନ୍ତି ଓ ମୈତ୍ରୀର ପ୍ରତୀକ ଜାତୀୟ ପତାକାକୁ ଅର୍ଦ୍ଧନିମ୍ନିଳିତ କରିବା ପାଇଁ ଆଜିପରି ସେଦିନ ବି ଜଣେ ଉଚ୍ଚପଦସ୍ଥ ସରକାରୀ ଅଫିସରଙ୍କୁ ସମ୍ମାନ ଜଣାଇ ଉଡ଼ିଥାନ୍ତା ଜାତୀୟ ପତାକା ଫର.....ଫର.... ହୋଇ ?

*ଶେଖ ବଜାର (ନିଉ କଲୋନୀ), କଟକ-୮*
*ଦୂରଭାଷ: ୮୮୯୫୫୯୩୮୭୫*

# ବୋଉର ହଜିଥିବା ଠିକଣା

## ଚୌଧୁରୀ ବରଦା ପ୍ରସନ୍ନ ଦାସ

ଶେଷରେ ଯନ୍ତ୍ରଚାଳିତ ହେଲାପରି ଭାଉଜଙ୍କ ସାଥୀରେ ଆସିଲି ଗୋଧନପଡା । କୋଣାର୍କ ପରେ ଛୋଟିଆ ଗାଁ'ଟିଏ । ଭାଉଜ କହିଲେ, ଏଇ ଗାଁରୁ ଦିଶେ ଶ୍ରୀମନ୍ଦିର । ଅହରରେ ଥିବା ବାଲିର କୁଦକୁ ଦେଖାଇ କହିଲେ, ଏଇ ବାଲିବନ୍ତର ନାମ ଦର୍ଶନୀବନ୍ତା । ତାରି ଉପରକୁ ଯାଇ ପ୍ରଣାମ କର,ଆଶା ପୂରଣ ହେବ । ଜାଣିଛ, ଗୋ କନ୍ୟା, ଭାଗ୍ୟରେ ଥିଲେ ମିଳେ । 'ଭାଗ୍ୟରେ' ଶବ୍ଦଟା ମତେ ହଠାତ୍ କାହିଁ ପୁଲକିତ କଲା । ଭାଗ୍ୟ ନାମକ ସେଇ କୁଟାଖଣ୍ଡକୁ ଯାବୁଡ଼ି ଧରି କନ୍ୟା ଘରେ ପହଁଚିଲା ପରେ ଲାଗିଲା, ମୁଁ ସତ ଦେଖୁଛି କି ମନର କଳ୍ପନାର ପ୍ରତିବିମ୍ବକୁ ଦେଖୁଛି ।

ମୁମ୍ବାଇର ଲୋକମାନ୍ୟ ତିଳକ ଟର୍ମିନସ ରେଳଷ୍ଟେସନରୁ ପୁରୀଗାମୀ ସୁପରଫାଷ୍ଟ ଟ୍ରେନଟି ଛାଡ଼ିଲା ପରେ ବହୁତ ଆଶାଥିଲା ବର୍ଥଟିଏ ମିଳିଯିବ । ସଂପୂର୍ଣ୍ଣ ନିରାଶ କରି ବଗିର କଣ୍ଡକ୍ଟର ଗାଡି ଛାଡ଼ିଲା ପରେ ସୂଚେଇଦେଲେ ବର୍ଥ ମିଳିବାର ଆଶା ନାହିଁ । ଆଗକୁ ଦିପାବଳୀ, ବହୁଲୋକ କାମ ଜାଗାରୁ ନିଜ ଗାଁ'କୁ ସହରରୁ ଫେରୁଛନ୍ତି । ସବୁ ଆଡ଼କୁ ଚାହିଁଲା ବେଳେ ଦେଖିଲି ଯାତ୍ରୀମାନେ ବିଛଣା ଖୋଲିବାରେ ବ୍ୟସ୍ତ । ଟ୍ରେନ କଣ୍ଡକ୍ଟର ଜଣକ ଆଗକୁ ଯିବାବେଳେ କହିଲେ ,ଆପଣଙ୍କର ଟିକେଟ ସେମିତି ଆର.ଏ.ସି ରହିଗଲା । ସେମିତି ଫାଳେ ସିଟରେ ବସି ଯିବାକୁ ପଡ଼ିବ । କେହି କ୍ୟାନସେଲ କରିଥିଲେ ମିଳିଥାଆନ୍ତା । ମୁଁ ଆଉ କିଛି କହିଲା ବେଳକୁ ସେ ଆଗକୁ ଚାଲିଗଲାବେଳେ ସାଇଡ ବର୍ଥର ବାକି ବର୍ଥ ଫାଳକ ମିଳିଥିବା ଝିଅଟି କେବଳ ନିରୁଦ୍‌ବେଗ ଭାବରେ ଚାହୁଁଥିଲା କଣ୍ଡକ୍ଟରଙ୍କୁ । ପରେ ମୋତେ କେବଳ ଦେଖି ନ ଦେଖିଥିବା ମୁହଁରେ ଭ୍ୟାନିଟିରୁ ମୋବାଇଲ ଫୋନ୍‌ଟି କାଢ଼ିଲା ।

ଏପରି ଝିଅମାନଙ୍କୁ ମୋତେ ବିରକ୍ତ ଲାଗେ । ଆହୁରି ବିରକ୍ତ ଲାଗେ ମୋବାଇଲ ଫୋନ୍‌କୁ । ଯେତେବେଳେ ପାରିବେ ଫୋନ୍‌ରେ କାହାନା କାହା ସାଙ୍ଗରେ ଯୋଡ଼ିହେବେ । ଖାଲି ହସିହସି ଗଡ଼ି ଯାଉଥିବେ । ଏ ଝିଅଟା ଫୋନ୍ କାଢ଼ିଲାଣି ମାନେ ନିଶ୍ଚୟ ଫୋନ୍ କରିବା ଆରମ୍ଭ କରିବ । ଯୋରରେ ବି ହସିପାରେ । ମନକୁ ଲାଗିଲା ସେ ପାଟିକରି ଗପିଲେ ବା ଉଚ୍ଛୁଳା ହସ ହସିଲେ ମୋର କି ଯାଏ ଆସେ । ନିଦରେ ବର୍ଥରେ ଶୋଇଥିଲେ ସିନା ଡିଷ୍ଟର୍ବ ହୁଅନ୍ତି । ଆଗରେ ଅନ୍ୟ ଏକ ବର୍ଥରେ ବିଛଣା

ଭାଉଜଙ୍କ କଥାରେ ରାଜି ହେବା ବ୍ୟତୀତ ଅନ୍ୟ ଉପାୟ ନଥିଲା ମୋର । ମୋ ତୁଣ୍ଡରୁ, "ମୁଁ ବିଭା ହେବାକୁ ରାଜି" ବୋଲି ଶୁଣିଲାବେଳେ ସେ ଖୁସିରେ ଏ ଘର ସେଘର ବୁଲିଗଲେ । ସଦ୍ୟ ପ୍ରସ୍ତାବ ଆସିଥିବା ଗୋଟିଏ ଝିଅର ଘରକୁ ଦେଖିବାକୁ ଯିବାକୁ ଭଲ ଲୁଗା ବି ବାଛି ପକେଇଲେ । ମୁମ୍ବାଇର ଗୋଟାଏ ନାମୀ ସଂଫ୍ଟୱେୟାର କମ୍ପାନୀରେ ଇଞ୍ଜିନିୟର ଥାଇ ଭଲ ରୋଜଗାର କରୁଥିଲେ ବି ସଂସାର କରିବାକୁ ମୋର ଅନାଗ୍ରହର କାରଣ ମୁଁ ଖୋଲି କହିପାରୁନଥିଲି । କଥାଟା ହେଲା, ସବୁ ପ୍ରକାର ପ୍ରାଚୁର୍ଯ୍ୟ ଭିତରେ ମୁଁ ସବୁବେଳେ ବୋଉର ଅଭାବ ଅନୁଭବ କରି ବିମର୍ଷ ରହୁଥିଲି । ଜାଣିଥିଲି ସେଇ ଅଭାବ ପୁରଣ ହେବନାହିଁ ତଥାପି ସତ୍ୟକୁ ସହି ପାରୁ ନଥିଲି ।

ମନରେ ଶଙ୍କା ରହୁଥିଲା ଯଦି ବୋଉର ଗୁଣଠାରୁ କେହି ବିପରୀତ ମନର ଝିଅ ମୋ' ଜୀବନରେ ଆସେ, ମୁଁ ନିଶ୍ଚୟ ଦୁଃଖରେ ଜଳିଯିବି । ଆଜିର କର୍ପୋରେଟ ଦୁନିଆରେ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଅଲଗା, ସଂପର୍କ ଏଠି ସମ୍ବେଦନ ଶୂନ୍ୟ । ବିବାହ ଏଠି ଦେହଦାନର ରାଜିନାମା ।

ନାରୀକୁ ମୁଁ ଚିହ୍ନିଥିଲି ମୋ ବୋଉର ଚରିତ୍ର ଭିତରେ । ଦୟାବତୀ, କରୁଣାର ମହମବତୀଟିଏ । ଜଳିଜଳି ଅନ୍ୟକୁ ଆଲୋକ ଦେଉଥିଲା ସେ । ଲୁହର ଠିକଣା ଖୋଜି ସେ ସବୁବେଳେ ପହଁଚୁଥିଲା । ସେ ସର୍ବଦା ଗଢୁଥିଲା, ଭାଙ୍ଗିବାର ମଣିଷ କେବେ ନ ଥିଲା । ଘୃଣା ନୁହେଁ ସେ ସତତ ଭଲପାଇବାର ଅବିର ବିଞ୍ଚୁଥିଲା । ମୂଲ୍ୟବୋଧ ଆଉ ଜୀବନାଦର୍ଶ ସହ ସାଂପ୍ରତିକ ସମାଜର ସଂଘର୍ଷ ଭିତରେ ଜଣେ ମାନସିକ ରୋଗୀ ନ ହେଲେବି ବିଷାଦଗ୍ରସ୍ତ ଆଉ ଶଙ୍କାଗ୍ରସ୍ତ ଥିଲି ମୁଁ । ବାହାଘର କଥା ପଡ଼ିଲେ ମନ ଖୋଜେ ବୋଉପରି ଝିଅଟିଏ । ବଞ୍ଚିଥିଲେ ହୁଏତ କଞ୍ଚା ମାଟିରେ ସୁନ୍ଦର କଥାକୁହା ମୂର୍ତ୍ତିଟିଏ ଗଢ଼ି ଦେଇଥାଆନ୍ତା । ଠିକ୍ ଯେମିତି ଗଢ଼ି ଦେଇଛି ଭାଉଜଙ୍କୁ । ହେଲେ ସେ ଆଜି ନାହିଁ ।

ଭାବୁଥିଲି ଭାଉଜଙ୍କୁ କହିବି, ମୋ ପସନ୍ଦର ସେଇ ଝିଅ ବିଷୟରେ । ବୋଉର ଆଖି ମୁଁ ଦେଖିଛି ତା' ଆଖିରେ । ହେଲେ ତାର ପରିଚୟ ମୋ ପାଖରେ ଅଜଣା । ଖୋଲି କହିବାଟା ଗୋଟାଏ ପାଗଳାମୀ ପରି ହେବ ନିଶ୍ଚୟ ।

ବିଛାଇ ଶୋଇବାକୁ ଯାଉଥିବା ବଳିଷ୍ଠ ଲୋକଟାର ରାଗି ମୁହଁକୁ ଦେଖି ଲାଗିଲା, ଏ ଝିଅ ପାଟିକରି ହସି ଗପିଲେ ଏଇ ଲୋକଟି ନିଶ୍ଚୟ ଗାଳିଦେବେ ।

"ବୋଉଲୋ, ଭାଗ୍ୟ ଭଲ ଏ ଭିଡ ସମୟରେ ବସିବା ପାଇଁ ହେଲେବି ସିଟଟାଏ ମିଳିଯାଇଛି । ଷ୍ଟେସନରେ ରିଜର୍ଭେସନ ପାଇନଥିବା ଲୋକେ ସାଧାରଣ ବଗିରେ ପିଲାଛୁଆ ଧରି ଉଠୁଥିବାର କଷ୍ଟ ଭାବି ହେଉନି । ଗୁରୁବାର ସକାଳୁ ଭୁବନେଶ୍ୱରରେ ପହଁଚିବି, ସେଠୁ ଗାଁ ବସ ଧରି ଘରକୁ ଯିବି । ତୁ ନଡିଆ ପୁର ଦିଆ ଚକୁଳି କରିଥିବୁ" । ସେପଟୁ ଆଉ କଣ ପ୍ରାୟ କହୁଥିଲେ ମହିଳାଜଣକ, ହେଲେ ଝିଅଟି ଧୀର ସ୍ୱରରେ କହିଲା, ତୁ ଫୋନ୍ ରଖ । ରାତିରେ ଆଉ କରିବୁନି, ପାଖ ଲୋକଙ୍କର ନିଦ ଭାଙ୍ଗିବ ।

'ବୋଉଲୋ', 'ଭାଗ୍ୟଭଲ', "ପାଖ ଲୋକଙ୍କର ନିଦ ଭାଙ୍ଗିବ" ବୋଲି ଶବ୍ଦ କେତୁଟା ଝିଅଟାର କୋମଳ ତୁଣ୍ଡରେ ମଧୁର ଥିଲେ ବି ମୋ ଗାଲକୁ ଗୋଟାଏ ଗୋଟାଏ ଶକ୍ତ ଚାପୁଡା ପରି ଲାଗିଲା । କଥା ହୋଇସାରି ମୋବାଇଲ ସେଟ୍‌ଟାକୁ ପୁଣି ଯେତେବେଳେ ଭ୍ୟାନିଟି ଭିତରେ ରଖିଦେଲା ମୋ ଅଜାଣତାରେ ମନକୁ ଲାଗିଲା, ସେ ତା ବୋଉ ସାଙ୍ଗରେ ଏମିତି ରାତି ସାରା କଥା ହେଲେ ସେଇ ଗପର ମାଧୁର୍ଯ୍ୟରେ ହଜି ହଜି ମୁଁ ଶୋଇଯିବି ।

ବୋଉଲୋ, ଏଇ ଡାକଟା ମୋର ହଜି ଯାଇଛି ଏଇ ମୁମ୍ବାଇ ସହରରେ । ଦୂରାସାଧ୍ୟ କ୍ୟାନସର ରୋଗରେ ସବୁଆଡୁ ହତାଶ ହେବା ପରେ ନେଇକରି ଆସିଥିଲି ଟାଟା ମେମୋରିଆଲ ହସ୍ପିଟାଲ । ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ଦେବଦୂତ ପରି ଏଇ ଡାକ୍ତରଖାନା । ଖାଲି ନିଷ୍ଠା ଅଛି, ଅନୁକମ୍ପା ଭରା ଚାହାଣୀ ଅଛି । ମୁହଁରେ ହସ ଅଛି । ହେଲେ ବିଳମ୍ବରେ ଆସିଥିଲୁ ଆମେ । ଚିକିତ୍ସା ଭିତରେ ଚାଲିଗଲା ସେ । ଜାଣିପାରିଥିଲା ନିଶ୍ଚୟ ଯେ କୌଣସି ମୁହୂର୍ତ୍ତରେ ମୃତ୍ୟୁ ଆସିପାରେ । ନିରାଶ ହୋଇ ସେଦିନ ଏଇ ଟ୍ରେନରେ ବି ଟିକେଟ କରିଥିଲୁ ଘରକୁ ଫେରି ଆସିବୁ ବୋଲି । ହେଲେ ଏଇ ଭିତରେ ସେ ଚାଲିଗଲା ।

ମା' ଚାଲିଗଲା ପରେ ବି ତା ହୃତପିଣ୍ଡଟା ପ୍ରାୟ ତାର ପୁଅଝିଅଙ୍କ ପାଇଁ ମଙ୍ଗଳ ମନାସିବାକୁ ରହିଯାଏ ଏଇ ମର ସଂସାରରେ । ଚାଲିଯିବା ଦୁଇଦିନ ଆଗରୁ ବୋଉ କହିଥିଲା, ମୁଁ ଏଇଠି ମରିଗଲେ ମୋ ଶବକୁ ଜମା ସ୍ୱର୍ଗଦ୍ୱାର ନବୁନି, ମୁଁ ଏଇଠି ମାଟିକିଣି ଥିଲେ ଏଇଠି ଯିବି । ମା' ବସୁଧା ସବୁଠି ସମାନ । ତାକୁ ମୁଁ ଯେତିକି ଜାଣେ, କାବୁଲରେ ମୁସଲମାନ ଝିଅଟିଏ ଧର୍ମାନ୍ଧମାନଙ୍କ ଦ୍ୱାରା ଅପହୃତା ହେଲେ ତାର ମୁକ୍ତି ମନାସି ସେ ଅନେକ ହଜାର ମାଇଲ ଦୂରରେ ଥିବା ଆମଗାଁ ରାଧା ମୋହନ ମନ୍ଦିରରେ ଠାକୁରଙ୍କୁ ଦୀପ ଦେଇ ଗୁହାରି କରେ । ସେ ଦିନ ସେ ଆହୁରି ଏକଥା ବି ନିଶ୍ଚୟ ଭାବିଥିବ, ତାର' ଏ ଶବଟାକୁ ଓଡିଶା ନେବାକୁ କେତେ କଷ୍ଟ ହେବ ମୋ ପୁଅକୁ । ଆଶଙ୍କା ସତ ହେଲା ସେ ଆସିବା ଆଗରୁ ଦାହହେଲା ହାଇଦ୍ରାବାଦ ହାଉସ ସାମନା ଆରବସାଗର କୂଳ ଶ୍ମଶାନରେ । ସେଦିନ ବି ଫେରିବା ପାଇଁ ଥିବା ଟିକେଟଟି ଥିଲା ଆଜିପରି ଆର.ଏ.ସି । ଅସ୍ଥିଧରି ଟ୍ରେନରେ ବସିଲା ପରେ ଶୁଣିଲି ଆଉ ଟିକେଟଟି କନଫର୍ମ ହୋଇଛି । ମିଳିଛି ପୁରାବର୍ଥ । ବୋ ଉ ପାଇଁ ବି ଗୋଟାଏ । ତଥାପି ସେ ବର୍ଥରେ ଫାଳ କରେ ବସି ଆରଫାଳକୁ ଅନେଇ ଅନେଇ ଫେରିଥିଲି ।

ବଗିରେ ହାଲୁକା ଲାଇଟ ଜଳିଲାଣି । ବତୀ ଲିଭେଇ ସମସ୍ତେ ବର୍ଥରେ ଶୋଇଗଲେଣି । ଅନ୍ଧାରରେ ଡବା ଭିତରଟା ଝାପ୍‌ସା ଦେଖାଯାଉଛି । ହେଲେ ଏ ଝିଅଟା ପାଖ ବର୍ଥ ଦିଇଟାର ତଳକୁ କାହିଁକି ବାରବାର ଚାହୁଁଛି ? ସେଠି ତଳେ କଣ କିଛି ଦାମୀ ଜିନିଷ ରଖିଛି ନା କଣ ? ଆଶ୍ଚର୍ଯ୍ୟ ଲାଗିଲା ପାଖ ବର୍ଥରେ ଥିବା ପରିବାରର ତିନୋଟି ପିଲା ଭିତରୁ ଗୋଟିଏ ଦିଇ ସିଟର ମଝିରେ ଖାଲିଥିବା ଜାଗାରେ ତଳେ ପ୍ରାୟ ବେଡସିଟଟାଏ ପକେଇ ଶୋଇଛି । ମଝି ବର୍ଥ ଦିଇଟାରେ ସ୍ୱାମୀ ସ୍ତ୍ରୀ । ତଳ ବର୍ଥ ଦିଇଟାରେ ଗୋଟାଏ ଗୋଟାଏ ଛୋଟ ପିଲା ଜଣଙ୍କର ବୟସ ନିଶ୍ଚିତ ଟିକେଟ ନ ପଡିବାର । ସେ ପିଲାଟା ପାଖ ସିଟରେ ଭାଇ କି ଭଉଣୀ ପାଖରେ କିମ୍ବା ମା ପାଖରେ ଶୋଇ ପାରିଥାଆନ୍ତା । ଅଥଚ ଚଟାଣରେ ଶୁଆଇଛନ୍ତି ଏ ଝିଅକୁ । ଅନୁମାନ କରିବା ଆବଶ୍ୟକ ହେଲା ନାହିଁ , ଏ ନିଶ୍ଚୟ କାମ ବାଲୀ ଝିଅ । ତଳଟାରେ ଶୋଇ ଏ ଝିଅଟା ପ୍ରାୟ ଶେଷ ରାତିବେଳକୁ ଶୀତରେ ଥରୁଥାଏ । ଟ୍ରେନ ଯେତେଯେତେ ଆଗକୁ ଯାଉଥାଏ ଶୀତ ସେତେ ବଢୁଥାଏ । ତଳେ ଶୋଇଥିବା ଝିଅଟା ବେଳେ ବେଳେ ଆଣ୍ଠୁଭାଙ୍ଗି ଜାକିଜୁକି ହେଉଥାଏ ଅବା ଟିକିଏ ହାତ ପାପୁଲିକୁ ଦେହରେ ଘସୁଥାଏ । ଉପରେ ଛୋଟ ପିଲା ଦିଇଟା କମଳ ଗୋଟାଏ ଲେଖାଁ ଘୋଡ଼ି ହୋଇଥାଆନ୍ତି । କମ୍ବଳକୁ ଲମ୍ବ ଅନୁସାରେ ପିଲାଟା ଏତେ ଛୋଟ ଯେ ଯେମତି କମ୍ବଳଟା ଭଙ୍ଗା ନହୋଇ ଗଦା ହୋଇଛି, ଭିତରେ କିଏ ଅଛି ବୋଲି ଜଣାପଡୁନି । ପିଲାଟା ଅଣନିଃଶ୍ୱାସୀ ହୋଇ ବେଳେବେଳେ କମ୍ବଳଟି କାଢି ଫୋପାଡି ଦେଉଛି । ମଝିରେ ମଝିରେ ମା'ତଳକୁ ଆସି କମ୍ବଳଟା ପୁଣି ଘୋଡେଇ ଦଉଛି ।

'ବୋଉଲୋ' ବୋଲି ଗୋଟାଏ ଅସ୍ପଷ୍ଟ କିନ୍ତୁ ବିକଳ ସ୍ୱର ଶୁଣି ଆମେ ଅନେଇଲା ବେଳକୁ ବିରକ୍ତିରେ ସ୍ତ୍ରୀ ଲୋକଟି କହିଲା "ହାତ ଭିତରକୁ ଦେଇ ଶୋଉନୁ ।" ଦିଇଟା ସିଟ ମଝିରେ ବା କେତେ ଜାଗା । ପିଲାଟାର ହାତଟା ନିଦରେ ପ୍ରାୟ ଲମ୍ବି ଯାଇଛି । ନିଦ ବାଉଳାରେ ସ୍ତ୍ରୀ ଲୋକଟି ପିଲାଟାର ହାତ ଉପରେ ଗୋଡ ପକେଇ ଦେଇଛି । ମୋ ବର୍ଥର ଫାଳକରେ ବସିଥିବା ଝିଅଟା ତଳେ ଶୋଇଥିବା କିଶୋରୀଟିକି ନିବିଷ୍ଟ ଭାବରେ ଚାହିଁ ରହିଥାଏ । ମଝିରେ ମଝିରେ ସେଇ ପିଲାଟି ପାଖରୁ ଆଖି ଫେରେଇ ଉଦାସ ଆଖିରେ ମୋ ଆଡେ ଚାହୁଁଥାଏ । କହିଲା କହିଲା ଭାବ ମୁହଁରୁ ବାରି ହୋଇ ପଡିଲେ ବି ପ୍ରାୟ ଇଚ୍ଛାକୃତ ଭାବେ ସେ ନିରବ ଥାଏ । ସବୁ ବଡ଼ିଲା ଝିଅଙ୍କୁ ତାଙ୍କର ଅଭିଭାବକମାନେ କହିଥାଆନ୍ତି, ଅଜଣା ଲୋକ ସାଙ୍ଗରେ କଥା ନ ହେବା ପାଇଁ । ବଗି ଭିତର ଅନ୍ଧାର, ଝରକାରେ କଳାକାଚ, ତା ଉପରେ ସ୍କ୍ରିନ । ବାହାରକୁ ଚାହିଁ ଦଉଡୁଥିବା ଗଛଲତାକୁ ଦେଖି ସମୟ କାଟିବାର ମଜା ନାହିଁ ।

ଟ୍ରେନରେ ମିଳିଥିବା କମ୍ବଳଟି ମୋ ଗୋଡତଳେ ଚାପି ହୋଇ ରହିଥିଲା । ହଠାତ୍ ତାକୁ ଧରି ମୋ ଆଡେ ଝିଅଟି ଚାହିଁଲା ଘୋଡାଇ ହେବାକୁ ଚାହୁଁଛି କି କଣ ଭାବି ନେବା ପାଇଁ ମୁଣ୍ଡ ଟୁଙ୍ଗାରି ଦେଲି । ମୋତେ ଆଶ୍ଚର୍ଯ୍ୟ କରି ଧୀରେ ଧୀରେ ଯାଇ ତଳେ ଶୋଇଥିବା ଝିଅଟି

ଉପରେ ଘୋଡେଇ ଦେଲା । ଦେହରେ କମ୍ବଳଟା ପଡିଲା ପରେ ଏ ପର୍ଯ୍ୟନ୍ତ ଆଣ୍ଠୁଭାଙ୍ଗି କୁଙ୍କୁରି କାଙ୍କୁରୀ ହୋଇ ଶୋଇଥିବା କିଶୋରୀଟା ସିଧା ହୋଇ ଶୋଇଗଲା । ନିଶ୍ଚୟ ଶାନ୍ତିରେ, ତୃପ୍ତିରେ । ଅନ୍ଧାରରେ ବି ମୋତେ ଲାଗୁଥିଲା ଝିଅଟାର ଆଖିରୁ ଯେମିତି କରୁଣାର ପାରଦ ବିନ୍ଦୁ ଖସି ପଡୁଛି । ସକାଳ ହେଲା ବେଳକୁ କିଶୋରୀଟି ତରତର ହୋଇ କେହି ଦେଖିବା ଆଗରୁ କମ୍ବଳଟି ପୁଣି ଥୋଇ ଦେଇଯାଇଥିଲା ଆମ ସିଟ୍‌ରେ ।

ସକାଳୁ ସକାଳୁ ଫୁସ୍‌ଫୁସ୍ କଥା ଶୁଣି ଉପରକୁ ଋହିଁଲି । ମଝିବର୍ଥରୁ ସ୍ତ୍ରୀ ଲୋକଟି କାହା ସାଙ୍ଗରେ ଆରମ୍ଭ କରିଛି ଫୁସଫୁସ କଥା । "ତୁ ସେ, କାଳୀ ବୁଢୀକି ଭଲକରି ଜବାବ ଦେ । ତାକୁ କାଇଁ ପାଖରେ ରଖିଚୁ ? "ଗୋଟିଏ ବୋଲି ପୁଅ" ହେଲେ ବି କଣ ହେଲା, ସେ ଗାଁରେ ରହୁନାହାଁନ୍ତି । "ଏଠି କାଇଁ ନଦି ହେଇଛନ୍ତି" । ତମେ କହିଲ, ଆଜିକାଲି କୋଉ ବାପ,ମା ପୁଅ ବୋହୂଙ୍କ ପାଖରେ ରହୁଛନ୍ତି । ସକାଳୁ ସକାଳୁ ମର୍ଣ୍ଣିଓ୍ୱାର୍କରେ ଯାଉଥିବା ନଣନ୍ଦକୁ ପ୍ରାୟ ଉପଦେଶ ଦେଉଛି ସ୍ତ୍ରୀ ଲୋକଟି, ଜଣାପଡୁଛି ଯେମିତି ସେପଟରୁ ଝିଅଟି କହୁଚି "ଗୋଟିଏ ବୋଲି ପୁଅ ନାତିକୁ ଛାଡି ସେ ରହିପାରିବେନି" ଆଉ ଏମିତି ଏମିତି । ମୋର ମନେ ପଡିଲା ମୋ ସାନ ଖୁଡୀଙ୍କ କଥା ଅସମ୍ଭବ ଭାବରେ ସୁନ୍ଦରୀ, କଥା କହିଲେ ମହୁ ଝରେ । ହେଲେ ପାଖରେ ଥାଇ ମୁଁ ସବୁବେଳେ ସେଇ ଅମୃତ ରୁପୀ ବିଷକୁ ଦେଖିଛି । ପିଇଚିବି ମଧ୍ୟ । ସବୁବେଳେ ମୋବାଇଲ ଫୋନରେ ଘରଭଙ୍ଗୀ କଥା । ବିଷ କନ୍ୟାର ବିଷକୁ କେହି ଦେଖିପାରନ୍ତିନି । ଦାଦା ଅଫିସରୁ ଆସିଲେ ସେ ଚୁପଚୁପ ହୋଇ କଣ କହନ୍ତି କେଜାଣି ବେଳେବେଳେ ଲୁଗାପଟା ନ ବଦଳେଇ ଅଣ୍ଡରଓ୍ୱାର ଅଧା ଧରି ନାଚନ୍ତି । ଖୁଡୀ ବେଳେବେଳେ ଫୋନରେ କନ୍‌ଫରେନସ କରି ବନ୍ଧୁବାନ୍ଧବଙ୍କୁ ବିଷ ଟିକିଏ ଟିକିଏ ପିଆନ୍ତି । ଲାଗେ ଋଣକ୍ୟ ଯେମିତି ତାଙ୍କର ଗୋଟିଏ ବିଷକନ୍ୟାକୁ ମୃତ୍ୟୁଜୟୀ ଅମୃତ ପିଆଇ ଆମ ଘରେ ଛାଡିଦେଇ ଯାଇଛନ୍ତି । ବୋଉର ସ୍ୱର କିନ୍ତୁ ଥିଲା ଅଲଗା । କୋଉଠି ସ୍ୱାମୀ ସ୍ତ୍ରୀରେ ବିବାଦ ହେଲେ ବିବାଦକୁ ବୁଝେଇ ସୁଝେଇ ପାଣି ଫୋଟକା ପରି ମିଳେଇ ଦିଏ । ଭାଇ ଭାଇରେ ବିବାଦ ହେଲେ ପାଚିରି ଉଠେନା । ଭଲ ସଂପର୍କ ଭିତରେ ଅଲଗା ରହନ୍ତି ସିନା, ତରକାରି ଦିଆନିଆ, ଦେହମୁଣ୍ଡରେ ପରସ୍ପରକୁ ସାହାଯ୍ୟ ଅତୁଟ ରହେ । ଦେଇପିଣ୍ଡି ଅଲଗା ହୁଏନି । ଛୁଆଏ ବେଶୀ କିଛି ବିବାଦ ଜାଣିପାରନ୍ତିନି । ଇଛା ହେଉଥିଲା ପରସ୍ପରର ଏଇ ଭାବନାକୁ ବାଣ୍ଟି ନେବାକୁ । ପାଖସିଟରୁ ଝିଅଟା ଆଶ୍ଚର୍ଯ୍ୟରେ ଶୁଣୁଥାଏ ମଝିବର୍ଥରେ ଶୋଇରହି ପଢୁଥିବା ଘରଭଙ୍ଗାର ଏଇ ମନ୍ତ୍ରକୁ । ବେଳେବେଳେ ଅଶ୍ୱସ୍ତିକର ବି ଲାଗୁଥିବା ଭାବଟା ମୁହଁରେ ଦେଖାଯାଉଥାଏ । ସତେ ଯେମିତି କାହାକୁ ଏ ପ୍ରକାର ଉପଦେଶ ଦେବାଟାକୁ ଗ୍ରହଣ କରିପାରୁନି । ମତେ ବି ସେମିତି ଲାଗୁଥାଏ ।

ପିଲା ଦିଇଟା ନିଦରୁ ଉଠିସାରି ଗୋଟାଏ ଗୋଟାଏ ଚିପସ୍ ପ୍ୟାକେଟ ଧରି ବସିଥିଲେ । ଖଣ୍ଡେ ଦୂରରେ ଛିଡା ହୋଇଥାଏ କିଶୋରୀଟି ପରିବାରର ବଡପିଲାଠୁ ଅଳ୍ପ ବଡ ହେବ ପ୍ରାୟ । ଖାଇବା ବାହାର କରି ପିଲା ଦିଇଟାକୁ ଦେଉଥିଲା ସେଇ ସ୍ତ୍ରୀ ଲୋକଟି । ପିଲା ଦିଇଟାକୁ ବଳେଇ ବିସ୍କୁଟ ଖୁଆଉଥାଏ । କେତେବା ଖାଇବେ ଛୋଟ ପିଲା ? ଅନାସକ୍ତ ଭାବରେ ଠିଆ ହୋଇଥାଏ କିଶୋରୀଟି । ପିଲାମାନେ କୁର୍‌କୁରି ଖାଇବା ଦେଖି ମୋର ବି ମନେହେଲା କୁରକୁରି ଖାଇବାକୁ । ଆମେ ଖାଇବାକୁ ମନ ହେଲେ ଖାଉ । ଖାଇବା ଭୋକ ଅପେକ୍ଷା ଲାଳସା ମାତ୍ର । ଏ ପରିବାର ସାଥୀରେ ଥିବା କିଶୋରୀଟି ନିଶ୍ଚୟ ଋକରାଣୀ । କୋଉ ଗାଁ' ଗଣ୍ଡାରୁ ଭୋକରେ ରହୁଥିବା ଝିଅଟାକୁ କାମ କରାଇବାକୁ ନେଇଥିବେ ଏଇ ପରିବାର । ମା' ବାପା ବି ବୁଲାବିକାଠାରୁ କିଣିକରି କେତେ କଣ ଖାଉଥାଆନ୍ତି । କିଛି ସମୟ ପରେ ବ୍ୟାଗରୁ ଗତରାତିରୁ ବଳକା ଥିବା ପାଉଁରୁଟି ଦି ତିନି ଖଣ୍ଡ ବାହାର କରି ସେଇ କାମତୁଣୀ ଝିଅକୁ ଦେଲେ, ସ୍ତ୍ରୀ ଲୋକଜଣକ । ନିର୍ବିକାର ଭାବରେ କିଶୋରୀଟି ପାଟିରେ ଦେଲା । ମୁହଁଟା ସତେଜରୁ ଟିକିଏ ପାଣ୍ଡୁର ଦେଖାଗଲା । ବାସୀ ପାଉଁରୁଟି ଆମ୍ଳିଳା ଲାଗେ । ଆଗରେ ବି ତାରି ପରି ପିଲାମାନେ ଧରିଛନ୍ତି ଭଲଖାଇବା । କିଛି ଭାବି ପାରୁନଥିବ ଏଇ କାମବାଲୀ ଝିଅଟା । ଭାଗ୍ୟକୁ ନିନ୍ଦିବାର ବୟସ ବି ତାର ହୋଇନାହିଁ । ବାବୁ, ବାବୁଆଣୀଙ୍କ ମନ, ଭିନ୍ନ ଉପାଦାନରେ ପ୍ରାୟ ଗଢା । ଏପରି ପାତର ଅନ୍ତର କଲାବେଳେ କିଛି ଭାବାନ୍ତର ଆସୁନି ।

ବାବୁଆଣୀ ସ୍ତ୍ରୀ ଲୋକଟି ହସିହସି ବ୍ୟାଗରୁ ବାହାର କଲା ଖୋଲା ହୋଇନଥିବା ସତେଜ ପାଉଁରୁଟିଟାଏ । ଓଲଟେଇ ପଲଟେଇ ପ୍ରସ୍ତୁତି ତାରିଖ ପଢିଲା, ତାପରେ ଜାମ୍‌ର ଆସ୍ତରଣ ଦେଇ ଛୁଆଙ୍କୁ ବଢେଇଲା, ବାବୁଙ୍କୁ ବି । ଛୁଆମାନେ ଆଉ ଖାଇବିନି କହିଲେବି ଭୁଲେଇଭୁଲେଇ ଖୁଆଉଥାଏ । ତା' ମନ କହୁ ନଥାଏ କାମତୁଣୀ ଝିଅ ହାତକୁ ଖଣ୍ଡେ ଦେବା ପାଇଁ । ସେ କାମତୁଣୀ ଝିଅଟି କଷ୍ଟେ ମଷ୍ଟେ ଶୁଖିଲା ପାଉଁରୁଟି କେଇଖଣ୍ଡ ଋେବେଇ ହାତ ଧୋଇ ଆସି ଠିଆ ହେଲାବେଳେ ବାବୁ ଜଣକ କହିଲେ, ଯା, ଏ ପ୍ଲେଟଟା ଧୋଇଆଣ । ଚଳନ୍ତା ଟ୍ରେନରେ ଭାରସାମ୍ୟ ରଖି ଓ୍ୱାସ ବେସିନ ଯାଏ ଯାଇ ଫେରିବାରେ ଟିକିଏ ଡେରିହେବା ଦେଖି ବାବୁଆଣୀ କଟମଟ କରି ଋହିଁଲେ । ବାବୁଜଣକ କହିଲେ, ଏ ଗୁଡାକଙ୍କ ଜନମ ଜାତକ ଏଇଆ । କିଛି ନ ବୁଝିଲେ ବି ହସିଦେଲେ ପିଲାମାନେ । ପିଲାମାନଙ୍କୁ ଗଢିଛନ୍ତି ଏଇ ଢଙ୍ଗରେ ।

ସେମାନେ ଖାଇଲାବେଳେ କାମତୁଣୀ ଝିଅଟାର ଉପସ୍ଥିତି ଜାଣିଲା ପରି ମନେ ହେଉନଥାଏ ପରି ଭୁଲରେ ତା ହାତକୁ କୁରକୁରି ଦିଇଟା କି ଖାଉଥିବା ଜିନିଷରୁ ଦେବାପାଇଁ । ଏଇ ଅମଣିଷ ଭାବଟା ଚରମ ସୀମାରେ ପହଁଚିଗଲା ଯେତେବେଳେ ବଗି ଭିତରେ ଚଟାଣରେ ପଡିଯାଇଥିବା ମୁଠାଏ କୁରକୁରି ଖଣ୍ଡକୁ ଦେଖେଇ ବାବୁଘର ପିଲାଟି ସଂକେତ ଦେଲା ତୋଳିକରି ଖାଇ ଦେବାକୁ । ବାବୁ ବି ଆଖିରେ ଆଖିରେ ଖାଇଦେ ବୋଲି କହିଲେ । ନିର୍ବିକାର ଭାବରେ ବି ଖାଇବାକୁ ଗଲାବେଳେ ମୋ ସାମନା ସିଟରେ ବସିଥିବା ଝିଅଟିର ହାତ ମନାକରିବା ଭଙ୍ଗୀରେ ଅଧା ଉଠି ଅଟକିଗଲା । ତା ମନର ଦ୍ୱନ୍ଦ ସଫା ପଢି ହେଉଥାଏ । ମୁହଁରୁ କରୁଣା, ପ୍ରତିବାଦ ଆଉ ସହି ନେବାର ଏକ ଫେଣ୍ଟାଫେଣ୍ଟି ଭାବ । ସେ ପ୍ରାୟ କଣ କହିବ କହିବ ବୋଲି ହୋଇ ରହିଗଲା ।

ଏବେ ପ୍ରାୟ ଝିଅଟି ଅଟକେଇ ପାରିଲାନି ତା ଆଖିରୁ ଚୁପୁଡି ହୋଇ ଖସି ଆସୁଥିବା ଲୁହ କେଇବୁନ୍ଦାକୁ । ପ୍ରାୟ ତା'ର ଏଇଲୁହ ଛଳଛଳ

ମୁହଁକୁ ଲୁଚେଇବାକୁ ସେ ଖବର କାଗଜ ଖଣ୍ଡେ ବାହାର କରି ସାମନାରେ ଧରି ପଢିବାକୁ ଲାଗିଲା । ନା ପଢିଲା ନୁହେଁ ପଢିବାର ଛଳନା କଲା । ହସ ଲାଗିଲେବି ଲୌକିକତା ଦୃଷ୍ଟିରୁ ହସ ଚପିଦେଲି । ଖବର କାଗଜଟା ପୁରୁଣା, ପୁଣି ସେ ଓଲଟା ଧରିଛି । ଆଖିର ଲୁହକୁ ଲୁଚେଇବାକୁ ଯାଇ ସେ ପ୍ରାୟ ତା ଅନ୍ତରକୁ ଖୋଲି ଦେଇଛି ।

ଅଜଣା ସହଯାତ୍ରିଣୀ ଝିଅଟା ବେଳକୁ ବେଳ ମୋତେ ଅଧିକ ଜଣାଶୁଣା ଲାଗିଲା । ଅନୁଭବ କଲି, ତା ମନର କ୍ଷୀରସାଗରର ସାତତାଳ ପାଣି ତଳେ ଥିବା ଦରଦୀ ଭଅଁରଟାକୁ ମୁଁ ସଫା ଦେଖି ପାରୁଛି । ଆଉ ସେଇ ସୂକ୍ଷ୍ମ ଭଅଁରଟିକୁ ଝିପି ଧରିଛି ଅମାନବିକତାର ରାକ୍ଷସ ।

'ଶାଳୀ, ପେଖେନା କରୁଚୁ' ବୋଲି କହି ବାବୁଜଣକ ଠାଏକରି ଚପୁଡାଟାଏ ଦେଲେ ଏଇ ଅବଳା ଝିଅଟା ଗାଲରେ । "ନାଇଁ ବାବୁ, ପେଟ ଯୋରରେ କାମୁଡୁଛି" । ଭେଁ ଭେଁ ହୋଇ କାନ୍ଦି ଉଠିଲା କିଶୋରୀଟି । ବିକଳରେ କେବଳ ଚାରିପାଖର ମଣିଷମାନଙ୍କୁ ଚାହିଁଲା । ସହିନପାରି ସହଯାତ୍ରିଣୀ ଝିଅଟା ତା ବ୍ୟାଗରୁ ସାଙ୍ଗରେ ଆଣିଥିବା ବଟିକା ଦିଇଟା ବଢେଇ କହିଲା, ବାଟରେ ସୁବିଧା ଅସୁବିଧା ପାଇଁ ଆଣିଥିଲି, ପିଲାଟାକୁ ଖୁଆଇ ଦିଅନ୍ତୁ । ପିତ୍ତ ଚଢିଗଲା ବାବୁଜଣଙ୍କ ମୁଣ୍ଡରେ । "ବାହାରି ପଡିଲେ ମଦର ଟେରେସା । ଆପଣ ଏଥିରେ ମୁଣ୍ଡ ପୁରାନ୍ତୁନି" ବୋଲି କହିଲେ ବାବୁଆଣୀ ଜଣକ । ପିଲାମାନେ ବି ହସିଉଠିଲେ । ବାବୁଆଣୀଙ୍କ ସମର୍ଥନପାଇ ବାବୁ ଖୁସି ହୋଇ ଉଠିଲା ବେଳେ ମୋ କଥାରେ ନିଆଁରେ ପାଣି ପଡିଲା ପରି ଶୀତଳ ହୋଇଗଲେ ।

"ନାଇଁ ମଦର ଟେରେସା ଆସିନାହାନ୍ତି, ଆସିଛନ୍ତି ମାମୁଁ ।" ଗାଡିରେ ଡ୍ୟୁଟି କରୁଥିବା ଆର.ପି.ଏଫ ଅଫିସରଙ୍କୁ ଦେଖାଇ ଦେଲି ମୁଁ । କଟୁ କଥା ବାହାରିଲା ମୋ ମୁହଁରୁ । ଶିଶୁ ଶ୍ରମିକ ନିରୋଧି ଆଇନ ଭାଙ୍ଗି ଶ୍ରମିକଙ୍କୁ ନିର୍ଯ୍ୟାତନା ଦେବା ଆଇନ୍ ଆଖିରେ ଅପରାଧ । ପୁଲିସ୍ ବାବୁଙ୍କର କର୍କଷ କଥାଶୁଣି ବାବୁଙ୍କ ପିଲା ଦିଇଟା କାନ୍ଦି ଉଠିଲେ । ସହଯାତ୍ରିଣୀ ଝିଅଟାର ହେମନ୍ତ ଋତୁର ଆକାଶ ପରି ନିର୍ମଳ ମୁହଁରେ ଧଳା ବାଦଲ ପରି ନିଶବ୍ଦ ହସଟିଏ ପହଁରିଗଲା । ମୁହଁରେ କୃତଜ୍ଞତାର ଭାବ । ଭୁବନେଶ୍ୱର ଷ୍ଟେସନରେ ଆମେ ଓହ୍ଲେଇଯିବା ପର୍ଯ୍ୟନ୍ତ ମୁହଁରେ ଖାଲି କିଛି ପଚାରିବାର କିନ୍ତୁ ନ ପଚାରିପାରିବାର ଭାବ ନେଇ ଆମେ ଅଲଗା ହୋଇଗଲୁ । ପଛକୁ ବୁଲି ଚାହିଁବାଟା ଲୌକିକତା ବିରୋଧ ହେବ ଭାବି ଆଗକୁ ଅନେଇ ଚାଲିଗଲି ।

"କଣ, ଦିଇ ଚାରି ମିନିଟ୍ ନିଜ ନିଜ ଭିତରେ କଥା ହେବ ବୋଲି ଆସି ଏଠି ଏକାବେଳେକେ ଘରସଂସାର କରିଦେଲ ନା କଣ ?" ଭାଉଜଙ୍କ ପାଟିରେ ବାଡବତା ନଥାଏ । ସବୁବେଳେ ଭଲପାଇବାର କୁଳୁକୁଳୁ ପାହାଡି ଝରଣାଟିଏ । ପରସ୍ପର ବିଷୟରେ ଟିକିଏ ଏକୁଟିଆରେ କଥା ହେବୁ ଆସି ଉପର ତାଲାର ବେଡରୁମ୍‌ଟାରେ କେତେ ସମୟ ଯେ ବସିଗଲୁଣି ଜାଣିପାରିଲୁନି । ଏତେ ସମୟ ବସିବା ଭିତରେ ମୁଁ ପଦେ କଥା କହିଥିଲି । ତା'ଥିଲା "ତମେ ବହୁତ ଦରଦୀ, ଠିକ୍ ମୋ ବୋଉ ପରି" । ଆଉ ସେ ବି ପଦେ କଥା କହିଥିଲା, "ସତରେ ଆପଣ ବହୁତ ସ୍ପଷ୍ଟବାଦୀ" । ଭାଉଜଙ୍କ ପରିହାସ ଶୁଣି ସୁଲଗ୍ନା ନାମ୍ନୀ ଏଇ ଝିଅଟି ଲାଜେଇଗଲା ବେଳେ, ମୁଁ ମୁହଁଟାଣ କରି କହିଲି, ଭାଉଜ ତମେ ସବୁବେଳେ କୁହନା, ବିବାହ ସାତ ଜନମର । ଅନେଇଲେ ଭାଉଜ । କହିଲି ଆମର ଆଜି ଗଲା ଜନ୍ମର କଥା ମନେ ପଡିଗଲା । ଗଲାଜନମର ଏକତିରିଶ ଘଣ୍ଟାର କାହାଣୀଟି ଶୁଣି ଭାଉଜ ଗମ୍ଭୀର ହୋଇ କହିଲେ, ମୁଁ ସବୁବେଳେ ଭାବୁଥିଲି ବୋଉଙ୍କର ଠିକଣା ତ ହଜିଯାଇଛି ମୁମ୍ବାଇରେ । ମୁକ୍ତିଧାମ ଶ୍ମଶାନରେ । ହେଲେ ଦେଖୁଚି ତାଙ୍କର ମନଟା ସାଗର ପରେ ସାଗରରେ ଭାସିଭାସି ଆସି ଲାଗିଛି କେଣାର୍କର ଏଇ ଦରିଆ କୂଳରେ । ଗୋଧନପଡା ଗାଁରେ ସେତେବେଳେ ସଂଜ ନଇଁ ଆସୁଥିଲା ଆଉ ମୁକ୍ତେଶ୍ୱରଙ୍କ ମନ୍ଦିରରୁ ଆରତୀର ସ୍ୱର ଶୁଭୁଥିଲା । ଗାଁଆର ବାଘଡ଼ିଆଁ ପୋଖରୀରେ ଦଶମୀର ଚାନ୍ଦ ଦୋହଲୁଥିଲା । ଖୁସିରେ ତଳକୁ ଓହ୍ଲାଇଲା ବେଳେ କହିଲେ ହଉ ଚାଲ, ଏଥର ଆଉ ରିଜର୍ଭେସନ ଏଗେନ୍‌ଷ୍ଟ କ୍ୟାନସେଲେସନ ନୁହଁ ପୁରା ରିଜରଭେସନ ମିଳିଗଲା । ତଳକୁ ମୁହଁକରି ଲାଜରେ ଠିଆ ହୋଇଥିବା ସୁଲଗ୍ନାର ଚିବୁକ ତଳେ ହାତ ଦେଇ ପୁଣି କହିଲେ, ଏ ଚାନ୍ଦମୁହଁର ସତରେ କେତେ କରମତି !

*ବାରଙ୍ଗ, କୋଡିଆଁ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*



# ସାବିତ୍ରୀ ସତ୍ୟବାନଙ୍କର ଅନ୍ୟ ଏକ ଯୋଡ଼ି

## ବୀରେଶ୍ୱର ମହାନ୍ତି

ସାବିତ୍ରୀ ତା'ଜିଦ୍‌ରେ ଅଟଳ । ଖୁମାଣ ମାରି ବସିଛି । ଜିଦ୍ ପୂରଣ ନ ହେବା ଯାଏ ଅନ୍ନ ଜଳ ସ୍ପର୍ଶ କରିବନି । ବାପା ମା' ବୁଝେଇ ବୁଝେଇ ଥକିଗଲେଣି । ଭାଇ ଦି'ଜଣ ତାଙ୍କ ଶକ୍ତିମତେ ଚେଷ୍ଟା କରି ଚାଲିଛନ୍ତି । ତିନି ଭାଇଭଉଣୀ ଭିତରେ ସାବିତ୍ରୀ ସାନ । ଭାରି ଅଳିଅଳ । ଥରେ ଜିଦ୍ କଲେ ପଛକୁ ହଟେନି । ଏମିତି ବି ତା'ପାଇଁ ପଛକୁ ହଟିବାର କିଛି ଠୋସ୍ କାରଣ ନାହିଁ । ସବୁବେଳେ ତ ତା'ର ଜିଦ୍ ହିଁ ରହେ । ଏଥରବା ନ ରହିବ କାହିଁକି ? ସର୍ବଦମନବାବୁ ଦେଖିଲେ ପରିସ୍ଥିତି ଗୋଳମାଳିଆ ଆଡ଼କୁ ଗତି କରୁଛି । ବର୍ତ୍ତମାନ ପାଇଁ ଝିଅକୁ ବୁଝେଇ ଶୁଝେଇ କଥାଟା ସମାଧାନ କରିଦେଲେ ଯାଏ । ଚକ ଗଡ଼ିଲେ ବାରହାତ । କିଛି ଗୋଟେ କାରସାଦି କରି ତାକୁ ମନେଇବାକୁ ହେବ ।

ସର୍ବଦମନବାବୁ ଟିକେ ନରମା ଲୋକ । ନାମ ମୁତାବକ କାମ ନୁହେଁ । ସମସ୍ତଙ୍କୁ ଦମନ କରିବା କଥା ଛାଡ଼, ଘରେ ପିଲାଛୁଆଙ୍କ ଉପରେ ବି ହାକିମାତି ଜାହିର କରିବା ସମ୍ଭବ ହୁଏନି । ଧର୍ମପତ୍ନୀ ବିଶାଖାଦେବୀ ପରିହାସ କରି କହନ୍ତି- "ବାପା, ମା' ବୁଝି ବିଚାରି ନାଁଟା ଦେଇଛନ୍ତି ଜାଣ । କ'ଣ ନା ସର୍ବଦମନ !" ବିଶାଖାଙ୍କ କଥା ଶୁଣି ସର୍ବଦମନ ବାବୁ ଶଙ୍କି ଯାଆନ୍ତି । ଠିକ୍ କଥାରେ ନ ଶଙ୍କିବେ କାହିଁକି ? ଭାବନ୍ତି, ଅକଳିଆ ନାଁ ପରି ତାଙ୍କ ରାଶିଟା ବି ତାଙ୍କୁ ଦାଉ ସାଧୁଛି । ତାଙ୍କର କୁଆଡେ ସିଂହ ରାଶି । ଏଇ ରାଶି ପାଇଁ ବନ୍ଧୁବାନ୍ଧବ ମହଲରେ ଯାବତୀୟ ଟାହିଟାପରାର ଶିକାର ହୁଅନ୍ତି । ବନ୍ଧୁମାନେ ଥଟ୍ଟା କରି କହନ୍ତି- "ଆରେ ସର୍ବଦମନ, ତୋ ରାଶିଟା ସିନା ସିଂହ,ହେଲେ ତୁଟା ମେଣ୍ଢା ପରି ତୁଚ୍ଛା ମେଁ ମେଁ ହଉଛୁ ।" ସେ କିନ୍ତୁ କାହା କଥାରେ ମନ ଉଣା କରନ୍ତିନି । ପିତୃଦତ୍ତ ନାଁ ଏବଂ ଜନ୍ମଗତ ପ୍ରକୃତିକୁ କ'ଣ କେବେ ବଦଳାଇ ହୁଏ ? ତେବେ ବର୍ତ୍ତମାନ ପାଇଁ ଝିଅର ମାନଭଞ୍ଜନ କରି ତା' ମତିଗତି ବଦଳାଇବାକୁ ହେବ । ଝିଅ ସାବିତ୍ରୀକୁ ଡାକି କଅଁଳେଇ କହିଲେ- "ତୁ ଯାହା କହୁଛୁ ସେୟା ହିଁ ହେବ ମା' । ହେଲେ ବର୍ତ୍ତମାନ ପାଇଁ ରୋଷ ଛାଡି ଅନ୍ନ, ଜଳ ଗ୍ରହଣ କର ।" ସାବିତ୍ରୀ କିଛି କମ୍ ବୁଝିବାର ନୁହେଁ । ବାପାଙ୍କର ଫନ୍ଦିଫିକର ବିଷୟରେ ସେ ବେଶ୍ ଅବଗତ । ସେ ଜାଣେ, କାମ ଆଦାୟ କରିବାରେ ତା'ବାପା ମାହିର୍ । ଭାବିଲା, ଟିକେ ଅଭିନୟ ନ କଲେ ନ ଚଳେ । ହାତରେ ଧରିଥିବା ଫଟୋଗୁଡ଼ାକୁ ଟେବୁଲ୍ ଉପରେ କଚାଡ଼ି ଦେଇ ଗୁମ୍ ମାରି ବସିଗଲା ।

ବିଶାଖାଦେବୀ ଦେଖିଲେ ବାପ କଥାରେ ଝିଅ ବୋଲ ମାନୁନି । କ୍ଷୁଦ୍ର ସର୍ପର ବିଷ ଅଧିକ । ଗଦ ଟିକେ କଡ଼ା ନ ହେଲେ କାବୁ କରିବନି । ଚଡ଼ା ଗଳାରେ କହିଲେ- "ତୁ ଏତେ ବେମୁରିବା କିଆଁ ? ଏ କ'ଣ ଖେଳଘର ହୋଇଛି । ଜୀବନ ସଉଦା କଥା । ଆମେ ବାପା,ମା'କ'ଣ ତୋ ଭଲମନ୍ଦକୁ ଅଣଦେଖା କରିବୁ ।"ସାବିତ୍ରୀ ଜାଣେ ବୋଉ ତା'ର ଟିକେ ଗରମ ମିଜାଜ୍ ଲୋକ । କ୍ରୋଧର ପାରଦ ଥରେ ଊର୍ଦ୍ଧ୍ୱଗାମୀ ହେଲେ ନିମ୍ନଗାମୀ ହେବା କଷ୍ଟକର ବ୍ୟାପାର । ବୋଉକୁ ସୁହେଇଲା ଭଳି ଗଳାରେ କହିଲା- "ଦେଖ୍ ବୋଉ, ମୋତେ ପଚାରିବାରୁ ସିନା ମୁଁ ମୋ ମତାମତ ଦେଲି । ଏଥିରେ ମୋର ଦୋଷ କ'ଣ ? ଯଦି ମୋ କଥା ନ ରହିବ ମୋତେ ପଚାରୁଥିଲ କିଆଁ ?" ବିଶାଖା ଦେଖିଲେ ଝିଅକୁ ଯୁକ୍ତିରେ କାବୁ କରିବା ମୁସ୍କିଲ୍ । ହଉ ବୁଝିବା କହି ଯୁକ୍ତି ତର୍କରେ ପୂର୍ଣ୍ଣଛେଦ ପକାଇବାପାଇଁ ଚେଷ୍ଟା କଲେ । ସାବିତ୍ରୀ ନଛୋଡ଼ବନ୍ଦା । ତା'ର ଜିଦ୍ ତା'ମନୋନୀତ ସ୍ଥାନରେ ହିଁ ସେ ବାହାହେବ । ଆଉ ଏକ ମଉକାକୁ ଅପେକ୍ଷା କରିବା ଉଚିତ ହେବ ଭାବି ସ୍ଥିର କଲା- "ଏବେ ନୁହେଁ । ବେଳକାଳ ଦେଖି ଏମାନଙ୍କୁ ମନେଇବାକୁ ପଡ଼ିବ । ଧୀର ପାଣି ପଥର କାଟେ ପରା ।"

ବି.ଏ. ପରୀକ୍ଷା ପରେ ଫଳକୁ ଅପେକ୍ଷା କରିଛି ସାବିତ୍ରୀ । ବିଶାଖାଙ୍କ ଜିଦ୍ ଫଳ ବାହାରିବା ପରେ ଝିଅର ବିବାହ ସମ୍ପନ୍ନ ହେବା ଚାହି । ଝିଅଟା ଭାରି ଜିଦ୍‌ଖୋର ପ୍ରକୃତିର । ଯାହା ବୁଝିଥିବ ସେୟା । ସମୟ ଥାଉଥାଉ ବାହା କରିଦେଲେ ଭବିଷ୍ୟତକୁ କଥା ହାଲୁକା । ମଧ୍ୟସ୍ଥିମାନଙ୍କ ଜରିଆରେ ତିନିଟା ପ୍ରସ୍ତାବ ଉପରେ ବିଚାର ଆଲୋଚନା ଚାଲିଛି । ତିନିଟା ଫଟୋ ବି ସାବିତ୍ରୀକୁ ଧରେଇ ଦିଆଯାଇଛି । ତେବେ ସାବିତ୍ରୀର ପସନ୍ଦ ସର୍ବଦମନବାବୁଙ୍କ ପସନ୍ଦ ସହ ମେଳ ଖାଉନି । ତାଙ୍କର କହିବା କଥା ତିନି ପ୍ରସ୍ତାବ ମଧ୍ୟରୁ ସାବିତ୍ରୀର ପସନ୍ଦ ଯୋଗ୍ୟ ପ୍ରସ୍ତାବର ଜାତକ ମେଳକ ଟିକେ କମ୍‌ଜୋରିଆ । ଯୋଗକୁ ସେ ପସନ୍ଦ କରିଥିବା ପିଲାର ନାମ ସତ୍ୟବାନ । ସେଇଥିପାଇଁ କି କ'ଣ ଝିଅର ମନ ସେଠି ଅଟକିଛି ।

ସାବିତ୍ରୀର ଜିଦ୍, ସେ ସତ୍ୟବାନଙ୍କୁ ହିଁ ବାହାହେବ । ତା'ଜିଦ୍‌ରେ ସେ ଅଟଳ,ସେଇଥିପାଇଁ ଏତେ ସବୁ ପାଲା ।

ସର୍ବଦମନବାବୁ କଥାଟାକୁ ଯେତେ ସହଜ ଭାବୁଥିଲେ, ସେମିତି ଜଣାପଡୁନି । ଝିଅ ତିଳେ ମାତ୍ର ଝୁଙ୍କିବାର ନୁହେଁ । ସମସ୍ତେ ବୁଝେଇ ବୁଝେଇ ନୟାନ୍ତ । ତା'ର ଏକା ଜିଦ୍ ସେ ସତ୍ୟବାନଙ୍କୁ ହିଁ ବିବାହ କରିବ । ସତ୍ୟବାନ୍ ବି ତାକୁ ପସନ୍ଦ କରିଛନ୍ତି । ଦୁହେଁ ଦୁହିଁଙ୍କୁ ରାଜି । ଆଉ ଅସୁବିଧା କେଉଁଠି ? ସଫା ସଫା ଶୁଣେଇ କହିଦେଇଛି- "ସତ୍ୟବାନଙ୍କ ଛଡ଼ା ଅନ୍ୟ କୌଣସି ପ୍ରସ୍ତାବରେ ତା'ର ମନ ନାହିଁ । ତା'କଥାରେ ରାଜି ନ ହେଲେ ବରଂ ଅବିବାହିତା ରହିବାକୁ ବାଧ୍ୟ ହେବ।" ଝିଅର ଜିଦ୍ ଦେଖି ସ୍ୱାମୀ,ସ୍ତ୍ରୀଙ୍କର ବୁଦ୍ଧି ଗୁଡୁମ୍ । ବିଶାଖା ରାଗରେ ଗରଗର ହୋଇ ସ୍ୱାମୀଙ୍କୁ କହିଲେ- "ଯଦି ସେ ପ୍ରସ୍ତାବରେ ତୁମର ଇଚ୍ଛା ନ ଥିଲା, ପ୍ରସ୍ତାବଟା ରଖୁଥିଲ କିଆଁ ? ବିଷ ମନ୍ତ୍ର ନ ଜାଣି ସାପ ଗାତରେ ହାତ । ଏବେ ମଜା ନିଅ ।" ଗୋଟେ ମାରାତ୍ମକ ଭୁଲ ହୋଇଯାଇଛି ବୋଲି ସର୍ବଦମନବାବୁ ଅନୁଭବ କରିସାରିଲେଣି । ପଶ୍ଚାତାପ କରୁଛନ୍ତି ସିନା,ସମସ୍ୟାରୁ ଉଦ୍ଧାର ପାଇବାର ବାଟ ଖୋଜି ପାଉନାହାନ୍ତି । ହତାଶ ନୟନରେ ଅନେଇଛନ୍ତି ସ୍ତ୍ରୀ ବିଶାଖାଙ୍କୁ । ସେ ହିଁ ତାଙ୍କର ଏକମାତ୍ର ଭରସା । ସମସ୍ୟାରେ ଉବୁଟୁବୁ ହୋଇ ଜୀବନ ସାଗରରେ ଦିଗହରା ହେଲେ ସ୍ତ୍ରୀ ବିଶାଖା ହିଁ ତାଙ୍କୁ ବତିଘର ସଦୃଶ୍ୟ ପଥ ପ୍ରଦର୍ଶନ କରିଥାନ୍ତି ।

ବିଶାଖା ବି ଜାଣନ୍ତି ଏଣ୍ଡୁଅ ଦଉଡ଼ି ଦଉଡ଼ି ସିଜୁ ବୁଦା ମୂଳକୁ । ହରଡ଼ଘଣାରେ ପଡ଼ି ହରବର ହେଲେ ସ୍ୱାମୀ ତାଙ୍କରି ପାଖକୁ ସାହାଯ୍ୟ ପାଇଁ ଦଉଡ଼ି ଆସନ୍ତି । ଏପରିକି ଚାକିରି କ୍ଷେତ୍ରରେ ସୁବିଧା ଅସୁବିଧା ପାଇଁ ମଧ୍ୟ ସର୍ବଦମନବାବୁଙ୍କୁ ସେ ଇଲମ ଦେଇଛନ୍ତି । ଏବେ ପଛଘୁଞ୍ଚା ଦେଲେ ନାକ କଟିଯିବ ସିନା ! କିଛି ସମୟ ଚିନ୍ତା କରି ସ୍ୱାମୀଙ୍କୁ କହିଲେ- "ଏତେ ଜଞ୍ଜାଳରେ ମୁଣ୍ଡ ପୁରାଇ କି ଲାଭ । ମିଆଁ ବିବି ରାଜି, କ୍ୟା କରେଗା କାଜି। କଥାରେ କହିଛି ପରା- ଯିଏ ଯାହାକୁ ରସିଲା, କିଆ ଫୁଲ ପରି ବାସିଲା । ଯଦି ଦୁହେଁ ଦୁହିଁଙ୍କୁ ରାଜି, ଆମେ ବାଧକ ସାଜିବା କାହିଁକି ? ଝିଅର ମନ ଭାଙ୍ଗି ଆମେ କି ଯଶ ଅର୍ଜନ କରିବା । ଆମ ଅବସ୍ଥା କବାବ୍ ମେଁ ହଡ୍ଡୀ ପରି ଜାଣ । ଆଗପଛ ନ ହୋଇ ଝିଅ କଥାରେ ହଁ ମାରି ଦିଅ । ଦେଖିବ ଶ୍ରୀଜଗନ୍ନାଥଙ୍କ ଦୟାରୁ ସବୁ କିଛି ଠିକ୍ ହୋଇଯିବ । ସର୍ବ ମଙ୍ଗଳେ ଜଗନ୍ନାଥ । ତା'ପରେ ସତ୍ୟବାନ୍ ବି କିଛି ମନ୍ଦ ପିଲା ନୁହଁ । ଏ ଜାତକ କଥା ଛାଡ଼ । ଜାତକର କି ଠିକ୍ ଠିକଣା ଥାଏ ଯେ ! ଜନ୍ମ ସମୟ ମୁହୂର୍ତ୍ତେ ଏପଟ ସେପଟ ହେଲେ କଥା ସରିଲା । ସବୁ ଓଲଟ ପାଲଟ ହେବା ସାର । ଝିଅର କଥା ମାନି ସତ୍ୟବାନ ସହ ବିବାହ କରିଦେଲେ ଅଡୁଆ ତୁଟେ ।"

ବିଶାଖାଙ୍କର କଥା ସର୍ବଦମନବାବୁଙ୍କ ମନକୁ ବେଶ୍ ପାଇଲା । ଦୁହେଁ କଥାବାର୍ତ୍ତା ହୋଇ ସାବିତ୍ରୀ-ସତ୍ୟବାନ୍ ଯୋଡ଼ି ଉପରେ ମୋହର ଲଗାଇଦେଲେ । ଶୁଭ ଖବର ଭାଇମାନଙ୍କ ଜରିଆରେ ସାବିତ୍ରୀକୁ ଜଣାଇ ଦିଆଗଲା । ଗଡ଼ ଜିତିଲା ପରି ତା' ମନରେ ଖୁସିର ଲହର । ଶେଷରେ ତା'ଜିଦ୍ ରହିଛି ।

କଥାବାର୍ତ୍ତା ଆଗେଇ ବାହାଘର ପାଇଁ ତାରିଖ,ଦିନ ଧାର୍ଯ୍ୟ ହୋଇସାରିଲାଣି । ଧୁମ୍‌ଧାମ୍‌ରେ ବାହାଘର ଆୟୋଜନ ଚାଲିଛି । ଜଣ ଜଣ କରି ତା'ର ସବୁ ସାଙ୍ଗମାନଙ୍କୁ ବାହାଘରକୁ ନିମନ୍ତ୍ରଣ କରିଛି ସାବିତ୍ରୀ । ବାଛି ବାଛି ମନପସନ୍ଦର ଗହଣା କିଣା ହଉଛି । ଶାଢ଼ି ପିନ୍ଧିବା ଅଭ୍ୟାସ ନ ଥିଲେ ବି କିଣାରେ କିଛି କମ୍ ନାହିଁ । ପାଟ, ସମ୍ବଲପୁରୀ, ବନାରସୀ ଏମିତି କେତେ ପ୍ରକାରର ଶାଢ଼ି । ଦାମିକା ମେହେନ୍ଦୀ ଏବଂ ଭିଡ଼ିଓ ବାଲାଙ୍କୁ ବଇନା ଦିଆ ସରିଲାଣି । ସାଙ୍ଗସାଥିମାନେ ସଙ୍ଗୀତ ପାଇଁ ଜମାଣିଆ ଆୟୋଜନ କରିଛନ୍ତି । ସାବିତ୍ରୀର ଇଚ୍ଛା, ଥରେ ତ ବାହାହେବ, ଜମେଇକି ବାହା ନ ହେବ କାହିଁକି ?

ବାହାଘର ଦିନ ସାଙ୍ଗମାନଙ୍କ ଗହଣରେ ସାବିତ୍ରୀର ଥଟ୍ଟା ମଜ୍ଜା ଚାଲିଛି । ବର ଆସିବାକୁ ସମସ୍ତଙ୍କର ଅପେକ୍ଷା । ସମୟ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ବର ପହଞ୍ଚିବାର ବେଳ ବି ଗଡ଼ିଗଲାଣି । ବର, ବରଯାତ୍ରୀଙ୍କର ଦେଖା ଦର୍ଶନ ନାହିଁ । ସର୍ବଦମନବାବୁ ଉଦ୍‌ବିଗ୍ନ । କିଛି ଅଘଟଣ ଘଟିଗଲାକି ଆଉ ! ସହଜେ ତ ଜାତକ ମେଳକ ଭଲ ନାହିଁ । ମନ କଥା ମନରେ ଚାପି ରଖି ନ ପାରି ସ୍ତ୍ରୀଙ୍କ ଆଗରେ ସନ୍ଦେହର ପେଡ଼ିକୁ ଖୋଲିଦେଲେ । ସ୍ୱାମୀଙ୍କ କଥା ଶୁଣିବା ମାତ୍ରେ ଚିହିଁକି ଉଠି ବିଶାଖା କହିଲେ- "କାହିଁକି ସେ ଅଶୁଭ କଥାଗୁଡ଼ା ତୁଣ୍ଡରେ ଧରୁଛମ ! ଭଲମନ୍ଦରେ ସବୁବେଳେ ଅମଙ୍ଗଳିଆ କଥା ।" ସ୍ତ୍ରୀଙ୍କ ତାଗିଦ୍‌ରେ ସର୍ବଦମନବାବୁ ଦମ୍ଭ ପାଇଲେ ସିନା ହେଲେ ତାଙ୍କର ଆଶଙ୍କା ସତ୍ୟରେ ପରିଣତ ହେଲା । ଖବର ମିଳିଲା, ବର ଡାକ୍ତରଖାନାରେ ଭର୍ତ୍ତି । ଆଗରୁ ବରଙ୍କର ମୁଣ୍ଡ ବୁଲେଇବା ରୋଗ ଅଛି । ହଠାତ୍ ରୋଗ ପ୍ରକୋପ ଦେଖାଇବାରୁ ବରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏ କାନରୁ ସେ କାନ ହୋଇ କଥା ପ୍ରଘଟ ହୋଇଗଲା । କିଏ କେତେ ପ୍ରକାର ଶୁଭ ଅଶୁଭ କଥା କହିଲେ । କିଏ କିଏ ବି ସାବିତ୍ରୀ -ସତ୍ୟବାନ ଉପାଖ୍ୟାନ ବଖାଣିବା ଆରମ୍ଭ କରିଦେଲେଣି । ମୋଟାମୋଟି ବାହାଘରର ଆନନ୍ଦର ମାହୋଲ୍‌ରେ ବିଷାଦର ଛାୟା ସମସ୍ତଙ୍କୁ ଗ୍ରାସ କରି ବସିଛି ।

ବରଯାତ୍ରୀଙ୍କୁ ଅପେକ୍ଷା କରି କରି କନ୍ୟା ପକ୍ଷର ଅତିଥିମାନେ ସ୍ୱଗୃହକୁ ବାହୁଡ଼ିବା ଆରମ୍ଭ କଲେଣି । ହାତଗଣତି କେତେ ଲୋକ ଓ ବନ୍ଧୁବାନ୍ଧବଙ୍କୁ ନେଇ ସର୍ବଦମନବାବୁ ଓ ବିଶାଖା ଦେବୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି । ଅପେକ୍ଷା କରୁ କରୁ ସିନ୍ଦୁରା ଫାଟିଲାଣି । ସମସ୍ତେ ଚିନ୍ତିତ । ସାବିତ୍ରୀର ମୁଖମଣ୍ଡଳରେ କିନ୍ତୁ ଚିନ୍ତାର ଚିହ୍ନବର୍ଣ୍ଣ ନାହିଁ । ସେ ଧୈର୍ଯ୍ୟର ସହ ଅପେକ୍ଷା କରିଛି । ତା'ର ଦୃଢ଼ ବିଶ୍ୱାସ ସତ୍ୟବାନ ସୁସ୍ଥ ହୋଇ ନିଶ୍ଚୟ ଫେରିଆସିବେ । ବିମର୍ଷ ମନରେ ଚେୟାରରେ ବସି ଢୁଲାଇ ପଡ଼ିଛନ୍ତି ସର୍ବଦମନବାବୁ । ହଠାତ୍ ସ୍ତ୍ରୀଙ୍କର ପାଟିରେ ତନ୍ଦ୍ରା ତୁଟିଗଲା ତାଙ୍କର । ଚିତ୍କାର କରି କହୁଛନ୍ତି- "ହେଇଟି ଖବର ଆସିଛି , ବର ପହଞ୍ଚିବା ପହଞ୍ଚିବା ହେଲାଣି । ଶୋଇ ଘୁଙ୍ଗୁଡ଼ି ମାରୁଛ କ'ଣ ? ମୁଁ ଜାଣେ ପରା ସାବିତ୍ରୀ ମୋର ଭାରି ଗୁଣର । ଡାକ୍ତରଖାନାରୁ ବି ବରକୁ ଉଠେଇ ଆଣିଛି । ଉଠ, ଉଠ କାମରେ ଲାଗିପଡ଼ ।"ସ୍ତ୍ରୀଙ୍କ କଥା ଶୁଣି ଧଡ଼ପଡ଼ ହୋଇ ଉଠି ଠିଆ ହୋଇଗଲେ ସର୍ବଦମନ । ବିଶ୍ୱାସ ହେଉ ନ ଥିଲେ ବି ଦେଖିଲେ ଘର ତାଙ୍କର ଚଳଚଞ୍ଚଳ । ବିଶାଖା ଏ ଘରୁ ସେ

ଘର ଧାଁ ଧପଡ଼ କରୁଛନ୍ତି । ପୁଅ ଦି'ଜଣ ବରଯାତ୍ରୀଙ୍କ ଚର୍ଚ୍ଚା ପାଇଁ ବନ୍ଦୋବସ୍ତରେ ବ୍ୟସ୍ତ । ମା' ତାରିଣୀଙ୍କୁ ନଡ଼ିଆଟେ ମାନସିକ କରି ଧାଇଁଲେ ବିଶାଖାଙ୍କ ପାଖକୁ ।

ବାହାଘର ପରେ ସାବିତ୍ରୀ ଶାଶୂ ଘରେ ପାଦ ନ ଦେଉଣୁ ଯେଉଁ ଘଟଣା ଘଟିଲା ସେଥିରେ ଶ୍ୱଶୁର ଆନନ୍ଦରେ ବିଭୋର । ସାବିତ୍ରୀର ପ୍ରବେଶ ସହ ତାଙ୍କ ଗାଈ ମାଈ ଛୁଆଟିଏ ଜନ୍ମ ଦେଇଛି । ବୋହୂ ତାଙ୍କର ଭାରି ଶୁଭ ବୋଲି ଚାରିଆଡ଼େ କହି ବୁଲୁଛନ୍ତି ସେ । ଶାଶୂ ବି ସାବିତ୍ରୀ-ସତ୍ୟବାନଙ୍କର ଯୋଡ଼ିକୁ ନେଇ ବେଶ୍ ଖୁସ୍ ।

ବାହାଘର ହେବାର କେତେ ବର୍ଷ ବିତିଗଲାଣି । ଶାଶୂ, ଶ୍ୱଶୁର ଆରପାରିକୁ ଚାଲିଗଲେଣି । ସାବିତ୍ରୀ-ସତ୍ୟବାନଙ୍କର ସଂସାର ତରୀ ଧିରେ ଧିରେ ଆଗକୁ ଆଗକୁ ଅଗ୍ରସର ହେବାରେ ଲାଗିଛି । ଭଗବାନଙ୍କ ଆଶିର୍ବାଦରୁ ଦୁଇଟି ସନ୍ତାନ ସେମାନଙ୍କର କୋଳ ମଣ୍ଡନ କରିଛନ୍ତି । ପରିବାରର ସୁଖ ସମୃଦ୍ଧି ପାଇଁ ପୂଜା, ବ୍ରତ ଉପବାସରେ କେବେ ସାବିତ୍ରୀ ହେଳା କରେନି । ସାବିତ୍ରୀ ବ୍ରତ କଥା ତ ନିଆରା । ବଡ ନିଷ୍ଠାର ସହ ସେ ବ୍ରତ ପାଳନ କରେ । ତେବେ ସବୁ ବର୍ଷ ସାବିତ୍ରୀ ବ୍ରତ ପୂର୍ବଦିନ ସ୍ୱାମୀ- ସ୍ତ୍ରୀଙ୍କ ଭିତରେ କଥା କଟାକଟି ହେବା ଏକ ମାମୁଲି କଥା ।

ବ୍ରତ ପାଇଁ ସାବିତ୍ରୀ ଫଳ-ଫୁଲୁରି ବରାଦ କଲେ ସତ୍ୟବାନ ଗମାତ କରି କହନ୍ତି- "ତୁମେ ତ ସ୍ୱୟଂ ସାବିତ୍ରୀ, ଜିଅନ୍ତା ଠାକୁରାଣୀ । ସାବିତ୍ରୀ ବ୍ରତର ଆଉ କି ମତଲବ ? ଗୁଡ଼ାଏ ଯାହା ଅର୍ଥଶ୍ରାଦ୍ଧ ।" ଅର୍ଥଶ୍ରାଦ୍ଧ ଶବ୍ଦଟା ଶୁଣିବା ମାତ୍ରେ ସାବିତ୍ରୀ ନାଗସାପ ପରି ଫଁ କରି ଉଠେ । ରାଗ ପଞ୍ଚମକୁ ଉଠିଯାଏ । ଗୋଡ଼ କରଡ଼ି ବିକୃତ ମୁଖଭଙ୍ଗୀ କରି କହେ- "ସବୁ ଟଙ୍କା ମୋ ବାପ ଘରୁ ଆସେ । ତମେ ଏବେ କି ଅର୍ଥ ଶ୍ରାଦ୍ଧ କରି ପକଉଛ ଯେ ।" ସତ୍ୟବାନ ନିଜ ଭୁଲ ପାଇଁ ଅନୁତାପ କରି ସାବିତ୍ରୀକୁ ମୋର କାଇଲ ହୋଇଛି କହି କ୍ଷମା ମାଗନ୍ତି । ସବୁବର୍ଷ ସାବିତ୍ରୀ ବ୍ରତରେ ଏହି ଉପାଖ୍ୟାନର ପୁନରାବୃତ୍ତି ହୁଏ ।

ଅର୍ଥଶ୍ରାଦ୍ଧ କଥା ସତ୍ୟବାନ କଥାରେ କହନ୍ତି ସିନା କାର୍ଯ୍ୟରେ ସମ୍ପୂର୍ଣ୍ଣ ଓଲଟା । ଦୋକାନ ଦୋକାନ ବୁଲି ଭଲିକି ଭଲି ଫଳ ଯେତେ ଅଧିକ ଦାମ୍ ହେଲେ ବି କ୍ରୟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ତାଳ, ଖଜୁରୀ, ପଣସ ପସନ୍ଦ ନ ହେଲା ଯାଏ ଏଠି ସେଠି ଘୂରି ବୁଲନ୍ତି । ଦି'ତିନି ବ୍ୟାଗ ପୂର୍ଣ୍ଣ ନ ହେବା ଯାଏ ଫଳ କିଣି ଚାଲନ୍ତି । ଏତେ ଗୁଡ଼ାଏ ଫଳ ଦେଖି ମୁହଁ ଫୁଲେଇ ସାବିତ୍ରୀ କହେ- "ଏତେ ଫଳ କିଏ ଖାଇବ ଲୋ ମା' । ଖାଲି ଟଙ୍କା ଗୁଡ଼ାଏ ବରବାଦ୍ କରିବା କଥା । କେତେ ଟଙ୍କାର ଫଳ କିହୋ ।" ଉପରେ ଉପରେ ସାବିତ୍ରୀ ମୁହଁ ଫୁଲାଏ ସିନା, ଭିତରେ ଭିତରେ ତା'ମନ ଆନନ୍ଦରେ କୁଣ୍ଢେମୋଟ । ଭଗବାନଙ୍କ ପାଖରେ ସ୍ୱାମୀଙ୍କର ଶୁଭ ମନାସି ଗରମ ଚା କପଟିଏ ବଢ଼ାଇ ଦିଏ । ସତ୍ୟବାନ ବି ସ୍ତ୍ରୀଙ୍କର ଖୁସିରେ ସାମିଲ ହୋଇ ଚା କପରେ ଓଠ ଧରାନ୍ତି । ସାବିତ୍ରୀ ବ୍ରତ ଦିନ ସ୍ତ୍ରୀଙ୍କ ର ନିର୍ଜଳା ଉପାସ । ପୂଜା ସରିବା ମାତ୍ରେ ତୃଷା ନିବାରଣ ପାଇଁ ଦହି, ଲସି ର ପ୍ରଚୁର ବନ୍ଦୋବସ୍ତ କରନ୍ତି ସତ୍ୟବାନ ସାବିତ୍ରୀ ନୂଆ ଲୁଗା ପିନ୍ଧି ସ୍ୱାମୀଙ୍କୁ ମୁଣ୍ଡିଆ ମାରିବାବେଳେ "ତୁମେ ମୋଠାରୁ ଦୀର୍ଘାୟୁ ହୁଅ" ବୋଲି ସତ୍ୟବାନ ଆଶିର୍ବାଦ କରନ୍ତି । ଆଶିର୍ବାଦ ଶୁଣିବାକୁ ତର ନ ଥାଏ ସାବିତ୍ରୀକୁ । ଦହି, ଲସିରୁ ମେଞ୍ଚେ ଉଦରସ୍ତ କରି ଶାନ୍ତିରେ ନିଶ୍ୱାସ ମାରେ ସେ ।

ଥରେ ଥରେ ସାବିତ୍ରୀ ବ୍ରତରେ ।ଢ଼ି ବାଛରା ହୋଇ ଯାଏ । ସତ୍ୟବାନ କାମ ବଶତଃ ହେଉ କି ଆଳସ୍ୟ ବଶତଃ ହେଉ ସମୟ ଦେଇପାରନ୍ତିନି । ଯାହା ହେବା କଥା ହୁଏ । ରାମାୟଣରୁ ମହାଭାରତ ଯାଏ ଚାଲେ । ସୀତା ଦେବୀ ଦ୍ରୌପଦୀର ରୂପ ନିଅନ୍ତି । ତେବେ ବୁଝାସୁଝା କରି ସତ୍ୟବାନ କଥା ମଥେଇ ନିଅନ୍ତି । ଏମିତି ପଚାଶ ବର୍ଷ ହେବ ସାବିତ୍ରୀ,ସତ୍ୟବାନ ଯୋଡ଼ି ସାବିତ୍ରୀ ବ୍ରତ ପାଳନ କରି ଚାଲିଛନ୍ତି ।

ପିଲାଏ ଜୀବିକାକୁ ନେଇ ଓଡିଶା ବାହାରେ ଥା'ନ୍ତି । ଏବେ ଯାହାକୁ ଦେଖ ପୁନେ, ବାଙ୍ଗାଲୋର, ଦିଲ୍ଲୀ, ମୁମ୍ବାଇ ନ ହେଲେ ଆଉ କେଉଁ ବଡ଼ ସହରରେ । ଓଡ଼ିଶାରେ ପିଲାଙ୍କ ପାଇଁ ଚାକିରି କାହିଁ ଯେ ଓଡ଼ିଶାରେ ରହିବେ । ଆଜିକାଲି କମ୍ପାନି ଚାକିରିରେ ବଡ଼ ବିଷମ ଅବସ୍ଥା । ଦଶ ବାର ଘଣ୍ଟା ଖଟିବା ପରେ ବି ଚାକିରିର ସ୍ଥିରତା ନାହିଁ । ଦରମା ଅଧିକ, ମାତ୍ର ଖଟଣି ଢ଼େର ବେଶି । ବାପା, ମା'ଙ୍କ ପାଖକୁ ଆସିବାକୁ ସହଜରେ ଛୁଟି ମିଳେନି । ବର୍ଷରେ ଆଠ ଦଶ ଦିନ ହେଲେ ଢେର । କଥାରେ ଅଛି- "ଛାଡ଼ ପିତୃକାର୍ଯ୍ୟ, ଧର ରାଜକାର୍ଯ୍ୟ ।" ତଥାପି ପିଲାଏ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ବର୍ଷରେ ଥରେ ଦି'ଥର ଘରକୁ ଆସନ୍ତି । ଆଜିକାଲିକା ପରିସ୍ଥିତିରେ ପିଲାଏ ତାଙ୍କ ଚାକିରିକୁ ନେଇ ବ୍ୟସ୍ତ ରହିଲେ ମଧ୍ୟ ପ୍ରାୟ ପ୍ରତିଦିନ ଭିଡ଼ିଓରେ କଥାବାର୍ତ୍ତା ହୁଏ । ସାବିତ୍ରୀ-ସତ୍ୟବାନଙ୍କ ମନ ବୁଝିଯାଏ ।

ସମୟ ସ୍ରୋତରେ ସାବିତ୍ରୀ, ସତ୍ୟବାନ ଭାସି ଚାଲିଛନ୍ତି । ସତ୍ୟବାନଙ୍କୁ ପଞ୍ଚସ୍ତରୀ ବର୍ଷ ଛୁଇଁଲାଣି । ବୟସ ହେବାରୁ ଏବେ ବିଭିନ୍ନ ପ୍ରକାର ରୋଗ ମାଡ଼ି ବସୁଛି । ଦୁର୍ଭାଗ୍ୟକୁ ସେ ପୁରୁଣା ମୁଣ୍ଡ ବୁଲା ରୋଗଟା ବି ମଝିରେ ମଝିରେ ଦାଉ ସାଧୁଛି । ହଠାତ୍ ଦିନେ ସକାଳେ ବିଛଣାରୁ ଉଠୁଉଠୁ ତଳେ ପଡ଼ି ସଂଜ୍ଞାହୀନ ହୋଇଗଲେ ସତ୍ୟବାନ । ଡାକ୍ତରଖାନାରେ ଭର୍ତ୍ତି ପରେ ବି ଦି'ଦିନ ହେଲାଣି ଚେତା ଫେରିନି । ପିଲାଏ ବାପାଙ୍କୁ ଦେଖିବାକୁ ଆସି ପହଞ୍ଚି ସାରିଲେଣି । ସାବିତ୍ରୀର ପଡୋଶୀରୁ କିଏ କିଏ ଟୁପୁରୁଟାପୁରୁ ହେଉଛନ୍ତି - "ଏଥର ସତ୍ୟବାନଙ୍କର ଶେଷ ଅବସ୍ଥା । ଆଉ ବୁଢ଼ା ଉଠିବନି । ମସ୍ତିଷ୍କ ଆଘାତରୁ ବର୍ତ୍ତିବା ମୁସ୍କିଲ । ଇଏ କୋଉ ସତ ସାବିତ୍ରୀ ହୋଇଛି ଯେ ସତ୍ୟବାନଙ୍କୁ ବଞ୍ଚେଇ ଦେବ । ଦେଖୁନ ସବୁ ବର୍ଷ ସାବିତ୍ରୀ ବ୍ରତରେ କେମିତି ଶାଢ଼ି ପାଇଁ ଝଟାପଟା ଝଗଡ଼ା କରେ ।"

ଦି'ଦିନ ଯାଇ ତିନିଦିନ ହେଲାଣି । ପିଲା ଦୁହେଁ ବାପାଙ୍କୁ ଜଗିଛନ୍ତି । ସତ୍ୟବାନଙ୍କର ପୂର୍ବବତ୍ ଅବସ୍ଥା । ଚେତା ଆହୁରି ଫେରିନି । ବରଂ ଅବସ୍ଥା ଖରାପ ଆଡ଼କୁ ଗତି କରୁଛି ।

ସକାଳୁ ଡାକ୍ତରଖାନାରୁ ଫେରି ନିତ୍ୟକର୍ମ ଉପରାନ୍ତେ ଠାକୁର ପୂଜାରେ ଲାଗିପଡ଼ିଛି ସାବିତ୍ରୀ । ମନରେ ଦୃଢ଼ ବିଶ୍ୱାସ ସ୍ୱାମୀ ତା'ର ସୁସ୍ଥ ହୋଇ ପୁଣି ଚଳପ୍ରଚଳ କରିବେ । ଠାକୁରଙ୍କୁ ମୁଣ୍ଡିଆଟେ ମାରି ଗତବର୍ଷ ସାବିତ୍ରୀ ବ୍ରତରେ ପୂଜା କରିଥିବା ଶାଢ଼ିକୁ ପିନ୍ଧି ଡାକ୍ତରଖାନା ଅଭିମୁଖେ ବାହାରିଗଲା ସେ । ମନେମନେ ଭାବୁଥାଏ, ସାବିତ୍ରୀ ବ୍ରତର ଶାଢ଼ି ପିନ୍ଧିଛି,

ସ୍ୱାମୀଙ୍କର ଅସୁବିଧା ହେବ କେମିତି ? ଡାକ୍ତରଖାନାରେ ପହଞ୍ଚ ଆଣିଥିବା ଭୋଗରୁ ଟିକେ ସ୍ୱାମୀଙ୍କ ମୁଣ୍ଡରେ ଛୁଆଁଇ ଦେଇ କପାଳ ଆଉଁଷୁଥାଏ । ଥରେ ନୁହେଁ ବାରମ୍ବାର ଆଉଁଷି ଠାକୁରଙ୍କୁ ବିକଳରେ ପ୍ରାର୍ଥନା କରୁଥାଏ। ପିଲାଏ ବାହାରେ ଅଛନ୍ତି । ସ୍ୱାମୀଙ୍କୁ ପଲକହୀନ ନେତ୍ରରେ ଅନେଇ ବସିଛି ସାବିତ୍ରୀ । ହଠାତ୍ ଦେଖିଲା, ସ୍ୱାମୀଙ୍କର ଆଖି ପତା ଉପର ତଳ ହେବା ଆରମ୍ଭ କରିଛି । ପାଟି କରି ଡାକ ପକାଇଲା ଡାକ୍ତରଙ୍କୁ । ଡାକ ଶୁଣି ଦାୟିତ୍ୱରେ ଥିବା ଡାକ୍ତର ଆସି ପରୀକ୍ଷା ନିରୀକ୍ଷା କରିବା ଆରମ୍ଭ କରିଦେଲେଣି । ଏବେ ଆଖି କାହିଁକି ସତ୍ୟବାନଙ୍କର ହାତ ବି ଥରିବା ଆରମ୍ଭ କରିଛି । ଡାକ୍ତର ଆଶ୍ଚର୍ଯ୍ୟ,ତା'ଙ୍କ ଆଖିରେ ଚମକ । ଏକ ଅଦ୍ଭୁତ ଘଟଣା ଘଟିବାକୁ ଯାଉଛି । ଯେଉଁ ରୋଗୀକୁ ମୃତ ଘୋଷଣା କରିବା ପାଇଁ ସେମାନେ ମାନସିକ ଭାବରେ ପ୍ରସ୍ତୁତ ହୋଇ ସାରିଥିଲେ, ସେ ରୋଗୀ ବିସ୍ମୟକର ଭାବେ ବଞ୍ଚିଯିବାର ଲକ୍ଷଣ ପ୍ରକାଶ କରୁଛି ! ସାବିତ୍ରୀର ଆନନ୍ଦର ସୀମା ନାହିଁ । ସତେ ଯେମିତି ହଜି ଯାଇଥିବା ସବୁ ସୁଖ-ଶାନ୍ତି ପୁଣି ତା'ହାତ ପାହାନ୍ତାରେ । ମନେମନେ ଠାକୁରଙ୍କୁ ଡାକି ଚାଲିଥିଲା ସେ । ଏବେ ସତ୍ୟବାନଙ୍କ ଚାରିପଟେ ଡାକ୍ତରଙ୍କ ଭିଡ଼ । ରୋଗୀର ଜୀବନ ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି ସେମାନେ ।

ଠାକୁରଙ୍କ ଆଶୀର୍ବାଦ ଓ ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ସତ୍ୟବାନ କ୍ରମେ ସୁସ୍ଥ ହେବା ଆରମ୍ଭ କରିଛନ୍ତି । ଡାକ୍ତରଙ୍କ ପାଦତଳେ ଲୋଟି ପଡ଼ିଛି ସାବିତ୍ରୀ । ଯାହା ନ ହେବା କଥା ତାହା ହୋଇଛି । ସ୍ୱାମୀ ତାର ଯମ ମୁହଁରୁ ଫେରି ଆସିଛନ୍ତି । ଭଗବାନଙ୍କୁ କୋଟି ପ୍ରଣାମ କରି ସ୍ୱାମୀଙ୍କୁ ବଲବଲ କରି ଅନେଇ ରହିଛି ସେ । ବିଶ୍ୱାସ କରିପାରୁନି, ଭାବୁଛି ଯାହା ଦେଖୁଛି ସତ ତ !

ଭଗବାନଙ୍କର ଅପାର କରୁଣା । ସତ୍ୟବାନ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ସ୍ୱାମୀଙ୍କୁ ଧରି ଘରକୁ ଫେରିଆସିଲାଣି ସାବିତ୍ରୀ । ସାଇ ପଡିଶାଏ ସ୍ତମ୍ଭୀଭୂତ। ଟୁପୁରୁଟାପୁରୁ ହେଉଛନ୍ତି- "ସତ୍ୟବାନଙ୍କୁ ଯମ ବି ନେଇ ପାରିଲାନି । ଏ ସାବିତ୍ରୀ କ'ଣ ସତ ସାବିତ୍ରୀ କି ଆଉ ! ନା ଏ ସତ୍ୟବାନବାବୁ ଜଣକ ସତସତିକା ସତ୍ୟବାନ ।" ସେହି ଦିନଠୁ ପାଖ ପଡୋଶୀରୁ କେହି ସାବିତ୍ରୀକୁ ଦେଖିଲେ କେମିତି ଅଲଗା ଆଖିରେ ଦେଖନ୍ତି, ସତେ କି ଜିଅନ୍ତା ଠାକୁରାଣୀ !

ସମୟ କେତେବେଳେ ଗଡ଼ିଯାଏ, ଜଣାପଡ଼େନା । ପିଲାଦିନ କଥା ଭାବି ବସିଲେ କାଲି ପରି ଲାଗେ । ଏଇ ଦେଖୁ ଦେଖୁ ସତ୍ୟବାନ ଅଶୀ ଛୁଇଁଲେଣି । ଏବେ ଚଳପ୍ରଚଳ କରିବାରେ ବିଶେଷ ଅସୁବିଧା ଅନୁଭବ କରନ୍ତି । ମୁଣ୍ଡ ବୁଲା ରୋଗ ପାଇଁ ପରିସ୍ଥିତି ଆହୁରି ଜଟିଳ । ସାବିତ୍ରୀ ମଧ୍ୟ ବାର୍ଦ୍ଧକ୍ୟ ଜନିତ ଯନ୍ତ୍ରଣାରୁ ମୁକ୍ତ ନୁହେଁ । ତଥାପି ସ୍ୱାମୀଙ୍କର ଯତ୍ନ ନେବାରେ କେବେ ହେଳା କରେନି ସେ । ସମୟ ପାଇଲେ ତାଙ୍କ ଗୋଡ଼ରେ ହାତ ବୁଲାଇ ଆଣେ । ମନା କରି ପାରନ୍ତିନି ସତ୍ୟବାନ । କେବଳ କୃତଜ୍ଞତା ପୂର୍ଣ୍ଣ ନୟନରେ ଅନାଇ ରହନ୍ତି ସ୍ତ୍ରୀଙ୍କୁ । ସାବିତ୍ରୀ ପାଖରେ ନ ଥିଲେ ଦଣ୍ଡେ ଚଳି ପାରନ୍ତିନି ସେ ।

ସତ୍ୟବାନ ବି କେବେ ସାବିତ୍ରୀକୁ ଅଣଦେଖା କରିନାହାନ୍ତି । ନିଜର ଶକ୍ତି ଅନୁସାରେ ତାକୁ ଘର କାମରେ ସାହାଯ୍ୟ କରନ୍ତି । ତା' ଦେହ ଅସୁସ୍ଥ ହେଲେ ତାକୁ ବିଶ୍ରାମ ଦେଇ ନିଜେ କାମରେ ଲାଗିଯାଆନ୍ତି । ଦିନେ ସଂଧ୍ୟାବେଳେ ସ୍ୱାମୀ -ସ୍ତ୍ରୀ ଉଭୟେ ଚା ପାନର ମଜା ଉଠାଉଥାନ୍ତି। ସ୍ୱାମୀଙ୍କୁ ମନେ ପକେଇ ଦେଇ ସାବିତ୍ରୀ କହିଲା- "ଆଉ ଦି' ଦିନ ବାଦେ ସାବିତ୍ରୀ ବ୍ରତ । ସୁବିଧା ଦେଖି ପାଖ ଫଳଦୋକାନରୁ ଆଜି ଫଳ କିଣି ଆଣିଲେ ଭଲ । କାଲିକି ବଜାର ଭିଡ଼ ଧରିବ ।" ସ୍ତ୍ରୀଙ୍କ କଥା ଶୁଣି ମୁହଁର ରଙ୍ଗ କେମିତି ଫିକା ପଡ଼ିଗଲା ସତ୍ୟବାନଙ୍କର । ସ୍ତ୍ରୀଙ୍କ ହାତ ଧରି ପକେଇ କହିଲେ- "ସାବିତ୍ରୀ ବ୍ରତ କରିକରି ମୋତେ କେତେ ଦିନ ଆଉ ବାନ୍ଧି ରଖିବ ସାବିତ୍ରୀ । ମୋର ସେବା କରିକରି ତୁମେ ବି ଅଚଳ ହୋଇଗଲଣି । ଏ ବୟସରେ ମୋର ଅଧିକ ପରମାୟୁର କି ଆବଶ୍ୟକତା ଅଛି ? ତୁମ ଆଗରୁ ମୁଁ ଏ ଦୁନିଆରୁ ଚାଲିଗଲେ ଯାଏ । ବରଂ ଏ ବର୍ଷଠୁ ତୁମେ ସାବିତ୍ରୀ ବ୍ରତ କରିବା ବନ୍ଦ କରିଦିଅ ।"

ଅନ୍ୟ ଦିନ ହୋଇଥିଲେ ସାବିତ୍ରୀ ବିଷମ ମୂର୍ତ୍ତି ଧାରଣ କରିସାରନ୍ତାଣି । ମାତ୍ର ଏବର କଥା ଅଲଗା । ସ୍ୱାମୀ, ସ୍ତ୍ରୀ ଦୁହିଁଙ୍କର ପରିଣତ ବୟସ । ଦୁହେଁ ଦୁହିଁଙ୍କର ଅସୁବିଧା ବୁଝନ୍ତି । ବୃଦ୍ଧାବସ୍ଥାରେ ସାବିତ୍ରୀର କଷ୍ଟକୁ ସହି ପାରନ୍ତିନି ସତ୍ୟବାନ । ଆଉ ଅଧିକ କଷ୍ଟ ଦେଇ ସ୍ତ୍ରୀକୁ ଭାରାକାନ୍ତ କରିବାକୁ ଚାହାନ୍ତିନି ସେ । ସ୍ୱାମୀଙ୍କର ଏ ମନୋଭାବ ସାବିତ୍ରୀକୁ ଭଲଭାବେ ଜଣା । ସ୍ୱାମୀଙ୍କ ହାତ ଉପରେ ହାତ ପକେଇ ଚିପି ଧରିଲା ସେ । ନୟନ ତା'ର ଲୋତକରେ ପୂର୍ଣ୍ଣ । ଥରଥର କଣ୍ଠରେ କହିଲା- "ମୋତେ ଅଭିଶାପ ଦିଅନି । ଗୋଟିଏ ଦିନ ହେଲେ ବି ମୁଁ ସଧବାରେ ମରିବାକୁ ଚାହେଁ । ବଞ୍ଚିଥିବା ଯାଏ ସାବିତ୍ରୀ ବ୍ରତ ମୁଁ ବନ୍ଦ କରିପାରିବିନି।" କଥା ସରିଲା ବେଳକୁ ସତ୍ୟବାନଙ୍କ ଆଖିରେ ଲୁହର ଜୁଆର । ଧାରଧାର ହୋଇ ଲୁହ ବୋହି ଚାଲିଛି । ପଣତ କାନିରେ ସାବିତ୍ରୀ ସ୍ୱାମୀଙ୍କ ଆଖିରୁ ଲୁହ ପୋଛୁପୋଛୁ ନିଜେ କାନ୍ଦି ଚାଲିଛନ୍ତି ।

କିଛି ମୁହୂର୍ତ୍ତର ନିରବତା ପରେ ସତ୍ୟବାନ ଉଠି ଠିଆ ହେଲେ । ହାତରେ ଆଶା ବାଡ଼ି । ଧିର ପଦକ୍ଷେପରେ ରୋଷେଇ ଘରୁ ମୁଣିଟିଏ ଆଣି କହିଲେ- "ସାବିତ୍ରୀ, ଚାଲ ଯିବା, ସାବିତ୍ରୀ ବ୍ରତ ପାଇଁ କିଛି ଫଳମୂଳ କିଣି ଆଣିବା । ଡେରି ହେଲେ ସନ୍ଧ୍ୟା ହେଇଯିବ ପରା । ସାବିତ୍ରୀର ମନରେ ଅଫୁରନ୍ତ ଆନନ୍ଦ, ଓଠରେ ଆତ୍ମତୃପ୍ତିର ହସ । ବାର୍ଦ୍ଧକ୍ୟରେ ବି ଯୌବନର ଉତ୍ସାହ । ସ୍ୱାମୀଙ୍କର ପିଛା ଧରିଲା ସେ । ସାବିତ୍ରୀ ବ୍ରତ ଉଦ୍ଦେଶ୍ୟରେ ଫଳ କିଣିବା ପାଇଁ ବାହାରିଗଲେ 'ସାବିତ୍ରୀ-ସତ୍ୟବାନଙ୍କର ଅନ୍ୟ ଏକ ଯୋଡ଼ି ।'

*ଶୁଭମ ସି- ୧୦୫, ନାକାଗେଟ୍,*
*ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*




# ବରଗଛ

**ଅଶ୍ୱିନୀ କୁମାର ମିଶ୍ର**

ମୋ ଆକ୍ଷିରେ
ତୋ' ଚେହେରା ଦପ୍‌କଲା ବେଳକୁ
ଚିହ୍ନି ସାରିଥିଲି ମୋ ପିଲାଦିନ
ନଈକି ଗଲାବେଳେ
ତୁ ହିଁ ରାସ୍ତା ଦେଖାଉ ତୁଠକୁ
ଜାହିର୍ କରୁ ତୋ ଉପସ୍ଥିତି
ଶୁଣାଇ ତୋ ଦେହରେ ବସାବଂଧା
କୁଂଭାଟୁଆଂକ କାଂଦଣା,
କେଉଁ ଶାଖାରେ ତୋ'ର
ନୀଳ ଟିହା, ଆଉ କେଉଁଠି
ପେରୁ।

ମତେ ଡରାଣର
ପ୍ରଥମ ଅଶରୀରୀ ତୋ ଭିତରୁ
ବାହାରି ଆସୁଥିଲା ରାତିବେଳେ
ଲଗାମ୍ ଦେବାକୁ
ମୋ ଅଝଟ ପଣିଆଁକୁ
ତୁ ସେତେବେଳକୁ
ଡିଟେକ୍‌ଟିଭ୍ ଉପନ୍ୟାସର
ପୃଷ୍ଠାଟିଏ, ଦିନେ ତୋ ଓହଳ ଧରି
ଝୁଲିଲା ବେଳେ, ଲଥିକିନା
ତଳେ ପଡ଼ି, ଋପୁଡ଼ା ଖାଇଥିଲି
ବାପାଙ୍କଠୁ।

ଶୀତଦିନେ...
ମୁଁ ପହିଲା ଚିହ୍ନିଲି କୁହୁଡ଼ିକୁ
ତୋ ଋରିପଟେ, ଚିହ୍ନିଲି ଓଦା ପକ୍ଷରୁ
ପାଣି ଝରୁଥିବା ବତକଂକୁ
ଡଗଡଗ ଉଠି ଆସୁଥାଂତି
ପାଖ ଜଳାଶୟରୁ
ଚିହ୍ନିଲି ତୋ ଉପରକୁ କୁଦା ମାରୁଥିବା
ଗୁଂଡୁଂଚିଂକୁ, ଉଷୁମେଇଲି ଦେହକୁ
ଥଂଡାବେଳେ, ପୁଣି ଖରାଦିନେ
ଆଢ଼େଇ ଦେଲି ମୋ ଦେହରୁ
ଝାଳ, ଡହକ, ପ୍ରଶ୍ୱାସିଲି ମନଭରି,
ଭୋକବେଳେ ଋେବେଇଥିଲି
ତୋ ଫଳ କେଇଟା, ନ ଜାଣି ତା'ରି
ଭଲମଂଦ।

କିଏ ଜାଣିଛି ତୋ ଇତିହାସ
ତୁ କେତେ ଶହ ବର୍ଷର
କିଏ ବୁଝିଛି ତୋ ଭୂଗୋଳ
କେତେ ଗହୀରକୁ ତୋ ଚେର
କେତେ ଦେଖି ଆସିଲୁଣି
ମାଟି, ମଣିଷ, ଆକାଶ
ଆଜିର ମଣିଷ ମୁଁ
ନଥିବି କାଲିକି
ତୁ କିନ୍ତୁ ଘେରାଏ ନ ବୁଲି
ଛିଡ଼ାହୋଇ ଧରିଥିବୁ
ଭବିଷ୍ୟ କାନ୍ଥ ଖୋଲୁଥିବା
ସିଂଧିକାଠିଟିଏ
ଟର୍ଚ୍ଚ ପକେଇ ଦେଖୁଥିବୁ ଫାଙ୍କ ଦେଇ
ମୋ ଭଳି ଅନେକଙ୍କ ଆତଯାତକୁ
ଶତ, ସହସ୍ର ସୂର୍ଯ୍ୟୋଦୟ,
ସୂର୍ଯ୍ୟାସ୍ତଙ୍କୁ।

# ଦାସିଆ

**ଦେବାଶିଷ ଚକ୍ରବର୍ତ୍ତୀ**

ଦାସିଆ କହିଲେ ଆଗେ ସିନା
ସଭିଏଁ ବୁଝୁଥିଲେ ଦାସିଆ ବାଉରୀ
ଏବେ କିନ୍ତୁ ଶ୍ରଦ୍ଧାରେ ତା ସହିତ
ଯୋଡ଼ିଲେଣି ନାମକୁ ତୁମରି।

ଭେକ ଥିଲେ ଭିକ ମିଳେ ବୋଲି
କଥାଟିଏ ରଚି ଆସିଛି କାହିଁ
କେଉଁ କାଳରୁ
ଅଥଚ, କଣ ବା ଥିଲା ତୁମ
ବେଶ ପରିପାଟୀ

ଲାଜ ଢାଙ୍କିବାକୁ ଖଣ୍ଡେ
ପାଞ୍ଚ ହାତିଆ ଗାମୁଛା,
କାନ୍ଧରେ ଗାମୁଛାଟିଏ
ମୁଣ୍ଡରେ ଠେକା, ହାତରେ ବାଡ଼ି
ବାସ୍, ଏହାହିଁ ଥିଲା ପରିଧେୟ ତୁମରି
ତଥାପି କୋରାପୁଟରୁ କେନ୍ଦୁଝର
ପୁରୀରୁ ଟିଟ୍‌ଲାଗଡ଼
ତୁମ ନାମକୁ ହେଉ ନାହାନ୍ତି କି ସୁମୁରି ?

ତୁମ ପଥକୁ ଆଗୁଳି ପାରି ନଥିଲା
ସାଂସାରିକ ବନ୍ଧନର ଡୋର
କାରଣ ସାରା ଓଡ଼ିଶା
ମନେ ହୋଇ ନଥିଲାକି ତୁମ ପରିବାର ?
ସୁନାମଧନ୍ୟ କବିର ଗ୍ରନ୍ଥାବଳୀ ହେଉକି
ଅନାମଧେୟ କାହାରି ଚଟିବହି
କେବେତ କାହିଁ  କୁଣ୍ଠା କରିନ
କୈବଲ୍ୟ କଣିକା ମଣି
ନେବାକୁ ହାତ ପତାଇ ।

ଫୁଲରୁ ଫୁଲକୁ ଉଡ଼ି
ବିନ୍ଦୁ ବିନ୍ଦୁ ସଞ୍ଚୟ କରି
ପରପାଇଁ ମହୁମାଛି ଯେପରି
ଗଢ଼ିଥାଏ ମହୁଫେଣା
ସେହିପରି ଟୁକୁରା କାଗଜରୁ ବି
ତୁମେ ସାଇତି ରଖି ନଥିଲ କି
ଜ୍ଞାନକଣା ?
ଯେପରି କି ଆମପରି ବିଷୟୀ ମଣିଷ
ହେବେ ନାହିଁ ବାଟବଣା ।

କେଉଁଠୁ ଏତେ ତାକତ୍ ପାଉଥିଲ ସତରେ
ଯଦି କାହା ଲେଖାଟିଏ
ପଡୁଥିଲା ତୁମର ଆଖିରେ
ତାକୁ ଅକପଟ ପ୍ରେରଣା
ଦେଇ ନଥିଲ କି
ଚିଠି ଲେଖି ଥରିଲା ହାତରେ ?
ଯଦିଓ ବେଳେବେଳେ ପଢ଼ିହେଉ ନଥିଲା
ତୁମ
କରଣୀ ଅକ୍ଷର
ତଥାପି ତହିଁରେ ଛିଞ୍ଚାହୋଇ ନଥିଲା କି
ଆପଣାପଣର ଅତର ?

ମରଣର ହାନ୍ଦୋଳାରେ ବସି
କିଏ ଯାଇନାହିଁ ଆରପାରି
ତୁମେ ବି ନଥିଲ ବ୍ୟତିକ୍ରମ ଏହାରି
ହେଲେ, ଯେତେଦିନ ଯାଏ
ଝାଉଁଳି ନଥିବ ଅନୁସନ୍ଧିତ୍ସୁ ମନ
ତୁମକୁ କେହି ହୋଇପାରିବ କି ବିସ୍ମରଣ ?

*ମଣ୍ଡୁଆ, କେନ୍ଦୁଝରଗଡ଼, ପିନ୍-୭୫୮୦୧୪*
*ଦୂରଭାଷ: ୯୪୩୭୭୫୨୩୯୫*

# କାହାକୁ ବିଶ୍ୱାସ କରିବ କୁହ

**କ୍ଷମାନିଧି ଭୋଇ**

ଜମା ବିଶ୍ୱାସ ନାହିଁ ପାଣି ଫୋଟକାର କ୍ଷଣିକ ଅସ୍ତିତ୍ୱ ପରି
ନିଜ ନାକ ପୋଡ଼ାରେ ଯାତାୟାତ ନିଃଶ୍ୱାସ ପ୍ରଶ୍ୱାସ ଟିକକକୁ ।

କିଏ ଜାଣେ କେତେବେଳେ ହଠାତ୍ ବନ୍ଦ ହୋଇଯିବ ସିଏ
ବେଳ ଅବେଳରେ ଧୋକାଦେଇ
ଠିକ୍ ସେତିକିବେଳେ
କାହାକୁ ଅବା କିଏ କରିବ ବିଶ୍ୱାସ ଓ ଭରସା ।

କ୍ଷଣିକ ଆବେଗ ଏଠି କ୍ଷଣିକ ମୁହୂର୍ତ୍ତ
ମଣିଷକୁ କରିଦିଏ ବ୍ୟସ୍ତବିବ୍ରତ
ତା' ଭିତରେ ଅସରନ୍ତି ସ୍ୱପ୍ନ ଦେଖୁଥାଏ ମଣିଷ
ଏ ବିରାଟ ଦୁନିଆର ସବୁ କିଛି କରିବାକୁ ଆପଣା କରାୟତ୍ତ ।

ବେଳେବେଳେ ସଫଳତାର ରାସ୍ତାରେ
ଉଭା ହୁଅନ୍ତି ବିରାଟ ବିରାଟ ପ୍ରଶ୍ନବାଚୀ
ଉପହାସ ପ୍ରଦର୍ଶନ ପୂର୍ବକ ମଣିଷର ଅବାସ୍ତବ କରାମତି
ଯେହେତୁ, ସଫଳତା ହାସଲ ପାଇଁ କଷ୍ଟର ଆବଶ୍ୟକତା ଅଛି ।

ଯଶ କୀର୍ତ୍ତି ଗର୍ବ ଗୌରବ ମଣିଷକୁ ନେଇଯାଏ ଶିଖର ପ୍ରଦେଶ
ପ୍ରଦାନ ପୂର୍ବକ ଯେତେସବୁ ଐହିକ ସୁଖ ଶାନ୍ତି ଆନନ୍ଦ
ତେବେ ଏଠି କିମ୍ବା ତୁଚ୍ଛ ରାଗ ରୁଷା ଘୃଣା ଅହଙ୍କାରର ଅଛି
ଆବଶ୍ୟକତା ।

ଏ ପରା ଅମୃତମୟ ଅମୃତ ଦୁନିଆ
ଈଶ୍ୱରଙ୍କ ସୃଷ୍ଟିରେ ଏ ମଣିଷ ସର୍ବଶ୍ରେଷ୍ଠ ଅମୃତ ସନ୍ତାନ
ତା' ପାଖରେ ସନ୍ନିହିତ ଅମାପ ବୁଦ୍ଧି ଜ୍ଞାନ ଚିନ୍ତା ଓ ଚେତନ୍ୟ
ଭଲ ମନ୍ଦ ଅବା ପାପ ପୁଣ୍ୟର ସିଏ କରିପାରେ ବିଚାର ।

ଈଶ୍ୱର ସନ୍ତାନ ହୋଇ କୁକାର୍ଯ୍ୟରେ କିଆଁ ଦେବା ମନ ?
ଆମେ କ'ଣ ଏତେ ଅପାରଗ ? ଏତେ ନିମ୍ନସ୍ତର ଲୋକ ?
ଟିକିଏ ସ୍ୱାର୍ଥ ହାସଲ ଲାଗି
କ'ଣ ଆମେ ଜାଣିଜାଣି କାଟିଦେବା ଆଉ କାହା ବେକ ?

ତା' ହେଲେ କ'ଣ
ପଶୁ ଆଉ ମଣିଷ ମଧ୍ୟେ କିଛି ନାହିଁ ପାତର ଅନ୍ତର
ପାପ ପୁଣ୍ୟ ଭିତରେ କିଛି ବି ନାହିଁ ପାର୍ଥକ୍ୟ;
କିନ୍ତୁ ଏହା ନିରାଟ ସତ୍ୟ
ସେଇ ଅଦୃଶ୍ୟ ଶକ୍ତି କରନ୍ତି ସବୁ କିଛିର ସଠିକ୍ ବିଚାର ।

ହେ ମଣିଷ ! ସଦା ପ୍ରସ୍ତୁତ ରୁହ କରିବାକୁ ପ୍ରାୟଶ୍ଚିତ
ପଶୁବତ୍ ସମ୍ପାଦିତ ଆପଣା କୁକର୍ମର
ଭଦ୍ରମୁଖା ତଳେ ଲୁଚି ଲୁଟପାଟ କରିଥିବା ରାଜକୋଷର
ଅବା, ମଣିଷ ହୋଇ ବି କରିଥିବା ଯେତେ ଅମାନବୀୟ କାର୍ଯ୍ୟର ।

ଏଠି ଆଖିବୁଜି କାହାକୁ ବିଶ୍ୱାସ କରିବା ବି ମୁସ୍କିଲ
କାହିଁକି ନା, ଏଠି ତ ଘର ଡିଙ୍ଗି କୁମ୍ଭୀରମାନଙ୍କ ନାହିଁ ଅଭାବ
ଆଉ ବିଭୀଷଣମାନେ ବି ସାଜିପାରନ୍ତି ବିଶ୍ୱାସଘାତକ
ଏଠି ସବୁକିଛି ଅନିର୍ଦ୍ଦିଷ୍ଟ ଓ ସଂଖ୍ୟାଧିକ ଘଟଣାବଳୀ ଅସମାହିତ ।

ତଥାପି, କେ' ଦେଉ ପଛକେ ବିଶ୍ୱାସରେ ବିଷ
ଏଠି ତ ନିହାତି ଭାବେ ଆଗକୁ ଆଗକୁ ଅଗ୍ରସର ହେବା କଥା ସତ୍ୟ
ଜୀବନର ପଶାଖେଳରେ ସହଜେ କିଛି ଜଣା ପଡ଼େନି
ଶକୁନି ମାମୁଁମାନଙ୍କ ଲୁକ୍କାୟିତ ଅସଲ କୁଟୀଳ ଉଦ୍ଦେଶ୍ୟ ।

*ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାକଟିଦେଉଳ,*
*ଜି.- ସମ୍ବଲପୁର, ଓଡ଼ିଶା*
*ପିନ୍-୭୬୮୧୧୮*
*ଦୂରଭାଷ: ୯୪୩୮୨୯୨୯୩୩*

# ତୁମ ଗାଁ : ଆମ ଗାଁ

**ରମେଶ ଚନ୍ଦ୍ର ସାହୁ**

ତୁମ ଯୋଗୁଁ ତୁମ ଗାଁ ଭଲଲାଗେ
ଭଲଲାଗେ ତୁମ ଗାଁ
ଫୁଲ ଫଳ ବର୍ଷା ନଦୀଜଳ
ଅନାବନା ପକ୍ଷୀଙ୍କ କଲ୍ଲୋଳ
ସୂର୍ଯ୍ୟାସ୍ନାତ କଅଁଳ ସକାଳ
ପବନରେ ନାଚି ନାଚି ଆସୁଥିବା ମୋ ଗାଁ'କୁ
ତୁମ ଦେହ ରଙ୍ଗ ଓ ତରଙ୍ଗ
ଅଭିଆଡ଼ୀ ବାସ୍ନାର ହିଲ୍ଲୋଳ ।
ତୁମ ମୁହଁ ଶୁଖିଗଲେ ଜହ୍ନ ଆଲୁଅରେ
କାହିଁକି କେଜାଣି
ଶୁଖିଯାଏ ଆମ ଗାଁ ସବୁଜାଭ ହସ ।
ପକ୍ଷୀମାନେ ଭୁଲିଯା'ନ୍ତି ଗୀତ ଗାଇବାକୁ
ମୁଁ ବି ଭୁଲେ ସାଙ୍ଗ ସହ ହସ ପରିହାସ ।
ତୁମେ ଫୁଲ ନ ତୋଳିଲେ ହସ ବୋଲି
ଆମ ଗାଁ ଦିଅଁମାନେ ଦିଶନ୍ତି ବିମର୍ଷ
ଏକା ଏକା ପବନ ବି ମନମାରି ବସିଥାଏ
ମ୍ଳାନ ଦିଶେ କୃଷ୍ଣଚୂଡ଼ା, ଗାଁ ତୋଟାମାଳ
ଖୋଜିବାକୁ ତୁମ ମନ ଗହିରର
ସଂଗୋପନ ବ୍ୟଥାର ପାଖୁଡ଼ା
ମୋତେ ବି ବେଖାପ ଲାଗେ
ସୁଠାମ ସୂର୍ଯ୍ୟାସ୍ତ ନଈର ଦୁକୂଳ ।
ତୁମ ଗାଁ ହୁଳ ହୁଳିରେ
ହସିଥାନ୍ତି ତୋରା ଗୋରା ଆମ ଗାଁ ବାସେଳି
ତୁମ ଓଠେ ଭାଲୁକୁଣି ଓଷା ଗୀତ ମିଠା ଲାଗେ
ଭଲଲାଗେ କୁଆଁର ପୁନେଇଁ ଚାନ୍ଦ
ଶ୍ରେୟ ଲାଗେ, ଯେତେ ସବୁ ବ୍ରତ ଓ ଉପାସ
ମାଇକ୍‌ର କାନ ଫଟା ରଡ଼ି ।
ତୁମେ ଯେବେ ଯିବ ଶାଶୁଘର
ମାଡ଼ିବିନି ତୁମ ଗାଁ ମାଟି
ହଜିଯିବି କଟକର ଡେପନ ଗଳିରେ
ମୋ ଛାତିରେ ଜଳୁଥିବା ତୁମ ହସ ଦୀପ ହୋଇ
ଏକାନ୍ତରେ ଲୁହ ସହ ତୁମ ସ୍ମୃତି ଚାଖୁଥିବି
ବାଲୁତ ପୁଲକ, ଜୀବ ଥିବା ଯାଏ
ଦୁର୍ଭାଗ୍ୟର ଛାତି ପିଟି ପିଟି ।

*ଅବସରପ୍ରାପ୍ତ ପ୍ରାଧ୍ୟାପକ,*
*ସା./ପୋ. - ରାସୋଳ-୨୧,*
*ଜି.- ଢେଙ୍କାନାଳ*
*ଦୂରଭାଷ: ୯୪୩୮୪୧୮୪୯୨*

# ସିଏ ପରା ଆମ ବାପା

**ରାମ ଚନ୍ଦ୍ର ପ୍ରଧାନ**

ଆଖିରେ ଯିଏ ମାପିପାରେ ଆକାଶ
ମୁଣ୍ଡରେ ଯିଏ ବୋହିପାରେ ପୃଥିବୀ
ସନ୍ତାନର ଚିନ୍ତା ଯା'' ଶିର ଶିରପା

ସିଏ ପରା ଆମ ବାପା ।

ଅନ୍ଧାରେ ସିଏ ଢାଳିପାରେ ସାହସ
ସନ୍ତାନର ଜପ ଯା' ପାଇଁ ଅଜପା
ସିଏ ପରା ଆମ ବାପା ।

ଖରାରେ ଯିଏ ଦେଇପାରେ ଛାଇ
ବର୍ଷାରେ ଯିଏ ହୋଇପାରେ ଛତା
ସନ୍ତାନର ଅଳି ଯା' ହୃଦେ ଅଲିପା
ସିଏ ପରା ଆମ ବାପା ।

ବିନା ଥକ୍କାରେ ଯିଏ ଚାଲିପାରେ ବାଟ
ସମୟ ଆଗରୁ ଯିଏ କାଢ଼ିପାରେ ପାଦ
ସନ୍ତାନର ରକ୍ଷା ଯା' ଶକ୍ତ ଖୋଳପା
ସିଏ ପରା ଆମ ବାପା ।

ଛାତିରେ ଯିଏ ଚାପିପାରେ କୋହ
ଦୁଃଖରେ ଯିଏ ବାଣ୍ଟିପାରେ ହସ
ସନ୍ତାନର ମନ ଯା' ପାଶେ ଅଛପା
ସିଏ ପରା ଆମ ବାପା ।

*ଗ୍ରାମ- ସାନ୍ତରାପଲ୍ଲୀ, ପୋଷ୍ଟ- କନିଆରୀ,*
*ଭାୟା- ନୁଆ ଗାଁ, ଥାନା- କବିସୂର୍ଯ୍ୟ ନଗର, ଜିଲ୍ଲା- ଗଞ୍ଜାମ*
*ପିନ୍- ୭୬୧୧୧୧*
*ଦୂରଭାଷ: ୯୮୬୧୬୩୮୭୩୬*

# ପ୍ରେମ-ବିବାହ

**ଦିଲ୍ଲୀପ ଶତପଥୀ**

ବାଘଟା ସାହସୀ କହିଦେଲା ହସି
ବାଘୁଣୀକୁ ଡରେ ନାହିଁ,
ମନ ଭରି ସିଏ ପ୍ରେମ ରସ ପିଏ
ବିବାହ ସେ କରେ ନାହିଁ ।

ଫୁଲେଇ କି ଛାତି ପେଣ୍ଟରେ ମୁତି
କହେ ମୁଁ ହୋଇଛି ବାହା,
ଘରଣୀକୁ ଡରେ କୁହେନି ବାହାରେ
ପ୍ରେମ ଟା କରିନି ଯାହା ।

ପ୍ରେମରେ ପଡ଼ିଲେ ଶତ ସିଂହ ବଳ
କେଉଁଠୁ ଆସଇ ମାଡ଼ି,
ବିବାହ ବେଦିରେ ହାତ ଗଣ୍ଠି ପରେ
ସେହି ବଳ ଯାଏ ଉଡ଼ି ।

ପ୍ରେମ ଯିଏ କରେ କହିବାକୁ ଡରେ
ଲୁଚେଇ ନିଏ ସେ ମଜା,
ଚୋରା ପୀରତି ଟା ଧରା ପଡ଼ିଗଲେ
କାନ ମୂଳେ ବାଜେ ବାଜା ।

ପ୍ରେମ ଲଢ଼େଇରେ ଜିତିଗଲେ ଥରେ
ଶାସ୍ତି ତାର ହସ୍ତଗଣ୍ଠି,
ବିବାହ ଜାଲରେ ହୁଏ କଲବଲ
ସୁକିଲା କାଶକୁ ଶୁଣ୍ଠୀ ।

ମାଇପ ହାତରେ ପଘା ଟା ବେକରେ
ନା ବସି ପାରେ ନା ଖସି,
ଘରଣୀ ପାଖରେ ଚାରିଣି ପରିକା
ବୁଲୁଥାଏ ମିଛେ ହସି ।

ବିବାହ ବନ୍ଧନ ଶକ୍ତି କରେ କ୍ଷୀଣ
ପାଖେ ଥିଲେ ଅର୍ଦ୍ଧାଙ୍ଗିନୀ,
ହୁଅ ଧନୁର୍ଧର ଅବା ମଲ୍ଲବୀର
ମୃଦଙ୍ଗ ପାଖରେ ଗିନି ।

ମହାପ୍ରଭୁ ନିଜେ ସିଂହାସନେ ବିଜେ
ସାଥିରେ ଭଉଣୀ ଭାଇ,
ଭାରିଜାକୁ ଛାଡ଼ି ପ୍ରେମ ପଥେ ମାଡ଼ି
ବୋଲାଏ ଜଗତ ସାଇଁ ।

*ପୋଷ୍ଟ ମାଷ୍ଟର ଏ ଜି ପୋଷ୍ଟ ଅଫିସ୍*
*ଭୁବନେଶ୍ୱର ୭୫୧୦୦୧*
*ଦୂରଭାଷ: ୯୪୩୭୧୭୫୭୬୪*

# ଆଉ ବା କେତେ ଦିନ !

**ଜ୍ୟୋତି ପ୍ରକାଶ କର**

କ'ଣ ବା ଆଉ ହେଇଥାନ୍ତା
ଈଶ୍ୱର ମୁହଁ ବୁଲେଇ ନେଲା ପରେ
ଇପ୍‌ସିତମାନେ ବିପରୀତ ମୁଖୀ ହେଲେ
କାଳ ସହ ତାଳ ଦେଇ
ଅଚିହ୍ନା ଆଲୋଡ଼ା ହେଇଗଲା
ଚିହ୍ନାଜଣା ମଣିଷଟା ।
ନିରନ୍ତର ନୀରବରେ ବସି

ମାପିବାକୁ ପଡ଼େ
ଅପରାହ୍ନର ଅସରନ୍ତି ଆୟୁଷ୍କାଳକୁ
ମୁହୂର୍ତ୍ତମାନଙ୍କର ଟିକ୍ ଟିକ୍ ସ୍ୱରରେ,
ତଥାପି ଆହ୍ଲାର ଅପେକ୍ଷାରେ
ଜୀବନଯାତ୍ରା ବାହିନେବା ପାଇଁ
ଅସ୍ତମିତ ଅସହାୟ ନାଆ ଖଣ୍ଡିକରେ।
ଆଉ ବା କେତେ ଦିନ !
ହାତ ଘଡ଼ି ସୀମିତ କରିଦଉଚି
ସମୟର ପରିବ୍ୟାପ୍ତିକୁ,
ଆକାଶର ଆକର୍ଷଣରେ
ଆକାଶ ମୁହାଁ ଆତ୍ମଜମାନେ
ମୁହଁ ଫେରେଇ ନେଲେଣି
ମାଟିର ମୋହରୁ
ଅଣାୟତ ମୁଁ ଓ ମୋ ଜୀବନ
ମାଟି ମନସ୍କର ମାୟାରେ।
ଜୀବନ ଜୀଇଚି ଜାବୁଡ଼ି ଧରି
ଶରାହତ ଶରୀରଟିକୁ
କେଉଁ ଉତ୍ତରାୟଣର ଅପେକ୍ଷାରେ,
ଏକା ଏକା ନିଇତି ହଜୁଚି ଖୋଜୁଚି
ପାଉଚି କି ନିଜ ନିର୍ଜନତା ଭିତରୁ
ପୂର୍ଣ୍ଣତା ଓ ଶୂନ୍ୟତାର ଛାଇଆଲୁଅରୁ।
ଏବେ ତ ଅନେକ
ଅନାଦୃତ ଅନାବନା ଭାବନାମାନେ
ଓଜାଡ଼ି ହେଇପଡ଼ି ଦେହଟାକୁ
ଓଜନିଆ କରିଦେଲେଣି,
ତଥାପି ତ ବୋହିବାକୁ ହେବ
ବେତାଳର ବୋଝ
ଅବଶ ଦେହରେ ଅପ୍ରମିତ ଦୁଃଖ ଧରି
ଅବନତ ହେଇ ଅବନୀରେ
ଅନାଗତ ଅନାହ୍ୱତର ଆଶଙ୍କାରେ।

*ପ୍ଲଟ ନଂ- ୪୯/ସି, ଶକ୍ତି ନଗର,*
*ଲିଙ୍କ୍ ରୋଡ଼, ଅରୁଣୋଦୟ ମାର୍କେଟ୍,*
*କଟକ-୭୫୩୦୧୨*
*ଦୂରଭାଷ: ୯୪୩୮୫୩୨୪୫୭*

# ବସୁଧା

**ଡକ୍ଟର ରାମଚନ୍ଦ୍ର ପଲାଇ**

ସକାଳ ହେଲେ ମୋ ଛାତରେ ବସନ୍ତି
ଦଳ ଦଳ ପକ୍ଷୀ
ସେମାନେ ଉଡ଼ିଯାନ୍ତି ଏ ଛାତରୁ ସେ ଛାତ
ଏ ଗାଆଁରୁ ସେ ଗାଆଁ, ଏ ଦେଶରୁ ସେ ଦେଶ
ତାଙ୍କୁ ତ ଜଣା ନ ଥାଏ
କେଉଁଠି ଭାରତ, କେଉଁଠି ପାକିସ୍ତାନ
କେଉଁଠି ବର୍ମା, କେଉଁଠି ବାଂଲାଦେଶ
ଯେଉଁଠି ଆହାର, ଯେଉଁଠି ବାସ
ସେଇଠି ଥାଏ ସେମାନଙ୍କ ଦେଶ।

ମାଟିରୁ ଉର୍ଦ୍ଧ୍ୱକୁ ଗଲେ, କେମିତି
ଗାର ଟାଣିହେବ ଆକାଶରେ
କେମିତି ବାଡ଼ ବସେଇବେ ପବନରେ
କେମିତି କଳହ କରିହେବ ପାଦ ରଖିବା ପାଇଁ
ମାଟି ନ ଥିବା ସ୍ଥାନରେ ?

ଉପରେ ଘନୀଭୂତ ମେଘକୁ
ଜଣା ନ ଥାଏ ଭେଦ ଦେଶ ଦେଶ ମଧ୍ୟରେ
ସ୍ୱତଃ ଭାସିଥାଏ ସେ ପଡ଼ିଆ ଉପରେ
ପାହାଡ଼ ଉପରେ, ନଦୀ ଉପରେ, ସାଗର ଉପରେ।
କେବେ କେବେ ଇନ୍ଦ୍ରଧନୁଟିଏ ଯୋଡ଼ିଦିଏ
ଏ ଦେଶକୁ ସେ ଦେଶରେ !

ଏଇମିତି ସବୁଦିନ ଆତଯାତ ହୁଅନ୍ତି
ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଓ ନିହାରିକା
ଆମେ ଗଢ଼ିଥିବା ଦେଶ
ଓ ମହାଦେଶ ଉପରେ
ସମାନ ରୂପରେ, ଅଲଗା ଭାଷାରେ।

ବାଡ଼ ଏପାଖ ଫୁଲର ବାସ
ଚହଟିଯାଏ ଆର ଦେଶକୁ ପବନରେ
ସେପାଖ ଚଢ଼େଇର ଗୀତ ଭାସିଆସେ
ଏପାଖକୁ ସକାଳେ ବା ସାୟାହ୍ନରେ।
ଆକାଶରେ ସବୁ ସୀମାରେଖା
କେଉଁଠି ବିଲୀନ ହେଇଯାଏ !

ବସୁଧାକୁ ପରିବାର ମନେ କଲେ
ଉପରକୁ ଉଠିବାକୁ ହୁଏ
ଅଣଦେଖା କରି ସବୁ ରଙ୍ଗ, ସବୁ ଢଙ୍ଗ

ଚଳଣି ଓ ଭେଦ।
ହାଲୁକା ହେଇ ଉଡ଼ିବାକୁ ହୁଏ
ଆକାଶରେ, ପକ୍ଷୀଟିଏ ପରି
ଅତିକ୍ରମ କରି ବିଭେଦର ସବୁ ସୀମା,
ସବୁ ସରହଦ।

*ଭାରତ ଭିଲ୍ଲା, ରୁଦ୍ରପୁର, ନହରକଣ୍ଟା, ଭୁବନେଶ୍ୱର-୭୫୨୧୦୧*
*ଦୂରଭାଷ: ୭୯୭୮୮୯୮୪୫୬*

# ଫଗୁଣର ଶୋଭା

**ଶ୍ରୀମତୀ ସୁଷମା ଲେଙ୍କା**

ଫଗୁଣର ଶୋଭା ଦିଶେ ଅନୁପମା
ମଳୟର ଚୋରା ପ୍ରୀତି
ଜୋଛନା ପଖଳା ପୁନେଇଁ ଜହ୍ନରୁ
ଝରୁଥାଏ ପ୍ରେମଗୀତି ॥

ମଧୁଝରା ଲାଗେ ଫୁଲେଇ ଫଗୁଣ
ଭରିଦିଏ ମନେ ଖୁସି
ବିଭାବରୀ ପରି ଅନୁରାଗ ଭରେ
ସପନରେ ଲୁଚି ଆସି
ଫୁଲର ସୁବାସେ ମହକଇ ଧରା
କୋଇଲିର କୁହୁ ଗୀତି
ଫଗୁଣର ଶୋଭା ଦିଶେ ଅନୁପମା
ମଳୟର ଚୋରା ପ୍ରୀତି ॥

ଚଇତି ରାତିରେ ବଉଳର ବାସେ
ବସୁଧା ମହକି ଉଠେ
ପ୍ରୀତିର ପସରା ଘେନି ଋତୁରାଜ
ଆସେ ମଳୟର ସାଥେ
ପ୍ରେମମୟ ହୁଏ ଏସାରା ଜଗତ
ଗାଇ ମିଳନର ଗୀତି
ଫଗୁଣର ଶୋଭା ଦିଶେ ଅନୁପମା
ମଳୟର ଚୋରା ପ୍ରୀତି ॥

ଫୁଲେଇ ଫଗୁଣ ନାଚି ନାଚି ଆସେ
ନେଇ ଓଠେ ମିଠା ହସ
ଗଭାରେ ଗଜରା ଯୁଇ ଜାଇ ହେନା
ଚହଟାଇ ଚମ୍ପା ବାସ
ଅଳସି ତନୁରେ ଚଇତି ଛୁଆଁରେ
ସପନରେ ଭିଜେ ରାତି
ଫଗୁଣର ଶୋଭା ଦିଶେ ଅନୁପମା
ମଳୟର ଚୋରା ପ୍ରୀତି ॥

*ଖଣ୍ଡଗିରି ବିହାର, କୋଳଥିଆ, ଭୁବନେଶ୍ୱର-୧୯*

# ଛବି ଛୋଟରାଏ

**ଅଜୟ ପ୍ରଧାନ**

ମୋତେ ସବୁ ଲାଗୁଚି ଛବିଛବି
ସବୁ ବାସୁଚି ଛବିଛବି
ସବୁ ଦିଶୁଚି ଛବିଛବି !

ଆଜି ଏ ପବନ ଯାଏ ବାଇପାସ୍ ଦେଇ
କେତେ ଆଶା କେତେ ଭୋକ କେତେ ଟୁକୁରା କାଗଜ
ନେଇ
କାଠଯୋଡ଼ି ଡେଇଁ
କାଲି ଏ ପବନ ନଥିଲା ଗଂଗା କୂଳେ କୂଳେ
ବିଦ୍ୟାସାଗର କି ରବୀନ୍ଦ୍ର ସେତୁ ତଳେ
ଛବି ଛୋଟରାଏ ଫେରିବା ବାଟରେ
କିଛିଟା ଗହଳି ଥିଲା କିଛି ଥିଲା ଖରା
କିଛି ଥିଲା ଧୂଳି କିଛିଟା ଆର୍ଦ୍ରତା
ଯଦିଓ ବେଶ୍ ଫୁର୍ତ୍ତିଥିଲା ମନ ମୋର ବାରମଜା ଖାଇ
ଦେଖୁଥିଲା ଛବିପାଦ
ଯିଏ ଯାଉଥିଲା ହାୱାଇ ଚପଲ୍ ନାଇ
ବେଶ୍ ସଂତର୍ପଣେ କାଦୁଅ ଓ ଭଂଗା କାଚ ଡେଇଁ !
ଛତାଟାଏ ଧରି ବି ମୁଁ ଭୁଲିଯାଏ ଖୋଲିବାକୁ
କେମିତି କେଜାଣି ମୋ ଖୋଇ !
ବର୍ଷା ହଉ ବା ଘୋର୍ ଖରା
ଛବି ଛଡ଼ା ଆଉ କିଛି ମୋତେ ଲାଗେନାଇଁ ! !

ଛବି କେବେ ଚାଲିଯାଏ କୋଉ ଅଜଣା ଦ୍ୱୀପ
ଛୁଟି କି କାଟିବାକୁ
ରହିଯାଏ ବେଶ୍ କିଛିଦିନ
ଆଖପାଖ ବୁଲି ଆସିବାକୁ
ମୁଁ ମୁହୂର୍ତ୍ତେ ନ ରହିପାରି ଭାବିପକାଏ
କୁଆଡ଼େ ଗଲେ ମୋର ଛୋଟରାଏ ?
ମୋତେ ଛାଡ଼ି ସେ କି ରହିପାରେ !
ଭାବିଭାବି ରକ୍ତରେ ଶର୍କରା ମୋ ବଢ଼ିବଢ଼ି ଯାଏ।

କେବେ ଯାଏ କେବେ ଆସେ ରାତିଅଧେ ବା ସକାଳେ
କେବେ ଖାଏ କେବେ ନାଇଁ
କିଛିର ଠିକଣା ନାଇଁ
ଆଜି ସେ ନେପାଳ ତ କାଲି ବାଲି
ବିଲକୁଲ୍ ବେଫିକର୍
କିଛି ନାଇଁ ଆଜିକାଲି !
ହାଏ !
ସମୟର ପାଦନାଇଁ ଆଖିନାଇଁ ହାତନାଇଁ
ବହୁତଆଗରୁ ଜାଣିଚି ଛବି ଛୋଟରାଏ !

ମୁଁ ତଥାପି କଣ ଭାବୁଚି ଏ ସମୟେ ?

ମୋ ହାଲତ୍ ଦେଖି ହସୁଚି କି ଏଇଠି କୋଉଠି
ଛବି ଛୋଟରାଏ ? ?

*ଦଇତାପତି ସାହି, ପୁରୀ-୧*
*ଦୂରଭାଷ: ୭୯୭୮୮୫୮୦୯୧*

# ରାସ୍ତା

**ଶିବ ଶଙ୍କର ଦାସ**

ହଁ...,
ତୁମେ ବୋଧହୁଏ ଜାଣିନ... !
ମୁଁ ଆଗଭଳି ଆଉ ଦୌଡ଼ି ପାରୁନି
ଏ ପରିଚିତ ରାସ୍ତାରେ...,
ଅବଶ୍ୟ
ମୁଁ କେବେ ଚେଷ୍ଟା କରିନି
କାହାକୁ ହରାଇବା ପାଇଁ
ଏ ରାସ୍ତାର
କେଉଁ ଏକ ଅପରିଚିତ କୋଣରେ... ।

ସତରେ...
ଏବେ,
ଏ ରାସ୍ତାଟା ପାଲଟିଗଲାଣି
ମୋ ପାଇଁ ଗୋଟେ ବୋଝ,
ଏ ରାସ୍ତାରେ ଦୌଡ଼ି ଦୌଡ଼ି
ମୋ ପାଦ ଯୋଡ଼ିକ
ଏବେ, ଖୁବ୍ କ୍ଷତାକ୍ତ ଓ ରକ୍ତାକ୍ତ...,
କିଏ ବା କହିପାରିବ
କେଉଁଦିନ, କେଉଁ ଏକ ଅଜଣା
ମୋଡ଼ରେ ସରିବ ଏ ରାସ୍ତା... ?

ଦିନଥିଲା-
ଏ ରାସ୍ତାଟା ଲାଗୁଥିଲା
ଖୁବ୍ କୋମଳ ଓ ସୁନ୍ଦର,
କଣ୍ଟାମାନଙ୍କର ଦେଖା ନଥିଲା,
ରାତି ପାହିଲେ
ବଉଳ ଫୁଲରେ ଲଦି ହୋଇଯାଉଥିଲା
ଏ ରାସ୍ତାର ଛାତି,
ଆଉ ମୁଁ... ? ?
ମୁଁ ଖୁବ୍ ଦୌଡୁଥିଲି
ଏ ନରମ କୋମଳ ରାସ୍ତାରେ
ବୋଧହୁଏ ଖଣ୍ଡେ ଆକାଶକୁ
ମୋ ପାପୁଲିରେ ଧରିବା ନିଶାରେ... ।

କିନ୍ତୁ
କିଏ ଜାଣିଥିଲା
ତୁମେ ଦିନେ ଏମିତି ଅଚାନକ୍
ହଜିଯିବ ସବୁଦିନ ପାଇଁ
ଏ ରାସ୍ତାର ମେଞ୍ଚାଏ କୁହୁଡ଼ି ଭିତରେ,
ଗୋଟେ ଶୀତୁଆ ସକାଳରେ... ! !
ପୁଣି,
ତୁମେ ଗଲାପରେ
ଏ ରାସ୍ତାଟା ପାଲଟିଯିବ
ମୋ ପାଇଁ ଏତେ ଅଭିଶପ୍ତ...,
ଏତେ କଣ୍ଟକିତ... ।

ତଥାପି, ମୁଁ ହାରିଯାଇନି
ଏବେ ବି, ଦୌଡୁଛି ରାସ୍ତାରେ
ଏ କ୍ଷତାକ୍ତ ରକ୍ତାକ୍ତ ପାଦରେ,
ବୋଧହୁଏ
ଏମିତି ଦୌଡୁଥିବି
ସୂର୍ଯ୍ୟ ବୁଡ଼ିବା ଯାଏଁ
ପଶ୍ଚିମ ଆକାଶରେ... ।
ପୁଣି,
ତୁମେ ଗଲାପରେ
ଏ ରାସ୍ତାଟା ପାଲଟିଯିବ
ମୋ ପାଇଁ ଏତେ ଅଭିଶପ୍ତ...,
ଏତେ କଣ୍ଟକିତ... ।

ତଥାପି, ମୁଁ ହାରିଯାଇନି
ଏବେ ବି, ଦୌଡୁଛି ରାସ୍ତାରେ

ଏ କ୍ଷତାକ୍ତ ରକ୍ତାକ୍ତ ପାଦରେ
ବୋଧହୁଏ
ଏମିତି ଦୌଡୁଥିବି
ସୂର୍ଯ୍ୟ ବୁଡ଼ିବା ଯାଏଁ
ପଶ୍ଚିମ ଆକାଶରେ...।

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଢେଙ୍କାନାଳ-୨୦,*
*ଦୂରଭାଷ: ୯୯୩୮୦୪୬୪୪୬*

# ନିର୍ଜନତା

**ବିଷ୍ଣୁ ଦଳାଇ**

ଗୋଟେ ନିଆରା କବିପଣର କଥିକା
ସଂଗୁପ୍ତ ଇଚ୍ଛାର ସରଂଚନା
କିଚିର ମିଚିର ଶବ୍ଦମାନଙ୍କ ସହିତ
ଛାଇପରି ଠିଆ ହୁଏ
ଗୋଟେ ନିରୀହ ନିସଂଗତା।

ନିରନ୍ଧ୍ର ଅନ୍ଧାରରୁ
ନିବିଡ଼ତାର ଉପତ୍ୟକାରୁ
ନହକି ଆସୁଥିବା କିଛି କଥା
ବହକି ଯାଉଥିବା କିଛି ବ୍ୟଥା ପାଲଟିଯାଏ ସ୍ତୁପୀକୃତ
ସ୍ଥାପତ୍ୟର କବିତା।

ସମ୍ଭାବନାରୁ ଉତୁରିଆସେ
ସ୍ୱପ୍ନିଳ ସାର୍ଥକତା।
ଶବ୍ଦମାନେ ଓହ୍ଲେଇ ଆସନ୍ତି
ଶୂନ୍ୟ ନୀଡ଼ରୁ
ଆବେଗରେ ଆଧାରରେ
ନିଃସଙ୍ଗତା ଝର୍କା ଖୋଲେ।

ଏକଲାପଣର ଅସ୍ତିତ୍ୱରେ
ଆତୁର ହୁଏ କବିପଣ
ନିଜ ଭିତରେ ହୋଇଯାଏ
ନଜରବନ୍ଦୀ।

ଦିଗନ୍ତ ହସୁଥାଏ
ଆକାଶର ଅଗଣାରେ ପହଁରୁଥାଏ
ଶବ୍ଦର ସୌଦାଗର।

ଦୃଶ୍ୟରୁ ଦୃଶ୍ୟାନ୍ତର ହୁଏ ଦେହ
ମୋହିତ ମନର ମଲାଟରେ
ମଗ୍ନ ମୂର୍ତ୍ତିଟିଏ ହୋଇ
ଛିଡ଼ାହୋଇଥାଏ
କବିତାର କଳ୍ପ ଦ୍ରୁମ।

ଯେମିତି ଶବ୍ଦରେ ସଂସ୍ଥାପିତ
ଧ୍ୱନିରେ ଧ୍ୱନିତ
ସ୍ୱରରେ ଲୀଳାୟିତ
କବିତାର କଟିମେଖଳା।

ନିର୍ଜନତା ପରି କବିତା
କବିତା ପରି ନିର୍ଜନତା
ଗୋଟେ ମୋହମୁଗ୍ଧ ମହାକର୍ଷଣ
ମହାକାଳର ଅନାବରଣ
ମହକୁଥିବା ମୁହୂର୍ତ୍ତର ଦୀପମାନ।

ନିର୍ଜନତାର ନିରାଜନାରେ
ନିଷ୍ପ୍ରଭିଯାଏ ପାପର ପାରାବାର
ଚେଇଁଉଠେ ଚେତନାର ଚଉଦିଗ
ନିସ୍ତବ୍ଧତା ଠୁ ଆରମ୍ଭ ହୁଏ
କବିତାର କୋଳାହଳ।

*"ଶବ୍ଦନୀଳୟ", ବ୍ରାହ୍ମଣୀକୂଳ, ଦଶରଥପୁର, ଯାଜପୁର*
*ଦୂରଭାଷ: ୯୪୩୭୬୬୯୩୯୦*

# କନ୍ୟା

**ସୁଜିତ କୁମାର ମିଶ୍ର**

ଏଇ ସେଇ ଧନ
ଯାହା ଗୁପ୍ତରେ ତୋଳେ
ଅସରନ୍ତି ଐଶ୍ୱର୍ଯ୍ୟ।

ଓହ୍ଲାଇଲେ ଘର ଅଗଣାରେ
ଲକ୍ଷ୍ମୀପାଦ,
ମନ ଆକାଶରେ ମଧୁରାଗର
ରୋଷଣୀ,
ଛାଁ କୁ ସେ ଅନ୍ଧାର ପାଲଟେ ଅତୀତ କାହାଣୀ,
ତମାମ୍ ଶୁଷ୍କତାକୁ ଶୋଷିନିଏ
ବର୍ଷା ବିନ୍ଦୁର ବିମଣ୍ଡିତ ଛନ୍ଦ।

କନ୍ୟା ହୃଦୟରେ ପ୍ରେମର ବନ୍ୟା

ଉଛୁଳା ଯମୁନା ପରି,
ତା ଭୂମିଷ୍ଠରେ ଭୂମିରୁ ଭୂମା
ମହୋତ୍ସବ ଜହ୍ନରାତି,
ଆଖିର ଦୃଷ୍ଟି ଲମ୍ବୁଥାଏ ଅନନ୍ତ
ତୋଳିବାକୁ ଅନୁପମ ସ୍ୱର୍ଗପୁରୀ,
ନହେଲେ ଏତେ ଆନନ୍ଦ କାହିଁକି ଯେ
ଯାତନାର ପାହାଡ଼କୁ ଭେଦି ?

ଭଗ୍ନସ୍ତୂପ ପରାଏ ଘରର ସେ
ଭାଗ୍ୟ ଚାବିକାଠି,
କମଳ କୋମଳ ପରାଣ ତା
କୋଟି ସପନର କୋଠି,
ସୂର୍ଯ୍ୟୋଦୟ ପରି
ତା ଚଳ ଚଞ୍ଚଳତା ମନେହୁଏ,
ଯେଉଁଥିପାଇଁ କି
ଭରା ବୈଶାଖରେ ବି ଏଠି
ବସନ୍ତ ମଳୟ ବହେ,
ତା ହାତରେ କି ଯାଦୁ ଥାଏ କେଜାଣି
ଫିକା ପଡ଼େନି ଚଉରା ମୂଳର ମୁରୁଜ
କାନ୍ଥର ରଙ୍ଗଝୋଟି ।

ଦୁଇ କୂଳକୁ ହିତା ଦୁହିତା
କଲ୍ଲୋଳିନୀ ନଈର ଗୀତି ଅଭିନନ୍ଦିତା,
ତା ନମ୍ର ଚର୍ଯ୍ୟାଗୀତିରେ ସେ
ଚିରକାଳ ଚିରସ୍ରୋତା,
କେବେ କେବେ ନିଜେ ହିଁ ଝଡ଼
କେବେ ଉପେକ୍ଷାର ତୀବ୍ର ତାତିରେ,
କେବେ ତାଡ଼ନାର କୋପରେ ସେ
ମଲାନଈଟିଏ
ଗୁମୁରି କାନ୍ଦୁଥିବା କୋହରେ
କଳୁଷିତା ।

ଲୁହା ଚାଦର ଘୋଡ଼େଇ ହୋଇ
ବୁଲୁଥିବା କିଛି
ସ୍ୱାର୍ଥୀ ସୌଦାଗର ମାନଙ୍କ ପାଇଁ ସେ ବନ୍ଦିନୀ,
ଏକାକୀ ଲଢୁଥାଏ ଏକାନ୍ତ
ଆତ୍ମବଳରେ କିଛି ଶାନ୍ତ୍ୱନାର ପବନ ପାଇଁ,
କନ୍ୟା ପାଇଁ କନ୍ୟାଟିଏ ବେଳେ ସାଜେ
ସାବତ ମାଆର କାମନା ଦ୍ରୋହର
ଘୃଣ୍ୟ ଭୂଇଁ,
ତଥାପି ସେ ଆପଣା ଭିତରେ
ଆତ୍ମ ବିଶ୍ୱାସର ଲଳିତ ରାଗ ରାଗିଣୀ ।

କନ୍ୟା ଶିଖର ଛୁଉଁଥିବା
ସେ ଅମ୍ଳାନ ସ୍ୱର,
ଗୋଟିଏ ଜାତିର ଆକର୍ଷଣୀୟ
ବିକାଶ ବେଶର ଆସର,
ପୁଣି ବନ୍ଧନର ବଧୂ ନିରୁପମା
ବାରମାସୀ ଅର୍ପଣ, ତର୍ପଣ, ସମର୍ପଣର,
ପୁତ୍ରଲୋଭୀ ପିତାମାତାଙ୍କ ସ୍ୱପ୍ନ ଉଆସରେ
ଆସ ଆସ ଦେଖିବ ତା
ନିନ୍ଦିତ ସୃଷ୍ଟିର ଟୋପା ଟୋପା ଲୁହ,
ସେଇଥିପାଇଁ ତ ସେ ଏକାନ୍ତରେ
ବେଳାଭୂମି ଦୁଃଖର ।

ଭେଦଭାବର ନକାରାତ୍ମକ ବିଶ୍ୱରେ
କନ୍ୟା ହିଁ ସୁରଭିତ ଜୀବନ ଦେବ,
ତାକୁ ତୋଳିଲେ ସେ ଗଢ଼ିବ କୋଣାର୍କ,
ତାକୁ ଭାଙ୍ଗିଲେ
ଆଉ ବେଶୀ ଦୂର ନୁହେଁ ନର୍କ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*

# ଏମିତି ଏ ହସ

**ରାହାସ କୁମାର ବେହେରା**

ଏମିତି ଏ ହସ ହେଉ ଖୁସିର ସହର
ଯେଉଁଠି ଥିବ ଫୁଲ ଆଉ ଫଗୁଣର
ମିଳନର ସ୍ୱର,
ସବୁ ରାଜରାସ୍ତାରେ ଲାଗିଥିବ ଯେତେ
ଲମ୍ବା ଧାଡ଼ି ପ୍ରଜାପତିଙ୍କର,
ଶୁଭୁଥିବ ହୋ ହାଲା ତୁମେ ବହୁତ ସୁନ୍ଦର ! !

ଏମିତି ଏ କଥା ହେଉ ଅମୃତର ବାରି
ଆକଣ୍ଠ ପାନକରି ମେଣ୍ଟୁ ଶୋଷ ଶୀତ/ଗିରିଷମେ
ମିତ୍ରରୁ ବଇରୀ,
ଯେତେ ପଶୁ, ପକ୍ଷୀ ଠେଲା ପେଲା/ ଗହଳି ଚହଳି
ଏକାକାର ହୋଇ ହୃଦୟରେ ଭରି
କହୁଥାନ୍ତି ଯୁଗେ ଯୁଗେ ତୁମେ ହିଁ କେବଳ ଆମରି ! !

ଏମିତି ଏ ଆଖି ହେଉ ନିଛକ ସ୍ନେହର

ଯେଉଁଠି ଥିବ ନିଷ୍କପଟ ସତ୍ୟ ଭଲପାଇବାର
ମଣିଷପଣିଆ ଦରଦୀ ମନର,
ଦେଖିଦେଲେ ଜମୁଥିବ ଅସହ୍ୟ ଭିଡ଼ ଅୟୁତ ସମାନ
ପ୍ରତିହତ କରୁଥିବେ ଆରକ୍ଷୀ ବାହିନୀ
ବାଟ ଛାଡ଼ କହୁଥିବେ ସ୍ନେହେ ଟିକେ ହୋଇ ଦୂର!!

ଏମିତି ଏ ଚେହେରା ହେଉ ପ୍ରଚାର ଫର୍ଦ୍ଦର
କଥା କହୁଥିବ କାନ୍ଥ ଚାହୁଁଥିବେ ନର ନାରୀ
ବୁଲି ବୁଲି ଆଗର ପଛର,
ଝଲସୁଥିବ ଦିବା ରାତି ପଡୁଥିବ ସୂର୍ଯ୍ୟ ଆଲୋକ, ଜହ୍ନ / ତାରାଙ୍କ
ନଜର,
ଆଲୋଚନା ହେଉଥିବ ଗଳି କନ୍ଦିରେ ବାଃ ବାଃ
ସେହି ଶୋଭା କାରୁକାର୍ଯ୍ୟ ତା'ର ରୂପ ଚିତ୍ରହାର!!

*ବାଲ୍ୟମ୍ବା, ଭାପୁର*
*ଢେଙ୍କାନାଳ - ୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

# ଦ୍ୱନ୍ଦ୍ୱ

**ଶ୍ରୀ ନଳିନୀକାନ୍ତ ପଣ୍ଡା**

ସବୁଜ ପୃଥିବୀ ଆଜି
ହିଂସାର ଆଗ୍ନେୟ,
ସ୍ୱାର୍ଥର ଅନଳ ଜଳେ
ହୁତୁ ହୁତୁ ହୋଇ
ମାନବିକତା ବି ଜଳିଯାଏ
ମୁଠାଏ ଭସ୍ମ,
ଅବଶେଷ, କେବଳ ଅବସୋସ।

ସ୍ରଷ୍ଟାର ସୃଷ୍ଟିରେ
ନାହିଁ ଭିନ୍ନତା,
ନା ଅଛି ସୀମା ସରହଦ
ସୀମାହୀନ ଆକାଶ
ପରିବ୍ୟାପ୍ତ ମହାସାଗର
ଅପ୍ରତିହତ ମୁକ୍ତ ବାୟୁପ୍ରବାହ
କେଉଁଠି ନାହିଁ ନିର୍ଦ୍ଦିଷ୍ଟ ସଂକେତ।

ତଥାପି ୟୁକ୍ରେନ୍ ଜଳୁଛି
ଜଳୁଛି ଇସ୍ରାଏଲ୍ ଆଉ
ପାଲେଷ୍ଟାଇନ୍
ଆତଙ୍କବାଦ ଗ୍ରାସିଛି
ସମଗ୍ର ପୃଥିବୀକୁ
ରାହୁ ଗ୍ରାସ ଭଳି,
ଅମଣିଷ ପଣିଆର ଅଂଧାର।

ଶହଶହ ବାସହରା
ଶିବିରରେ କରେ
ଆଜି ଆତ୍ମରକ୍ଷା,
ରିଫ୍ୟୁଜିର ପରିଚୟ ନେଇ
ବଂଚେ ତା'ର ଜୀବନ,
ତା' ମାଟି ତା' ଦେଶ
ତା' ନଦୀ, ସମୁଦ୍ର
ତା' ପାଇଁ ହୁଏ
ଅପହଂଚ।

କଅଁଳ ଶିଶୁର ଆଖିଲୁହ
ତା'ର ବୁକୁଫଟା କରୁଣ ଚିତ୍କାର
କାହାକୁ ଛୁଇଁପାରେନା,
ତା' ଶୈଶବ ହଜେ
ଯୁଦ୍ଧ ଆତଙ୍କବାଦ
ବିବାଦର ଚକ୍ରବ୍ୟୁହ
ପରିବେଶରେ।

ଆତ୍ମୀୟର ବୁକୁଥରା
କରୁଣ କ୍ରନ୍ଦନ
ଶବଲାଗି
ମୁହୂର୍ତ୍ତ ମୁହୂର୍ତ୍ତ ପ୍ରତୀକ୍ଷା।
ଏମିତି ଚାଲିଥିବ କେତେଦିନ
ଯୁଦ୍ଧଲାଗି ଅଣୁପରମାଣୁର
ଅସ୍ତ୍ର ନିର୍ମାଣ!

ଯୁଦ୍ଧ ନୁହେଁ ଯେ'ସବୁର
ଶେଷ ସମାଧାନ!
ଶାନ୍ତିର କପୋତ!
ଯୁଦ୍ଧ ନା ଶାନ୍ତି?
ମଣିଷର ଯେ' ଏକ
ଦ୍ୱନ୍ଦ୍ୱପୂର୍ଣ୍ଣ ଜଟିଳ
ପ୍ରଶ୍ନ!
ସତେ ଅବା କ୍ଷମତାଲିପ୍ସୁ
ଭସ୍ମାସୁର ଆଜି
ନିଜ ଧ୍ୱଂସର କାରଣ!

*ଦୂରଭାଷ: ୮୧୧୮୦୭୮୩୪୪*

# ଜୀବନ କରିବା ପାବନ

ଅମରନାଥ ବାରିକ୍

ଜୀବନ ଜଟିଳ ଗଣିତ ହେଲେ
'ହରି' ଗଣିତର ସରଳ ସୂତ୍ର
ସେ ସୂତ୍ର ଘୋଷିଲେ ଜୀବନଟା
ହୁଏ ହରିରସେ ରସାମୃତ... ॥

ଜୀବନ ଯନ୍ତ୍ରଣା ଜଞ୍ଜାଳରେ ଭରା
'ଗୀତା' ପ୍ରଦର୍ଶକ ପ୍ରାଞ୍ଜଳ ପଥ
ସେ ଗ୍ରନ୍ଥ ପଢ଼ିଲେ ବୁଝିହୁଏ ସିନା
ଜଟିଳ ଜୀବନ ବାସ୍ତବ ଅର୍ଥ... ॥

ଜୀବନ ଅଡୁଆ ସୂତାଖିଅ ହେଲେ
'କୃଷ୍ଣ' ପାଦେ ହୁଅ ସମର୍ପିତ
ଖୋଲିଯିବ ଗଣ୍ଠି ଯେତେ ଟାଣ ହେଉ
ହେବନି କଦାପି ସନ୍ତାପିତ... ॥

ଜୀବନ ପଙ୍କିଳ ଜଳ ହୋଇଥିଲେ
'ପିତାମାତା' ମନ୍ଦାକିନୀର ଧାରା
ସେ ପୁଣ୍ୟଜଳରେ ସ୍ନାନକଲେ ସଦା
ଆଶୀର୍ବାଦେ ମିଳେ ପୁଣ୍ୟପରା... ॥

ଜୀବନ ଯାତରା ବୃଥା ନୁହେଁ କେବେ
ଜପୁଥିଲେ ନିତି 'ଶ୍ରୀରାମ' ନାମ
ଜୀବନର ସୂର୍ଯ୍ୟ ଅସ୍ତମିତ ହେଲେ
ସାର ଏକା ସେହି ଅମୃତ ନାମ... ॥

*ଗ୍ରା/ପୋ.- କର୍ଯାଁ, ଥାନା-ମଙ୍ଗଳପୁର, ଜିଲ୍ଲା- ଯାଜପୁର,*
*ଓଡ଼ିଶା, ପିନ୍ ନମ୍ବର- ୭୫୫୦୧୧*
*ଦୂରଭାଷ: ୯୫୪୦୩୦୮୦୯୫*

# ରାସ୍ତା, ତମ ଯାଏ

ସୁଶାନ୍ତ ଦାସ

ରାସତା
କେତେକାଳ ଯାଏ ଲମ୍ବିଚି
କିଏ ଯାଇଚି ଶେଷ ଯାଏ
ପ୍ରଜାପତିର ପର ଧରି

ତମେ କଣ କୂଳ ଦେଖିଚ
ନଈ କି ସମୁଦ୍ରର
ଯେଉଁଠି ପବନ, ପାଣିର ପାପୁଲିକୁ
ଲୋଚାକୋଚା କରି ଧୋଇଦିଏ
ପଥରରେ
ବତୁରୁଥାଏ ମୁହଁର ଛାଇ
ପତଳା ବାଲିର ଶେଜରେ

କେବେ କେମିତି ପରକୁ ମୋର
ଛୁଇଁ ଦେଉନ ଓଠରେ
ରାଣ ଖାଉଚି, ନାଲି କରିଦେବି
ତମାମ ଆକାଶ
ତମ ମହକରେ ଭୁଲିଆସିବ ଜହ୍ନ
ନିଶ୍ୱାସରେ ସିଝେଇଦେବି ଅରାଏ ମାଟି
ସେଇଠୁ ତିଆରି ଦେବି ଗୋଟେ ରାସତା
ତମ ଯାଏ।

*୧୦୧, ହରିବନ୍ଧୁ ଆପାର୍ଟମେଣ୍ଟ, ଜୟଦୁର୍ଗା ନଗର, ବ୍ରହ୍ମପୁର-୧୦*
*ଦୂରଭାଷ: ୮୭୬୩୯୨୦୮୦୪*

ତନ୍ମାତ୍ର

# ନୂଆ ଓଡ଼ିଆ ଚଳଚ୍ଚିତ୍ର ସଂପର୍କରେ







**-: ଭାଲେଣ୍ଟାଇନ୍ :-**

"ଭାଲେଣ୍ଟାଇନ୍" ଚଳଚ୍ଚିତ୍ରର କାହାଣୀ ଏହିପରି - ନୋଳିଆ ବସ୍ତିର ଗୋଟେ ପିଲା ଦେବା, ଯିଏକି ଶାନ୍ତ, ସରଳ ଓ ନିରୀହ। ଛନ୍ଦ, କପଟ କିଛି ଜାଣେନା। ନିଜ ରୋଗୀଣା ମା'ଙ୍କୁ ନେଇ ଏକ ଛୋଟିଆ ସଂସାର। ବସ୍ତିରେ ତାକୁ ସମସ୍ତେ ଭଗବାନ ବୋଲି ମାନନ୍ତି ଓ ଭଲ ମଧ୍ୟ ପାଆନ୍ତି। ସମସ୍ତଙ୍କ ସୁବିଧା ଅସୁବିଧାରେ ସେ ଆଗେ ଛିଡ଼ା ହୁଏ। ତା' ମା'ର ହାର୍ଟ ରୋଗ ବାହାରିଛି। ରୋଗ ଭଲକରିବାକୁ ବହୁତ ପଇସା ଦରକାର ପଡ଼େ। ପଇସା ଯୋଗାଡ଼ ପାଇଁ ମା' ଓ ବସ୍ତିକୁ ଛାଡ଼ି ସେ ସହରକୁ ଚାଲିଆସେ। ସହରରେ ନାୟିକା ମୋନା ସହ ଦେଖାହୁଏ। ମୋନା ତା ବାପା ରାଜନାରାୟଣଙ୍କ ପାଖରେ ଦେବାକୁ ଚାକିରୀ ଦିଏ। ରାଜନାରାୟଣଙ୍କ ମ୍ୟାନେଜର ସାହେବର ଠକାମିକୁ ଦେବା ଧରାପକାଇ ଦିଏ। ସାହେବ ରାଜାନାରାୟଣଙ୍କ ସମ୍ପତ୍ତି ପାଇବା ଆଶାରେ ରାଜାନାରାୟଣଙ୍କୁ ମାରିଦିଏ। ଏପଟେ ଦେବା ଓ ମୋନା ସେ ସହର ଛାଡ଼ି ଅନ୍ୟ ଏକ ସହରକୁ ପଳାନ୍ତି। ସେଠାରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସନ୍ତି। ଏମିତି ଗୋଟିଏ ଦିନ ଆସିଛି ଭାଲେଣ୍ଟାଇନ୍ ଡେ, ସେଇ ଭାଲେଣ୍ଟାଇନ୍ ଡେ ପାର୍ଟିରେ ଦେବା ଓ ମୋନା ପାର୍ଟିକୁ ଏନ୍‌ଜୟ କରୁଥିବାବେଳେ ସାହେବ ତା' ଗୁଣ୍ଡାମାନଙ୍କ ସହ ସେଠାରେ ପହଞ୍ଚି ଉଇଲ୍ ପେପରରେ ସାଇନ୍ କରିବାକୁ ମୋନାକୁ କହେ। ସେ ନକରିବାରୁ ତା'ର ଗୁଣ୍ଡାମାନେ ଦେବାକୁ ବହୁତ ମାଡ଼ ମାରନ୍ତି ଓ ମୋନାକୁ ମର୍ଡ଼ର କରନ୍ତି। ଏହାପରେ ଦେବା ପାଗଳ ହୋଇଯାଏ। ଏପଟେ ସାହେବର ଭାଇ ରାଜା ଓ ରାମ ନୋଳିଆ ବସ୍ତିକୁ ଜାଳି ଦିଅନ୍ତି ଯାହାଦ୍ୱାରା ଦେବାର ମା' ମୃତ୍ୟୁବରଣ କରେ। ଏହାପରେ ଦେବା ପାଗଳ ହୋଇ ଏ ସମସ୍ତ ଅନ୍ୟାୟର ପ୍ରତିଶୋଧ ନିଏ।

ଅଭିନୟରେ- ସମ୍ବିତ କୁମାର, ବର୍ଷା, ଅଭି, ମାମାଲି, ବିରେନ୍ ମିଶ୍ର, ମିତା ଚକ୍ରବର୍ତ୍ତୀ, ମାନସ ପ୍ରଭୃତି।

ଏହି ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି - ଗୋବିନ୍ଦ ସେନାପତି, ଗଗନ ବେଉରା। ନିର୍ଦ୍ଦେଶନା ଦେଇଛନ୍ତି - ମାନସ ସାହୁ।

**-: ମିଡ୍‌ନାଇଟ୍ :-**

୧୯୯୨ ରେ ମୁକ୍ତିଲାଭ କରିଥିବା 'ଦାଦାଗିରି' ଚିତ୍ରର ନାୟକ ମନୁ ଦ୍ୱିବେଦୀ ନିଜେ ନିର୍ଦ୍ଦେଶନା ଦେବା ସହ ପ୍ରଯୋଜନା କରୁଛନ୍ତି ଓଡ଼ିଆ ଚିତ୍ର 'ମିଡ୍‌ନାଇଟ୍'। 'ଦାଦାଗିରି' ର ନାୟିକା ପ୍ରତିଭା ପଣ୍ଡା ପୁଣି ଥରେ ମନୁଙ୍କ ବିପକ୍ଷରେ ଏହି ଚିତ୍ରରେ ଅଭିନୟ କରୁଛନ୍ତି। ସଂଳାପ- ଡ. ରଜନୀ ରଞ୍ଜନ, ସଙ୍ଗୀତ - ପ୍ରଶାନ୍ତ ପାଢ଼ୀ। ରହସ୍ୟ ଓ ରୋମାଞ୍ଚରେ ପୂର୍ଣ୍ଣ ଏହି ଚିତ୍ର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ପ୍ରଯୋଜକ ମନୁ ସୂଚନା ଦେଇଛନ୍ତି।

**-: ଡେଲିଭରି ବୟ-୨ :-**

ଜ୍ୟୋତି ରଞ୍ଜନ ମହାନ୍ତିଙ୍କ କାହାଣୀ ଓ ପ୍ରଯୋଜନାରେ ନିର୍ମାଣ ହେଉଛି 'ଡେଲିଭି ବୟ-୨' ଚିତ୍ର। ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନ - ଅଶ୍ୱିନୀ କୁମାର ତ୍ରିପାଠୀ। ସଂଳାପ- ଡ. ଦୀପକ ଜେନା, ସଙ୍ଗୀତ - ବୈଦ୍ୟନାଥ ଦାଶ, ଗୀତ - ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ, କଣ୍ଠ- ହ୍ୟୁମାନ ସାଗର, ଅସୀମା ପଣ୍ଡା, ମଣ୍ଟୁ ଛୁରିଆ, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ, କ୍ୟାମେରା- ଈଶ୍ୱର ବାରିକ, ନୃତ୍ୟ- ଅମିତ ନାୟକ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି- ଶୈଳେନ୍ଦ୍ର ସାମନ୍ତରାୟ, ବୃନ୍ଦାଦିତ୍ୟ, ଅର୍ଚ୍ଚିତା ସାହୁ, ପ୍ରିୟମ୍ବଦା ରାୟ, ଶ୍ରୀତମ ଦାସ, ପୁପିନ୍ଦର, ଶକ୍ତି ବରାଳ ପ୍ରମୁଖ।

**-: ଡଷ୍ଟବିନ୍ :-**

ପପୁ ପମ୍‌ପମ୍‌ଙ୍କ କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ ଓ ନିର୍ଦ୍ଦେଶନାରେ ସୁଟିଂ ଚାଲିଛି 'ଡଷ୍ଟବିନ୍' ଓଡ଼ିଆ ଚଳଚ୍ଚିତ୍ର। ପ୍ରଯୋଜକ- କେ. କେ. ସାହୁ, ବ୍ୟାନର- ପି. କେ. ଫିଲ୍ମସ୍, କାର୍ଯ୍ୟକାରୀ ପ୍ରଯୋଜନା- ପ୍ରଦୀପ କୁମାର ସ୍ୱାଇଁ, ସଂଳାପ- ଡ. ଦୀପକ ଜେନା, କ୍ୟାମେରା- ଶୁଭମ୍, ଗୀତ- ଡ. ନିର୍ମଳ ନାୟକ, ଡ. ଦୀପକ ଜେନା, ରଞ୍ଜନ ନାୟକ, କଣ୍ଠ- କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ, ଦେବେଶ ପତି। ପ୍ରଚାର ମୁଖ୍ୟ- ହରପ୍ରସାଦ ମହାପାତ୍ର। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି- ପପୁ ପମ୍‌ପମ୍, ପ୍ରାଚୀ, ସୁକୁମାର ଟୁଡୁ, ଦୀପନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ୍, ମନୋଜ ସ୍ୱାଇଁ। ଚିତ୍ରଟି ଅପ୍ରେଲ ମାସରେ ମୁକ୍ତିଲାଭ କରିବ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ଆଇ.ସି.ସି. ଚାଂପିୟାନ୍ସ ଟ୍ରଫି




ଆଇ.ସି.ସି. ଦ୍ୱାରା ଆୟୋଜିତ ଏହି ଟ୍ରଫି ଆରମ୍ଭ ହୋଇଥିଲା ୧୯୯୮ ରେ ଏବଂ ଏହାର ପ୍ରଥମ ସଂସ୍କରଣ ଖେଳାଯାଇଥିଲା ବାଂଲାଦେଶରେ ଯେଉଁଥିରେ କି ଖୋଦ୍ ଆୟୋଜକ ବାଂଲାଦେଶ ଅଂଶଗ୍ରହଣକାରୀ ଦଳ ଭାବରେ ସାମିଲ ହୋଇନଥିଲା। ଏଥିରେ ଅଂଶଗ୍ରହଣ କରିଥିଲେ ୯ଟି ଦଳ ଯାହାକି ବୃଦ୍ଧିପାଇଥିଲା ୨୦୦୦ ସଂସ୍କରଣରେ ୧୧ କୁ ଓ ୨୦୦୨ ରେ ୧୨ କୁ। କିନ୍ତୁ ୨୦୦୬ ରେ ଏହି ସଂଖ୍ୟା ହ୍ରାସ ପାଇ ୧୦ ରେ ସୀମିତ ରହିଥିଲା। ଆଇ.ସି.ସି. ର ସଭ୍ୟ ଥିବା ଦେଶମାନଙ୍କରେ କ୍ରୀକେଟ୍‌କୁ ଲୋକପ୍ରିୟ କରିବା ନିମନ୍ତେ ଓ ଅଧିକ ପାଣ୍ଠି ସଂଗ୍ରହ ନିମନ୍ତେ ଏକଦିବସୀୟ ବିଶ୍ୱକପ୍ ପରେ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଉଥିବାରୁ ଏହାର ପ୍ରଥମ ସଂସ୍କରଣ ବାଂଲାଦେଶରେ ଏବଂ ଦ୍ୱିତୀୟ ସଂସ୍କରଣ କେନିଆରେ ଖେଳାଯାଇଥିଲା। ସେହି ସମୟରେ ଆଇ.ସି.ସି. ସଭ୍ୟମାନଙ୍କ ମଧ୍ୟରେ ନଅଟି ସ୍ଥାୟୀ ସଭ୍ୟ ଥିଲେ ଏବଂ ସେମାନେ ଟେଷ୍ଟ କ୍ରିକେଟ୍‌ରେ ଅଂଶଗ୍ରହଣ କରୁଥିଲେ। ପରବର୍ତ୍ତୀ ସମୟରେ ଟେଷ୍ଟ ଖେଳୁଥିବା ଦେଶ ବ୍ୟତୀତ ଅନ୍ୟ ଦୁଇଟି ଦଳକୁ ଯୋଗ୍ୟତା ପର୍ଯ୍ୟାୟରେ ଉନ୍ନୀତ ହୋଇ ପ୍ରତିଯୋଗିତାରେ ପ୍ରବେଶ କରିବାକୁ ପଡୁଥିଲା। କିଛି ବର୍ଷ ପ୍ରତିଯୋଗିତା ଏହିଭଳି ଅନୁଷ୍ଠିତ ହେଉଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଇ.ସି.ସି. ଏକଦିବସୀୟ ବିଶ୍ୱକପ୍‌ର ଶ୍ରେଷ୍ଠ ଆଠଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେଲେ। ସେହି ଧାରାରେ ଚଳିତ ୨୦୨୫ ଚାଂପିୟାନ୍ସ ଟ୍ରଫିରେ ଇଣ୍ଡିଜ ଦଳ ଅଂଶ ନେବାକୁ ଯୋଗ୍ୟତା ପାଇପାରିନଥିଲା।

ଏହି ସମ୍ମାନଜନକ ପ୍ରତିଯୋଗିତାର ସମସ୍ତ ନଅଟି ସଂସ୍କରଣରେ ଭାରତ ଅଂଶଗ୍ରହଣ କରିବାର ସୁଯୋଗ ପାଇ ଆସିଛି। ଏଥି ମଧ୍ୟରୁ ୨୦୦୨, ୨୦୦୩ ଓ ୨୦୨୫ ରେ ଚାଂପିୟାନ ହେବା ସହିତ ୨୦୦୦ ଏବଂ ୨୦୧୭ ରେ ରନର୍ସ ଟ୍ରଫି ପାଇଛି। ପ୍ରତିଯୋଗିତାରେ

ଭାରତ ସର୍ବାଧିକ ୩ ଥର ଚାଂପିୟାନ ହୋଇଥିଲା ବେଳେ ଅଷ୍ଟ୍ରେଲିଆ ୨ ଥର, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ଚାଂପିୟାନ ହୋଇଛନ୍ତି। ଅବଶ୍ୟ ଗୋଟିଏ ଥର ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାଂପିୟାନ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଇଂଲଣ୍ଡ ଦଳ ଏପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଚାଂପିୟାନ ହୋଇପାରିନାହିଁ।

ଏବେ ଭାରତର ଏହି ପ୍ରତିଯୋଗିତାରେ ପ୍ରଦର୍ଶନ ଓ ପ୍ରଭାବ ଆଲୋଚନା ଯୋଗ୍ୟ। ୧୯୯୮ ରେ ପ୍ରଥମ ସଂସ୍କରଣରେ ଆଝାରୁଦ୍ଦିନଙ୍କ ନେତୃତ୍ୱରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିନପାରି ଫାଇନାଲ୍‌ରେ ପହଞ୍ଚିପାରିନଥିଲା। ୨୦୦୦ ରେ କେନିଆରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୌରଭ ଗାଙ୍ଗୁଲୀଙ୍କର ଅଧିନାୟକତ୍ୱରେ ଭାରତ ଫାଇନାଲ୍‌ରେ ପ୍ରବେଶ କରି ନ୍ୟୁଜିଲାଣ୍ଡ ଠାରୁ ପରାସ୍ତ ହୋଇଥିଲା। ଏଥିରେ ସୌରଭ ଗାଙ୍ଗୁଲି ୩୪୮ ରନ୍ ସଂଗ୍ରହ କରି ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ବ୍ୟାଟର୍ ଭାବରେ ସମ୍ମାନିତ ହୋଇଥିଲେ।

୨୦୦୨ ରେ ପୁନରାୟ ସୌରଭ ଗାଙ୍ଗୁଲିଙ୍କର ନେତୃତ୍ୱାଧୀନ ଦଳ ଦକ୍ଷିଣ ଆଫ୍ରିକାକୁ ସେମିରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ବର୍ଷା ହେତୁ ଫାଇନାଲ ମ୍ୟାଚ୍ ବାତିଲ ହୋଇ ଭାରତ ଓ ଶ୍ରୀଲଙ୍କା ଉଭୟଙ୍କୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ବାରଟି ଅଂଶଗ୍ରହଣକାରୀ ଦେଶ ମଧ୍ୟରେ ହୋଇଥିବା ଏହି ପ୍ରତିଯୋଗିତାରେ ଭାରତର ବୀରେନ୍ଦ୍ର ସେୱାଗ ସର୍ବଶ୍ରେଷ୍ଠ ବ୍ୟାଟରର ସମ୍ମାନ ପାଇଥିଲା ବେଳେ ଯୁଗ୍ମ ଚାଂପିୟନ ଶ୍ରୀଲଙ୍କାର ମୁରଲୀଧରନ ଶ୍ରେଷ୍ଠ ବୋଲର୍‌ର ସମ୍ମାନ ପାଇଥିଲେ।

୨୦୦୪ ରେ ଅନୁଷ୍ଠିତ ହୋଇଥିଲା ପରବର୍ତ୍ତୀ ଚାଂପିୟାନ୍‌ସ ଟ୍ରଫି। ଏଥିରେ ସେମିରେ ଅଷ୍ଟ୍ରେଲିଆକୁ ହରାଇ ଇଂଲଣ୍ଡ ଓ ପାକିସ୍ତାନକୁ ହରାଇ ଇଣ୍ଡିଜ ଫାଇନାଲକୁ ଉନ୍ନୀତ ହୋଇଥିଲେ ଏବଂ ଇଣ୍ଡିଜ ଚାଂପିୟାନ୍‌ସ ଟ୍ରଫି ହାସଲ କରିଥିଲା। ଏଥିରେ ଗ୍ରୁପ୍ ସି'ରେ ସ୍ଥାନ ପାଇ ଭାରତ ଦୁଇଟି ଗ୍ରୁପ୍ ମ୍ୟାଚ୍‌ରୁ ଗୋଟିକରେ ପାକିସ୍ତାନ ଠାରୁ ପରାସ୍ତ ହୋଇ ଅନ୍ୟଟି କେନିଆ ଠାରୁ ଜିତିଥିଲେ ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇପାରିନଥିଲା।

୨୦୦୬ ରେ ଭାରତରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ଫାଇନାଲକୁ ଉନ୍ନୀତ ହେବାକୁ ବିଫଳ ହୋଇଥିଲା ଏବଂ ଇଣ୍ଡିଜକୁ ହରାଇ ଅଷ୍ଟ୍ରେଲିଆ ଚାଂପିୟାନ ହୋଇଥିଲା। ୨୦୦୯ ରେ ମଧ୍ୟ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ଫାଇନାଲକୁ ଯିବାରେ ବିଫଳ ହୋଇଥିଲା ଏବଂ ଲଗାତାର ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ହରାଇ।

୨୦୧୩ ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଧୋନୀଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ ଫାଇନାଲରେ ଇଂଲଣ୍ଡ ବିପକ୍ଷରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲେ। ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଇଣ୍ଡିଜ ଓ ପାକିସ୍ତାନ ସହିତ ସ୍ଥାନ ପାଇଥିବା ଭାରତୀୟ ଦଳ ସମସ୍ତ ମ୍ୟାଚ୍‌ରେ ଜିତି ଗ୍ରୁପ୍‌ରେ ଶୀର୍ଷସ୍ଥାନ ସହ ସେମିରେ ପ୍ରବେଶ କରିଥିଲେ ଏବଂ ଶ୍ରୀଲଙ୍କା ବିପକ୍ଷରେ ସେମିଫାଇନାଲରେ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏହି ବିଜୟ ଧୋନୀଙ୍କର ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଥିଲା ହାଟ୍ରିକ୍ ବିଜୟ। ପୂର୍ବରୁ ୨୦୦୭ ରେ ଟି-୨୦ ବିଶ୍ୱକପ୍ ଓ ୨୦୧୧ ରେ ଏକଦିବସୀୟ ବିଶ୍ୱକପ୍ ବିଜୟରେ ଭାରତ ମଣ୍ଡିତ ହୋଇସାରିଥିଲା। ଏଇ ପ୍ରତିଯୋଗିତାରେ ଶିଖର ଧାୱନ୍ ଶ୍ରେଷ୍ଠ ବ୍ୟାଟର୍ ଭାବରେ ୩୬୩ ରନ୍ ସ୍କୋର କରିଥିବା ବେଳେ ରୋହିତ ଶର୍ମା ଓ ବିରାଟ କୋହଲୀ ଶ୍ରେଷ୍ଠ ୫ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ବୋଲିଂରେ ରବୀନ୍ଦ୍ର ଜାଡେଯା ୧୨ଟି ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ବୋଲର ହୋଇଥିବା ବେଳେ ଇଶାନ୍ତ ଶର୍ମା ଶ୍ରେଷ୍ଠ ପାଞ୍ଚ ବୋଲରଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

୨୦୨୫ ରେ ଦୁବାଇଠାରେ ଭାରତ ଖେଳିଥିବା ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଥିଲା ନିଆରା। ବାଂଲାଦେଶକୁ ପରାସ୍ତ କରିବା ପରେ ପାକିସ୍ତାନ ଠାରୁ ୨୦୧୭ ଚାଂପିୟାନ୍‌ସ ଟ୍ରଫିର ପରାଜୟ ଓ ନ୍ୟୁଜିଲାଣ୍ଡ ଠାରୁ ପଚିଶ ବର୍ଷତଳର ପରାଜୟର ପ୍ରତିଶୋଧ ନେଇ ଗ୍ରୁପ୍ ସ୍ତରରେ ସମସ୍ତ ବିଜୟ ସହ ସେମିରେ ପ୍ରବେଶ କରିବା ସହ ଅଷ୍ଟ୍ରେଲିଆ ଠାରୁ ୨୦୨୩ ବିଶ୍ୱକପ୍ ପରାଜୟର ମଧୁର ପ୍ରତିଶୋଧ ମଧ୍ୟ ନେଇଥିଲା। ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୨୫ ବର୍ଷ ତଳେ ଫାଇନାଲ ପରାଜୟର ପୁନରାୟ ପ୍ରତିଶୋଧ ନେଇଥିଲା ଭାରତୀୟ ଦଳ। ବିଶ୍ୱର ସମସ୍ତ କ୍ରୀକେଟ୍ ପ୍ରେମୀ ଓ ବିଶେଷଜ୍ଞ ଭାରତୀୟ ଦଳର ଭୂୟସୀ ପ୍ରଶଂସାରେ ଶତମୁଖ ହେଲାବେଳେ ଏହା ସର୍ବଶ୍ରେଷ୍ଠ ଦଳଗତ ବିଜୟ ବୋଲି ଅଭିହିତ କରିଥିଲେ। ପ୍ରତ୍ୟେକ ବ୍ୟାଟର, ଅଲରାଉଣ୍ଡର ଓ ବୋଲର ସମ୍ମିଳିତ ଭାବରେ ବିଭିନ୍ନ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଫଳରେ ଅନ୍ୟାନ୍ୟ ଭଲ ଭଲ ଦଳ ହାର ମାନିଯାଇଥିଲେ। ରୋହିତଙ୍କ ଟାଣୁଆ ନେତୃତ୍ୱ, ଭାରତୀୟ ବ୍ୟାଟରଙ୍କର ଦମ୍‌ଦାର ପ୍ରଦର୍ଶନ ଓ ସ୍ପିନରଙ୍କର ଚତୁରୀ ଆଗରେ ଅନ୍ୟ ଦଳମାନେ ନିଷ୍ପ୍ରଭ ହୋଇଯାଇଥିଲେ।

ଆଜି ସାରା ବିଶ୍ୱ ଭାରତୀୟ ଦଳକୁ ଶ୍ରେଷ୍ଠ ବୋଲି ଅଭିହିତ କଲାବେଳେ ତାହା ଯଥାର୍ଥ ମନେହୁଏ କାରଣ ବିଗତ ୩ଟି ଆଇ.ସି.ସି. ପ୍ରତିଯୋଗିତାରେ ଦୁଇଟିରେ ଚାଂପିୟାନ ହୋଇଥିଲା ବେଳେ ସମୁଦାୟ ମାତ୍ର ଗୋଟିଏ ମ୍ୟାଚ୍ ହାରିବା ଥିଲା ସବୁଠାରୁ ଭାରତୀୟ ଦଳର ଆକର୍ଷଣୀୟ ପ୍ରଦର୍ଶନ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୦୩/୨୦୨୫ ରୁ ତା: ୧୪/୦୪/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତ ଫଳ ଦାୟକହେବ। ସମସ୍ୟା ଉପଗତ ହେଲେବି ତାହାର ଆସୁ ସମାଧାନ ହେବା କାରଣରୁ ଚିନ୍ତାଗ୍ରସ୍ତ ହେବେନାହିଁ। କର୍ମକ୍ଷେତ୍ରରେ ବାଧା ସବୁକୁ ଏଡ଼ାଇ ଆଗକୁ ମାଡ଼ି ଚାଲିବାର ସାହାସ ଓ ସୁଯୋଗ ଉପସ୍ଥିତ ହେବ। ଉପରିସ୍ଥ ମାନଙ୍କଠାରୁ ଆଶ୍ୱାସନା ପାଇବା ଫଳରେ ଉତ୍ସାହିତ ହେବେ। ଗତିଶୀଳତା ବୃଦ୍ଧି ଘଟିବା ଫଳରେ କର୍ମ ସାଧନ ତ୍ୱରାନ୍ୱିତ ହେବ। ଅଭୀଷ୍ଟ ସାଧନ ନିମିତ୍ତ ଉପଯୁକ୍ତ ସମୟ। ଶତ୍ରୁମାନେ ଫିକା ପଡ଼ିଯିବେ। ବିବାଦୀୟ କ୍ଷେତ୍ରରେ ହାର ମାନିବାର ନାହିଁ। ସାମାଜିକ ସ୍ତରରେ ପତିଆରା ବୃଦ୍ଧିପାଇବ। ବେପାର ବାଣିଜ୍ୟରେ ମନୋନିବେଶ କରି କାରବାରର ବୃଦ୍ଧି ଘଟାଇବେ। ଭୋଗ ବିଳାସର ସାଧନ ପ୍ରାଚୁର୍ଯ୍ୟରେ ଅଭାବ ପରିଲକ୍ଷିତ ହେବନାହିଁ। ନିର୍ମାଣ କାର୍ଯ୍ୟ ଅଥବା ମୂଲ୍ୟବାନ ଧାତୁଦ୍ରବ୍ୟ କ୍ରୟ କରିବେ। ଆର୍ଥୀକ ଦିଗ ସଙ୍କୁଚିତ ହେବାର ନାହିଁ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧିପାଇବ। ବନ୍ଧୁ ମେଳରେ ସମୟ ବିତାଇବେ। ଭ୍ରମଣରୁ ଓ ଦେବଦର୍ଶନରୁ ଶାନ୍ତି ମିଳିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିଷାଦିତ କରିପାରେ। ସାମୟିକ ଶର୍ଦିକାଶ ଓ ପେଟରୋଗ ଶିକାର ହୋଇପାରନ୍ତି। ପାରିବାରିକ ଜୀବନ ପୂର୍ବ ତୁଳନାରେ ସୁଖକର ହେବ। ଖାଦ୍ୟପେୟ ଓ ବିଶ୍ରାମ ପ୍ରତି ଧ୍ୟାନଦେବା ଜରୁରୀ। ମହିଳାମାନେ ସମସ୍ତ ପ୍ରକାରର ପରିବେଶକୁ ସକାରାତ୍ମକ କରିବେ। ସେବା ଓ ତ୍ୟାଗ ଦ୍ୱାରା ଆଦର୍ଶ ପାଲଟିବେ। ବିଦ୍ୟାର୍ଥୀମାନେ କଠିନ ପରିଶ୍ରମ ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରିବେ।

ଅଶୁଭ ଦିବସ:- ୨୨, ୨୩, ୨୪, ୬, ୭, ୮ ଅଷ୍ଟମ ଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୩୧, ୧ ବାକିଦିନ ଶୁଭ।



**ବୃଷ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ସୁଯୋଗ ପ୍ରଦାନକାରୀ ହେବା ଫଳରେ ବକେୟା କର୍ମର ତ୍ୱରାନ୍ୱିତ କରି ପୂର୍ଣ୍ଣତା ପ୍ରଦାନ କରିବେ। ଅନ୍ୟମାନଙ୍କ ସହିତ ମନର ଅମେଳତା ଦୂର ହେବା ଯୋଗେ ଆତ୍ମ ସନ୍ତୋଷ ଘଟିବ। ଦୈହିକ ଓ ମାନସିକ ଅସୁସ୍ଥି ଦୂରହେବା ଦ୍ୱାରା ଆଶ୍ୱସ୍ତ ହେବେ। କର୍ମ ପଥର ଗତି ସାବଲୀଳ ହେବ। ଅନ୍ୟମାନଙ୍କ ଠାରୁ ପ୍ରେରଣା ପ୍ରାପ୍ତ ହୋଇ ଉତ୍ସାହିତ ହେବେ। ସାମାଜିକ ସ୍ତରରେ ଆଦୃତିଲାଭ କରିବାର ମଉକା ଜୁଟିବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ବେପାର ବାଣିଜ୍ୟର ପଥ ସୁଗମ ହେବ। ଅର୍ଥ କାରବାରରେ ବୁଝି ବିଚାରି ଆଗେଇଲେ ପଶ୍ଚାତାପ କରିବେ ନାହିଁ। ବେଶ ପୋଷାକରେ ରୁଚି ବଢ଼ିବ। ସୁସ୍ୱାଦୁ ଭୋଜନ ମିଳିବାରେ ଅଙ୍କୁଶ ଲାଗିବାର ନାହିଁ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ନିମିତ୍ତ ଆଗ୍ରହୀ ହେବେ। ମାଙ୍ଗଳିକ କାର୍ଯ୍ୟରେ ସଂପୃକ୍ତି ତଥା ଭ୍ରମଣରୁ ଶାନ୍ତି ପାଇବେ। ଅତ୍ୟଧିକ ମୋହଗ୍ରସ୍ତ ନହେବା ଭଲ। ପରିବାରର ମୁଖ୍ୟଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ବାୟୁ ଓ ପିତ୍ତଜନିତ ରୋଗର କବଳିତ ହେବେ। ପାରିବାରିକ ସ୍ଥିତି ସୁଖକର ହେବ। ମହିଳାମାନେ ସମସ୍ତ ପ୍ରକାରର ବାଧା ବିଘ୍ନକୁ ଏଡ଼ାଇ କର୍ମପଥରେ ଆଗେଇବେ। ଅଭିଳାଷ ପୂରଣରେ ଚେଷ୍ଟା ବଳବତ୍ତର ରହିବ। ହାତରେ ଦୁଇ ପଇସା ଠୁଳ କରିବେ। ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଧାରଣ କଲେ ଉପକୃତ ହେବେ।

ଅଶୁଭ ଦିବସ:- ୨୫, ୨୬, ୩୧, ୧, ୯, ୧୦ ଅଷ୍ଟମଚନ୍ଦ୍ର:- ୨୨, ୨୩, ୨୪ ଘାତଚନ୍ଦ୍ର:- ୧୫, ୧୬, ୧୧, ୧୨ ବାକିଦିନ ଶୁଭ।



**ମିଥୁନ:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ପ୍ରଦାନ କରିବା କାରଣରୁ  ଉତ୍ସାହ ଉଦ୍ଦୀପନାରେ ଆଗେଇଯିବାର ସୂଚନା ମିଳୁଛି। ତେବେ ସମସ୍ତ ସୁବିଧା ସତ୍ତ୍ୱେ କେତେକ ବୈଷୟିକ ଦିଗରୁ ଜଟିଳତା ଦେଖାଦେବା ଯୋଗେ କର୍ମରେ ସାମାନ୍ୟ ମନ୍ଥରତା ପରିଲକ୍ଷିତ ହେବ। ସାମୟିକ ବୈସମ୍ୟ ବୋଧର ଶିକାର ହୋଇପାରନ୍ତି। ଧୈର୍ଯ୍ୟ ଓ ଚେଷ୍ଟା ବଳରେ ଅଧିକାଂଶ କ୍ଷେତ୍ରରେ ଆଗୁଆ ରହିବେ। ଶତ୍ରୁମାନଙ୍କ ଛଳ କପଟ କାଟୁ କରିବ ନାହିଁ। ବିବାଦୀୟ କ୍ଷେତ୍ରରେ ଧର୍ମବଳ ଓ ଦୈବୀକୃପା ଯୋଗେ ସହଜ ଉଦ୍ଧାର ମିଳିବ। ସାମାଜିକ କ୍ଷେତ୍ରରେ ଭାବମୂର୍ତ୍ତିରେ ମଇଳା ଲାଗିବାର ନାହିଁ। ଆର୍ଥୀକ ଦିଗରୁ ଚିନ୍ତିତ


ହେବେ ନାହିଁ। ବନ୍ଧୁ ବାନ୍ଧବମାନଙ୍କ ନିମିତ୍ତ ଓ ମାଙ୍ଗଳିକ କାର୍ଯ୍ୟରେ ବ୍ୟୟର ପରିମାଣ ଅଧିକହେବ। ପଡ଼ୋଶୀମାନଙ୍କ ସହିତ ଉତ୍ତମ ସଂପର୍କ ଯୋଗେ କାର୍ଯ୍ୟ ସାଧନ ସହଜ ହେବ। ବେପାର ବାଣିଜ୍ୟରେ ପଛେଇ ଯିବେ ନାହିଁ। ନିଜ ଅପେକ୍ଷା ଅନ୍ୟ ମାନଙ୍କ ସୁବିଧା ସୁଯୋଗ ପ୍ରତି ଦୃଷ୍ଟିଦେବେ। ଖାଦ୍ୟ ଓ ପୋଷାକର ରୁଚି ବଢ଼ିବ। ପତିତ ଧନ ଉଦ୍ଧାର ହେବ। ଯାନ କ୍ରୟ ନିମିତ୍ତ ଚେଷ୍ଟିତ ହେବେ। ଅପବ୍ୟୟକୁ ରୋକିଲେ ଅର୍ଥାଭାବକୁ ନିୟନ୍ତ୍ରିତ କରିହେବ। ପେଟ ଗୋଳମାଳ ସାଙ୍ଗକୁ ବାୟୁଦୋଷରେ ଆକ୍ରାନ୍ତ ହେବେ। ପାରିବାରିକ ସ୍ଥିତି ମଧ୍ୟମ ଧରଣର ହେବ। ମହିଳାମାନେ କ୍ରୋଧକୁ ଆୟତ୍ତରେ ରଖିଲେ ସମ୍ମାନର ଅଧିକାର ପାଇବେ। ପରିବାରର ଉନ୍ନତି କଳ୍ପେ କର୍ତ୍ତବ୍ୟରେ ନିମଗ୍ନ ହେବେ। ବିଦ୍ୟାର୍ଥୀମାନେ ଅସଫଳ ହେବେ ନାହିଁ।

ଅଶୁଭ ଦିବସ:- ୧୭, ୧୮, ୧୯, ୨, ୩, ୧୧, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**କର୍କଟ:-** ଆପଣଙ୍କ ପକ୍ଷେ ମାସଟି କର୍ମକ୍ଷେତ୍ରର ଧାରାକୁ ବଜାୟ ରଖିବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହେବ। ବୌଦ୍ଧିକ ବିକାଶ ଓ ବୈଷୟିକ ପ୍ରାଚୁର୍ଯ୍ୟ ଅଭିବୃଦ୍ଧି ଘଟିବା ଯୋଗେ ପ୍ରଫୁଲ୍ଲିତ ହେବେ। ଅନ୍ୟର ସାହାଯ୍ୟକୁ ଅପେକ୍ଷା ନକରି ନିଜ ଶିଙ୍ଗରେ ମାଟି ତାଡ଼ି ଆତ୍ମତୃପ୍ତି ଆସ୍ୱାଦନ କରିବେ। ଉପରିସ୍ଥ ମାନଙ୍କଠାରୁ ଆଶାଜନକ ସୁଯୋଗ ଓ ପ୍ରେରଣା ମିଳିବ। ଦୈନନ୍ଦିନ କାର୍ଯ୍ୟ ଅଟକିବାର ନାହିଁ। ଦୃଢ଼ ମନୋବଳ ଯୋଗେ କଠିନ କାର୍ଯ୍ୟକୁ ସରଳରେ ପରିଣତ କରିପାରିବେ। ବିବଦମାନ ସ୍ଥିତି କ୍ରମଶଃ ଦୂରେଇଯିବ। ଶତ୍ରୁମାନେ ହୀନ ପ୍ରଭ ହେବେ। ସାମାଜିକ ସ୍ତରରେ ଭାବମୂର୍ତ୍ତିର ବଳତି ହେବେ। ବେପାର ବାଣିଜ୍ୟରେ ଆଗଧାଡ଼ିରେ ରହିବେ। ନିଜକୁ ସଂଶୋଧନ କରି ଚଉଆଖିଆ ହେଲେ ଉନ୍ନତିର ପଥ ଆପେ ଆପେ ଖୋଲିଯିବ। ଶୁଭ କାର୍ଯ୍ୟରେ ବ୍ୟୟର ପରିମାଣ ବୃଦ୍ଧି ଘଟିପାରେ। ମାଙ୍ଗଳିକ କର୍ମର ତତ୍ପରତା ବୃଦ୍ଧି ପାଇବ। ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭୂତ ହେବ। ପାରିବାରିକ ସ୍ଥିତି ମଜବୁତ ରହିବ। ମହିଳାମାନେ ଭୋଗ ଇଚ୍ଛାରେ ଆଗ୍ରହ ପ୍ରକାଶ କରିବେ। ପରିବାରରେ ପ୍ରାଧାନ୍ୟ ବୃଦ୍ଧିପାଇବ। ଉପଢୌକନ ପ୍ରାପ୍ତି ଯୋଗ ଅଛି। ସମାଜରେ ନେତୃତ୍ୱ ନେବେ। ବିଦ୍ୟାର୍ଥୀମାନେ ଉତ୍ତମ ଫଳର ଆଶା ଦୃଢ଼ଭାବେ ପୋଷଣେ କରିବେ।

ଅଶୁଭ ଦିବସ:- ୨୦, ୨୧, ୨୯, ୩୦, ୪, ୫ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।




**ସିଂହ:-** ମାସଟି ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ କରି ଅତିବାହିତ ହେବ। ଶତ୍ରୁମାନେ ବାଟ ଓଗାଳିବା ଯୋଗେ ଅଗ୍ରଗତିରେ ବାଧା ଉପୁଜିପାରେ। ଗତିର ଧାରା ସାମାନ୍ୟ ବିଳମ୍ବିତ ହେଲେବି ଅଟକିବ ନାହିଁ। କର୍ମରେ ବିଘ୍ନ ଦେଖାଦେବା ଯୋଗେ ଅସ୍ଥିରତା ବୃଦ୍ଧିପାଇବ। କର୍ମ, ସତ୍ ଚିନ୍ତନ ଓ ଦୈବୀକୃପା ଯୋଗେ ଦୁଶ୍ଚିନ୍ତାର ଅନ୍ତଃ ଘଟିବ। ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ହେଲେବି ଅନ୍ୟ ପନ୍ଥା ନାହିଁ। ଆପଣାରମାନେ କପଟତା ଆଚରଣ କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ଚଉଆଖିଆ ହେଲେ ଖାଲରେ ପଡ଼ିବେ ନାହିଁ। ବିଭିନ୍ନ ଦିଗରୁ ସାହାସ ଓ ସାହାଯ୍ୟ ପାଇବା ଫଳରେ ଅଶାନ୍ତି ଓ କ୍ଲେଶ ଲାଘବ ହେବ। ସାମାଜିକ ସ୍ତରରେ ଲାଞ୍ଛିତ ହେବାର ନାହିଁ। ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ। ଅଯଥା ଭ୍ରମଣକୁ ରୋକାଯାଇ ପାରିଲେ ଅପବ୍ୟୟରୁ ମୁକ୍ତି ପାଇବେ। ଦେବ କାର୍ଯ୍ୟରେ ଆଗ୍ରହ ସୃଷ୍ଟି ହେବ। ନିର୍ମାଣ କାର୍ଯ୍ୟ ଚାଲୁ ରଖିପାରନ୍ତି। ପାଖ ଲୋକମାନେ ଈର୍ଷା କରିବେ। ରକ୍ତ ଶର୍କରା ଓ ଉଚ୍ଚ ରକ୍ତଚାପ ପ୍ରତି ସଜାଗ ହେବା ଆବଶ୍ୟକ। ପାରିବାରିକ ସ୍ଥିତି ସଜାଡ଼ିବାରେ ସମର୍ଥ ହେବେ। ଅତିଥି ସେବାରେ ଶ୍ରଦ୍ଧା ବଢ଼ିବ। ମହିଳାମାନେ ଅନେକ କଥାକୁ ମୁଣ୍ଡପାତି ସହିଯିବା ଫଳରେ ପରିବେଶ କଳୁଷିତ ହେବ ନାହିଁ। ପାରିବାରିକ ଜଂଜାଳ ମୁଣ୍ଡାଇ ଚାଲିବେ। ବିଦ୍ୟାର୍ଥୀମାନଙ୍କର ପରିଶ୍ରମ ବୃଥା ଯିବ ନାହିଁ।

ଅଶୁଭ ଦିବସ:- ୧୫, ୧୬, ୨୨, ୨୩, ୨୪, ୬, ୭, ୮ ଅଷ୍ଟମଚନ୍ଦ୍ର:- ୨୯, ୩୦ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କ ନିମିତ୍ତ ମଧ୍ୟମ ଶୁଭଦାୟକ ହେବ। ମଝିରେ ମଝିରେ ଚିନ୍ତା ଓ ଉଦ୍‌ବେଗ ବୃଦ୍ଧି ପାଇବା ଫଳରେ କର୍ମରେ କିଛିଟା ଆଗ୍ରହ କମିଯାଇପାରେ। କାର୍ଯ୍ୟର ଧାରା ଅଟକିବ ନାହିଁ ମାତ୍ର ବାଧାବିଘ୍ନ ଦେଇ ଗତି କରିବାକୁ ପଡ଼ିବ। ଆତ୍ମୀୟମାନଙ୍କ ଆତ୍ମୀୟତାରେ ଶିଥିଳତା ପ୍ରକାଶ ପାଇବ। ଅନିଚ୍ଛା ଭାବର ଶିକାର ହେବା ସହିତ ସଙ୍ଗଦୋଷରୁ ଉଚିତ ଅନୁଚିତର ବିଚାର ବିଭ୍ରାଟ ଉପଗତ ହୋଇପାରେ। ଉତ୍ତମ ପରାମର୍ଶଦାତା ଓ ଦୈବୀକୃପା ଯୋଗେ ଗତିପଥ ଓ ଚିନ୍ତାଧାରାକୁ ସୁପରିଚାଳନା କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଲୋକାଦୃତ୍ତିରେ ତଳା ପଡ଼ିବାର ନାହିଁ। ବିବାଦୀୟ କ୍ଷେତ୍ରରୁ ବିଳମ୍ବରେ ନ୍ୟାୟ ମିଳିବ। ବେପାର ବାଣିଜ୍ୟରେ ଆଗପଛ ଭାବି ଆଗେଇବେ। ଶାରିରୀକ ଓ ମାନସିକ ସୁଖଭୋଗର ଇଚ୍ଛା ବଳବତ୍ତର ହେବ। ଆର୍ଥୀକ ଦିଗରୁ ଚିନ୍ତିତ ହେବାର ନାହିଁ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ବନ୍ଧୁବାନ୍ଧବ ମାନଙ୍କ ଦ୍ୱାରା ଶୋଷିତ ହୋଇପାରନ୍ତି। ସ୍ନାୟବିକ ଦୁର୍ବଳତା ଦେଖା ଦେଲେବି ମନୋବଳ ଦ୍ୱାରା ଅପସାରିତ କରିବେ। ଜୀବନ ସାଥୀଙ୍କ ନିମିତ୍ତ ଚିନ୍ତା ବଢ଼ିବ। ପାରିବାରିକ ଜୀବନରେ ଅଶାନ୍ତି ଭୋଗିବାର ନାହିଁ। ମହିଳାମାନେ ସେବାଧର୍ମ ଦ୍ୱାରା ଆତ୍ମ ସନ୍ତୋଷ ପାଇବେ। ମାୟା କବଳିତ ହୋଇପାରନ୍ତି। ବିଷ୍ଣୁକୃପା ଲାଭ ହେବ। ବିଦ୍ୟାର୍ଥୀମାନେ ସଂଘର୍ଷମୟ ସ୍ଥିତିରେ ଗତି କରିବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୨୫, ୨୬, ୯, ୧୦, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୪, ୫ ବାକିଦିନ ଶୁଭ।



**ତୁଳା:-** ଖଟା ମିଠାର ସ୍ୱାଦ ଅନୁଭବ କରି ମାସଟି ବିତାଇବେ। ଦୈବୀକୃପା ତଥା ଗୁରୁଜନଙ୍କ ଆଶୀର୍ବାଦରୁ ସମସ୍ତ ନକାରାତ୍ମକ ପରିବେଶକୁ ସକାରାତ୍ମକ କରି କର୍ତ୍ତବ୍ୟ ପଥରେ ଆଗେଇବେ। ସରକାରୀ ସ୍ତରରୁ ପୋଷଣ କରିଥିବା ଆଶା

ଅସଫଳ ହେବନାହିଁ। ସାମାଜିକ ସ୍ତରରେ ପ୍ରତିଷ୍ଠା ବଜାୟ ରଖିବାକୁ ପ୍ରଚେଷ୍ଟା ଜାରିରଖିବେ। ପୁରୁଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଚେଷ୍ଟା ବଳବତ୍ତର ହେବ। ଶତ୍ରୁମାନଙ୍କୁ କଳେ ବଳେ ଆୟତ୍ତ କରି ନିଜ ବାଟରେ ଆଗେଇବେ। ମନର କଥା ଅଥବା ଦୁର୍ବଳତା ଅନ୍ୟ ଆଗରେ ପ୍ରକାଶ କରିବା ପୂର୍ବରୁ ବିଶ୍ୱସ୍ତତା ପରଖ କରିବା ଉଚିତ୍। କାର୍ଯ୍ୟରେ ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ବହୁବାର ବିଚାର ବିମର୍ଶର ଆବଶ୍ୟକତା ଜରୁରୀ। ବେପାର ବାଣିଜ୍ୟ ନିମିତ୍ତ ପୂର୍ବ ତୁଳନାରେ ଉନ୍ନତତର ହେବ। ଆର୍ଥୀକ ଦିଗ ପ୍ରତି ସଚେତନତା ଦରକାର। ଅଭୀଷ୍ଟ ସାଧନରେ ତତ୍ପରତା ଚାଲୁ ରଖିଲେ ସମସ୍ୟା ଉପୁଜିବ ନାହିଁ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନିଶ୍ଚିତ ହେବ। ଭ୍ରମଣ ଯୋଗେ ମାନସିକ ପରିବର୍ତ୍ତନ ଦେଖାଦେବ। ବିଳାସପୂର୍ଣ୍ଣ ବସ୍ତୁ କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ଶାନ୍ତିର ଉପଭୋକ୍ତା ହେବେ। ଛୋଟବଡ଼ ଧରଣର ଶାରିରୀକ ସମସ୍ୟା ଦେଖାଦେଲେ ବି ତାହା ଗୁରୁତର ହେବନାହିଁ। ପାରିବାରିକ ସମସ୍ୟା ଚିନ୍ତିତ କରାଇବ। ମହିଳାମାନେ ନିଜ ମର୍ଜିରେ ଚାଲିବେ। ସାମାଜିକ ଓ ପାରିବାରିକ ମର୍ଯ୍ୟଦା ସଂପନ୍ନ ହେବେ। ବିଦ୍ୟାର୍ଥୀମାନେ ଆଶାଜନକ ଫଳ ନପାଇଲେବି ଦୁଃଖୀ ହେବେ ନାହିଁ।

ଅଶୁଭ ଦିବସ:- ୨୦, ୨୧, ୨୭, ୨୮, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୨୨, ୨୩, ୨୪ ବାକିଦିନ ଶୁଭ।



**ବିଛା:-** ମାସଟି ଆପଣଙ୍କୁ ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ କଲେବି ଅପେକ୍ଷାକୃତଭାବେ ଶୁଭତ୍ୱର ପରିମାଣ ଅଧିକ ହେବ। କର୍ମକ୍ଷେତ୍ରରେ ନିରଳସ ଓ ଅବିରାମ ଗତି ଧାରଣ କରି ଲକ୍ଷ୍ୟସ୍ଥଳର ନିକଟବର୍ତ୍ତୀ ହୋଇପାରିବେ। ଶତ୍ରୁମାନଙ୍କୁ ଦମନ କରିବାର ପ୍ରଚେଷ୍ଟାରେ ତତ୍ପରତା ବୃଦ୍ଧିପାଇବ। ବଢ଼ି ଚାଲିଥିବା ସମସ୍ୟାର ମୋଡ଼ ପରିବର୍ତ୍ତନ ହେବା ଯୋଗେ ଆଶ୍ୱସ୍ତ ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଉତ୍ତମ କର୍ମ ସଂପାଦନ କରି ମର୍ଯ୍ୟାଦାବନ୍ତ ହେବାବେଳେ ସାମୟିକ ସ୍ୱାର୍ଥ ପ୍ରଣୋଦିତ ଆଚରଣ ସମାଲୋଚନାର କାରଣ ସାଜିପାରେ। ବନ୍ଧୁ ସହଯୋଗ ଓ ବନ୍ଧୁ ମିଳନ ଘଟିବା ଫଳରେ ପ୍ରଫୁଲ୍ଲିତ ହୋଇପାରନ୍ତି। ବେପାର ବାଣିଜ୍ୟରେ ନିଜର ପରିଶ୍ରମ ଓ ଉତ୍ସାହ ଖଟାଇ ଲାଭବାନ ହେବାର ଆଶା ଅଧିକ। ଯାନବାହାନ ନିମିତ୍ତ ଖର୍ଚ୍ଚର ପରିମାଣ ବୃଦ୍ଧିପାଇପାରେ। ଗୃହ ମରାମତି ଓ ଦ୍ରବ୍ୟ କ୍ରୟ ଯୋଗେ ଆର୍ଥୀକ ଟାଣଟୁଣ ଅବସ୍ଥା ପରିଲକ୍ଷିତ ହେବ। କୌଶଳ ପ୍ରୟୋଗ କରି ଅଭୀଷ୍ଟ ସାଧନ କରିବେ। ଦେବ ଦର୍ଶନ ଓ ଦେବ କାର୍ଯ୍ୟ ନିମିତ୍ତ ଶ୍ରଦ୍ଧା ଓ ଭକ୍ତି ଜାଗରିତ ହେବ। ଦୈହିକ ଅସୁସ୍ଥି ମଧ୍ୟରେ ପିତ୍ତ ପ୍ରକୋପ ଜନିତ ଅବୟବରେ ପୀଡ଼ା ଅନୁଭବ ହେବ। ପାରିବାରିକ ସ୍ତରରେ ଉଚ୍ଚମନ୍ୟତାର ଅଧିକାର ମିଳିବ। ମହିଳାମାନେ କର୍ତ୍ତବ୍ୟକୁ ପ୍ରମୁଖତା ପ୍ରଦାନ କରି ସୁଖ ଭୋଗ ବିଳାସର ସାଧନ ଥିଲେବି ସମୟର ଅଭାବ ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଦୁଃଖିତ ହେବାଭଳି ପରିବେଶ ଉପୁଜିବ ନାହିଁ।

ଅଶୁଭ ଦିବସ:- ୨୨, ୨୩, ୨୪, ୨୯, ୩୦ ଅଷ୍ଟମଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ଧନୁ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ପକ୍ଷେ ସନ୍ତୋଷପ୍ରଦ ହେବ। ଅନେକ ଗୁଡ଼ିଏ ସମସ୍ୟାର ସମାହିତ ହେବାଦ୍ୱାରା ଶୁଭ ପ୍ରଭାବ ପ୍ରକାଶିତ ହୋଇ ନୂତନ ଆଶା ସଞ୍ଚାର କରିବ। ମନୋବଳକୁ ଦୃଢ଼ କରିବାର ପ୍ରେରଣା ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଆଗେଇବେ। ଶତ୍ରୁମାନେ କ୍ରମଶଃ ଦୁର୍ବଳ ହୋଇ ପଡ଼ିବା କାରଣରୁ ଚଲାପଥ ସହଜ ସରଳ ହେବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ଏବଂ ଅଧିକାର ମିଳିବାର ସୂଚନା ଜଣାଯାଉଛି। ବେପାର ବାଣିଜ୍ୟରେ ଶୁଭାଶୁଭ ମିଶ୍ରିତ ଫଳର ଉପଭୋକ୍ତା ହେବେ। କାରବାରର ପରିସର ସମ୍ପ୍ରସାରିତ ହେବ। ସାମାଜିକ ସ୍ତରରେ ନୂତନ ଅଧ୍ୟାୟ ସୃଷ୍ଟି କରିପାରନ୍ତି। ପୂର୍ବର ଆର୍ଥୀକ ଦୁରାବସ୍ଥା ଅନେକ ପରିମାଣରେ ସୁଧୁରି ଯାଇପାରେ। ନୂତନ ଗୃହ ନିର୍ମାଣ ନିମିତ୍ତ ଯୋଜନା ପୋଷଣ କରିପାରନ୍ତି। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରିପାରେ। ବିବାଦୀୟ କ୍ଷେତ୍ରରେ ମୁହଁ ଶୁଖାଇବାର ନାହିଁ। ଭ୍ରମଣ ଓ ବନ୍ଧୁମିଳନରୁ ଆନନ୍ଦ ଉପଲବ୍ଧି କରିବେ। ଭୋଜନ ଓ ଭୂଷଣ ପ୍ରତି ରୁଚି ବଢ଼ିବ। ଥଣ୍ଡା କାଶ ଓ ବାତପିତ୍ତ ଦୋଷରୁ ପୀଡ଼ା ପାଇବେ। ପାରିବାରିକ କ୍ଷେତ୍ରରୁ ଅଶାନ୍ତି ଭୋଗିବାର ନାହିଁ। ମହିଳାମାନେ କ୍ରୋଧକୁ ନିୟନ୍ତ୍ରଣ କଲେ ଆଦର ପାଇବେ। ହାତରେ ଦୁଇପଇସା ସାଇତି ରଖିବାର ମଉକା ମିଳିବ। ବିଦ୍ୟାର୍ଥୀମାନେ ଉନ୍ନତି କକ୍ଷେ ଆଗଭର ହେବେ।

ଅଶୁଭ ଦିବସ:- ୨୫, ୨୬ ଅଷ୍ଟମ ଚନ୍ଦ୍ର:- ୬, ୭, ୮ ଘାତଚନ୍ଦ୍ର:- ୨୯, ୩୦ ବାକିଦିନ ଶୁଭ।



**ମକର:-** ସମସ୍ୟାକୁ ସମାହିତ କରି ଧୈର୍ଯ୍ୟ ଓ ମନୋବଳ ଦ୍ୱାରା କର୍ମପଥରେ ଆଗେଇ ଚାଲିବେ। ସଂଘର୍ଷମୟ ସମୟ ହେଲେବି ମାନ ସମ୍ମାନ ତଥା ପତିଆରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବାର ନାହିଁ। ବାଧା ଓ ପ୍ରତିବନ୍ଧକୁ ଏଡ଼ାଇ କର୍ମ ସଂପାଦନ କରିବାର ଉପାଦାନ ମିଳିବ। କିଛି ପ୍ରତ୍ୟକ୍ଷ ଓ ପରୋକ୍ଷ ଶତ୍ରୁମାନେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କଲେବି ତାହା ବାଧକ ହେବନାହିଁ। ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧି ଘଟିବ। ଆପଣାରମାନେ ଗୋଡ଼ ଟାଣିପାରନ୍ତି। ଲୋକ ସଂପର୍କ ଯୋଗେ ଲାଭବାନ ହେବେ। ସାମାଜିକ ସ୍ତରରେ ତେଜହୀନ ହେବାର ନାହିଁ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ପତିତ ଧନ ହାତକୁ ଆସିବ। ବେପାର ବାଣିଜ୍ୟରୁ ଶାନ୍ତି ପାଇବେ। ସୃଜନଶୀଳତା ଶକ୍ତି କ୍ରମବର୍ଦ୍ଧିତ ହେବ। ଲୋକମାନ୍ୟ ହେବାର ସୁଯୋଗ ରହିଛି। ନୂତନ ଯନ୍ତ୍ରପାତି ଓ କଳ କବ୍‌ଜା କ୍ରୟ କରିବେ। ତୀର୍ଥ ଭ୍ରମଣର ସୁଯୋଗ ମିଳିବ। କଥା ଅପେକ୍ଷା କାମରେ ଗୁରୁତ୍ୱ ଦେବେ। ଆର୍ଥୀକ ଦିଗ ଦୃଢ଼ ରହିଲେବି ଖର୍ଚ୍ଚର ମାତ୍ରା ଅହେତୁକ ବୃଦ୍ଧିପାଇବ। ଗୁରୁଜନମାନଙ୍କ ପ୍ରତି କର୍ତ୍ତବ୍ୟ ସଂପାଦନରେ ମନୋନିବେଶ କରିବେ। ମଧୁମେହ, ରକ୍ତଚାପ ଓ ଦୃଷ୍ଟିଦୋଷ ରୋଗ ଦେଖାଦେବ। ପାରିବାରିକ ସ୍ଥିତି ଶାନ୍ତିପ୍ରଦ ହେବ। ମହିଳାମାନେ ବନ୍ଧୁ ଓ ଆତ୍ମୀୟମାନଙ୍କ ଗହଣରେ

ସମୟ ବିତାଇବେ। ଆଭୂଷଣ ଓ ଆଭରଣ ପ୍ରିୟ ହେବେ। ଆନୁଷ୍ଠାନିକ କର୍ମ କୁଶଳତା ଲକ୍ଷ୍ୟଣୀୟ ହେବ। ବିଦ୍ୟାର୍ଥୀମାନେ ମଧ୍ୟମ ଧରଣର ଫଳଭୋକ୍ତା ହେବେ।

ଅଶୁଭ ଦିବସ:- ୧୫, ୧୬, ୨୭, ୨୮, ୩୧, ୧ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ କିଛିଟା ଶୁଭଫଳ ଦେବାର ଆଶା କରିହେବ। କର୍ମକ୍ଷେତ୍ରରେ ଗତି ଆଖିଦୃଶିଆ ହେବାର ସୂଚନା ମିଳୁଛି। ପୁରୁଣା କର୍ମର ପରିସମାପ୍ତି ଘଟାଇ ସନ୍ତୋଷ ପ୍ରାପ୍ତ ହେବେ। ଉପରିସ୍ଥ ମାନଙ୍କ ଶ୍ରଦ୍ଧା ଭାଜନ ହେବାଯୋଗେ କର୍ମ କରିବାରେ ଉତ୍ସାହ ପରିଲକ୍ଷିତ ହେବ। ମନ ଓ ଶରୀର ପୂର୍ବ ତୁଳନାରେ ସୁସ୍ଥ ରହିବା ଯୋଗେ ଫୁର୍ତ୍ତୀ ଅନୁଭବ କରିବେ। ଲକ୍ଷ୍ୟସ୍ଥଳ ପ୍ରାପ୍ତି ଅସମ୍ଭବ ହେବନାହିଁ। ଶତୃମାନେ ହୀନବଳ ହୋଇ ପଡ଼ିବା କାରଣରୁ ଗତିପଥ ନିରଙ୍କୁଶ ହେବ। ସାମାଜିକ ସ୍ତରରେ ଲୋକାଦୃତି ଘଟିବ। ଲୋକ ସଂପର୍କ ବୃଦ୍ଧି ପାଇବ। ଯୋଜନା ବଦ୍ଧ କାର୍ଯ୍ୟକୁ ଯଥାସମ୍ଭବ ଆଗେଇନେଇ ପାରିବେ। ବେପାର ବାଣିଜ୍ୟରେ ତତ୍ପରତା ପ୍ରକାଶ ପାଇବ। ବଚନ ବଦ୍ଧତା ଯୋଗେ ଋଣ ପରିଶୋଧ କରିବେ। ଭ୍ରମଣ ଯୋଗୁଁ କ୍ଳାନ୍ତ ଅନୁଭବ ହେବ। ଆପଣାରମାନେ ଦୂରେଇ ଯାଇପାରନ୍ତି। ବିବାଦୀୟ କ୍ଷେତ୍ରରୁ ସୁବିଚାର ମିଳିବ। ଜ୍ୱର ପେଟବଥା ତଥା ଦୁର୍ବଳତା ବୋଧ ହେବ। ପାରିବାରିକ ବିଶୃଙ୍ଖଳତା ମଝିରେ ମଝିରେ ଦେଖା ଦେଲେବି ତାହା ନିଜ ଚେଷ୍ଟାରେ ଆୟତ୍ତ କରିବେ। ମହିଳାମାନେ ଶୁଭାଶୁଭ ଫଳ ଅନୁଭୂତିରେ ସମୟ କଟାଇବେ। ସନ୍ତାନମାନଙ୍କ ଚିନ୍ତା ବଢ଼ିବ। ମାଙ୍ଗଳିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବିଦ୍ୟାର୍ଥୀମାନେ ଫଳ ସାଉଁଟିବାରେ ତତ୍ପରତା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୨୯, ୩୦, ୨, ୩, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧, ୧୨ ଘାତଚନ୍ଦ୍ର:- ୨୨, ୨୩, ୨୪ ବାକିଦିନ ଶୁଭ।



**ମୀନ:-** ମାସଟି ଶୁଭାଶୁଭ ମିଶ୍ରିତ ସ୍ଥିତିରେ ଗତି କରିବ। କର୍ମକ୍ଷେତ୍ରରେ ଉପର ପରିମାଣ ବୃଦ୍ଧି ଘଟିପାରେ। ଗତାନୁଗତିକ ବେଗ ରକ୍ଷାକରି ଅଗ୍ରଗତି କରିବା ବାଟରେ ସଂଘର୍ଷ ଦେଖାଦେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ଆତ୍ମ ସଂଯମତା ଓ ପ୍ରତ୍ୟୁତ୍ପନ୍ନମତିତା ଯୋଗେ ସମସ୍ୟା ସମାଧାନ ସହଜ ସରଳହେବ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ଓ ଉଚ୍ଚମନ୍ୟତାର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିବାର ମଉକା ମିଳିବ। ଉଚ୍ଚବର୍ଗ ମାନଙ୍କଠାରୁ ଆଦର ଓ ପ୍ରଶଂସା ଲାଭ କରିବାରେ ବାଧା ଉପୁଜିବ ନାହିଁ। ସାମାଜିକ ସ୍ତରରେ ନିଜର ଭାବମୂର୍ତ୍ତି ଅମଳିନ ରହିବ। କେତେକ ଗୁପ୍ତ ଶତୃ କାର୍ଯ୍ୟ ବିଗାଡ଼ିବାକୁ ଚେଷ୍ଟା କଲେବି ତାହା ଅସଫଳ ହେବ। ବିବାଦୀୟ କ୍ଷେତ୍ରରେ ଚତୁରତାର ସହିତ ନିଜପକ୍ଷକୁ ଦୃଢ଼ କରିବେ। ଅପ୍ରତ୍ୟାଶିତ ଅର୍ଥ ହାତକୁ ଆସିବ। ନିର୍ମାଣ କାର୍ଯ୍ୟରେ ମନ ବଳାଇବେ। ସୌଖୀନ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁ ବାନ୍ଧବମାନେ ସହଯୋଗର ହାତ ବଢ଼ାଇବେ। ଦୂରଯାତ୍ରା ସଫଳ ହେବ। ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମ ସନ୍ତୋଷ ଲାଭ କରିବେ। ଗଳା ମାଂସପେଶୀ ଓ ତଳିପେଟରେ ଯନ୍ତ୍ରଣା ଦେଖାଦେଇପାରେ। ପାରିବାରିକ ସ୍ଥିତି ସୁଦୃଢ଼ ରହିବ। ମହିଳାମାନେ ସ୍ୱାମୀ ଓ ସନ୍ତାନର ଉନ୍ନତିରେ ଅଣ୍ଟା ଭିଡ଼ିବେ। ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଆଶା ଅପେକ୍ଷା ଅଧିକ ଲାଭବାନ ହେବେ।

ଅଶୁଭ ଦିବସ:- ୨୦, ୨୧, ୪, ୫ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୯, ୧୩, ୧୪ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

Postal Regd. No. CK (C)/91/2024-2026
The Samaroha March - 2025, Vol. - 34, Issue - 6
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 17.03.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in